R.N.I. REGN. No. 65000/96 POSTAL REGN. No. OR/BN-32/12-14

ଊନତ୍ରିଂଶ ବର୍ଷ
ସଂଖ୍ୟା : ୩୦୫
ତିଥି : ଦ୍ୱିତୀୟା
୧୧ ଅଗଷ୍ଟ ୨୦୨୫, ସୋମବାର
ଭୁବନେଶ୍ୱର
ପୃଷ୍ଠା- ୧୨, ମୂଲ୍ୟ- ଟ.୫.୦୦

समय SAMAYA

# ସମୟ

ପ୍ରତିଷ୍ଠାତା - ବସନ୍ତ କୁମାର ବିଶ୍ୱାଳ

Vol. - XXIX, No. 305
11 Aug 2025,Monday
Bhubaneswar
Price: 5.00
Online Portal
www.odishasamaya.com
samayaepaper.com
odishasamaya
thesamayanews@gmail.com
www.samayalive.in

Bhubaneswar | Balasore | Angul | Berhampur | Sambalpur | Jeypore

## ‘ଅପରେସନ ସିନ୍ଦୂର’ ଚେସ୍ ଖେଳ ଭଳି ଥିଲା: ସେନାମୁଖ୍ୟ

ନୂଆଦିଲ୍ଲୀ,୧୦।୮: ଅପରେସନ୍ ସିନ୍ଦୂର ଆମ ଲାଗି ଚେସ ଖେଳ ଭଳି ଥିଲା । ଆମେ ପାକିସ୍ତାନକୁ ଚେକ ଦେଉଛୁ । ଆମେ ଜାଣି ନଥିଲୁ ଶତ୍ରୁ ପକ୍ଷରୁ ପରବର୍ତ୍ତି ଚାଲ କଣ ହେବ । ଆମେ କାର୍ଯ୍ୟ କରିଚାଲିଥିଲୁ ବୋଲି ସେନା ମୁଖ୍ୟ ଜେନେରାଲ ଉପେନ୍ଦ୍ର ଦ୍ୱିବେଦୀ କହିଛନ୍ତି ।

ଆଇଆଇଟି ମାଡ୍ରାସ୍‌ରେ ଆୟୋଜିତ ଏକ କାର୍ଯ୍ୟକ୍ରମରେ ସେନା ମୁଖ୍ୟ କହିଥିଲେ ଯେ ଶତ୍ରୁର ପରବର୍ତ୍ତୀ କାର୍ଯ୍ୟକ୍ରମ କଣ ହେବ ଆମକୁ କଣ କରିବାକୁ ପଡିବ ତାହାକୁ ଗ୍ରେ ଜୋନ କୁହାଯାଏ । ଏହାର ଅର୍ଥ ହେଉଛି ଆମେ ପାରମ୍ପରିକ ଅପରେସନରେ ଯାଉ ନାହୁଁ ବରଂ ସେମାନଙ୍କ ଠାରୁ କମ ପଦକ୍ଷେପ ନେଉଛୁ । ପାରମ୍ପରିକ ଆପରେସନ୍ ହେଉଛି ପୂର୍ଣ୍ଣ ଶକ୍ତି ସହ ଯିବା ଓ ଆପଣଙ୍କ ଯାହା ଅଛି ତାହା ବ୍ୟବହାର କରିବା । ଆମେ ବହୁତ ରଣନୈତିକ ଉପାୟରେ କାମ କରିଥିଲୁ । ଆମେ ବହୁ ସ୍ଥାନରେ ପାକିସ୍ତାନକୁ ଚେକ୍ ଦେଉଛୁ । ଆମେ ନିଜର କ୍ଷତିକୁ ହ୍ରାସ କରିବା ପାଇଁ ପୂରା ପ୍ରସ୍ତୁତ ରହିଥିଲୁ । ଆମେ ଆମ ଜୀବନକୁ ବିପଦରେ ପକାଇ ଆମେ ଆକ୍ରମଣ କରିଥିଲୁ । ଅନେକ ସ୍ଥାନରେ ଚେକ ଦେବାକୁ ସଫଳ ହେଉଛୁ । ସବୁଠୁ ଗୁରୁତ୍ୱପୂର୍ଣ୍ଣ କଥା ଥିଲା ନ୍ୟାରେଟିଭ୍ ମ୍ୟାନେଜମେଣ୍ଟ ସିଷ୍ଟମ୍ । ଯଦି କୌଣସି ପାକିସ୍ତାନକୁ ପଚାର ଆମେ ଜିତିଛୁ କି ହାରିଛୁ ସେ କହିବ ଆମର ମୁଖ୍ୟ ଜଣେ ଫିଲ୍ଡ ମାର୍ଶଲ ହେଉଛନ୍ତି ତେଣୁ ଆମେ ନିଶ୍ଚିତ ଭାବେ ଜିତିଛୁ । ଏହା ଜନସାଧାରଣଙ୍କ ଚିନ୍ତାଧାରାରେ ପ୍ରଭାବିତ କରିବା ଉପାୟ । ପହଲଗାମ୍ ଆକ୍ରମଣ ପରେ ଆମେ ସମସ୍ତେ ଏକାଠି ବସିଥିଲୁ । ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂ କହିଥିଲେ ଯେ ବହୁତ ହୋଇଗଲା । ଏହାପରେ ଅପରେସନ ସିନ୍ଦୂର କିପରି ମାଷ୍ଟର ପ୍ଲାନିଂ କରାଯାଇଥିଲା । ପ୍ରତିରକ୍ଷା ମନ୍ତ୍ରୀ କହିଛନ୍ତି ଯେ କଣ କରିବାକୁ ହେବ ତାହା ଆପଣମାନେ ନିଷ୍ପତ୍ତି ନିଅନ୍ତୁ । ଏହା ଥିଲା ବିଶ୍ୱାସ ରାଜନୈତିକ ଦିଗଦର୍ଶନ । ଏଭଳି ସ୍ପଷ୍ଟତା ଆମେ ପ୍ରଥମଥର ଦେଖିଥିଲୁ । ଏପରି ସ୍ପଷ୍ଟ ରାଜନୈତିକ ସମର୍ଥନ ସୈନିକ ମନବଳକୁ ବୃଦ୍ଧି କରେ । ଏପ୍ରିଲ ୨୫ରେ ଆମେ ଉତ୍ତରକମାଣ୍ଡରେ ପହଞ୍ଚିଥିଲୁ ଯେଉଁଠି ଯୋଜନା କରିଥିଲୁ । ବ୍ଲୁପ୍ରିଣ୍ଟ ପ୍ରସ୍ତୁତ କରି କାର୍ଯ୍ୟକାରି କରିଥିଲୁ । ୯ଟି ଲକ୍ଷ୍ୟ ସ୍ଥଳରୁ ୭ଟି ଧ୍ୱଂସ ହୋଇଥିଲା । ବହୁ ସଂଖ୍ୟକ (୯ ପୃଷ୍ଠାରେ)



### ପାକିସ୍ତାନକୁ ଆମେ ଚେକ୍ ଦେଇଛୁ

### ଆମକୁ ସମ୍ପୂର୍ଣ୍ଣ ସ୍ୱାଧୀନତା ଦିଆଯାଇଥିଲା

### ସିନ୍ଧୁ ରୁ ସିନ୍ଦୂର ସବୁ କିଛିର ଯତ୍ନ ନେଇଛୁ

## ବିଶ୍ୱ ଆଥଲେଟିକ୍ସ କଣ୍ଟିନେଣ୍ଟାଲ୍ ଟୁର୍ ଉଦ୍‌ଯାପିତ




ଭୁବନେଶ୍ୱର,୧୦।୮ (ସବ୍ୟୁ): ସ୍ଥାନୀୟ କଳିଙ୍ଗ ଷ୍ଟାଡିୟମରେ ବିଶ୍ୱ ଆଥଲେଟିକ୍ସ କଣ୍ଟିନେଣ୍ଟାଲ୍ ଟୁର୍ ବ୍ରୋଞ୍ଜ୍ ଉଦ୍‌ଯାପିତ ହୋଇଯାଇଛି। ଭାରତରେ ପ୍ରଥମ ଥର ପାଇଁ ଏଭଳି ପ୍ରତିଯୋଗିତା କଳିଙ୍ଗରେ ସଫଳତା ପୂର୍ବକ ସମାପନ ହୋଇଛି। ଆଥଲେଟିକ୍ସ ଫେଡେରେସନ୍ ଅଫ୍ ଇଣ୍ଡିଆ ଏବଂ କ୍ରୀଡା ଯୁବ ସେବା ବିଭାଗ ଆନୁକୂଲ୍ୟରେ ଆୟୋଜିତ ଏହି ପ୍ରତିଯୋଗିତାରେ ୧୮ ଟି ଇଭେଣ୍ଟ ଅନୁଷ୍ଠିତ ହୋଇଥିଲା। ୧୭ ଟି ଦେଶରୁ ୧୬୦ ଜଣ କ୍ରୀଡାବିତ୍ ଅଂଶଗ୍ରହଣ କରିଥିଲେ ।ଭାରତରୁ ୯୦ ରୁ ଉର୍ଦ୍ଧ୍ୱ କ୍ରୀଡାବିତ୍ ଭାଗ ନେଇଥିଲେ। ଓଡିଶାରୁ ଅନିମେଶ କୁଜୁର, ଶ୍ରାବଣୀ ନନ୍ଦ, ଲାଲୁ ପ୍ରସାଦ ଭୋଇ ଓ ପ୍ରଜ୍ଞା ସାହୁ ଅଂଶ ଗ୍ରହଣ କରିଥିଲେ। ପୁରୁଷ ୨୦୦ ମିଟରରେ ଅନିମେଶ କୁଜୁର ସ୍ୱର୍ଣ୍ଣ ପଦକ ଜିତି ଟେକ ରଖିଛନ୍ତି। ମୋଟ ୧୮ କ୍ରୀଡାରେ ୭୨ ଜଣ ସଫଳ କ୍ରୀଡାବିତ୍‌ଙ୍କୁ ଆର୍ଥିକ ପୁରସ୍କାର ପ୍ରଦାନ କରାଯାଇଛି। ପଦକ ପ୍ରଦାନ ଉତ୍ସବରେ ରାଜ୍ୟର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଅତିଥିଭାବେ ଯୋଗ ଦେଇ ଖେଳାଳିଙ୍କୁ ପଦକ ତଥା ଅର୍ଥରାଶି ପ୍ରଦାନ କରିଥିଲେ। ଏଥିସହ ଖେଳାଳିଙ୍କ ଉତ୍ସାହ ବର୍ଦ୍ଧନ କରିଥିଲେ ମୁଖ୍ୟମନ୍ତ୍ରୀ। କ୍ରୀଡାମନ୍ତ୍ରୀ ସୂର୍ଯ୍ୟବଂଶୀ ସୁରଜଙ୍କ ସହ ରାଜ୍ୟ କ୍ରୀଡା ବିଭାଗର ସମସ୍ତ ବରିଷ୍ଠ ଅଧିକାରୀ ଉପସ୍ଥିତ ରହି ପ୍ରତିଯୋଗିତାକୁ ସଫଳ କରିଛନ୍ତି।

କଳିଙ୍ଗ ଷ୍ଟାଡିୟମରେ ରବିବାର ଭରପୁର ଦର୍ଶକଙ୍କ ଗହଣରେ ଜାଭେଲିନ୍ ଥ୍ରୋଏର ମନ ମୋହିଥିଲେ। ଖାସ୍ କରି ଶ୍ରୀଲଙ୍କାର ୨୨ ବର୍ଷୀୟ ରୁମେଶ ଥରଙ୍ଗା ୮୬.୦୫ ମିଟର ଜାଭେଲିନ୍ ଫିଙ୍ଗି ପ୍ରଥମ ସ୍ଥାନ ହାସଲ କରି ବିଶ୍ୱ ଆଥଲେଟିକ୍ସ ପ୍ରତିଯୋଗିତା ପାଇଁ ଯୋଗ୍ୟତା ମାର୍କ ୮୫.୫୦ ମିଟରକୁ ଟପିଛନ୍ତି। ତେଣୁ କଳିଙ୍ଗ ତାଙ୍କ ପାଇଁ ସ୍ମରଣୀୟ ହୋଇ ରହିବ। ୨୦୨୪ ରେ ଥରଙ୍ଗା ୮୫.୪୫ ମିଟର ସହ ରେକର୍ଡ କରିଥିଲେ। ସେତେବେଳେ ଏହା ତାଙ୍କ ସିଜନର ଶ୍ରେଷ୍ଠ ପ୍ରଦର୍ଶନ ଥିଲା। ଭାରତର ୨୦ ବର୍ଷୀୟ ଶିବମ୍ ଲୋହାକାରେ ୮୦.୭୩ ମିଟର ସହିତ ଦ୍ୱିତୀୟ ସ୍ଥାନ ଅଧିକାର କରିଛନ୍ତି। ଶ୍ରୀଲଙ୍କାର ସୁମେଧା ରଣସିଂହ ୮୦.୬୫ ମିଟର ସହ ତୃତୀୟ ସ୍ଥାନ ଅଧିକାର କରିଛନ୍ତି। ପ୍ରତିଯୋଗିତାର ଶ୍ରେଷ୍ଠ ୪ ଜଣଙ୍କୁ ଆର୍ଥିକ ପୁରସ୍କାର ପ୍ରଦାନ କରାଯାଇଛି। ପ୍ରଥମ ସ୍ଥାନ ଅଧିକାର କରିଥିବା ବିଜେତାଙ୍କୁ ସ୍ୱର୍ଣ୍ଣ ସହ ୮୦୦ ଡଲାର, ଦ୍ୱିତୀୟ ସ୍ଥାନ ପାଇଁ ୪୦୦ (୯ ପୃଷ୍ଠାରେ)

### ପଟ୍ଟାମୁଣ୍ଡାଇ ଛାତ୍ରୀ ଆତ୍ମାହୂତି ମାମଲାର ଗୁମର ଫିଟୁଛି

## ଜେଲ ଗଲେ ପ୍ରେମିକ

ପଟ୍ଟାମୁଣ୍ଡାଇ,୧୦।୮ (ସବ୍ୟୁ): କେନ୍ଦ୍ରାପଡ଼ା ଜିଲ୍ଲା ପଟ୍ଟାମୁଣ୍ଡାଇ ବ୍ଲକ ବଡପଡା ପଞ୍ଚାୟତ କାଠିଆପଡା ଗ୍ରାମର ଝିଅ ତଥା ବଡ଼ପଡା କଲେଜରେ ପଢୁଥିବା ଯୁକ୍ତ ୩ କଳା ଶେଷବର୍ଷ ଛାତ୍ରୀ ଆତ୍ମହୁତି ଘଟଣାର ଗୁମର ଧୀରେ ଧୀରେ ଫିଟିବାରେ ଲାଗିଛି । ରାଜ୍ୟ ପୋଲିସ ମହାନିର୍ଦ୍ଦେଶକ ଯୋଗେଶ ବାହାଦୁର ଖୁରାନିଆ ଏହି ସମବେଦନଶୀଳ ମାମଲା ତଦନ୍ତ କରିବାକୁ କେନ୍ଦ୍ରାପଡ଼ା ଏସ ପି ସିଦ୍ଧାର୍ଥ କଟାରିଆଙ୍କୁ ନିର୍ଦ୍ଦେଶ ଦେଇଥିଲେ । କେନ୍ଦ୍ରାଞ୍ଚଳ ଆଇ ଜି ପବନ କୁମାର ଗତକାଲି କେନ୍ଦ୍ରାପଡ଼ା ଆସି ମାମଲାର ଅଗ୍ରଗତି ସମ୍ପର୍କରେ ତଦନ୍ତ କରିଥିଲେ ।

ଗତ ୬ ତାରିଖରେ କଲେଜ ଛାତ୍ରୀ ଆତ୍ମାହୂତି ଦେଇଥିଲେ । ସେବେ ଠାରୁ ଗତ ୪ଦିନ ଧରି କେନ୍ଦ୍ରାପଡ଼ା ଏସପି ତଦନ୍ତକାରୀ ପୋଲିସ ଓ ସାଇଣ୍ଟିଫିକ ଟିମ ଧରି ବାରମ୍ବାର ମୃତା ଛାତ୍ରୀଙ୍କ ଘରକୁ ଯାଇ ମୃତ୍ୟୁର ରହସ୍ୟ ଉନ୍ମୋଚନ ପାଇଁ ରୋଷଇ ଘର ସିଡ଼ି ଘର, ଛାତ ଉପର ଗ୍ରିଲ ଓ ମୁଖ୍ୟ କବାଟ ଆଦି ପରୀକ୍ଷା ନିରୀକ୍ଷା ଓ ଯାଞ୍ଚ କରିବା ସହିତ ପଡୋଶୀ ଘର ସି ସି ଟିଭି ଫିଟେଜ ଯାଞ୍ଚ କରିଥିଲେ । ମୃତା ଛାତ୍ରୀଙ୍କ ବାପା ମା କୁ ବାରମ୍ବାର ଜେରା କରିବା ସହିତ ପଡୋଶୀ ଓ ଗ୍ରାମ ବାସୀଙ୍କ ମତାମତ ସଂଗ୍ରହ କରିଥିଲେ। ମୃତା ଛାତ୍ରୀଙ୍କ ପ୍ରେମିକ କୁହାଯାଉଥିବା ପଟ୍ଟାମୁଣ୍ଡାଇ ବ୍ଲକ ବିଲିକଣା ପଂଚାୟତ ତେରୋହୀ ଗ୍ରାମର ପ୍ରମୋଦ ବେହେରାଙ୍କୁ ଚେନାଇରୁ ଧରି ଆଣି (୯ ପୃଷ୍ଠାରେ)



### ପ୍ରେମିକ ବାପାଙ୍କ ଥାନାରେ ଏତଲା

### ପରିବାର, ଗ୍ରାମବାସୀଙ୍କ ଥାନା ସମ୍ମୁଖରେ ଧାରଣା

### ଶହୀଦ ଲକ୍ଷ୍ମଣ ନାୟକ ମେଡିକାଲ କଲେଜ ଓ ହସ୍ପିଟାଲ ଉଦ୍‌ଘାଟନ କଲେ ମୁଖ୍ୟମନ୍ତ୍ରୀ

## ବିକାଶ, ଦୁର୍ନୀତିମୁକ୍ତ ଶାସନ ଦେବା ଆମ କର୍ତ୍ତବ୍ୟ

ଭୁବନେଶ୍ୱର/କୋରାପୁଟ, ୧୦।୮ (ସବ୍ୟୁ): ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ରବିବାର କୋରାପୁଟ ସ୍ଥିତ ଶହୀଦ ଲକ୍ଷ୍ମଣ ନାୟକ ମେଡିକାଲ କଲେଜ ଏବଂ ହସ୍ପିଟାଲ ଠାରେ ୨୮୦ କୋଟି ଟଙ୍କା ବ୍ୟୟରେ ୬୫୦ ଶଯ୍ୟା ବିଶିଷ୍ଟ ଚିକିତ୍ସାଳୟର ଉଦ୍‌ଘାଟନ କରିଛନ୍ତି ଏବଂ ଏହି ଅବସରରେ ଜୟପୁର-ବ୍ରହ୍ମପୁର-ଭୁବନେଶ୍ୱର ଇକୋନୋମିକ କରିଡୋର ୬ ଲେନ ବିଶିଷ୍ଟ ରାସ୍ତା ଖୁବ ଶୀଘ୍ର ନିର୍ମାଣ ହେବ ବୋଲି ମୁଖ୍ୟମନ୍ତ୍ରୀ ଘୋଷଣା କରିଥିଲେ । ଏଥି ସହିତ ଶହୀଦ ଲକ୍ଷ୍ମଣ ନାୟକ ମେଡିକାଲ କଲେଜ ଏବଂ ହସ୍ପିଟାଲରେ ଆବଶ୍ୟକ ଥିବା ସମସ୍ତ ଖାଲି ପଡ଼ିଥିବା ସ୍ୱାସ୍ଥ୍ୟସେବା ପଦବୀ ପୂରଣ ହେବ ବୋଲି ମଧ୍ୟ ମୁଖ୍ୟମନ୍ତ୍ରୀ ଘୋଷଣା କରିଥିଲେ ।

ଏହି ଅବସରରେ ମୁଖ୍ୟମନ୍ତ୍ରୀ ନିଜ ଅଭିଭାଷଣରେ କହିଥିଲେ ଯେ ସ୍ୱାସ୍ଥ୍ୟ ସେବା ପାଇଁ କୋରାପୁଟବାସୀଙ୍କୁ ଯେପରି ଆଉ ଦୂର ଦୁରାନ୍ତ ସହରକୁ ଯାଇ ହଇରାଣ ହରକତ ହେବାକୁ ନପଡେ ସେଥିପାଇଁ ଆମ ସରକାର ସମସ୍ତ ବ୍ୟବସ୍ଥା କରୁଛନ୍ତି । ଏହି ମେଡିକାଲ କଲେଜ ହସ୍ପିଟାଲ ଦ୍ୱାରା କୋରାପୁଟ ସମେତ ମାଲକାନଗିରି, ନବରଙ୍ଗପୁର, ରାୟଗଡ଼ା ଆଦି ଜିଲ୍ଲା ଏବଂ ପଡୋଶୀ ଆନ୍ଧ୍ରପ୍ରଦେଶ ଓ ଛତିଶଗଡ଼ର (୯ ପୃଷ୍ଠାରେ)




## ଚନ୍ଦ୍ରଭାଗାରେ ସ୍ନାନ ବେଳେ ୩ ମୃତ

କୋଣାର୍କ,୧୦।୮ (ସବ୍ୟୁ): ଚନ୍ଦ୍ରଭାଗା ସମୁଦ୍ରରେ ସ୍ନାନ ବେଳେ ବୁଡିଯାଇ ୩ ଜଣ ଯୁବକଙ୍କ ଜୀବନ ଯାଇଛି। ରବିବାରରେ ଅପରାହ୍ନ ସମୟରେ ଇକୋ ରିଟ୍ରେଟ ନିକଟରେ ସମୁଦ୍ରରେ ଗାଧୋଉ ଥିବା ବେଳେ ଉଚ୍ଚ ଲହଡ଼ିରେ ଭାସିଯାଇ ଥିଲେ। ଘଟଣାସ୍ଥଳରୁ ଯୁବକ ଜଣଙ୍କୁ ଅତ୍ୟନ୍ତ ଗୁରୁତର ଅବସ୍ଥାରେ ଉଦ୍ଧାର କରାଯାଇ ପ୍ରଥମେ କୋଣାର୍କ ଓ ପରେ ପୁରୀ ମୁଖ୍ୟ ଡାକ୍ତରଖାନାକୁ ଚିକିତ୍ସା ନିମନ୍ତେ ନିଆ ଯାଇଥିଲା। ସେଠାରେ ଡ଼ାକ୍ତର ତାଙ୍କୁ ମୃତ ଘୋଷଣା କରିଥିବା ଜଣାଯାଇଛି। କାସେହିପରି ଚନ୍ଦ୍ରଭାଗା ମେରାଇନ ଥାନା ସମ୍ମୁଖ ସମୁଦ୍ରରେ ଅନ୍ୟ ଦୁଇଜଣ ଯୁବକ ଗାଧୋଉ ଥିବା ବେଳେ ବୁଡି ଯାଉଥିବା ବେଳେ ଖବର ପାଇ ସେଠାରେ ଉପସ୍ଥିତ ଥିବା ଲାଇଫ ଗାର୍ଡ ଓ ଅଗ୍ନିଶମ ବାହିନୀ ଦୁଇଜଣଙ୍କୁ ଉଦ୍ଧାର କରି ଚିକିତ୍ସା ନିମନ୍ତେ ଗୋପ ସ୍ୱାସ୍ଥ୍ୟ (୯ ପୃଷ୍ଠାରେ)

## ଆଜିଠୁ ଦକ୍ଷିଣରେ ଅଧିକ ବର୍ଷା

ଭୁବନେଶ୍ୱର, ୧୦।୮ (ସବ୍ୟୁ) : ରାଜ୍ୟରେ ବର୍ଷା କମ ଥିବାବେଳେ ଆସନ୍ତାକାଲି (ସୋମବାର)ଠାରୁ ଦକ୍ଷିଣ ଓଡ଼ିଶାରେ ବର୍ଷାର ପରିମାଣ ବଢ଼ିବ । ତେବେ ଉପକୂଳ ଓ ଉତ୍ତର ଓଡ଼ିଶାରେ ବର୍ଷା ବିଶେଷ ଭାବେ ବଢ଼ିବାର ସମ୍ଭାବନା କମ । ଦିନବେଳା ଅସହ୍ୟ ହେଉଛି ଗୁଳୁଗୁଳି ସାଙ୍ଗକୁ ସୂର୍ଯ୍ୟଙ୍କ ଉତ୍ତାପ । ଶରୀରରୁ ଝାଳ ବୋହୁଛି ଯେ ସୁଖିବାର ନାଁ ଧରୁନି । ଫଳରେ ଅଂଶୁଘାତର ଭୟ ବଢୁଛି ।

ଉତ୍ତର-ପଶ୍ଚିମ ଓ ସଂଲଗ୍ନ ପଶ୍ଚିମ କେନ୍ଦ୍ରୀୟ ବଙ୍ଗୋପସାଗରରେ ୧୩ ତାରିଖ ବେଳକୁ ଏକ ଲଘୁଚାପ କ୍ଷେତ୍ର ସୃଷ୍ଟି ହେବ । ଏହାର ପ୍ରଭାବରେ ଦକ୍ଷିଣ ଓଡ଼ିଶାରେ ପ୍ରବଳ ବର୍ଷିବ । ହେଲେ ଅନ୍ୟ ଜିଲ୍ଲାଗୁଡ଼ିକରେ ବର୍ଷାର ପରିମାଣ ସ୍ୱଳ୍ପରୁ ମଧ୍ୟମ ଧରଣର ରହିବ । ସୋମବାରଠାରୁ ଦକ୍ଷିଣ ଓଡ଼ିଶାର ମାଲକାନଗିରି, କୋରାପୁଟ, ରାୟଗଡ଼ା ଓ ଗଜପତି ଜିଲ୍ଲାରେ ପ୍ରବଳ ବର୍ଷା ନେଇ ପୂର୍ବାନୁମାନ କରାଯାଇଛି । ୧୨ ତାରିଖଠାରୁ ଏହିସବୁ ଜିଲ୍ଲାଗୁଡ଼ିକରେ ବର୍ଷା ପରିମାଣ ବୃଦ୍ଧି ପାଇବ । ତେଣୁ କନ୍ଧମାଳ, ରାୟଗଡ଼ା, ଗଜପତି ଓ କୋରାପୁଟ ଜିଲ୍ଲାକୁ ପ୍ରବଳରୁ ଅତି ପ୍ରବଳ ବର୍ଷା ଲାଗି ଅରେଞ୍ଜ ୱାର୍ଣ୍ଣିଂ ଜାରି କରାଯାଇଛି ।

ସେହିପରି ୧୨ ତାରିଖରେ ମାଲକାନଗିରି, ନବରଙ୍ଗପୁର, କଳାହାଣ୍ଡି, ଗଞ୍ଜାମ, ନୟାଗଡ଼, ଖୋର୍ଦ୍ଧା, ପୁରୀ, ମୟୂରଭଞ୍ଜ ଓ କେନ୍ଦୁଝର ଆଦି (୯ ପୃଷ୍ଠାରେ)

### ୧୩ରେ ଲଘୁଚାପ, ଉପକୂଳରେ ସ୍ୱଳ୍ପ ବର୍ଷା

## ମାଓବାଦୀଙ୍କ ୩ ବଙ୍କର ଠାବ

ସୁନ୍ଦରଗଡ଼,୧୦।୮ (ସବ୍ୟୁ): ଜଙ୍ଗଲରେ କମ୍ବିଂ ଅପରେସନ ବେଳେ ସୁରକ୍ଷା ବାହିନୀ ତିନୋଟି ମାଓ ବଙ୍କର ସହ ବିପୁଳ ମାଓ ସାମଗ୍ରୀ ଜବତ କରିଛି । ଝାଡ଼ଖଣ୍ଡ ରାଜ୍ୟର ଜରେଇକେଲା ଥାନା ଅନ୍ତର୍ଗତ ହେଣ୍ଡେକୁଲିର ନିକଟ ସରଣ୍ଡା ଜଙ୍ଗଲରୁ ୨୦୯ କୋବ୍ରା ବାଟାଲିୟନ ସର୍ଚ୍ଚ ଅପରେସନ ବେଳେ ମାଓ ବଙ୍କର ଭିତରୁ ବିପୁଳ ମାଓ ସାମଗ୍ରୀ ଜବତ ହୋଇଥିବା ଜଣାପଡ଼ିଛି । କିଛି ଦିନ ପୂର୍ବରୁ ରେଳ ଲାଇନ୍ ରେ ଲ୍ୟାଣ୍ଡମାଇନ୍ ବିସ୍ଫୋରଣ କରି ଟ୍ରାକ୍ କ୍ଷତିଗ୍ରସ୍ତ କରିଥିଲେ ମାଓବାଦୀ । ଦୁଇଦିନ ପୂର୍ବରୁ ଲ୍ୟାଣ୍ଡମାଇନ୍ ବିସ୍ଫୋରଣରେ ଦୁଇ ସିଆରପିଏଫ୍ ଯବାନ ଗୁରୁତର ଆହତ ହୋଇଥିଲେ। ସୁରକ୍ଷାବାହିନୀ ପକ୍ଷରୁ କମ୍ବିଂ ଜୋରଦାର କରାଯାଇଛି ।

## ରାହୁଲଙ୍କୁ ତଥ୍ୟ ସହ ପ୍ରମାଣ ମାଗିଲେ କର୍ଣ୍ଣାଟକ ସିଇଓ

ନୂଆଦିଲ୍ଲୀ,୧୦।୮: କର୍ଣ୍ଣାଟକ ମୁଖ୍ୟ ନିର୍ବାଚନ ଅଧିକାରୀ (ସିଇଓ) ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀଙ୍କୁ ସେ ଆଣିଥିବା ଅଭିଯୋଗ ସମ୍ପର୍କରେ ତଥ୍ୟ ଦାଖଲ କରିବାକୁ କହିଛନ୍ତି । ରହୁଲ ଅଭିଯୋଗ ଆଣିଥିଲେ ଯେ, ଗତ ଲୋକସଭା ନିର୍ବାଚନରେ ସୌକୁଳ ରାଣୀ ନାମକ ଜଣେ ଭୋଟର ଦୁଇଥର ଭୋଟର ଦେଇଛନ୍ତି । ଏହି ମର୍ମରେ ସିଇଓ ତାଙ୍କୁ ଚିଠି ଲେଖିଛନ୍ତି ।

ନିକଟରେ ରହୁଲ ଏକ ସାମ୍ବାଦିକ ସମ୍ମିଳନୀରେ ରାହୁଲ ନିର୍ବାଚନ କମିଶନରଙ୍କ ତଥ୍ୟକୁ ଉପସ୍ଥିତ କରି ଅଭିଯୋଗ ଆଣିଥିଲେ ଯେ, ସୌକିନ ରାଣୀ ଦୁଇଥର ଭୋଟ ଦେଇଛନ୍ତି । ସିଇଓ ଚିଠିରେ ଉଲ୍ଲେଖ କରିଛନ୍ତି ଯେ, ଏହାର ଅନୁସନ୍ଧାନ କରାଗଲା। ସେଥିରୁ ଜଣାପଡିଲା ଯେ, ସେ ଥରେ ଭୋଟ ଦେଇଛନ୍ତି । ପ୍ରାରମ୍ଭିକ ପ୍ରମାଣରେ ରାହୁଲ ଟିକ୍ ମାର୍କ କରିଥିବା ଭୋଟରଙ୍କ ସମ୍ପର୍କରେ ଯାଞ୍ଚ କରାଯାଇଥିଲା । ପୋଲିଂ ଅଫିସର ତାଙ୍କୁ ଦୁଇଥର ଭୋଟର ଦେବା ଲାଗି କୌଣସି ଅନୁମତି ଦେଇନାହାନ୍ତି । ରାହୁଲ ଏକଥା କହିଲେ ସେ ସମ୍ପର୍କରେ ତଥ୍ୟ ମାଗିଛନ୍ତି ଫଳରେ ସର୍ବିସେସ ତଦନ୍ତ ହୋଇପାରିବ । ସୂଚନାଯୋଗ୍ୟ ନିକଟରେ ରାହୁଲ ନିର୍ବାଚନ କମିଶନରଙ୍କ ଉପରେ ଅଭିଯୋଗ ଆଣି କହିଥିଲେ ଯେ, ଦେଶର ନିର୍ବାଚନ ଚୋରୀ ହୋଇଛି । କର୍ଣ୍ଣାଟକର ମହାଦେବ ପୁରା ବିଧାନସଭା (୯ ପୃଷ୍ଠାରେ)




## ଦୁର୍ଘଟଣା ମୃତ୍ୟୁକୁ ନେଇ ରାସ୍ତାରୋକ

ଭୁବନେଶ୍ୱର,୧୦।୮ (ସବ୍ୟୁ): ପାତ୍ରପଡା ଭି-୨ ନିକଟରେ ଜାତୀୟ ରାଜପଥ ପାର୍ ହେଉଥିବା ବେଳେ ରେସିଙ୍ଗ୍‌ରେ ଆସୁଥିବା ଏକ ଥର୍ ଗାଡି ତାଙ୍କୁ ଧକ୍କା ଦେଇଥିଲା । ଘଟଣାସ୍ଥଳରେ ୮ବର୍ଷର ଝିଅ ରେସ୍ମା ରାଉଳଙ୍କ ମୃତ୍ୟୁ ହୋଇଥିବା ବେଳେ ମା’ ରେବତୀ ରାଉଳ ଓ ସାନପୁଅ ଗୁରୁତର ହୋଇ ଏମ୍ସରେ ଚିକିତ୍ସିତ ହେଉଛନ୍ତି । ଏହି ଦୁର୍ଘଟଣା ପ୍ରତିବାଦ କରି ଫୁଲେଶ୍ୱରୀ ବସ୍ତି ଓ ସ୍ଥାନୀୟ କିଛି ଲୋକ ଏକତ୍ରିତ ହୋଇ ୧୬ ନମ୍ବର ଜାତୀୟ ରାଜପଥକୁ ପାତ୍ରପଡା ନିକଟରେ ଏକଘଣ୍ଟାରୁ ଉର୍ଦ୍ଧ୍ୱ ସମୟ ଅବରୋଧ କରିଥିଲେ । ଦୁଇ ପାର୍ଶ୍ୱ ରାସ୍ତା ଆନ୍ଦୋଳନକାରୀମାନେ ଟାୟାର ଜାଳି ଅବରୋଧ କରିବା ଫଳରେ ଏକଘଣ୍ଟାରୁ ଉର୍ଦ୍ଧ୍ୱ ସମୟ ଗାଡି ଚଳାଚଳ ଠପ୍ ହୋଇଯାଇଥିଲା ।

କମିଶନରେଟ୍ ପୋଲିସର ଭୁବନେଶ୍ୱର ରିଜର୍ଭ ଆର୍‌ଆଇଙ୍କ ଗାଡି ଚଳାଉଥିବା ଡ୍ରାଇଭର (ହୋମ୍‌ଗାର୍ଡ)ଙ୍କ ପତ୍ନୀ ରେବତୀ ବଡଭାଇକୁ ରାକ୍ଷୀ ବାନ୍ଧିବା ପାଇଁ ପଟିଆ ଯାଇଥିଲେ । ସକାଳୁ ପଟିଆ ଯାଇ ମଧ୍ୟାହ୍ନ ପରେ ଫେରିଥିଲେ । ତାଙ୍କ ଭାଇ ରହିବାକୁ କହିଥିବା ବେଳେ ଶ୍ୱଶୁରଙ୍କ ଦେହ ଖରାପ ଅଛି କହି ଆସିଥିଲେ । ଭାଇ ମା’ପିଲା ତିନିଜଣଙ୍କୁ ପଟିଆ ଆମ ବସ୍ ଷ୍ଟପ୍‌ରେ ଛାଡିବା ପରେ ସେମାନେ ଜୟଦେବବିହାରରେ ଓହ୍ଲାଇଥିଲେ । ସେଠାରୁ ଏକ ବସ୍ ଯୋଗେ ଯାଇ ଭି-୨ ନିକଟରେ ଓହ୍ଲାଇବା ପରେ ତିନିଜଣ ରାସ୍ତା ପାର୍ ହେଉଥିଲେ । ସେହି ସମୟରେ ଏକ ସ୍କର୍ପିଓ ଓ ଥର କାର୍ ରେସିଂ (୯ ପୃଷ୍ଠାରେ)



## ଆଜି ଜନ୍ମଦିନ
# କାହ୍ନୁଚରଣ ମହାନ୍ତି

ଜଣେ ଭାରତୀୟ ଓଡ଼ିଆ ଔପନ୍ୟାସିକ ଭାବେ ତାଙ୍କର ରହିଛି ସ୍ୱତନ୍ତ୍ର ପରିଚୟ । ୧୯୦୬ ଅଗଷ୍ଟ ୧୧ରେ ଜନ୍ମଗ୍ରହଣ କରିଥିବା କାହ୍ନୁଚରଣ ୧୯୩୦ରୁ ୧୯୮୫ ପର୍ଯ୍ୟନ୍ତ ଛଅ ଦଶନ୍ଧିର ସାହିତ୍ୟ ରଚନା କାଳ ମଧ୍ୟରେ ସେ ୫୬ଟି ଉପନ୍ୟାସ ରଚନା କରିଥିଲେ । ତାଙ୍କର କେତେକ ଜଣାଶୁଣା ଉପନ୍ୟାସ ମଧ୍ୟରେ କା, ବାଲିରାଜା, ଶାସ୍ତି, ଝଞ୍ଜା, ଶର୍ବରୀ, ତମସା ତୀରେ ଅନ୍ୟତମ । ଉପନ୍ୟାସ କା' ପାଇଁ ସେ କେନ୍ଦ୍ର ସାହିତ୍ୟ ଏକାଡେମୀ ପୁରସ୍କାର ପାଇଥିଲେ । ତାଙ୍କୁ ଓଡ଼ିଶାର ଅନ୍ୟତମ ଲୋକପ୍ରିୟ ଉପନ୍ୟାସକାର ଭାବରେ ବିବେଚନା କରାଯାଏ । କାହ୍ନୁଚରଣ ମହାନ୍ତି କଟକ ଜିଲ୍ଲାସ୍ଥିତ ନାଗବଳି ଗାଆଁରେ ଜନ୍ମଗ୍ରହଣ କରିଥିଲେ । କଟକର ପ୍ୟାରୀମୋହନ ଏକାଡେମୀରୁ ଶିକ୍ଷାଗ୍ରହଣ କରିଥିଲେ । ଶୈଶବରୁ କାହ୍ନୁଚରଣ ମହାନ୍ତି ସାହିତ୍ୟପ୍ରତି ଆକୃଷ୍ଟ ଥିଲେ ଓ ଫକୀର ମୋହନ ସେନାପତିଙ୍କ ରଚନାରୁ ବିଶେଷ ଭାବେ ପ୍ରଭାବିତ ହୋଇଥିଲେ । ପ୍ୟାରୀମୋହନ ଏକାଡେମୀରେ ପାଠ ପଢିବାବେଳେ ତାଙ୍କର କେତୋଟି କବିତା ବିଦ୍ୟାଳୟ ପତ୍ରିକାରେ ପ୍ରକାଶିତ ହୋଇଥିଲା । ସେ ପରେ ଗଳ୍ପ ଓ ଉପନ୍ୟାସ ଲେଖିବା ଆରମ୍ଭ କରିଥିଲେ । ତାଙ୍କର ପ୍ରଥମ ଉପନ୍ୟାସ ଥିଲା ୧୯୨୩-୧୯୨୪ରେ ପ୍ରକାଶିତ ଉସ୍ୱବେ ବ୍ୟସନ । ଏହି ମହାନ ଲେଖକଙ୍କର ୧୯୯୪ ମସିହା ଏପ୍ରିଲ ୬ ତାରିଖରେ ଦେହାନ୍ତ ହୋଇଥିଲା ।

# ଆଣ୍ଠୁ ପ୍ରତିରୋପଣ

**ଆଜିର ବ୍ୟସ୍ତବହୁଳ ଜୀବନଶୈଳୀରେ ଆଣ୍ଠୁଗଣ୍ଠି ବିନ୍ଧା ଏକ ସାଧାରଣ ଘଟଣା ହେଲେ ହେଁ ପରବର୍ତ୍ତୀ ସମୟରେ ଏହା ଗୁରୁତର ସମସ୍ୟାରେ ପରିଣତ ହେଉଛି । ଏଥିରୁ ମୁକ୍ତି ପାଇଁ କେତେବେଳେ ଔଷଧ ଓ ଆଉ କେତେବେଳେ ପ୍ରତିରୋପଣର ଆବଶ୍ୟକତା ପଡୁଛି ।**



ଅଷ୍ଟିଓଆର୍ଥାଇଟିସ୍ ବା ବାର୍ଦ୍ଧକ୍ୟଜନିତ ଆଣ୍ଠୁଗଣ୍ଠି ବାତରୋଗ, ଯେଉଁଥିରେ ଆଣ୍ଠୁଗଣ୍ଠି ଅଧିକ କ୍ଷୟ ହୋଇ ଯନ୍ତ୍ରଣା ହେଉଥାଏ । ଏହି ଯନ୍ତ୍ରଣା ଦୈନନ୍ଦିନ କାର୍ଯ୍ୟରେ ବ୍ୟାଘାତ ସୃଷ୍ଟି କରିଥାଏ । ସେ କ୍ଷେତ୍ରରେ ସମ୍ପୂର୍ଣ୍ଣ ଆଣ୍ଠୁଗଣ୍ଠି ପ୍ରତିରୋପଣ ସର୍ଜରୀ ଉପଯୋଗୀ ହୋଇଥାଏ । କିଛିଦିନ ପେନ୍ କିଲର ଖାଇ ଯନ୍ତ୍ରଣାଠାରୁ ଉପଶମ ମିଳିଥାଏ । ତେବେ ନିୟମିତ ପେନ୍ କିଲର ଖାଇବା ଦ୍ୱାରା ଲିଭର ଓ କିଡନୀ ଖରାପ ହେବାର ସମ୍ଭାବନା ଅଧିକ ଥାଏ । ତେଣୁ ଯଦି ଔଷଧ ବ୍ୟବହାର ଦ୍ୱାରା ଯନ୍ତ୍ରଣାରୁ ଉପଶମ ନ ମିଳେ, ଗୋଡ ବଙ୍କା ହୋଇଯାଏ, ବସିବାରେ କଷ୍ଟ ଅନୁଭବ ହୋଇଥାଏ ତେବେ ତୁରନ୍ତ ଡାକ୍ତରଙ୍କ ପରାମର୍ଶରେ ଅସ୍ତ୍ରୋପଚାର କରିବାର ଆବଶ୍ୟକତା ରହିଛି । ରୋଗୀର ଆଣ୍ଠୁ, ଗୋଇଠି ଓ ଅଣ୍ଟାର ଖଞ୍ଜା ପରୀକ୍ଷା ସମେତ ଏକ୍ସରେ ଆଦି କରାଯାଏ । ଅନ୍ୟାନ୍ୟ ରୋଗ ଥିଲେ, ତା'ର ମଧ୍ୟ ପରୀକ୍ଷା କରାଯାଏ । ରକ୍ତ ପରୀକ୍ଷା, ଲିଭର ଓ କିଡନୀ, ହାର୍ଟ ପରୀକ୍ଷା ଆଦି କରାଯାଏ । ସେହିଭଳି ଡାଇବେଟିସ୍ ଓ ରକ୍ତଚାପ ଅଧିକ ଥିଲେ ଏହାକୁ ନିୟନ୍ତ୍ରଣ କରି ଅସ୍ତ୍ରୋପଚାର କରାଯାଏ । ଏ ସମସ୍ତ ପରୀକ୍ଷା ଡାକ୍ତରଙ୍କର ତତ୍ତ୍ୱାବଧାନରେ କରାଯାଇଥାଏ । ଅପରେସନ୍ ପରେ ଅଧିକ ଭାରି ଜିନିଷ ଟେକିବା, ଖେଳକୁଦ କରିବା ଅନୁଚିତ୍ । ପାହାଚ ଚଢିବା, ଚାଲିବା, ବସିବା, ଉଠିବା ଆଦି କାମରେ କିଛି ଅସୁବିଧା ହୁଏ ନାହିଁ । କୃତ୍ରିମ ଆଣ୍ଠୁ ଠିକ୍ ପ୍ରାକୃତିକ ଆଣ୍ଠୁ ଭଳି କାମ କରିଥାଏ । ୯୫ ପ୍ରତିଶତ କ୍ଷେତ୍ରରେ ଏହା ପ୍ରାୟ ୨୦ ବର୍ଷ ଯାଏ କାମ କରିଥାଏ । ଆଣ୍ଠୁ ପ୍ରତିରୋପଣ କରିଥିବା ବ୍ୟକ୍ତିମାନେ ଏକ ଯନ୍ତ୍ରଣାବିହୀନ ଜୀବନ ଅତିବାହିତ କରିଥାନ୍ତି ।

## ସୋସିଆଲ କୋଟ୍ସ



"ଜାନମ ସମଝା କରୋ ସେଟ୍‌ରେ ସଲମାନ ପାଖାପାଖି ୧୦ ଘଣ୍ଟା ଲେଟ୍‌ରେ ପହଞ୍ଚିଥିଲେ । ତେବେ ଏହି ଘଟଣା ସମସ୍ତଙ୍କୁ ବହୁତ ରଗାଇଥିଲା । ମୁଁ ମୋର ସମସ୍ତ ରାଗ ନିର୍ଦ୍ଦେଶକଙ୍କ ଉପରେ କାଢିଥିଲି ।

ଗୁସା କପୁର, ଅଭିନେତ୍ରୀ



"ଶାହରୁଖ ଖାନଙ୍କୁ ମୁଁ ପ୍ରଥମରୁ ଜାଣିଛି । ଗୌରୀଙ୍କ ସହିତ ସେ ଭଡା ଘରେ ରହୁଥିଲେ । ତାଙ୍କ ପ୍ରତିଭା ଦେଖି ମୁଁ ସେତେବେଳେ ହିଁ ଜାଣିଥିଲି କି ସେ ଯେମିତି ହେଲେ ସୁପଷ୍ଟାର ବନିବେ ।

ଚଙ୍କି ପାଣ୍ଡେ, ଅଭିନେତା



"ଏଭଳି ଅନେକ ଫିଲ୍ମ ନିର୍ଦ୍ଦେଶକ ଅଛନ୍ତି, ଯେଉଁମାନେ ଅନ୍ଧବିଶ୍ୱାସ ଉପରେ ଭରସା କରନ୍ତି । ଜଣେ ନିର୍ଦ୍ଦେଶକ ଫିଲ୍ମ ହିଟ ହେବ ବୋଲି ୪୨ ଦିନ ଗୋଟିଏ ସର୍ଟସ୍ ପିନ୍ଧିଥିଲେ । ହେଲେ ସେହି ଫିଲ୍ମ ଫ୍ଲପ୍ ହୋଇଥିଲା ।

ବିଦ୍ୟା ବାଲାନ, ଅଭିନେତ୍ରୀ



# ଟିଭି ଦେଖୁଛନ୍ତି ପୋଷାଜୀବ

ଅନେକ ସମୟରେ ସୋସିଆଲ ମିଡିଆରେ ପୋଷାଜୀବମାନେ ଟିଭି ଦେଖୁଥିବା ନଜରକୁ ଆସିଥାଏ । ଏହାକୁ ସମସ୍ତେ ମଜାକରେ ନେଇଥାଆନ୍ତି, ଏବଂ ଘରେ ଥିବା ପୋଷାଜୀବଙ୍କୁ ଟିଭି ଦେଖିବାକୁ ଅନୁମତି ମଧ୍ୟ ଦେଇଥାଆନ୍ତି । ହେଲେ ନିକଟରେ ହୋଇଥିବା ଏକ ସର୍ଭେ ଅନୁସାରେ ୟୁକେରେ ବର୍ତ୍ତମାନ ପୋଷାଜୀବମାନେ ଟିଭି ସହ ଆଡିକ୍ଟ ହୋଇ ସାରିଲେଣି । କୌଣସି ଖାଦ୍ୟ, ଖେଳନା ପ୍ରତି ନୁହେଁ ବରଂ ଟିଭି ପ୍ରତି ସେମାନଙ୍କର ଆଡିକ୍‌ସନ୍ ବଢିବାରେ ଲାଗିଛି । ତେବେ ଏହା ସେମାନଙ୍କ ସ୍ୱାସ୍ଥ୍ୟ ଉପରେ ଖରାପ ପ୍ରଭାବ ପକାଇ ପାରେ ବୋଲି ଆଲୋଚନା ହେଉଛି । ଏଭଳି ପୋଷା ଜୀବଙ୍କୁ ବୈଜ୍ଞାନିକମାନେ 'ଗୁଗୁଲ୍‌ବକ୍ସ ପେଟ୍ସ' ବୋଲି ନାଁ ଦେଇଛନ୍ତି । ଏହି ସର୍ଭେରେ ୟୁକେର ପାଖାପାଖି ୨ ହଜାର ପୋଷାଜୀବଙ୍କର ମାଲିକ ଭାଗ ନେଇଥିଲେ । ସେମାନଙ୍କ ସୂଚନା ଅନୁଯାୟୀ ଅନେକ ସମୟରେ ମାଲିକମାନେ ଘର ଛାଡିବା ସମୟରେ ପୋଷାଜୀବଙ୍କୁ ଟିଭି ଆଗରେ ବସାଇ ଦେଇଥାଆନ୍ତି । ଏହି କାରଣରୁ ସେମାନେ ଟିଭି ଦେଖିବା ପାଇଁ ଆଡିକ୍ଟ ହୋଇଥିବା ଆକଳନ କରାଯାଉଛି । କେତେକ ପଶୁ ମାଲିକମାନଙ୍କ ସହିତ ଦେଖୁଥିବାବେଳେ କେତେକ ନିଜେ ଏକୁଟିଆ ମଧ୍ୟ ଦେଖିଥାଆନ୍ତି । ଅନେକ ସମୟ ଟିଭି ଦେଖାରେ ବିତାଇଲେ ସେମାନଙ୍କର ବ୍ୟବହାରରେ ପରିବର୍ତ୍ତନ ହେଉଥିବା ଦେଖିବାକୁ ମିଳୁଛି । ବେଳେ ଟିଭିରେ ହିଂସାତ୍ମକ ଘଟଣା ଦେଖି ସେମାନେ ମଧ୍ୟ ଏଭଳି ବ୍ୟବହାର ଆପଣାଇବାର ଆଶଙ୍କା ରହିଛି । ତେଣୁ ଯଥା ସମ୍ଭବ ପୋଷାଜୀବଙ୍କୁ ଟିଭି ଠାରୁ ଦୂରରେ ରଖନ୍ତୁ ।

# ଗଧ କରୁଛି ଷ୍ଟଣ୍ଟ

ନିକଟରେ ଏକ ଭିଡିଓ ସୋସିଆଲ ମିଡିଆରେ ଖୁବ ଭାଇରାଲ ହେବାରେ ଲାଗିଛି । ଭିଡିଓରେ ଗୋଟିଏ ଗଧ ଷ୍ଟଣ୍ଟ କରୁଥିବାର ଦେଖିବାକୁ ମିଳୁଛି । ଭିଡିଓଟି ରୁଷର ବୋଲି ଜଣା ପଡିଛି । ଭିଡିଓଟିରେ ଗଧଟିକୁ ଗୋଟିଏ କେବଲ ୱେୟାରରେ ବନ୍ଧା ହୋଇଛି, ଯାହା ତଳ ମାଟି ଠାରୁ ବେଶ୍ ଉପରେ ରହିଛି । ଗଧଟି ଏହି ରୋପ ୱେରେ ଗୋଟିଏ ସ୍ଥାନରୁ ଆଉ ଏକ ସ୍ଥାନକୁ ଯିବା ବେଳର ଭିଡିଓ ସୁଟିଂ କରାଯାଇଛି । ଭିଡିଓରେ ସୂଚନା ଅନୁସାରେ ଗଧର କୌଣସି ସମସ୍ୟା ହୋଇନାହିଁ, କିନ୍ତୁ ଇଣ୍ଟରନେଟରେ ଏହାକୁ ପସନ୍ଦ କରି ନାହାନ୍ତି । ଏହା ପଶୁଙ୍କ ଉପରେ ଅତ୍ୟାଚାର ବୋଲି ୟୁଜର୍ସମାନେ ମତ ଦେବାରେ ଲାଗିଛନ୍ତି । ଏଭଳି ନିଜର ମନୋରଞ୍ଜନ ପାଇଁ କୌଣସି ନିରିହ ପଶୁଙ୍କ ହଇରାଣ କରିବା ଅନୁଚିତ୍ ବୋଲି ମତ ପ୍ରକାଶ ପାଇଛି ।



## ଇତିହାସ

୧୯୦୮- ଭାରତୀୟ ସ୍ୱତନ୍ତ୍ରତା ସେନାନୀ ଖୁଦୀରାମ ବୋଷଙ୍କୁ ଫାଶି ଦିଆଗଲା ।
୧୯୪୯- ଭାରତୀୟ ରିଜର୍ଭ ବ୍ୟାଙ୍କର ପୂର୍ବତନ ଗଭର୍ଣ୍ଣର ଡି. ସୁବାରାଓଙ୍କ ଜନ୍ମ ।
୧୯୫୪- ଭାରତୀୟ କ୍ରିକେଟର ଏମ୍.ଭି. ନରସିହ୍ମା ରାଓଙ୍କ ଜନ୍ମ ।
୧୯୬୧- ଦାଦ୍ରା ନଗର ହୱେଲିକୁ କେନ୍ଦ୍ରଶାସିତ ପ୍ରଦେଶର ମାନ୍ୟତା ।
୧୯୬୭- ହିନ୍ଦୀର ପ୍ରସିଦ୍ଧ ପତ୍ରକାର, ସମୀକ୍ଷକ, ସାହିତ୍ୟିକ, ଆଲୋଚକ ତଥା ସମ୍ପାଦକ ନନ୍ଦ ଦୁଲାରେ ବାଜପେୟୀଙ୍କ ଦେହାନ୍ତ ।
୧୯୭୪- ଭାରତୀୟ କ୍ରିକେଟର ଅଞ୍ଜୁ ଜୈନଙ୍କ ଜନ୍ମ ।
୧୯୯୯- ୯୦ ଦଶକର ଅନ୍ତିମ ଚନ୍ଦ୍ରଗ୍ରହଣ ।
୨୦୦୭- ମହମ୍ମଦ ହମିଦ୍ ଅନ୍‌ସାରୀ ଭାରତର ତ୍ରୟୋଦଶ ଉପରାଷ୍ଟ୍ରପତି ହେଲେ ।

# ଦଣ୍ଡାସନ



ଏହି ଆସନଟିକୁ କରିବା ପାଇଁ ସର୍ବପ୍ରଥମେ ଯୋଗମ୍ୟାଟ୍ ଉପରେ ପିଠିକୁ ସିଧା କରି ବସିପଡ଼ନ୍ତୁ । ଆଗକୁ ଗୋଡ଼ ସିଧା ଭାବେ ଲମ୍ବାନ୍ତୁ । ଏହାପରେ ଆପଣଙ୍କ ପାପୁଲିକୁ ସିଧା କରି ଭୂଇଁ ଉପରେ ରଖନ୍ତୁ । ଏହି ପୋଜ୍‌ରେ ରହି ଦୀର୍ଘ ନିଃଶ୍ୱାସ ଛାଡନ୍ତୁ ଏବଂ ୨୦ରୁ ୩୦ ସେକେଣ୍ଡ ରହିବା ପରେ ପୁନଶ୍ଚ ପୂର୍ବସ୍ଥିତିକୁ ଫେରିଆସନ୍ତୁ ।

**ଉପକାର**

- ଗୋଡ, ପିଠି ଏବଂ ଜଙ୍ଘ ମାଂସପେଶୀ ଶକ୍ତ ହେବ ।
- ନିଃଶ୍ୱାସ ନେବା କ୍ଷମତା ବୃଦ୍ଧି ପାଇବ ।
- ଆର୍ଥରିଟିସ୍ ଯନ୍ତ୍ରଣାରୁ ମୁକ୍ତି ମିଳିବ ।
- ପାଚନ ପ୍ରକ୍ରିୟା ଉନ୍ନତ ହେବ ।
- ମାନସିକ ସ୍ୱାସ୍ଥ୍ୟରେ ଉନ୍ନତି ଘଟିବ ।

# ଡେଟିଂକୁ ନେଇ ଚର୍ଚ୍ଚା



ମୃଣାଳ ଠାକୁରଙ୍କ କ୍ୟାରିୟର ବର୍ତ୍ତମାନ ପିକ୍ ପଏଣ୍ଟରେ ରହିଛି । ନିକଟରେ ତାଙ୍କର ଫିଲ୍ମ ସନ୍ ଅଫ ସର୍ଦ୍ଦାର ୨ ରିଲିଜ୍ ହୋଇଛି, ଯାହାକୁ ନେଇ ସେ ଖୁବ ଚର୍ଚ୍ଚାରେ ଅଛନ୍ତି । ଏଥିରେ ସେ ଅଜୟ ଦେବଗନଙ୍କ ସହିତ ସ୍କ୍ରିନ ସେୟାର କରିଛନ୍ତି । ହେଲେ ସେହି ଫିଲ୍ମ ସହିତ ବର୍ତ୍ତମାନ ନିଜ ପର୍ସନାଲ ଲାଇଫ୍ ପାଇଁ ମଧ୍ୟ ଖୁବ ଚର୍ଚ୍ଚାରେ ଅଛନ୍ତି ମୃଣାଳ । ତାଙ୍କର ସମ୍ପର୍କ ସାଉଥ୍ ଷ୍ଟାର ଧନୁଷଙ୍କ ସହିତ ଅଛି ବୋଲି ଆଲୋଚନା ହେଉଛି । ଉଭୟେ ଡେଟ କରୁଥିବାନେଇ ସୋସିଆଲ ମିଡିଆରେ ଆଲୋଚନା ହେଉଛି । ମୃଣାଳ ସୋସିଆଲ ମିଡିଆରେ ଏକ ପୋଷ୍ଟ କରି ଛନ୍ତି ଯେଉଁଥିରେ ସେ ଧନ୍ୟବାଦ ଦେଇଛନ୍ତି । ତେବେ କିଛି ଲୋକ ଏହି ଧନ୍ୟବାଦ ଫ୍ୟାନଙ୍କ ପାଇଁ ଥିବା ଆଲୋଚନା କରୁଥିବାବେଳେ କିଛି ଭାବୁଛନ୍ତି ଏହା ଧନୁଷଙ୍କ ପାଇଁ । ସେହିଭଳି ନିକଟରେ ଧନୁଷ ସନ୍ ଅଫ୍ ସର୍ଦ୍ଦାର ୨ର ପ୍ରିମିଅରରେ ଯୋଗ ଦେବାକୁ ମୁମ୍ବାଇ ଗସ୍ତ କରିଥିଲେ, ଏହାପରେ ଡେଟିଂ ଚର୍ଚ୍ଚା ଜୋର ଧରିଥିଲା । ତେବେ ଏନେଇ ଉଭୟଙ୍କ ପକ୍ଷରୁ କୌଣସି ସୂଚନା ନାହିଁ ।

# ହୁପ୍ ଇୟରରିଂ

**ଆଜିକାଲି ଫ୍ୟାଶନରେ ଅନେକ ପରିବର୍ତ୍ତନ ଆସିଛି । ଆଧୁନିକ ଫ୍ୟାଶନରେ ଅନେକ ଜୁଏଲାରୀ ସାମିଲ ହୋଇଛି, ଯିଏ ଝିଅଙ୍କୁ ବୋଲ୍ଡ ଲୁକ୍ ଦେଉଛି । ସେଥିମଧ୍ୟରୁ ଗୋଟିଏ ହେଲା ହୁପ୍ ଇୟର ରିଂ ।**



ଆଜିର ଝିଅମାନଙ୍କ ଫ୍ୟାଶନରେ ହୁପ୍ ଇୟର୍ ରିଂ ଖୁବ୍ ଟ୍ରେଣ୍ଡ୍‌ରେ ରହିଛି। ବିଶେଷକରି ମିଡିୟମ ହୁପ୍, ଲାର୍ଜ ହୁପ୍ସ, ଗୋଲ୍ଡ ସିଲଭର ହୁପ୍, ରିୟଲ୍ ଗୋଲ୍ଡ ହୁପ୍, ହିଙ୍ଗ୍‌ଡ ହୁପ ଚାହିଦାରେ ରହିଛି । ମିଡିଅମ ହୁପ୍ ପିନ୍ଧିବାକୁ ଯୁବତୀମାନେ ବେଶ୍ ଭଲ ପାଉଥିବାର ଦେଖିବାକୁ ମିଳୁଛି । ଏଥିରେ ମେଜୁରୀ ଏଡିଟର ହୁପ୍ସ, ଟୁଇଷ୍ଟେଡ ହୁପ୍ସ, ଷ୍ଟାଣ୍ଡାର୍ଡ ହୁପ୍ସ, ନଟ୍ ହୁପ୍ସ ଆଦି ରହିଛି । ସେହିଭଳି ଲାର୍ଜ ହୁପ୍ସ ଫ୍ୟାଶନ ଷ୍ଟେଟମେଣ୍ଟକୁ ବଦଳାଇବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରୁଛି । ସେହିଭଳି ଗୋଲ୍ଡ ସିଲଭର ହୁପ୍ ଇୟର ରିଂ ଫର୍ମାଟରେ ମିକ୍ସ ମେଟାଲ ମଧ୍ୟ ଉପଲବ୍ଧ । ଏହି ମିକ୍ସ ମେଟାଲଗୁଡିକ ଦେଖିବାକୁ ଖୁବ ସୁନ୍ଦର । ଏହା ସମସ୍ତ ଜୁଏଲାରୀ କଲେକସନ୍ ସହ ମ୍ୟାଚ କରିଥାଏ । ଏଥିରେ ଫୋର୍ଟୁନାଟୋ ହୁପ୍ସ, ଜେନି ବାର୍ଡ ହୁପ୍ସ, ପଫି ଫଏ ନକର୍ସ, ଜାଡା ହୁପ୍ସ ଆଦି ସାମିଲ ଥାଏ । ରିଅଲ ଗୋଲ୍ଡ ହୁପ୍ ଇଇର ରିଂ ବିଭିନ୍ନ ମେଟାଲରେ ମିଳିଥାଏ । ଏଥିରେ ଡାଇମଣ୍ଡ, ପ୍ଲାଟିନମ୍, ପ୍ଲେନ୍ ଷ୍ଟିଲ ଆଦି ସାମିଲ। ଏହା ରୟାଲ ଓ କ୍ଲାସି ଲୁକ ଦେଇଥାଏ । ଏଥିରେ ଥ୍ରୀ ହୁପ୍, ଭାଇରାଲ ପେଭ୍ ହୁପ୍ସ, ଡିଟାଚେବଲ୍, ଫ୍ରଣ୍ଟ ଡାଇମଣ୍ଡ ଆଦି ରହିଛି । ହିଙ୍ଗ୍‌ଡ ହୁପ୍ ଅନ୍ୟ ହୁପ୍ ଇୟରରିଂଠାରୁ ଟିକେ ଭିନ୍ନ । ଏହା ବିଭିନ୍ନ ଷ୍ଟାଇଲରେ ବଜାରରେ ମିଳିଥାଏ । ଅନେକ ଫ୍ୟାଶନ ଇୟରରିଂ ଏହି ଡିଜାଇନରେ ପ୍ରସ୍ତୁତ ହୋଇଥାଏ । ଏହା କାନରେ ଝୁଲି ରହୁଥିବାରୁ ମୁହଁକୁ ଏକ ଡିଫରେଣ୍ଟ ଲୁକ ଦେଇଥାଏ ।

## ଟାଇକନ୍ ଭୁବନେଶ୍ୱର ୨୦୨୫ ଉଦ୍‌ଯାପିତ

# ଓଡ଼ିଶା ଖୁବ୍‌ଶୀଘ୍ର ବିଶ୍ୱ ଦକ୍ଷତା କେନ୍ଦ୍ର ହେବ : ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର, (ସବ୍ୟୁ): ଓଡ଼ିଶା ଉଦ୍ୟୋଗିକ କ୍ଷେତ୍ରରେ ନିଜକୁ କ୍ଷମତାଶାଳୀ କରିବା ଲାଗି ଉତ୍ପାଦନ ଓ ଅଭିନବୀକରଣର ଅଭିବୃଦ୍ଧିର ଇଞ୍ଜିନ ହେବା ପ୍ରତ୍ୟେକ ନିବେଶକାରୀ ଉଦ୍ୟୋଗୀ ଯେଉଁମାନେ ଏଠି ଉପସ୍ଥିତ ଅଛନ୍ତି ସେମାନଙ୍କୁ ନିବେଶ ଲାଗି ନିମନ୍ତ୍ରଣ କରୁଛି ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ତି।




ଟାଇକନ୍ ଭୁବନେଶ୍ୱର ୨୦୨୫ର ଉଦ୍‌ଯାପନୀ ସମାରୋହରେ ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ପ୍ରଗତିଶୀଳ ନୀତି ବିଶ୍ୱସ୍ତରୀୟ ଭିତ୍ତିଭୂମି ଭାଗିଦାରୀ ଚିନ୍ତାଧାରାରେ ଭବିଷ୍ୟତରେ ବିକଶିତ ଓଡ଼ିଶା ଏବଂ ରୂପରେଖ ଦେବା ପାଇଁ ଉଦ୍ୟୋମ କରାଯାଉଛି। ଭାରତର ଅଭିବୃଦ୍ଧିରେ ଓଡ଼ିଶା ପଛରେ ନାହିଁ, ଆମେ ଏବେ ନବୀକରଣର ହବ ହେବାକୁ ଯାଉଛୁ। ଆମେ ସକ୍ରିୟ ଭାବେ ଓଡ଼ିଶାକୁ ବିଶ୍ୱ ଦକ୍ଷତା କେନ୍ଦ୍ରରେ ସ୍ଥାନୀତ କରିପାରିଛୁ। ଏଆଇ ଗବେଷଣା ଆର୍ଥିକ ସମନ୍ୱୟ ଆଦି କ୍ଷେତ୍ରରେ ଓଡ଼ିଶା ନେତୃତ୍ୱ ନେବାକୁ ପ୍ରସ୍ତୁତ ଅଛି। ଦେଶର ପ୍ରଥମ ରାଜ୍ୟ ଭାବେ ଆମେ ଏଆଇ ନୀତି ଆରମ୍ଭ କରିଛୁ। ଆମେ ମଧ୍ୟ ଆମର ସେମିକଣ୍ଡକ୍‌ଟର ନୀତିକୁ ନବୀକରଣ କରିବୁ। ଆଇଟି କ୍ଷେତ୍ରରେ ଅଧିକ ନିବେଶ ପାଇଁ ଆମେ ନୂଆ ନୀତି ଅନୁସରଣ କରିବାକୁ ଯାଉଛୁ। ଆମର ଯୁବକମାନଙ୍କୁ ଭବିଷ୍ୟତରେ ଏଆଇ ବ୍ୟବହାର ଲାଗି ଦକ୍ଷ କରିବା ସହ ସାଇବର ସୁରକ୍ଷା ଓ ନୂଆ ବୈଷୟିକ ଜ୍ଞାନ କୌଶଳରେ ପ୍ରଶିକ୍ଷତ କରିବୁ। ଭୁବନେଶ୍ୱର, କଟକ, ରାଉରକେଲା, ସମ୍ବଲପୁର ଓ ବ୍ରହ୍ମପୁରରେ ଡିଜିଟାଲ ହବର ପରବର୍ତ୍ତୀର ସୃଷ୍ଟି ହେବ। ଆମର ଦୂରଦୃଷ୍ଟି କେବଳ ଜିଡ଼ିପି ବୃଦ୍ଧି ନୁହେଁ, ଯୁବକଙ୍କୁ ସଶକ୍ତି କରଣ ଓ ସାମଜିକ ନ୍ୟାୟ ଉପରେ ଉର୍ଦ୍ଧ୍ୱଷ୍ଟା ଯେତେବେଳେ ଆପଣମାନେ ଆମ ସହ ଅଛନ୍ତି ଆମେ ନିଶ୍ଚିତ ଭାବିବୁ ଯେ, ଓଡ଼ିଶା ହେଉଛି ଆପଣଙ୍କର ଦ୍ୱିତୀୟ ଘର। ଆମେ ଏକାଠି ହୋଇ ପୂର୍ବ ଭାରତରେ ଓଡ଼ିଶାକୁ ଉଦ୍ୟୋଗିକ ରାଜଧାନୀ କରିବା ଓ ପୂର୍ବୋଦ୍ୱୟର ପ୍ରକୃତ ଲକ୍ଷ୍ୟ ହାସଲ ହୋଇପାରିବ। ଏହି କାର୍ଯ୍ୟକ୍ରମରେ ଇଲୋକେଟ୍ରାନିକ୍ ଓ ବୈଷୟିକ ସୂଚନା ମନ୍ତ୍ରୀ ମୁକେଶ ମହାଲିଙ୍ଗ କହିଥିଲେ ଯେ ଏଆଇ ଓଡ଼ିଶାକୁ ସଶକ୍ତ କରିବା ଲାଗି ପ୍ରମୁଖ ଭୂମିକା ଗ୍ରହଣ କରିବ। ଦୁଇ ଦିନ ଧରି ଚାଲିଥିବା ଏହି କାର୍ଯ୍ୟକ୍ରମରେ ଅନେକ ପ୍ୟାନେଲ ଆଲୋଚନା ହୋଇଥିଲା। ଅନ୍ୟମାନଙ୍କ ମଧ୍ୟରେ ଯାଜପୁର ସାଂସଦ ରବିନ୍ଦ୍ର ବେହେରା, ରାଜ୍ୟସଭା ସାଂସଦ ସୂର୍ଯ୍ୟ କୁମାର, ଶିଳ୍ପ ବିଭାଗ ଅତିରିକ୍ତ ମୁଖ୍ୟ ସଚିବ ହେମନ୍ତ ଶର୍ମା, ଇଆଣ୍ଡ ଆଇଟିର ପ୍ରମୁଖ ସଚିବ ବିଶାଳ ଦେବ ଉପସ୍ଥିତ ଥିଲେ। ଏହି କାର୍ଯ୍ୟକ୍ରମକୁ ଇ ଆଣ୍ଡ ଆଇଟି ବିଭାଗ, ଶିଳ୍ପ ବିଭାଗ, ଓକାକ, ଇପିକଲ ଆଦି ମିଳିତ ଭାବେ ଆୟୋଜନ କରିଥିଲେ।

## ବୋମାମାଡ଼ରେ ଜଳିଗଲା ୪ ବାଇକ୍



ଭୁବନେଶ୍ୱର, (ସବ୍ୟୁ) : ବୋମାମାଡରେ ୪ ବାଇକ୍ ଜଳିଯାଇଥିବା ବେଳେ ଖବର ପାଇ ପୋଲିସ ପହଞ୍ଚି ଅନୁସନ୍ଧାନ ଆରମ୍ଭ କରିଛି । ଭରତପୁର ଥାନା ଅଞ୍ଚଳରେ ଜମିଜମା ବିବାଦରୁ ରବିବାର ସନ୍ଧ୍ୟାରେ ଘନ ଘନ ତିନୋଟି ବୋମାମାଡ ହେଲା । ବୋମାମାଡ ଯୋଗୁ ଚାରୋଟି ଦାମୀ ବାଇକ୍ ଜଳିପୋଡି ଛାରଖାର ହୋଇଯାଇଛି । ଅଭିଯୋଗ ହେବା ପରେ ପୋଲିସ ପହଞ୍ଚିଥିଲେ ମଧ୍ୟ ବୋମାମାଡ କରିଥିବା ଦୁର୍ବୃତ୍ତଙ୍କ ସନ୍ଧାନ ପାଇନାହିଁ । ପୋଡିଯାଇଥିବା ଗାଡିର ମାଲିକଙ୍କ କହିବାନୁଯାୟୀ ଜମି ବିବାଦରୁ ତାଙ୍କ ଶତ୍ରୁପକ୍ଷ ସେମାନଙ୍କ ବାଇକ୍ ଉପରକୁ ବୋମାମାଡ କରି ଖସିଯାଇଛନ୍ତି । ବରିଷ୍ଠ ପୋଲିସ ଅଧିକାରୀ ଭରତପୁର ଥାନା ପୋଲିସ ସାଇଣ୍ଟିଫିକ୍ ଟିମ୍ ସହ ଘଟଣାସ୍ଥଳରେ ପହଞ୍ଚି ଫୁଟିଥିବା ବୋମାର ନମୁନା ପ୍ରଭୃତି ସଂଗ୍ରହ କରି ସୂଚନା ଅନୁଯାୟୀ ଦୁର୍ବୃତ୍ତଙ୍କୁ ଗିରଫ କରିବା ପାଇଁ ଚଢାଉ କରିଛି ।

### ରେଳ ଯାତ୍ରୀଙ୍କ ପାଇଁ ଖୁସି ଖବର

## ଯିବା ଆସିବା ଟିକେଟ୍ ଏକାଥରେ କିଣିଲେ ୨୦% ରିହାତି

ଭୁବନେଶ୍ୱର (ସବ୍ୟୁ): ରେଳ ଯାତ୍ରୀଙ୍କ ପାଇଁ ଖୁସି ଖବର । ଭିଡ଼ ଏବଂ ସୁରକ୍ଷିତ ଯାତ୍ରା ପାଇଁ, ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ଏକ ବଡ଼ ଉପହାର ଦେଇଛନ୍ତି ।

ଯଦି ଯାତ୍ରୀ ଏକାଠି ଯିବା ଏବଂ ଆସିବା ପାଇଁ ଟିକେଟ୍ ବୁକ୍ କରନ୍ତି, ତେବେ ତାଙ୍କୁ ୨୦ ପ୍ରତିଶତ ରିହାତି ଦିଆଯିବ । ଏହି ସମ୍ପର୍କରେ, ରେଳ ମନ୍ତ୍ରଣାଳୟ ଏକ "ରାଉଣ୍ଡ ଟ୍ରିପ୍ ପ୍ୟାକେଜ୍ ଆରମ୍ଭ କରିଛି । ପାର୍ବଣ ଋତୁରେ ଟ୍ରେନରେ ପ୍ରବଳ ଭିଡ଼ ଏବଂ ଟିକେଟ୍ ପାଇଁ ଭିଡ଼କୁ ଏଡାଇବା ପାଇଁ, ଭାରତୀୟ ରେଳବାଇ ଏକ ନୂତନ ଯୋଜନା ଆରମ୍ଭ କରିଛି । ଏହାର ନାମ ହେଉଛି 'ରାଉଣ୍ଡ ଟ୍ରିପ୍ ପ୍ୟାକେଜ୍ ଫର ଫେଷ୍ଟିଭାଲ୍ । ଏହି ଯୋଜନାର ଲକ୍ଷ୍ୟ ହେଉଛି ଭିନ୍ନ ଭିନ୍ନ ଦିନରେ ଭିଡ଼କୁ ବାଣ୍ଟିବା ଏବଂ ଯାତ୍ରୀମାନଙ୍କୁ ଶସ୍ତା ମୂଲ୍ୟରେ ଉଭୟ ଯାତ୍ରା ପାଇଁ ଟିକେଟ୍ ପ୍ରଦାନ କରିବା ଯାହା ଦ୍ୱାରା ଯାତ୍ରା ଆରାମଦାୟକ ଏବଂ ସୁବିଧାଜନକ ହୋଇପାରିବ ।

ରେଳବାଇ ଅନୁଯାୟୀ, ଏହି ଯୋଜନା ଅନୁଯାୟୀ, ଯଦି ଜଣେ ଯାତ୍ରୀ ଏକତ୍ର ଫେରିବା ଯାତ୍ରା ପାଇଁ ଉଭୟ ଟିକେଟ ବୁକ୍ କରନ୍ତି, ତେବେ ଫେରିବା ଯାତ୍ରାର ମୂଳ ଭଡ଼ାରେ ୨୦% ରିହାତି ଦିଆଯିବ । ଏହି ରିହାତି କେବଳ ସେହି ଯାତ୍ରୀମାନଙ୍କୁ ଦିଆଯିବ ଯେଉଁମାନେ ସମାନ ନାମ ଏବଂ ବିବରଣୀ ସହିତ ଆସିବା ଏବଂ ଯିବା ପାଇଁ ଟିକେଟ ବୁକ୍ କରିବେ । ଫେରିବା ଟିକେଟ: ୧୩ ଅକ୍ଟୋବରରୁ ୨୬ ଅକ୍ଟୋବର ୨୦୨୫ ମଧ୍ୟରେ ଯାତ୍ରା ପାଇଁ ହେବା ଉଚିତ । ଯେତେବେଳେ ଫେରିବା ଟିକେଟ ୧୭ ନଭେମ୍ବରରୁ ୧ ଡିସେମ୍ବର ୨୦୨୫ ମଧ୍ୟରେ ଯାତ୍ରା ପାଇଁ ହେବା ଉଚିତ ।

### ପୂର୍ବ ଶତ୍ରୁତାରୁ ଛୁରାମାଡ଼

## ଅଭିଯୁକ୍ତ ଗିରଫ

କଟକ,(ସବ୍ୟୁ): ବିଡ଼ାନାସୀ ଥାନା ଅନ୍ତର୍ଗତ ମୁଣ୍ଡାସାହିରେ ପୂର୍ବଶତ୍ରୁତାକୁ କେନ୍ଦ୍ରକରି ଆଜି ଛୁରାମାଡ଼ ହୋଇଛି । ଜଣେ ମାଛ ବେପାରୀଙ୍କୁ ସ୍ଥାନୀୟ ଅଞ୍ଚଳର ଜଣେ ପରିବା ବ୍ୟବସାୟୀ ଛୁରୀରେ ଆକ୍ରମଣ କରି ଗୁରୁତର କରିଛନ୍ତି । ଏହି ମାଛ ବେପାରୀ ଗୁରୁତର ଆହତ ହୋଇଛନ୍ତି । ତାଙ୍କୁ ପ୍ରଥମେ ସିଟି ହସ୍ପିଟାଲ୍ ପରେ ଏସ୍‌ସିବିରେ ଭର୍ତ୍ତି କରାଯାଇଛି । ଏହି ଘଟଣାରେ ଅଭିଯୁକ୍ତ ମୁଣ୍ଡାସାହିର ନିତ୍ୟାନନ୍ଦ ମଲ୍ଲିକଙ୍କ ପୁଅ ଗୋବିନ୍ଦ ମଲ୍ଲିକ(୨୨)କୁ ପୁଲିସ ଗିରଫ କରିଛି । ଆକ୍ରମଣରେ ବ୍ୟବହାର ହୋଇଥିବା ଛୁରୀକୁ ପୁଲିସ ଜବତ କରିଛି । ଘଟଣାରେ ମାଛ ବ୍ୟବସାୟୀଙ୍କ ପତ୍ନୀ ଆହତ ହୋଇଥିବା ଜଣାପଡ଼ିଛି ।

ପୁଲିସ ସୂଚନା ଅନୁସାରେ, ମୁଣ୍ଡାସାହିର କାହ୍ନୁ ଦଳେଇଙ୍କ ପୁଅ ସୁକଦେବ ଦଳେଇ(୩୫) ମାଛ ବେପାର କରନ୍ତି । ସେହିପରି ଅଭିଯୁକ୍ତ ଗୋବିନ୍ଦ ଜଣେ ପରିବା ବେପାରୀ । ୨ ଜଣ ମୁଣ୍ଡାସାହିରେ ରହୁଥିବାରୁ ଉଭୟଙ୍କ ମଧ୍ୟରେ କୌଣସି କଥାକୁ ନେଇ ବିବାଦ ଥିଲା । ଟଙ୍କା ନେଣଦେଣକୁ ନେଇ ଝଗଡ଼ା ଲାଗି ରହିଥିଲା । ଏହି ବିବାଦକୁ ନେଇ ଗତ ୪ ଦିନ ପୁର୍ବରୁ ଉଭୟଙ୍କ ମଧ୍ୟରେ ପ୍ରବଳ ଗଣ୍ଡଗୋଳ ହୋଇଥିଲା । ପରେ ଏହାର ସମାଧାନ ପାଇଁ ଉଭୟ ପକ୍ଷ ବସି ଆଲୋଚନା କରିଥିଲେ । ହେଲେ ବିବାଦ ତୁଟି ନଥିଲା । ଆଜି ସକାଳ ୬ଟାରେ ଉଭୟ ବେପାର କରିବାକୁ ଯିବା ବେଳେ ନୂଆସାହି ପାଖରେ ଭେଟ ହୋଇଥିଲେ । ଏତିକି ବେଳେ ଦୁହେଁ କଥା କଟାକଟି ହେବାରୁ ଜୋରଦାର ପାଟିତୁଣ୍ଡ ହୋଇଥିଲା । ଖବର ପାଇ ସୁକଦେବଙ୍କ ପତ୍ନୀ ସେଠାରେ ପହଞ୍ଚିଥିଲେ । ୨ଜଣଙ୍କ ମଧ୍ୟରେ ଗଣ୍ଡଗୋଳକୁ ତୁଟାଇବାକୁ ଉଦ୍ୟମ କରିଥିଲେ । ଆଉ ଏତିକି ବେଳେ ଗୋବିନ୍ଦ ପାଖରେ ରଖିଥିବା ଏକ ଛୁରୀକୁ ବାହାର କରି ସୁକଦେବଙ୍କୁ ଆକ୍ରମଣ କରିଥିଲା । ଏଥିରେ ସୁକଦେବଙ୍କ ବେକ, ହାତ, ପିଠି ଓ ଛାତିରେ ଛୁରୀ ଆଘାତ ଲାଗିଥିଲା । ସେ ଗୁରୁତର ହୋଇ ତଳେ ପଡ଼ିଯାଇଥିଲା । ଗୋବିନ୍ଦଙ୍କୁ ଅଟକାଇବାକୁ ଚେଷ୍ଟା କଲା ବେଳେ ସୁକଦେବଙ୍କ ପତ୍ନୀଙ୍କ ହାତରେ ମଧ୍ୟ ସାମାନ୍ୟ ଆଘାତ ଲାଗିଛି । ଘଟଣା ପରେ ଖବର ପାଇ ପୁଲିସ ପହଞ୍ଚି ଆହତ ସୁକଦେବଙ୍କୁ ପ୍ରଥମେ ସିଟି ହସ୍ପିଟାଲ୍ ଓ ପରେ ଏସ୍‌ସିବିରେ ଭର୍ତ୍ତି କରାଯାଇଛି । ସେଠାରେ ତାର ଚିକିତ୍ସା ଜାରି ରହିଛି । ଅନ୍ୟପଟେ ସୁକଦେବଙ୍କ ପତ୍ନୀ ଦେଇଥିବା ଏତଲା ଅନୁସାରେ ଗୋବିନ୍ଦକୁ ପୁଲିସ ଗିରଫ କରି କୋର୍ଟ ଚାଲାଣ କରିଥିବା ଥାନା ଅଧିକାରୀ ଅସିତ ବଳବନ୍ତରାୟ ସୂଚନା ଦେଇଛନ୍ତି ।



## ପୁରୀ ବେଳାଭୂମିରେ ବାଲୁକା କଳା ମାଧ୍ୟମରେ

# ଘରେ ଘରେ ତ୍ରିରଙ୍ଗା ଅଭିଯାନର ବାର୍ତ୍ତା ଦେଲେ ଶିଳ୍ପୀ ସୁଦର୍ଶନ ପଟ୍ଟନାୟକ




ପୁରୀ, (ସବ୍ୟୁ): ଦେଶ ୭୯ତମ ସ୍ୱାଧୀନତା ଦିବସ ପାଳନ କରିବାକୁ ପ୍ରସ୍ତୁତ ହେଉଛି । ଏହି ପରିପ୍ରେକ୍ଷୀରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଆହ୍ୱାନକ୍ରମେ ୨ରୁ ୧୫ ଅଗଷ୍ଟ ପର୍ଯ୍ୟନ୍ତ ଘରେ ଘରେ ତ୍ରିରଙ୍ଗା ଅଭିଯାନ ଦେଶବ୍ୟାପୀ ଆୟୋଜିତ ହେଉଛି । ପୁରୀ ବେଳାଭୂମିରେ ପଦ୍ମଶ୍ରୀ ପୁରସ୍କାରପ୍ରାପ୍ତ ଅନ୍ତର୍ଜାତୀୟ ଖ୍ୟାତିସମ୍ପନ୍ନ ବାଲୁକା ଶିଳ୍ପୀ ସୁଦର୍ଶନ ପଟ୍ଟନାୟକ ଘରେ ଘରେ ତ୍ରିରଙ୍ଗା ବାର୍ତ୍ତା ଉପରେ ଆଧାରିତ ଏକ ଚିତ୍ତାକର୍ଷକ ବାଲୁକା କଳାକୃତି ନିର୍ମାଣ କରିଛନ୍ତି। ଏହି ବାଲୁକା କଳାରେ ତ୍ରିରଙ୍ଗାକୁ ସମ୍ମାନ ଦେବା ଏବଂ ଏକତା ଓ ଦେଶପ୍ରେମର ନୂତନ ଭାବନାକୁ ପ୍ରସାର କରିବା ପାଇଁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଦ୍ୱାରା ଦିଆଯାଇଥିବା ଆହ୍ୱାନ ପ୍ରତିଫଳିତ ହୋଇଛି । ଭାରତୀୟ ଜାତୀୟ ପତାକା ଓ ଜାତୀୟ ଗର୍ବର ପ୍ରତୀକାତ୍ମକ ଉପାଦାନଗୁଡ଼ିକୁ ଚିତ୍ରଣ କରୁଥିବା ଏହି ବାଲୁକା କଳା ନାଗରିକମାନଙ୍କୁ ସେମାନଙ୍କ ଘରେ ତିରଙ୍ଗା ଉତ୍ତୋଳନ କରିବା ଏବଂ ଘରେ ଘରେ ତ୍ରିରଙ୍ଗା ଅଭିଯାନରେ ପୂର୍ଣ୍ଣପ୍ରାଣରେ ଅଂଶଗ୍ରହଣ କରିବାକୁ ବାର୍ତ୍ତା ଦେଉଛି। ନିଜର କଳାକୃତି ମାଧ୍ୟମରେ ଶ୍ରୀ ପଟ୍ଟନାୟକ ଭାରତର ସ୍ୱାଧୀନତା ସଂଗ୍ରାମୀମାନଙ୍କ ବଳିଦାନକୁ ସମ୍ମାନ ଜଣାଇବା ଏବଂ ଏକ ସାର୍ବଭୌମ ରାଷ୍ଟ୍ରର ସଫଳତାକୁ ପାଳନ କରିବାରେ ସାମୂହିକ ଅଂଶଗ୍ରହଣକୁ ପ୍ରୋତ୍ସାହିତ କରିବାକୁ ଚେଷ୍ଟା କରିଛନ୍ତି।

ସୁଦର୍ଶନ ପଟ୍ଟନାୟକ କହିଛନ୍ତି, ତ୍ରିରଙ୍ଗା କେବଳ ଏକ ପତାକା ନୁହେଁ, ଏହା ଆମର ପରିଚୟ। ଏହା ଆମ ଏକତା ଏବଂ ଗର୍ବର ପ୍ରତୀକ। ଏହି ବାଲୁକା କଳା ମାଧ୍ୟମରେ ମୁଁ ପ୍ରତ୍ୟେକ ଭାରତୀୟଙ୍କୁ ଘରେ ଘରେ ତ୍ରିରଙ୍ଗା ଆନ୍ଦୋଳନରେ ଯୋଗଦେବା ଏବଂ ଏକତା ଭାବନା ନେଇ ସ୍ୱାଧୀନତା ଦିବସ ପାଳନ କରିବାକୁ ଉତ୍ସାହିତ କରିବାକୁ ଚାହୁଁଛି। ଏହି ଅବସରରେ, ଅନେକ ପର୍ଯ୍ୟଟକ, ବେଳାଭୂମି ଜୀବନରକ୍ଷକ, ବିକ୍ରେତା ଏବଂ ସ୍ଥାନୀୟ ବାସିନ୍ଦା ବାଲୁକା କଳାକୃତି ଚାରିପାଖରେ ଏକତ୍ରିତ ହୋଇ ଗର୍ବର ସହିତ ଜାତୀୟ ପତାକା ଧରି ଘରେ ଘରେ ତ୍ରିରଙ୍ଗାର ସ୍ଲୋଗାନ ଦେଇଥିଲେ। ସମାଜର ବିଭିନ୍ନ ବର୍ଗର ଲୋକମାନେ ଦେଶ ପ୍ରତି ସେମାନଙ୍କର ପ୍ରେମ ଓ ସମ୍ମାନ ପ୍ରଦର୍ଶନ କରିବା ପାଇଁ ଏଠାରେ ଏକାଠି ହୋଇଥିଲେ। ଏହି କଳାକୃତିର ପ୍ରଭାବଶାଳୀ ବାର୍ତ୍ତା ଏବଂ ନିଖୁଣ କାରୁକାର୍ଯ୍ୟକୁ ଦେଖଣାହାରୀ ଏବଂ ସୋସିଆଲ ମିଡିଆ ବ୍ୟବହାରକାରୀ ଉଚ୍ଚପ୍ରଶଂସା କରିଛନ୍ତି ।



କଳିଙ୍ଗ ନାଟ୍ୟ ସଂଘ ପକ୍ଷରୁ ବିଜୁ ନାଟ୍ୟ କେନ୍ଦ୍ରରେ ଓଡ଼ିଆ ନାଟକରେ ଆମେ କେଉଁଠି ଶୀର୍ଷକ ଆଲୋଚନା ଚକ୍ର

# ବରମୁଣ୍ଡାରେ ମେୟର କଲେ ଗଣ ସଫେଇ

ଭୁବନେଶ୍ୱର(ସବ୍ୟୁ): ବିଏମସି ଅଞ୍ଚଳରେ ରବିବାର ସକାଳୁ ଆରମ୍ଭ ହୋଇଛି ଗଣ ସଫେଇ କାର୍ଯ୍ୟକ୍ରମ । ଗଣ ସଫେଇ ସାଙ୍ଗକୁ ଡାଳ କାଟିବା, ଲାଇଟ ମରାମତି, ମଶା ଲାର୍ଭା ନଷ୍ଟ କରିବା, ବୁଶ୍ କଟିଙ୍ଗ ଇତ୍ୟାଦି ସାମଗ୍ରିକ କାର୍ଯ୍ୟ ବିଏମ୍‌ସିର ୱାର୍ଡ ୫୦ ଅନ୍ତର୍ଗତ ବରମୁଣ୍ଡା ଅଞ୍ଚଳରେ ଅନୁଷ୍ଠିତ ହୋଇଯାଇଛି ।

ଏହି କାର୍ଯ୍ୟକ୍ରମରେ ମେୟର ସୁଲୋଚନା ଦାସ, ଷ୍ଟାଣ୍ଡିଂ କମିଟି ଅଧ୍ୟକ୍ଷ ବିରଞ୍ଚି ନାରାୟଣ ମହାସୁପକାର, ରାମ ଚନ୍ଦ୍ର ରଣସିଂହ ଏବଂ ଦୀପକ ମିଶ୍ର ସମେତ ଯୋଗଦେଇ କାର୍ଯ୍ୟକ୍ରମକୁ ଆଗେଇ ନେଇଥିଲେ । ଏହି ଅଭିଯାନକୁ ଅଧିକ ଲୋକାଭିମୁଖୀ କରିବା ପାଇଁ ମେୟର ନିବେଦନ କରିଛନ୍ତି । ତେବେ ଏ ପ୍ରକାରର ନୂତନ ଗଣ ସଫେଇ ଆମକୁ ଉତ୍ସାହିତ କରିଛି ବୋଲି ସ୍ଥାନୀୟ ନାଗରିକମାନେ କହିଛନ୍ତି ।



ହର ଘର ତ୍ରିରଙ୍ଗା ହର ଘର ସ୍ୱଚ୍ଛତା ବାର୍ତ୍ତାର ବାହକ ହେଉ ଏହି ଅଭିଯାନ ବୋଲି ମେୟର କହିଛନ୍ତି । ତେବେ ଆଜିର କାର୍ଯ୍ୟକ୍ରମରେ ବରମୁଣ୍ଡା ଅଞ୍ଚଳର ଚାରୋଟି ରାସ୍ତା ଯାହାକି ଆପିକଲ୍ ଛକଠାରୁ ନିଳକଣ୍ଠେଶ୍ୱର ମନ୍ଦିର, ନିଳକଣ୍ଠେଶ୍ୱର ଠାରୁ ସିଦ୍ଧି ବିହାର ଛକ, ନିଳକଣ୍ଠେଶ୍ୱର ଠାରୁ ନରୁଲା ସୁଇଟ୍ସ, ଆପିକଲ ଛକରୁ ରମାମଣି ପେଟ୍ରୋଲ ପମ୍ପ ଇତ୍ୟାଦି ରାସ୍ତା ଗୁଡିକର ସମ୍ପୂର୍ଣ୍ଣ ସଫେଇ କରାଯାଇଛି । କମିଶନର ଚଞ୍ଚଳ ରାଣାଙ୍କ ନିର୍ଦ୍ଦେଶକ୍ରମେ ଘରେ ଘରେ ତ୍ରିରଙ୍ଗା ଘରେ ଘରେ ସ୍ୱଚ୍ଛତାର ବାର୍ତ୍ତା ପହଞ୍ଚାଇ କାର୍ଯ୍ୟକ୍ରମକୁ ପ୍ରତ୍ୟେକ ରବିବାର କରାଯିବ । ଏହାକୁ ଭିତ୍ତିକରି ବିଏମ୍‌ସି ଅଞ୍ଚଳର ସାମଗ୍ରିକ ବିକାଶକୁ ଜନ ସହଯୋଗ ମାଧ୍ୟମରେ ତ୍ୱରାନ୍ୱିତ କରାଯିବାର ଲକ୍ଷ୍ୟ ରଖାଯାଇଛି । ଆଜିର କାର୍ଯ୍ୟକ୍ରମକୁ ଆଗେଇ ନେବାରେ ୨୦୦ରୁ ଅଧିକ ସ୍ୱଚ୍ଛ କର୍ମୀ ଓ ସ୍ୱଚ୍ଛ ସାଥି, ଜାଗୃତି, ବିକାଶ ସଂଗଠନର କର୍ମୀ ଓ ବିଏମ୍‌ସି ମିଳିତ ପ୍ରୟାସ କରିଥିଲେ । ବିଏମସି ଅତିରିକ୍ତ କମିଶନର ରନିକର ସାହୁ ଓ କୈଳାଶ ଚନ୍ଦ୍ର ଦାସ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ।




ଏଥେନା ପ୍ରକାଶନ ପକ୍ଷରୁ ବିଶିଷ୍ଟ କବି ଡ଼ଃ ରବିନାରାୟଣ ସେନାପତିଙ୍କ 'ଗଦ୍ୟ ସମ୍ଭାର' ପୁସ୍ତକର ଉନ୍ମୋଚନ ଉତ୍ସବରେ ଲେଖକଙ୍କ ସମେତ ଅଧ୍ୟାପକ ବିଶ୍ୱରଞ୍ଜନ, ପ୍ରଫେସର ବିଜୟ କୁମାର ଶତପଥୀ, ଡ଼ଃ ବାସନ୍ତୀ ମହାନ୍ତି ଓ ମନୋଜ ମହାପାତ୍ର

# ୪୫ ନମ୍ବର ୱାର୍ଡ ଅଫିସ୍‌କୁ ଢେଲାମାଡ

ଭୁବନେଶ୍ୱର, (ସବ୍ୟୁ) : ୪୫ ନମ୍ବର ୱାର୍ଡ ଅଫିସ୍‌କୁ ଶନିବାର ରାତିରେ କେହି ଦୁର୍ବୃତ୍ତ ଢେଲାମାଡ କରି କାଚ କବାଟ ପ୍ରଭୃତି ଭାଙ୍ଗିରୁଜି ଦେଇଛନ୍ତି । କ'ଣ ପାଇଁ କିଏ ଢେଲାମାଡ କରିଛନ୍ତି, ତାହା ଜଣାପଡିନଥିବା ବେଳେ ପୋଲିସ ତଦନ୍ତ କରୁଛି ।

ଓ୍ୱାର୍ଡର କର୍ପୋରେଟର ଅମରେଶ ଜେନା ଗିରଫ ହୋଇ ଜେଲ୍ ଯିବା ପରେ ୱାର୍ଡ ଅଫିସ୍ କିଛିଦିନ ହେବ ବନ୍ଦ ରହିଛି । ଓ୍ୱାର୍ଡ ଅଫିସ୍ ବିଏମ୍‌ସି ପକ୍ଷରୁ ହୋଇଥିଲେ ମଧ୍ୟ କର୍ପୋରେଟର ଗିରଫ ହେବା ପରେ ତାହା ବନ୍ଦ ରହିଛି । କେହି ନିଶାଡି ଏଭଳି କରିଛନ୍ତି, ନା ଉଦ୍ଦେଶ୍ୟମୂଳକ ଭାବେ ଭଙ୍ଗାରୁଜା ହୋଇଛି ତାହା ଜଣାପଡିନାହିଁ । ପୋଲିସ ନିକଟସ୍ଥ ସିସି କ୍ୟାମେରାକୁ ଯାଞ୍ଚ କରୁଛି । ତଦନ୍ତ ଆଗକୁ ବଢିଲେ କିଏ କାହିଁକି ଢେଲାମାଡ କରି ଭଙ୍ଗାରୁଜା କଲେ ତାହା ଜଣାପଡିବ ।

## ଓଡ଼ିଶା ସାଂସଦଙ୍କ ସହିତ ସିଆଇଆଇର ଆଲୋଚନା ଅଧିବେଶନ

# ସାମାଜିକ-ଆର୍ଥିକ ଅଭିବୃଦ୍ଧିକୁ ଆଗକୁ ବଢ଼ାଇବା ଉପରେ ଗୁରୁତ୍ୱାରୋପ

ଭୁବନେଶ୍ୱର (ସବ୍ୟୁ), ଭାରତୀୟ ଶିଳ୍ପ ମହାସଂଘ (ସିଆଇଆଇ) ଓଡ଼ିଶା, ଓଡ଼ିଶାର ସାଂସଦଙ୍କ ସହିତ ଏକ ପାରସ୍ପରିକ ଆଲୋଚନା ଅଧିବେଶନର ଆୟୋଜନ କରିଥିଲା, ଯେଉଁଥିରେ ସିଆଇଆଇ ଓଡ଼ିଶା ରାଜ୍ୟ ପରିଷଦର ସଦସ୍ୟଙ୍କ ସହିତ ରାଜ୍ୟର ବିଭିନ୍ନ ନିର୍ବାଚନମଣ୍ଡଳୀରୁ ପ୍ରତିନିଧିତ୍ୱ କରୁଥିବା ୧୪ ଜଣ ସାଂସଦ ଅଂଶଗ୍ରହଣ କରିଥିଲେ। ଏହି ଅଧିବେଶନରେ ଶିଳ୍ପ ଏବଂ ସରକାରୀ ସହଯୋଗ ମାଧ୍ୟମରେ ଓଡ଼ିଶାର ସାମାଜିକ-ଆର୍ଥିକ ଅଭିବୃଦ୍ଧିକୁ ଆଗକୁ ବଢ଼ାଇବା ଉପରେ ଗୁରୁତ୍ୱାରୋପ କରାଯାଇଥିଲା।

ଆଲୋଚନାରେ ଚାରୋଟି ପ୍ରମୁଖ ପ୍ରାଥମିକତା ଉପରେ ଆଲୋକପାତ କରାଯାଇଥିଲା - ଐତିହ୍ୟ ଏବଂ ପ୍ରାକୃତିକ ସମ୍ପତ୍ତିର ଉପଯୋଗ କରି ପର୍ଯ୍ୟଟନକୁ ବୃଦ୍ଧି କରିବା, ମୂଲ୍ୟ ଯୁକ୍ତ ଅଭିବୃଦ୍ଧି ଏବଂ ଗ୍ରାମୀଣ ଆୟ ବୃଦ୍ଧି ପାଇଁ କୃଷିଭିତ୍ତିକ ଶିଳ୍ପକୁ ପ୍ରୋତ୍ସାହିତ କରିବା, ଅର୍ଥ ଏବଂ ପ୍ରଯୁକ୍ତିବିଦ୍ୟା ପ୍ରବେଶ ମାଧ୍ୟମରେ ଏମଏସଏମଇ ଗୁଡ଼ିକୁ ସମର୍ଥନ କରିବା, ନିବେଶ ସୁଯୋଗ ସୃଷ୍ଟି କରିବା ଏବଂ ସନ୍ତୁଳିତ ଆଞ୍ଚଳିକ ଅଭିବୃଦ୍ଧିକୁ ଆଗେଇ ନେବା ପାଇଁ ଜିଲ୍ଲାଭିତ୍ତିକ ଶିଳ୍ପ ସମ୍ଭାବନାର ନକ୍ସା ପ୍ରସ୍ତୁତ କରିବା।

ଆଲୋଚନାରେ ସରକାର, ଶିଳ୍ପ ଏବଂ ସ୍ଥାନୀୟ ସମ୍ପ୍ରଦାୟ ମଧ୍ୟରେ ସମନ୍ୱିତ ପ୍ରୟାସର ଆବଶ୍ୟକତା ଉପରେ ଗୁରୁତ୍ୱାରୋପ କରାଯାଇଥିଲା। ବୈଠକରେ ସାଂସଦ, ସିଆଇଆଇ ଓଡ଼ିଶା ରାଜ୍ୟ ପରିଷଦ ସଦସ୍ୟ ଏବଂ ବରିଷ୍ଠ ଶିଳ୍ପ ମୁଖ୍ୟଙ୍କ ସକ୍ରିୟ ଯୋଗଦାନ ଦେଖିବାକୁ ମିଳିଥିଲା ଏବଂ ଅଧିବେଶନକୁ ସିଆଇଆଇ ଓଡ଼ିଶା ରାଜ୍ୟ ପରିଷଦର ଅଧ୍ୟକ୍ଷ ସୁନୀଲ ଗୁପ୍ତା ପରିଚାଳନା




କରିଥିଲେ। ଓଡ଼ିଶାର ଅର୍ଥନୈତିକ ପ୍ରାଥମିକତାକୁ ତ୍ୱରାନ୍ୱିତ କରିବା ଏବଂ ଏକ ସହାୟକ ନିବେଶ ପରିବେଶକୁ ପ୍ରୋତ୍ସାହିତ କରିବା ପାଇଁ ନୀତି ନିର୍ଦ୍ଧାରକମାନଙ୍କ ସହିତ ଘନିଷ୍ଠ ଭାବରେ କାର୍ଯ୍ୟ କରିବାକୁ ସିଆଇଆଇ ଏହାର ପ୍ରତିବଦ୍ଧତାକୁ ପୁନଃ ଦୋହରାଇଛି ।

## ଆଦି କର୍ମଯୋଗୀ ଅଭିଯାନ'ର ସମୀକ୍ଷା

# ବିଭିନ୍ନ ବିଭାଗର ସମନ୍ୱୟ, ସହଯୋଗିତା ରଖିବାକୁ ପରାମର୍ଶ

ଭୁବନେଶ୍ୱର(ସବ୍ୟୁ): ଜନଜାତିଙ୍କ ପାଇଁ ଉଦ୍ଦିଷ୍ଟ କଲ୍ୟାଣକାରୀ ଯୋଜନା ଓ କାର୍ଯ୍ୟକ୍ରମଗୁଡ଼ିକୁ ତୃଣମୂଳସ୍ତରରେ ଅଧିକ ପ୍ରଭାବୀ ଓ ଫଳପ୍ରଦ କରିବା ପାଇଁ ଭାରତ ସରକାରଙ୍କ ଜନଜାତୀୟ କାର୍ଯ୍ୟ ମନ୍ତ୍ରାଳୟ ତରଫରୁ ନିଆଯାଇଥିବା "ଆଦି କର୍ମଯୋଗୀ ଅଭିଯାନ'ପଦକ୍ଷେପର ସଫଳ ରୂପାୟନ ସମ୍ପର୍କିତ ଏକ ବୈଠକ ଶୁକ୍ରବାର ମୁଖ୍ୟ ଶାସନ ସଚିବ ମନୋଜ ଆହୁଜାଙ୍କ ଅଧ୍ୟକ୍ଷତାରେ ଲୋକସେବା ଭବନସ୍ଥିତ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି । ଏହି ଅଭିଯାନରେ ଓଡ଼ିଶା ସରକାରଙ୍କ ସଂପୃକ୍ତ ବିଭିନ୍ନ ବିଭାଗର ସହଯୋଗିତା ଓ ସମନ୍ୱୟ ସଂପର୍କରେ ବିସ୍ତୃତ ଆଲୋଚନା କରାଯାଇଥିଲା ।

ଜନଜାତିମାନଙ୍କ ପାଇଁ ବିଭିନ୍ନ ଯୋଜନା ଓ କାର୍ଯ୍ୟକ୍ରମ ଜରିଆରେ କାର୍ଯ୍ୟକାରୀ କରାଯାଉଥିବା ବାସଗୃହ, ରାସ୍ତା, ଶିକ୍ଷା, ସ୍ୱାସ୍ଥ୍ୟ, ଜୀବିକା ନିର୍ବାହ ଆଦି ଗୁରୁତ୍ୱପୂର୍ଣ୍ଣ ସୁବିଧା ଶତପ୍ରତିଶତ କାର୍ଯ୍ୟକାରୀ ହେବ । ଏଥିପାଇଁ ପ୍ରତି ଗ୍ରାମରେ ଚୟନ କରାଯାଇଥିବା ବିଭିନ୍ନ ବର୍ଗର ଜନସାଧାରଣଙ୍କୁ ସ୍ୱତନ୍ତ୍ର ପ୍ରଶିକ୍ଷଣ ଦିଆଯାଇ ଲକ୍ଷ୍ୟ ହାସଲ ପାଇଁ ପ୍ରୟାସ କରାଯିବ । ଏହାକୁ ସଫଳ କରିବା ପାଇଁ ଜନଜାତି କଲ୍ୟାଣ ବିଭାଗ ଏବଂ ସଂପୃକ୍ତ ବିଭିନ୍ନ ସହଯୋଗୀ ବିଭାଗ ଅଧିକାରୀଙ୍କ ପାଇଁ ପ୍ରଶିକ୍ଷଣ ସହ ରାଜ୍ୟସ୍ତରରେ, ଜିଲ୍ଲା ଓ ବ୍ଲକସ୍ତରୀୟ ମାଷ୍ଟର ଟ୍ରେନରଙ୍କ ପାଇଁ ପ୍ରଶିକ୍ଷଣ ବ୍ୟବସ୍ଥା ପୂର୍ବକ ଏହାକୁ କାର୍ଯ୍ୟକାରୀ କରାଯାଉଛି । ଗ୍ରାମସ୍ତରରେ ବ୍ଲକ ମାଷ୍ଟର ଟ୍ରେନରମାନେ ପ୍ରତି ଜନଜାତି ଗ୍ରାମରେ ଥିବା ସରକାରୀ କର୍ମଚାରୀ, ପଞ୍ଚାୟତି ରାଜ ପ୍ରତିନିଧି, ଶିକ୍ଷକ, ଡାକ୍ତର, ଅଙ୍ଗନବାଡି କର୍ମୀ, ସ୍ୱୟଂ ସହାୟିକା ଗୋଷ୍ଠୀ ସଦସ୍ୟା, ଯୁବ ସ୍ୱେଚ୍ଛାସେବୀ, ସ୍ଥାନୀୟ ବରିଷ୍ଠ ନେତୃବୃନ୍ଦ ଆଦି ୨୦ ଜଣଙ୍କୁ ସାମିଲ କରି ଏକ ପ୍ରଶିକ୍ଷିତ ଗ୍ରାମ୍ୟ ଟିମ୍ ବା କ୍ୟାଡର ଗଠନ କରିବେ । ଯେଉଁମାନେ କି ଜନଜାତି ଅଞ୍ଚଳର ବିକାଶ ପାଇଁ ପ୍ରମୁଖ ଭୂମିକା ନିର୍ବାହ କରିବେ । ପ୍ରଥମ ପର୍ଯ୍ୟାୟରେ ଓଡ଼ିଶାରେ ଚିହ୍ନଟ ହୋଇଥିବା ୨୨ ଟି ଜିଲ୍ଲାର ୨୧୩ ବ୍ଲକରେ ୭୬୨୩ ଜନଜାତି ଗ୍ରାମକୁ ଏହି ଅଭିଯାନରେ ସାମିଲ କରାଯାଇଛି । ଏଥିପାଇଁ ଜନଜାତି ଅଧ୍ୟୁଷିତ ପ୍ରତି ଗ୍ରାମରେ ୨୦ ଜଣଙ୍କୁ ସଚେତନ କରାଯିବ । ଯେଉଁମାନେ କ୍ଷେତ୍ରସ୍ତରରେ କାର୍ଯ୍ୟକାରୀ ହେଉଥିବା ବିଭିନ୍ନ ସରକାରୀ ଯୋଜନାକୁ କାର୍ଯ୍ୟକାରିତା ଏବଂ ଗ୍ରାମୀଣ ସର୍ବାଙ୍ଗୀନ ଉନ୍ନତିରେ ସହାୟକ ହେବେ ।

ବୈଠକରେ ରାଜ୍ୟ ଅନୁସୂଚିତ ଜନଜାତି, ଅନୁସୂଚିତ ଜାତି ଉନ୍ନୟନ, ସଂଖ୍ୟାଲଘୁ ଓ ପଛୁଆ ବର୍ଗ କଲ୍ୟାଣ ବିଭାଗ କମିଶନର ତଥା ଶାସନ ସଚିବ ବି.ପରମେଶ୍ୱରନ ଆଦି କର୍ମଯୋଗୀ ଅଭିଯାନ' ର ଲକ୍ଷ୍ୟ ଓ ଉଦ୍ଦେଶ୍ୟ ସଂପର୍କରେ ଆଲୋକପାତ କରିଥିଲେ ।

## ହଜାର କୋଟିର ଜରିମାନା ଆଦାୟ ହୋଇପାରୁନି

# ଅସହାୟ ଏସ୍‌ଟିଏ : ଚାଲାଣ କଟିଥିବା ଗାଡି ଏବେ ବି ଗଡୁଛି ରାସ୍ତାରେ

କଟକ(ସବ୍ୟୁ): ଥରେ କି ଦୁଇଥର ନୁହେଁ ପ୍ରାୟ ଦୁଇଶହ ଥର ଗୋଟେ ଗୋଟେ ଗାଡ଼ି ଉପରେ ଚାଲାଣ କଟିଛି। ତଥାପି ଗାଡ଼ି ମାଲିକଙ୍କ ନିଦ ଭାଙ୍ଗୁନି । ନିର୍ଭୟରେ ସେମାନେ ରାସ୍ତାରେ ଗାଡ଼ି ଗଡ଼ାଇ ଚାଲିଛନ୍ତି । ନା ଆଇନକୁ ଭୟ ଅଛି ନା କାର୍ଯ୍ୟାନୁଷ୍ଠାନକୁ । ଜରିମାନାକୁ ଫୁଁରେ ଉଡ଼ାଇ ଦେଉଛନ୍ତି ଏହିଭଳି ଅମାନିଆ ଗାଡ଼ି ମାଲିକମାନେ । ଅସହାୟ ହୋଇ ବସିରହିଛି ପରିବହନ ପ୍ରାଧିକରଣ। ଯଦି କୌଣସି ଗାଡ଼ି ବିନା ପରମିଟ୍, ବିନା ଫିଟ୍‌ନେସ୍ କିମ୍ବା ଇନସ୍ୟୁରାନ୍ସ, ଟ୍ୟାକ୍ସ ଆଦି ନଦେଇ ଗାଡ଼ି ଚଲାଉଥିବେ ସେମାନଙ୍କ ବିରୋଧରେ ଚାଲଣ ବା ଭିସିଆର କଟାଯାଇଥାଏ । ପୂର୍ବରୁ ବିଭିନ୍ନ ସ୍ଥାନରେ ଚେକିଙ୍ଗ ବେଳେ ହାବୁଡ଼ରେ ପଡୁଥିବା ଗାଡ଼ି ଗୁଡ଼ିକ ଉପରେ ପରିବହନ ନିୟମ ଉଲଂଘନ ଅନୁଯାୟୀ ଚାଲାଣ କଟଯାଉଥିଲା । ପୂର୍ବରୁ ଏହି ବ୍ୟବସ୍ଥା ଅଫ୍‌ଲାଇନ୍ ଥିଲା। ଏବେ ଅନ୍‌ଲାଇନ୍ ବ୍ୟବସ୍ଥା ଲାଗୁ ହୋଇଛି। ଇତିମଧ୍ୟରେ ଓଡ଼ିଶାରେ ବିଭିନ୍ନ ଗାଡ଼ି ଉପରେ ଉଭୟ ଅଫ୍ଲାଇନ ଏବଂ ଅନ୍‌ଲାଇନ୍‌ରେ ଏହି ଭଳି – ଭାବେ ୫୨ ଲକ୍ଷ ଚାଲାଣ କଟି ସାରିଲାଣି। ଏ ବାବଦରେ ଗାଡ଼ି ମାଲିକଙ୍କ ଉପରେ ପ୍ରାୟ ୧ହଜାର କୋଟି ଟଙ୍କାର ଜରିମାନା ଅର୍ଥ ବର୍ଷବର୍ଷ ଧରି ଗଡ଼ି ଆସୁଛି। ରାଜ୍ୟରେ ବିଭିନ୍ନ ଟୋଲ୍‌ଗେଟ୍‌ରେ ଇ-ଡିଟେକ୍ସନ୍ ଲାଗୁ ହେବାପରେ ଏହିଭଳି ଗାଡ଼ି ଗୁଡ଼ିକ ଅଧିକରୁ ଅଧିକ ପରିବହନ ବିଭାଗ ହାବୁଡ଼ରେ ପଡ଼ିଲେ । ଏହି ଇ-ଡିଟେକ୍ସନ ଜରିଆରେ କୌଣସି ଗାଡ଼ି ଗେଲ୍‌ଗେଟ୍‌ରେ ଅତିକ୍ରମ କରୁଥିଲାବେଳେ ତାହାର ସବିଶେଷ ସୂଚନା ପରିବହନ ବିଭାଗ ଦ୍ୱାରା ପରିଚାଳିତ ବାହାନ ପୋର୍ଟାଲକୁ ଚାଲିଆସେ । ବାହାନ ପୋର୍ଟାଲରେ ଉକ୍ତ ଗାଡ଼ିର ନମ୍ବରରୁ ତାହାର ପରମିଟ୍, ଫିଟ୍‌ନେସ୍ ଆଦି ଅଛି କି' ନାହିଁ ତାହା ଜଣାପଡ଼ିଯାଏ। ଯେଉଁ ଗାଡ଼ି ଯେଉଁ ନିୟମର ଉଲଂଘନ କରିଥାଏ ସେହି ଆଧାରରେ ଗାଡ଼ି ମାଲିକଙ୍କୁ ବାହାନ ପୋର୍ଟାଲରେ ଥିବା ନମ୍ବରରେ ମେସେଜ୍ ଦିଆଯାଇଥାଏ । ଦିନକୁ ଗୋଟେ ଗାଡ଼ି ଉପରେ ଥରକ ପାଇଁ ନୋଟିସ୍ ପଠାଯାଇଥାଏ ।ରାଜ୍ୟ ପରିବହନ ପ୍ରାଧିକରଣ ସୂତ୍ରରୁ ମିଳିଥିବା ସୂଚନା ଅନୁସାରେ, ଗୋଟେ ଗୋଟେ ଗାଡ଼ି ଉପରେ ୧୯୨ ଥର ମଧ୍ୟ ଚାଲାଣ କରିଛି। ପ୍ରାୟ ୫ଶହରୁ ଅଧିକ ଗାଡ଼ି ରହିଛି ଯେଉଁମାନଙ୍କ ଉପରେ ଶହେରୁ ଦେଢ଼ଶହ ଥର ପର୍ଯ୍ୟନ୍ତ ଚାଲାଣ କଟିଛି। ଏଭଳି ହେବା ପଛର କାରଣ ସମ୍ପର୍କରେ ଏସ୍‌ଟିଏର ଜଣେ ବରିଷ୍ଠ ଅଧିକାରୀ କହିଛନ୍ତି ଯେ, ଟୋଲଗେଟ୍‌ରେ ଲାଗିଥିବା ଇ-ଡିଟେକ୍ସନ ଯୋଗୁ ଏହି ନିୟମ ଉଲଂଘନକାରୀ ଗାଡ଼ିଗୁଡ଼ିକ ଧରା ପଡ଼ିଯାଉଛନ୍ତି। ଯେତେଥର ସେମାନେ ଏହି ଟୋଲ୍‌ଗେଟ୍ ଅତିକ୍ରମ କରୁଛନ୍ତି ସେତେଥର ସେମାନଙ୍କ ଉପରେ ଚାଲାଣ କଟାଯାଉଛି । ଅବଶ୍ୟ ଦିନକୁ ଥରେ ଗୋଟେ ଗାଡ଼ି ଉପରେ ଚାଲାଣ କଟିବାର ନିୟମ ରହିଛି। କିନ୍ତୁ ଚାଲାଣ କଟୁଥିଲେ ମଧ୍ୟ ତୁରନ୍ତ ଗାଡ଼ି ମାଲିକଙ୍କ ବିରୋଧରେ କୌଣସି କାର୍ଯ୍ୟାନୁଷ୍ଠାନ ନିଆଯାଉନଥିବାରୁ ଗାଡ଼ି ମାଲିକମାନେ ଏହି ଚାଲାଣକୁ ଭ୍ରୂକ୍ଷେପ କରୁନାହାନ୍ତି । ଚାଲାଣ ହେଉଥାଏ, ଦେଖାଯିବ ଏଭଳି ଏକ ମାନସିକତା ସାଧାରଣ ଲୋକଙ୍କ ମଧ୍ୟରେ ଘର କରିଗଲାଣି । ଅପରପକ୍ଷରେ କେତେକ କ୍ଷେତ୍ରରେ ଏହି ମାମଲାକୁ କୋର୍ଟକୁ ମଧ୍ୟ ଚାଲିଯାଉଛି। ପରିବହନ ବିଭାଗର ଜଣେ ବରିଷ୍ଠ ଅଧିକାରୀଙ୍କ କହିବା କଥା କି' ବିଭିନ୍ନ ଆରଟିଓଙ୍କ ନିକଟରେ ଏନ୍‌ଫୋର୍ସମେଣ୍ଟ ପାଇଁ ସେତେ ମାନବସମ୍ବଳ ନାହିଁ । ତେଣୁ ଗାଡ଼ିର ଚାଲାଣ କଟାଯାଉଥିଲେ ମଧ୍ୟ ସେମାନଙ୍କ ପୁଣି ଚେକିଂ କରି ଧରି ସେମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ସମ୍ଭବ ହେଉନାହିଁ । ଫଳରେ ଏସ୍‌ଟିଏ ଅସହାୟ ହୋଇଯାଉଛି।

## ମହଙ୍ଗା ପଡ଼ିଲା ସାମ୍ବାଦିକଙ୍କ ଗୋଡ଼ରେ ବେଡି ପକାଇବା

# ୫ଲକ୍ଷ ଟଙ୍କା କ୍ଷତି ପୂରଣ ଦେବାକୁ ନିର୍ଦ୍ଦେଶ

ନୀଳଗିର,(ସବ୍ୟୁ): ମାନବାଧିକାର ଆୟୋଗଙ୍କ ଗୁରୁତ୍ୱ ପୂର୍ଣ୍ଣ ରାୟ ପ୍ରକାଶ ପାଇଛି । ନୀଳଗିରି କାର୍ଯ୍ୟରତ ସାମ୍ବାଦିକଙ୍କୁ ଏକ ସାଧାରଣ ମାମଲାରେ ହସ୍ପିଟାଲରେ ଚିକିତ୍ସିତ ସମୟରେ ପୋଲିସ ତାଙ୍କ ଗୋଡ଼ରେ ବେଡି ପକାଇବା ଘଟଣା ହାବିଲଦାର ଓ ଆଇଓଙ୍କୁ ମାହାଙ୍ଗା ପଡ଼ୁଛି । ମାନବ ଅଧିକାର ଆୟୋଗ ତାଙ୍କ ରାୟରେ ସାମ୍ବାଦିକ ଲୋକନାଥ ଦଳେଇଙ୍କୁ ୫ଲକ୍ଷ ଟଙ୍କା କ୍ଷତି ପୂରଣ ୧୮/୯/୨୫ରିଖ ସୁଦ୍ଧା ଦେବା ପାଇଁ ନିର୍ଦ୍ଦେଶ ଦେଇଛନ୍ତି । ସୂଚନାଯୋଗ୍ୟ ବାଲେଶ୍ୱର ଜିଲ୍ଲା ନୀଳଗିରିରେ କାର୍ଯ୍ୟରତ ସାମ୍ବାଦିକ ଲୋକନାଥ ଦଳେଇ ଗତ୪/୪/୨୨ମସିହାରେ ଏକ ଗୁରୁତ୍ୱପୂର୍ଣ୍ଣ ଖବର ସଂଗ୍ରହ ପାଇଁ ଯାଉଥିବା ବେଳେ ଗୃହରକ୍ଷୀ ନିରଞ୍ଜନ ରଣା(୬୨) ତାଙ୍କୁ ଧକ୍କା ଦେଇଥିଲେ । ଯାହାକୁ ନେଇ ଉଭୟଙ୍କ ମଧ୍ୟରେ ସାମାନ୍ୟ ବଚସା ହୋଇଥିଲା । ହେଲେ ଗୃହରକ୍ଷୀ ଶ୍ରୀ ରଣା ଏହାକୁ ନେଇ ଏକ ମିଥ୍ୟା ଅଭିଯୋଗ ଥାନାରେ ଦେଇ ଥିଲେ । ଏହି ଘଟଣାରେ ନୀଳଗିରି ଥାନାର ପୂର୍ବତନ ଆଇଆଇସି ଦୌପଦୀ ଦାସ ୬/୪/୨୨ରେସାମ୍ବାଦିକ ଲୋକନାଥ ଦଳେଇଙ୍କୁ ଗିରଫ କରିଥିଲେ । ସାମ୍ବାଦିକ ଜଣକ ମଧୁମେହ ଓ ଉଚ୍ଚ ରକ୍ତଚାପରେ ପୀଡିତ ଥିବାରୁ ପୋଲିସ ତାଙ୍କୁ ନିଳଗିରୀ ମେଡ଼ିକାଲ ଭର୍ତ୍ତି କରିଥିଲେ ।ଅବସ୍ଥା ଗୁରୁତର ଥିବାରୁ ତାଙ୍କୁ ବାଲେଶ୍ୱର ମେଡ଼ିକାଲକୁ ପୋଲିସ ନେଇ ସେଠାରେ ଚିକିତ୍ସା ସମୟରେ ରାତିରେ ଗୋଡ଼ରେ ବେଡି ପକାଇ ଦେଇଥିଲେ । ଉକ୍ତ ଘଟଣା ବିଭିନ୍ନ ଗଣମାଧ୍ୟମରେ ପ୍ରକାଶ ପରେ ଏନେଇ କେନ୍ଦ୍ର ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ, ସାଂସଦ ପ୍ରତାପ ଷଡ଼ଙ୍ଗୀ, ପୂର୍ବତନ ସାଂସଦ ରବିନ୍ଦ୍ର କୁମାର ଜେନା ,ନୀଳଗିରି ପୂର୍ବତନ ବିଧାୟକ ଇଂ ସୁକାନ ନାୟକ, ପୂର୍ବତନ ବିଧାୟକ ଚିତ୍ତରଞ୍ଜନ ଷଡ଼ଙ୍ଗୀ, ଅକ୍ଷୟ କୁମାର ଆଚାର୍ଯ୍ୟଙ୍କ ସମେତ ନୀଳଗିରିର ସମସ୍ତ ସାମ୍ବାଦିକ, ବ୍ୟବସାୟୀ, ଆଇନଜୀବୀ , ସାଧାରଣ ଜନତା ଘଟଣାର ନିନ୍ଦା କରିବା ସହ ସାମ୍ବାଦିକଙ୍କୁ ନ୍ୟାୟ ପାଇଁ ଦାବି କରିଥିଲେ ।ଏନେଇ ସମଗ୍ର ଭାରତ ବର୍ଷରେ ପ୍ରତିକ୍ରିୟା ପ୍ରକାଶ ପାଇଥିଲା ।ଏପରିକି ଦଳଗତ ନିର୍ବିଶେଷରେ ନୀଳଗିରି ବନ୍ଦ ହୋଇଥିଲା । ପରେ ତରବରିଆ ଭାବେ ସାମ୍ବାଦିକ ଲୋକନାଥ ଦଳେଇଙ୍କୁ ୧୧/୪/୨୨ ତାରିଖରେ ଆଣି ନୀଳଗିରି କୋର୍ଟ ହାଜର କରି ମିଥ୍ୟା ଦଫା ଲଗାଇ ଜେଲକୁ ପଠାଇ ଥିଲେ । ଘଟଣାକୁ ଚପାଇବା ପାଇଁ ପୂର୍ବତନ ପୋଲିସ ମହାନିର୍ଦ୍ଦେଶକ ସୁନୀଲ ବଂଶଲ, ନୀଳଗିରି ଥାନାର ପୂର୍ବତନ ଆଇଆଇସି ଦୌପଦୀ ଦାସ, ଆଇଓ ସୁବର୍ଣ୍ଣା ବେହେରାଙ୍କୁ ହେଡ କ୍ୱାର୍ଟରକୁ ନେଇ ଥଇଥାନ କରିଥିଲେ । ତତ୍କାଳୀନ ବାଲେଶ୍ୱର ଏସପି ସୁଧାଂଶୁ ଶେଖର ମିଶ୍ର, ପୂର୍ବତନ ନୀଳଗିରି ଏସଡ଼ିପିଓ ରିତେଶ ମହାପାତ୍ରଙ୍କ ବିରୋଧରେ କିଛି କାର୍ଯ୍ୟାନୁଷ୍ଠାନ ନେଇନଥିଲେ ।ଏନେଇ ପ୍ରଦୀପ୍ତ ନାୟକ ଓ ଜୟକୃଷ୍ଣ ମହାନ୍ତି ମାନବାଧିକାର ଆୟୋଗ ନିକଟରେ ୮/୪/୨୨ ଦିନ ଅଭିଯୋଗ କରିଥିଲେ । ଏନେଇ ୫୮୭/୨୨ଏକ ମାମଲା ରୁଜୁ ହୋଇଥିଲା । ମାନବାଧିକାର ଆୟୋଗ ଏସ.ବି ପରିଜା, ସଦସ୍ୟ ଅମିତ ଅମିତାଭ ଦାସ ଉକ୍ତ କେଶ ବିଚାର କରି ୩୦/୬/୨୫ ତାରିଖରେ ଦିନ ପୋଲିସ ପକ୍ଷରୁ ହାବିଲଦାର ଚିତ୍ତ ରଞ୍ଜନ ସିଂ ଓ ନୀଳଗିରି ଥାନାର ପୂର୍ବତନ ଏସ୍.ଆଇ ତଥା ଆଇ.ଓ ସୁବର୍ଣ୍ଣା ବେହେରାଙ୍କୁ ଦୋଷୀ କହିବା ସହିତ ୨ମାସ ଅର୍ଥାତ ୧୮/୯/୨୫ତାରିଖ ସୁଦ୍ଧା ଗୃହ ବିଭାଗ ସାମ୍ବାଦିକ ଲୋକନାଥ ଦଳେଇଙ୍କୁ ୫ ଲକ୍ଷ ଟଙ୍କା କ୍ଷତି ପୂରଣ ଦେବାକୁ ଏକ ଗୁରୁତ୍ୱପୂର୍ଣ୍ଣ ରାୟ ଦେଇଛନ୍ତି । ଉକ୍ତ ଅର୍ଥ ପରବର୍ତ୍ତୀ ସମୟରେ ହାବିଲଦାର ଚିତ୍ତରଞ୍ଜନ ସିଂ ଓ ଆଇଓ ସୁବର୍ଣ୍ଣା ବେହେରାଙ୍କ ଠାରୁ ରାଜକୋଷରେ ଭରିବାକୁ ନିର୍ଦ୍ଦେଶ ଦେଇଛନ୍ତି ।

# ଜାତୀୟ ନାଟ୍ୟ ମହୋତ୍ସବର ପୋଷ୍ଟର୍ ରିଲିଜ




ବାରିପଦା, (ସବ୍ୟୁ) : ବାରିପଦା ଷ୍ଟାଡିୟମର ପଶ୍ଚିମ ପାର୍ଶ୍ୱରେ ଥିବା ଓଡ଼ିଶାର ଅନ୍ୟତମ ଅଗ୍ରଣୀ ନାଟ୍ୟସଂସ୍ଥା 'ଆମେ' : ବାରିପଦା ଦ୍ୱାରା ଆୟୋଜିତ ହେବାକୁଥିବା ଚଳିତ ବର୍ଷ ସେପ୍ଟେମ୍ବର ୦୬ତାରିଖ ରୁ ୧୨ତାରିଖ ପର୍ଯ୍ୟନ୍ତ, ଦୀର୍ଘ ୭ଦିନ ବ୍ୟାପି ପ୍ରାଚୀନ ଶହୀଦ ସ୍ମୃତି ଭବନ, ବାରିପଦା ଠାରେ ଜାତୀୟ ନାଟ୍ୟ ମହୋତ୍ସବ ପ୍ରସ୍ତୁତି ବୈଠକ ସଫଳତାର ସହ ଅନୁଷ୍ଠିତ ହୋଇଯାଇଛି ।

ଏହି ବୈଠକରେ ମାନ୍ୟବର ଗୃହ ନିର୍ମାଣ ଓ ନଗର ଉନ୍ନୟନ ମନ୍ତ୍ରୀ ଡାଃ କୃଷ୍ଣଚନ୍ଦ୍ର ମହାପାତ୍ରଙ୍କ କରକମଳରେ ମହୋତ୍ସବର ଚିତ୍ତାକର୍ଷକ ପୋଷ୍ଟର ଉନ୍ମୋଚିତ ହୋଇଯାଇଥିବା ବେଳେ ବିଧାୟକ ପ୍ରକାଶ ସୋରେନଙ୍କ ଦ୍ୱାରା ମହୋତ୍ସବର ପରିଚୟ ପତ୍ର କାର୍ଡ ରିଲିଜ ହେଇଯାଇଛି । ମଞ୍ଚରେ ସଭାପତି ତଥା ପୂର୍ବତନ ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀ ଡାକ୍ତର କୈଳାସ ଚନ୍ଦ୍ର ମହାନ୍ତି ସଭାପତିତ୍ୱ କରିଥିବା ବେଳେ ମହୋତ୍ସବର ସାଧାରଣ ସମ୍ପାଦକ ତଥା ମଂଚ-ନାଟକ ଓ ଚଳଚ୍ଚିତ୍ର ଜଗତର ଲେଖକ, ନିର୍ଦ୍ଦେଶକ, ଅଭିନେତା ଚିତ୍ରୟ ଦାସ ପଟ୍ଟନାୟକ ମଞ୍ଚ ପରିଚାଳନା କରିବା ସହିତ ଏହି ଐତିହାସିକ ଜାତୀୟ ନାଟ୍ୟ ମହୋତ୍ସବ ସଂପର୍କରେ ସମ୍ୟକ ସୂଚନା ଦେଇଥିଲେ । ମହୋତ୍ସବର ଅନ୍ୟତମ ଉପସଭାପତି ତଥା ବରିଷ୍ଠ ସାମ୍ବାଦିକ ଓ ବିଶିଷ୍ଟ ସମାଜସେବୀ ଡକ୍ଟର ବିଜୟ କୁମାର ଅଗ୍ରୱାଲ ମହୋତ୍ସବରେ ସାମିଲ ହବାକୁ ଆସୁଥିବା ପ୍ରତିଷ୍ଠିତ କଳାକାର ମାନଙ୍କର ଶାରିପୂର୍ଣ୍ଣ ଅଭିଧାନ ସଂପର୍କରେ ଆଲୋକପାତ କରିଥିବା ବେଳେ ଅନ୍ୟତମ ଉପସଭାପତି ତଥା ଏମସିସି ଗଭର୍ଣ୍ଣିଂ ବଡିର ଚେୟାରମ୍ୟାନ ମେଜର ଡକ୍ଟର କଳ୍ପନା ଦାସ ମହୋତ୍ସବକୁ ନିମନ୍ତ୍ରିତ ହୋଇ ଆସୁଥିବା ବରେଣ୍ୟ ଅତିଥିମାନଙ୍କ ସଂପର୍କରେ ସବିଶେଷ ଧାରଣା ଦେଇଥିଲେ । ଅଟଳ ଧର୍ମ ରତ୍ନରେ ଭୂଷିତ ହୋଇଥିବା ବରିଷ୍ଠ ସମାଜ ସେବୀ ତଥା ସଦଭାବନା ସମିତିର ପ୍ରତିଷ୍ଠାତା ପୂର୍ଣ୍ଣଚନ୍ଦ୍ର ବୁଗୁଡେଇ ଉତ୍ସବର ସର୍ବାଙ୍ଗ ସୁନ୍ଦରତା କାମନା କରିବା ସଂଗେ ସଂଗେ ଅଧକ୍ଷା ଡଃ ପୁଷ୍ପା ପାତ୍ର, ଆଡଭୋକେଟ ସୁଭାଷ ମିଶ୍ର, ଇଂଜିନିୟର ପ୍ରଦୀପ କିଶୋର ମହାନ୍ତି ମହୋତ୍ସବର ସଫଳ ରୂପାୟନ ନିମନ୍ତେ ଆବଶ୍ୟକୀୟ ପରାମର୍ଶ ସବୁ ଦେଇଥିଲେ । ମାନ୍ୟବର ମନ୍ତ୍ରୀଙ୍କ ସାହାଯ୍ୟ ସହଯୋଗର ପ୍ରତିଶ୍ରୁତି ସମସ୍ତଙ୍କୁ ଅଭିଭୂତ କରିଥିବା ବେଳେ, ମହୋତ୍ସବର ସଫଳତା ନିମନ୍ତେ ଏକାଠି ମିଶି କାମ କରିବାର ପ୍ରେରଣା ବିଧାୟକ ତାଙ୍କ ବକ୍ତବ୍ୟରେ ପ୍ରକାଶ କରିଥିଲେ । ବୈଠକରେ ବିଶିଷ୍ଟ କଳାକାର, ନାଟ୍ୟକାର, ନିର୍ଦ୍ଦେଶକ ମାନଙ୍କ ଭିତରେ କ୍ଷୀରୋଦ ସିଟ୍, ଅନିଲ ପ୍ରଧାନ, ସୁଧୀର ମହାନ୍ତି, ଲମ୍ବୋଦର ସିଂ, ଅନ୍ନଦାଶଙ୍କର ଦାଶ, ଅଶୋକ ପଟ୍ଟନାୟକ, ବିଜୟ ଦାସ, ଅଧ୍ୟାପକ ଜ୍ଞାନ ରଞ୍ଜନ ପଣ୍ଡା ପ୍ରମୁଖଙ୍କ ସହ ଅନେକ ନାଟ୍ୟ କଳାପ୍ରେମୀଗଣ । ଶେଷରେ ଧନ୍ୟବାଦ ଅର୍ପଣ କରିଥିଲେ ଯୁଗ୍ମ ସଂପାଦକ ରାଜୀବ କୁମାର ପାତ୍ର ।

## ଘର ଭିତରେ ଯୁବକଙ୍କୁ ହତ୍ୟା ଘଟଣା
# ବାହାର ରାଜ୍ୟକୁ ଅଭିଯୁକ୍ତ ଛୁ

ବ୍ରହ୍ମପୁର, (ସବ୍ୟୁ): ବଡବଜାର ଥାନା ଅନ୍ତର୍ଗତ ହରିଡାଖଣ୍ଡିରେ ଶିବଶଙ୍କର ମାଝୀ(୪୯)ଙ୍କୁ ଶୁକ୍ରବାର ବିଳମ୍ବିତ ରାତ୍ରରେ ହତ୍ୟା କରାଯାଇଥିଲା । ଘଟଣା ଘଟାଇବା ପରେ ହତ୍ୟାକାରୀ ଗୌରୀ ବେହେରା ଫେରାର ହୋଇଯାଇଥିଲା । ତେଣୁ ତଦନ୍ତ ବେଳେ ସେ ଏବେ ବାହାର ରାଜ୍ୟକୁ ଚାଲିଯାଇଥିବା ପୋଲିସ ଜାଣିବାକୁ ପାଇଛି । ପୋଲିସ ଏବେ ଉକ୍ତ ହତ୍ୟାକାଣ୍ଡର ବିଭିନ୍ନ ଦିଗକୁ ନେଇ ତଦନ୍ତ କରୁଛି । ଶିବଶଙ୍କର ଦେଇଥିବା ଅଗ୍ରିମ ଟଙ୍କା ଫେରସ୍ତ କରିବା ଉଦ୍ଦେଶ୍ୟରେ ଗୌରୀ ବେହେରା ତାଙ୍କୁ ହତ୍ୟା କରିଥିବା ପ୍ରାଥମିକ ତଦନ୍ତରୁ ପୋଲିସ ସନ୍ଦେହ କରୁଛି । ସାଇଣ୍ଟିଫିକ ଟିମ ସହାୟତାରେ ପୋଲିସ ତଦନ୍ତ ଜାରି ରଖିଛି । ହତ୍ୟାରେ ବ୍ୟବହୃତ ଖଣ୍ଡା ପୋଲିସ ଜବତ କରି ଘଟଣାର ଛାନଭିନ କରୁଛି । ସେହିପରି ଶିବଶଙ୍କରଙ୍କ ମୁଣ୍ଡ, ବେକ ଓ ଶରୀରର ବିଭିନ୍ନ ସ୍ଥାନରେ ପ୍ରାୟ ୨୫ ଚୋଟ ଖଣ୍ଡା ଚୋଟ ପଡିଥିବା ଜଣାପଡିଛି । ପ୍ରକାଶଥାଉକି ଗୌରୀ ସାହିରେ ଥିବା ଗୌରୀ ବେହେରାଙ୍କ ଘରେ ଶିବଶଙ୍କର କିଛି ବର୍ଷ ହେବ ରହି ଆସୁଥିଲେ । ସେହି ଘର ଗୌରୀ ବେହେରା ଲୋଚାକାଶରେ ଶିବଶଙ୍କରଙ୍କୁ ଦେଇ ତାଙ୍କ ଠାରୁ ଅଗ୍ରିମ ଲକ୍ଷ ଟଙ୍କା ନେଇଥିଲେ । ଶୁକ୍ରବାର ବିଳମ୍ବିତ ରାତ୍ରରେ ଗୌରୀ ବେହେରା ଗୌରୀ ସାହି ସ୍ଥିତ ଉକ୍ତ ଘରେ ପହଞ୍ଚି ଶିବଶଙ୍କରଙ୍କ ସହ ଝଗଡା କରିଥିଲେ । ଗୌରୀ ବେହେରା ଉତ୍ତେଜିତ ହୋଇ ତାଙ୍କୁ ଖଣ୍ଡାରେ ଘାତକ ଆକ୍ରମଣ କରିଥିଲେ । ଗୁରୁତର ହୋଇ ଶିବଶଙ୍କର ତଳେ ପଡିଯାଇଥିଲେ । ସେ ମରିଯାଇଥିବା ଭାବି ଗୌରୀ ଘରର ବାହାରକୁ ତାଲା ପକାଇ ଚମ୍ପଟ ମାରିଥିଲେ । ଖବର ପାଇ ପୋଲିସ ଗୁରୁତରଙ୍କୁ ଉଦ୍ଧାର କରି ବଡ ମେଡିକାଲରେ ଭର୍ତ୍ତି କରିଥିଲା । ଡାକ୍ତର ତାଙ୍କୁ ମୃତ୍ୟୁ ଘୋଷଣା କରିଥିଲେ ।

# ଗ୍ୟାସ୍ ଲିକ୍‌ରୁ ଘରେ ଅଗ୍ନିକାଣ୍ଡ

ବ୍ରହ୍ମପୁର, (ସବ୍ୟୁ): ଗ୍ୟାସ ଲିକରୁ କୁଠାରୀମନ୍ଦିର ସାହିରେ ଅଗ୍ନିକାଣ୍ଡ ଘଟିଛି । ଏଥିରେ କେହି ଆହତ ହୋଇନଥିବା ଜଣାପଡିଛି । ଖବର ପାଇ ଅଗ୍ନିଶମ କର୍ମଚାରୀ ସେଠାରେ ପହଞ୍ଚି ପ୍ରଥମେ ଘର ଭିତରେ ଅଣନିଶ୍ୱାସୀ ହୋଇ ପଡିଥିବା ଜଣେ ମହିଳା କେ. ବିଜୟ ଲକ୍ଷ୍ମୀ ସୁବୁଦ୍ଧିଙ୍କୁ ଉଦ୍ଧାର କରିଛି । ପରେ ନିଆଁକୁ ଆୟତ୍ତ କରାଯାଇଥିଲା । ଅଗ୍ନିକାଣ୍ଡ ରେ ରୋଷେଇ ଘରେ ଖଞ୍ଜାଯାଇଥିବା ଚିମିନି ଓ କିଛି ଆସବାବପତ୍ର ପୋଡି ଯାଇଥିଲା । ଏଥିରେ ପ୍ରାୟ ୩୦ ହଜାର ଟଙ୍କାର ସାମଗ୍ରୀ ନଷ୍ଟ ହୋଇଥିବା ଜଣାପଡିଛି ।

ଘଟଣାରୁ ପ୍ରକାଶ ଯେ, କେ. ସୁନୀଲ ସୁବୁଦ୍ଧି ଜଣେ ବ୍ୟବସାୟୀ ଅଟନ୍ତି । ସେ କୁଠାରୀମନ୍ଦିର ସାହିରେ ଘର ଭଡ଼ାରେ ରୁହନ୍ତି । ଅପରାହ୍ଣରେ ତାଙ୍କ ସ୍ତ୍ରୀ 'କେ. ରେଶମା ରୋଷେଇ କରୁଥିଲେ । ସ୍ୱାମୀ ଓ ଶଶୁର କୌଣସି କାମରେ ବାହାରକୁ ଯାଇଥିଲେ । ଶାଶୁ ଅସୁସ୍ଥ ଥିବାରୁ ସେ ମଧ ଘରେ ଥିଲେ । ରୋଷେଇ ଘରେ ହଠାତ ଗ୍ୟାସ ଲିକରୁ ଅଗ୍ନିକାଣ୍ଡ ଘଟିଥିଲା । ସେ ଭୟଭୀତ ହୋଇ ଦାଣ୍ଡକୁ ଆସି ଚିତ୍କାର କରିଥିଲେ । ଏପରିକି ସ୍ୱାମୀଙ୍କୁ ମଧ ଏନେଇ ଜଣାଇଥିଲେ । ହେଲେ ଘର ଭିତରେ ତାଙ୍କ ଶାଶୁ ବିଜୟ ଲକ୍ଷ୍ମୀ ରହିଯାଇଥିଲେ । ସ୍ଥାନୀୟ ଲୋକଙ୍କ ଠାରୁ ଖବର ପାଇ ଅଗ୍ନିଶମ କର୍ମଚାରୀ ପହଞ୍ଚି ଉକ୍ତ ମହିଳାଙ୍କୁ ଉଦ୍ଧାର କରିବା ସହ ନିଆଁକୁ ଆୟତ୍ତ କରିଥିବା କହିଛି ।

## ମଙ୍ଗଳପୁର ଗ୍ରାମରେ ଚାରାରୋପଣ କାର୍ଯ୍ୟକ୍ରମ

ଭଞ୍ଜନଗର, (ସବ୍ୟୁ): ମଙ୍ଗଳପୁର ଗ୍ରାମ ଠାରେ ଥିବା ଅବସରପ୍ରାପ୍ତ ସେନା ଅଧିକାରୀ ପ୍ରକାଶ ଚନ୍ଦ୍ର ପାଠୀଙ୍କ ନିଜସ୍ୱ ଜମିରେ ତାଙ୍କରି ଆଗ୍ରହ କ୍ରମେ ପ୍ରାୟ ୧୦୦ ରୁ ଅଧିକ ଚାରା ରୋପଣ କରାଯିବାର ସୁନ୍ଦର ବ୍ୟବସ୍ଥା କରାଯାଇଥିଲା । ଜୟ ଜବାନ, ଜୟ କିଷାନ ନାରା ସହିତ ପରିବେଶ ସୁରକ୍ଷା ଏବଂ ଚାରା ରୋପଣକରି ତାରି ସୁରକ୍ଷା ସକାଶେ ସମାଜସେବି ପୂର୍ବତନ ଅବ୍ୟତନିକ ବନ୍ୟ ପ୍ରାଣୀ ତତ୍ୱାବଧାରକ ଶୁଳପାଣି ଶତପଥୀ ଶପଥ ପାଠ କରିଥିଲେ। ସମାଜସେବୀ ସୁଶାନ୍ତ କୁମାର ମହାପାତ୍ର, ସ୍ଥନୀୟ ବାଲିପଦର ସେକ୍ସନ ବନପାଳ ଏବଂ ବନରକ୍ଷି ଚରରୋପଣର ପ୍ରଣାଳୀ ବୁଝେଇବା ସହିତ ଚାରା ରୋପଣରେ ସହଯୋଗ କରିଥିଲେ। ଭଞ୍ଜନଗର ଶାନ୍ତି ଶ୍ରୋତ ଭବନରୁ ଆସିଥିବା ମୁଖ୍ୟ ପରିଚାଳିକା ବି.କେ ସନ୍ତୋଷିନୀ ଭଉଣୀ କାର୍ଯ୍ୟକ୍ରମ ପ୍ରାରମ୍ଭରେ ପୂଜାପାଠ ସହିତ ଆଜିର କାର୍ଯ୍ୟକ୍ରମ ମୁଖ୍ୟ ଶ୍ରୀଯୁକ୍ତ ପାଠୀଙ୍କ ସହିତ ପ୍ରଥମ ଚାରା ରୋପଣ କରିଥିଲେ। ମଙ୍ଗଳପୁର ଗ୍ରାମ କିଛି ଯୁବ ସ୍ୱେଚ୍ଛାସେବୀ ଏବଂ ଉପସ୍ଥିତ ଥିବା ବ୍ରହ୍ମକୁମାରୀ ଏବଂ ବ୍ରହ୍ମାକୁମାର ଭାଇ ଭଉଣୀ ଚାରା ରୋପଣ କରିଥିଲେ। ଏହିପରି ଉଦ୍ୟମକୁ ଅଞ୍ଚଳବାସୀ ଆଜିର ଦିନରେ ବୃକ୍ଷ ଏବଂ ମୁଖ୍ୟତଃ ବନ ସୁରକ୍ଷାର ଆବଶ୍ୟକତା ଦୃଷ୍ଟିରୁ ଏହି ବିଭିନ୍ନ ଚାରା ରୋପଣ ଯଥା, ବଉଳ, ଅଁଳା, ଓଉ ମୁଖ୍ୟତଃ କାଜୁ (ଲଙ୍କା ଆମ୍ବ ) ସକାଶେ ସାଧୁବାଦ ଜଣାଇଛନ୍ତି । ଅବସରପ୍ରାପ୍ତ ସେନା ଅଧିକାରୀ ଶ୍ରୀମାନ ପାଠୀ ଏବଂ ଆଜିର ଅତିଥି ସୁଶାନ୍ତ ମହାପାତ୍ର ନିଜ ନିଜର ମତ ପ୍ରକାଶ କରିଥିଲେ । ଶେଷରେ ଦକ୍ଷିଣ ଘୁମସୁର ବନଖଣ୍ଡ ଏବଂ ବୁଗୁଡ଼ା ବନାଞ୍ଚଳ ଅନ୍ତର୍ଗତ ବାଲିପଦର ସେକସେନ ବାବପାଳ ସୁକାନ୍ତ କୁମାର ପଟନାୟକ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।

## ରକ୍ତଦାନ କରି ଯୁବପିଢ଼ି ପାଇଁ ଉଦାହରଣ ସୃଷ୍ଟିକଲେ ବରିଷ୍ଠ ନାଗରିକ

ବାରିପଦା, (ସବ୍ୟୁ) : ବାରିପଦା ଆନୁକୂଲ୍ୟରେ ଓଡିଶା ରକ୍ତ କେନ୍ଦ୍ର, ବାରିପଦା ପରିସରରେ ପ୍ରଥମଥର ପାଇଁ ଏକ ନିଆରା ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି । ଏହି ଶିବିରରେ ୬୦ବର୍ଷରୁ ଉର୍ଦ୍ଧ ବରିଷ୍ଠ ନାଗରିକ ମାନେ ରକ୍ତଦାନ କରି ଯୁବପିଢ଼ିମାନଙ୍କ ପାଇଁ ଉଦାହରଣ ସାଜିଲେ ଓ ବୟସକୁ ଖାତିର ନକରି ଗୋବିନ୍ଦ ସାଓ, ସିଦ୍ଧାର୍ଥ ମହାନ୍ତି, ବିବେକାନନ୍ଦ ପଟ୍ଟନାୟକ, ସୁବୋଧ କୁମାର ପଲେଇ, ଶୁଦ୍ଧିନ୍ଦ୍ର ଦାସ, ଦିଲ୍ଲୀପ ବେହେରା, ସୁମନ୍ତ ଚୌଧୁରୀ, ବାଳକୃଷ୍ଣ ମହାପାତ୍ର, ସୁଦାମ ଚରଣ ଦାଶଙ୍କ ସମେତ ମୋଟ ୨୦ଜଣ ସ୍ୱେଚ୍ଛାକୃତ ଭାବେ ରକ୍ତଦାନ କରି ଅନ୍ୟର ଜୀବନ ବଂଚେଇବା ପାଇଁ ବେଶ ଆଗ୍ରହର ସହ ରକ୍ତଦାନ କରିଥିବାର ଲକ୍ଷ୍ୟ କରାଯାଇଥିଲା । ସମାଜସେବୀ ଅମର କୁମାର ସେଠିଙ୍କ ନେତୃତ୍ୱରେ ରାଜେନ୍ଦ୍ର ଦାସ, ସଞ୍ଜୟ ଦ୍ୱାରି, ପାର୍ଥ ପ୍ରଧାନ, ଉମେଶ ସାହୁ, ପ୍ରସାଦ ନାୟକ, ଅଜୟ ସାହୁ, ମାନସ ଦାସ, ଜୟନ୍ତ ଜେନା, ସରୋଜ ସାହୁ ଓ ରତିକାନ୍ତ ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ରହି ଶିବିର ପରିଚାଳନାରେ ସହାୟତା ପ୍ରଦାନ କରିଥିଲେ । ସମସ୍ତ ରକ୍ତଦାତା ଓ ସଂସ୍ଥାକୁ ରକ୍ତକେନ୍ଦ୍ର ତରଫରୁ ମାନପତ୍ର ପ୍ରଦାନ କରାଯାଇଥିଲା । ଭବିଷ୍ୟତରେ ସଂସ୍ଥା ତରଫରୁ ନିୟମିତ ସମୟ ବ୍ୟବଧାନରେ ଏହିଭଳି ରକ୍ତଦାନ ଶିବିରର ଆୟୋଜନ କରାଯିବ ବୋଲି ଅନୁଷ୍ଠାନର ସଭାପତି ବିବେକାନନ୍ଦ ପଟ୍ଟନାୟକ ବେଶ ଉତ୍ସାହର ସହ ପ୍ରକାଶ କରିଛନ୍ତି ।

# ମା' ପାଇ ଗଛଟିଏ କାର୍ଯ୍ୟକ୍ରମ

ଛତ୍ରପୁର, (ସବ୍ୟୁ): ଛତ୍ରପୁର ବ୍ଲକ ଅନ୍ତର୍ଗତ ଚମାଖଣ୍ଡିଛକସ୍ଥିତ ମଲ୍ଲିକେଶ୍ୱର ମନ୍ଦିର ପ୍ରାଙ୍ଗଣରେ ପରିବେଶ ସୁରକ୍ଷା ନିମନ୍ତେ ଗଂଜାମ ଜିଲ୍ଲା ଦଣ୍ଡାସି କୂଳ ମହାସଂଘ ପକ୍ଷରୁ ମା ପାଇ ଗଛ ଟିଏ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଗଂଜାମ ଜିଲ୍ଲା ଦଣ୍ଡାସି କୂଳ ମହାସଂଘର ଅଧ୍ୟକ୍ଷ ମହେଶ୍ୱର ନାୟକ, ଜିଲ୍ଲା ସଭାପତି ଜଗବନ୍ଧୁ ନାୟକ, ଉପସଭାପତି ରଂଜନ କୁମାର ନାୟକ, ସମ୍ପାଦକ ରବିନ୍ଦ୍ର କୁମାର ନାୟକ, କୋଷାଧ୍ୟକ୍ଷ ଅଭିରାମ ନାୟକଙ୍କ ସମସ୍ତ ତାଲୁକ ମେମ୍ବର ମାନେ ଯୋଗଦେଇ ବିଭିନ୍ନ ରକମର ବୃକ୍ଷ ରୋପଣ କରିଥିଲେ। ଏହା ସହିତ ଜାତି ଉନ୍ନତୀ ଏବଂ ମହାସଂଘର ବିଭିନ୍ନ ସମସ୍ୟା ସମ୍ପର୍କରେ ଆଲୋଚନା ହୋଇଥିଲା । ପ୍ରଫୁଲ କୁମାର ନାୟକ ସଭା ପରିଚାଳନା କରିଥିବା ବେଳେ ଶେଷରେ ବନମାଳି ନାୟକ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ ।

# ଡ୍ରିମ୍‌ସ ନର୍ସିଂ ସ୍କୁଲରେ ସଂକଳ୍ପ ପାଠ ଉତ୍ସବ
## ସେବା ପ୍ରତି ସମର୍ପଣ ଭାବ ହିଁ ସେବିକାଙ୍କୁ ସମ୍ମାନିତ କରେ




କଟକ, (ସ୍ୱପ୍ର) : କର୍ତ୍ତବ୍ୟ ନିଷ୍ଠା, ସମର୍ପଣ ଭାବ ଓ ସମୟାନୁବର୍ତ୍ତିତା ହିଁ ସେବାକୁ ଆଗକୁ ନେଇଥାଏ । ଏହାକୁ ନିଜର ବୃତ୍ତିଗତ ଜୀବନରେ ପ୍ରଦର୍ଶନ କରୁଥିବା ସେବିକା ହିଁ ହୁଏ ସମାଜରେ ସ୍ୱତନ୍ତ୍ର ସମ୍ମାନର ଅଧିକାରିଣୀ । ଡ୍ରିମ୍‌ସ ସ୍କୁଲ ଅଫ ନର୍ସିଂ ପକ୍ଷରୁ ଆୟୋଜିତ ସଂକଳ୍ପ ପାଠ ଓ ଲ୍ୟାମ୍ପ ଲାଇଟିଂ ଉତ୍ସବରେ ଯୋଗଦେଇ ବିଶିଷ୍ଟ ଅତିଥିମାନେ ଏହି ମତ ପୋଷଣ କରିଛନ୍ତି । ପଦ୍ମିନୀ ଅଡିଟୋରିୟମ୍‌ରେ ଆୟୋଜିତ ଉତ୍ସବ ପ୍ରାରମ୍ଭରେ ଅତିଥିମାନେ କର୍ମଯୋଗୀ ଧନେଶ୍ୱର ରଥ ଓ ମହାନ୍ ସେବିକା ଫ୍ଲୋରେନ୍ସ ନାଇଟିଙ୍ଗେଲଙ୍କ ଫଟୋଚିତ୍ର ନିକଟରେ ପ୍ରଦୀପ ପ୍ରଜ୍ୱଳନ ସହ ଶ୍ରଦ୍ଧାସୁମନ ଅର୍ପଣ କରିଥିଲେ । ଡ୍ରିମ୍‌ସ ବିଶ୍ୱବିଦ୍ୟାଳୟର ପ୍ରତିଷ୍ଠାତା ଅଧକ୍ଷ ଡ. ପ୍ରମୋଦ ଚନ୍ଦ୍ର ରଥ ଆଭାସୀ ମାଧ୍ୟମରେ ନିମନ୍ତ୍ରିତ ଅତିଥି , ଅଧ୍ୟାପକ, ଅଧ୍ୟାପିକା ଓ ଛାତ୍ରଛାତ୍ରୀଙ୍କୁ ଶୁଭେଚ୍ଛା ଜଣାଇବା ସହ କାର୍ଯ୍ୟକ୍ରମର ସଫଳତା କାମନା କରିଥିଲେ। ମୁଖ୍ୟଅତିଥି ଆଚାର୍ଯ୍ୟ ହରିହର ସ୍ନାତକୋତ୍ତର କର୍କଟ ପ୍ରତିଷ୍ଠାନର ଡିନ୍ ପ୍ରଫେସର ଡା. ରେଖା ଦାସ ଅନ୍ୟ ପାଠ୍ୟକ୍ରମ ଠାରୁ ନର୍ସିଂ ଶିକ୍ଷାର ଗୁରୁତ୍ୱ ଅଧିକ ଏବଂ ଏହାର ଉଜ୍ଜ୍ୱଳ ଭବିଷ୍ୟତ ରହିଥିବା ଉଲ୍ଲେଖ କରି ଦୃଢ ଇଚ୍ଛା ଶକ୍ତି ଓ ଉତ୍ସର୍ଗୀକୃତ ଭାବନା ହିଁ ଜଣେ ସେବିକାକୁ ସଫଳତାର ଶୀର୍ଷରେ ପହଞ୍ଚାଇଥାଏ ବୋଲି କହିଥିଲେ । ସମ୍ମାନିତ ଅତିଥି ଫ୍ଲୋରେନ୍ସ ନାଇଟିଙ୍ଗେଲ ଜାତୀୟ ପୁରସ୍କାର ବିଜୟିନୀ ସୁଦୂର ମାଲକାନଗିରି ଜିଲା ମୁଖ୍ୟ ଚିକିତ୍ସାଳୟରେ ଭାରପ୍ରାପ୍ତ ଅଧୀକ୍ଷକ ଭାବରେ କାର୍ଯ୍ୟରତ ସେବିକା ସଂଯୁକ୍ତା ସେଠୀ ନିଜ ସାଧନା ଓ ଦୀର୍ଘ ୩୦ବର୍ଷର ଚାକିରୀ ଜୀବନର ଅଭିଜ୍ଞତା ବର୍ଣ୍ଣନାରେ କହିଲେ ସେବାକୁ ଭଲ ପାଇବାର ମାନସିକତା ହିଁ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ । ସମର୍ପଣ ଭାବ ନେଇ କାର୍ଯ୍ୟ କରି ନିଜର ଓ ପିତାମାତାଙ୍କ ଗୌରବାନ୍ୱିତ କରିବାକୁ ସେ ଛାତ୍ରଛାତ୍ରୀଙ୍କୁ ଦିଗଦର୍ଶନ ଦେଇଥିଲେ । ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ଡା. ପ୍ରକାଶ କୁମାର ହୋତା ନର୍ସିଂ ବୃତ୍ତିର ମହନୀୟତା ସଂପର୍କରେ ଉଲ୍ଲେଖ କରି ଏହାକୁ ଆହ୍ୱାନ ଭାବରେ ଗ୍ରହଣ କରି ଆଗକୁ ବଢିବାକୁ ବିଦ୍ୟାର୍ଥୀଙ୍କୁ ପରାମର୍ଶ ଦେଇଥିଲେ । ରେଜିଷ୍ଟ୍ରାର ଡ. ଭକ୍ତ ଚରଣ ପ୍ରଧାନ, ପ୍ରଶାସନିକ ନିର୍ଦ୍ଦେଶକ ବଳରାମ କର, ନିର୍ଦ୍ଦେଶକ ( ଛାତ୍ର ସଂପର୍କ) ଲୋକନାଥ ବେହେରା ବକ୍ତବ୍ୟ ପ୍ରଦାନ କରି ମାନବ ସେବା ହିଁ ମାଧବ ସେବା ମହତ୍ତ୍ୱ ଉପରେ ଗୁରୁତ୍ୱାରୋପ କରିଥିଲେ । ଶିକ୍ଷାନୁଷ୍ଠାନର ଅଧ୍ୟକ୍ଷା ଡ. ପ୍ରଥିମା ପ୍ରକାଶମ୍ ସ୍ୱାଗତ ଅଭିଭାଷଣ ଓ ଉପାଧ୍ୟକ୍ଷା ଏନ୍ ପ୍ରେମଲତା ଦେବୀ ଧନ୍ୟବାଦ ଅର୍ପଣ କରିଥିଲେ । ଏହି ଅବସରରେ ବିଭିନ୍ନ ପ୍ରତିଯୋଗିତାରେ କୃତିତ୍ୱ ହାସଲ କରିଥିବା ଛାତ୍ରଛାତ୍ରୀଙ୍କୁ ଟ୍ରଫି ଓ ପ୍ରମାଣପତ୍ର ପ୍ରଦାନ କରାଯାଇଥିଲା । ପ୍ରାଧ୍ୟାପିକା ସ୍ମୃତିଶ୍ରୀ ପ୍ରିୟଦର୍ଶିନୀ ଦଳାଇ ଏସ୍‌ଏନ୍‌ଏଆଇ ବିବରଣୀ ଉପସ୍ଥାପନ କରିଥିଲେ । ବିଏସ୍‌ସି ନର୍ସିଂର ଇପ୍‌ସିତା ପ୍ରିୟଦର୍ଶିନୀ ସେଠୀ ଓ ପିୟୁଷ କୁମାର ପ୍ରଧାନ କାର୍ଯ୍ୟକ୍ରମ ସଂଯୋଜନା କରିଥବଲେ । ଛାତ୍ରଛାତ୍ରୀଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା ।

## ଆଦୃତା ଶିଶୁସଦନରେ ସାମୁହିକ ଜନ୍ମଦିନ ପାଳନ

ବାରିପଦା, (ସବ୍ୟୁ) : ବାରିପଦା ମୁନିସିପାଲିଟି ଅନ୍ତର୍ଗତ ୨୭ନଂ ୱାର୍ଡର ତକତପୁର ସ୍ଥିତ ଆଦୃତା ଶିଶସଦନର ଅନ୍ତେବାସୀଙ୍କ ସାମୁହିକ ଜନ୍ମଦିନ ପାଳିତ ହୋଇଯାଇଛି । ପ୍ରତିବର୍ଷ ପରି ଏବର୍ଷ ମଧ ପବିତ୍ର ରାକ୍ଷୀ ପୂର୍ଣ୍ଣିମା ଦିନ ସଦନରେ ଥିବା ୪୦ଜଣଙ୍କର ଜନ୍ମଦିନ ପାରମ୍ପାରିକ ରୀତିରେ ନିମନ୍ତ୍ରିତ ସ୍ୱେଚ୍ଛାସେବୀ ଓ ସ୍ଥାନୀୟ ବୁଦ୍ଧିଜୀବୀଙ୍କ ଉପସ୍ଥିତିରେ ପାଳିତ ହୋଇଥିଲା । ଦିନବେଳେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଅତିଥି ଭାବେ ସମାଜସେବୀ ଡଃ ନିରୋଜ କୁମାର ପୋଥାଳ, ଶିକ୍ଷକ ସୋମନାଥ ସିଂହ, ଶୁଭେଚ୍ଛୁ ପ୍ରଭାସ ଚନ୍ଦ୍ର ଘଡେଇ ପ୍ରମୁଖ ଯୋଗଦେଇ କୁନିକୁନି ପିଲାଙ୍କୁ ଜନ୍ମଦିନରେ ଅଭିନନ୍ଦନ ଜଣାଇବାସହ ଉଜ୍ଜଳ ଭବିଷ୍ୟତ କାମନା କରିଥିଲେ । ସନ୍ଧ୍ୟାରେ ଅନୁଷ୍ଠାନର ଏକାଉଣ୍ଟେଣ୍ଟ ତଥା କଳା ଶିକ୍ଷକ ବିକାଶ ମୋହନ ଦାସଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ମୁଖ୍ୟଅତିଥି ଭାବେ ବାରିପଦା ବିଧାୟକ ପ୍ରକାଶ ସୋରେନ ଯୋଗଦେଇ ପିଲାମାନଙ୍କୁ ଅଭିନନ୍ଦନ ଜଣାଇବା ସହ ଜୀବନରେ ଭଲ ମଣିଷ ହେବା ପାଇଁ ଦିଗଦର୍ଶନ ଦେଇଥିଲେ । ସମ୍ମାନିତ ଅତିଥି ଭାବେ ଉଦୟନାଥ ସାହୁ ଯୋଗ ଦେଇଥିଲେ । ଏହି କାର୍ଯ୍ୟକ୍ରମ ପରିଚାଳନାରେ ସଦନର କୁନୀଲତା ଦାସ, ଦିବ୍ୟଜିତ ଗିରି, ଶୁଭମ କୁମାର ସାହୁ ପ୍ରମୁଖ ସହାୟତା ପ୍ରଦାନ କରିଥିଲେ । ଶେଷରେ ଗୀତ ଶିକ୍ଷକ ବ୍ରହ୍ମା ବେହେରା ଓ ନୃତ୍ୟ ଶିକ୍ଷକ ସୁରଜ କୁମାର ପୃଷ୍ଟିଙ୍କ ମାର୍ଗଦର୍ଶନରେ କୁନିକୁନି ପିଲାମାନେ ଆକର୍ଷଣୀୟ ସାଂସ୍କୃତିକ କାର୍ଯ୍ୟକ୍ରମ ଓ ବିକାଶ ସାରଙ୍କ ନିର୍ଦ୍ଦେଶନାରେ ନାଟକ 'ପରିଚୟ ପରିବେଷଣ କରିଥିଲେ । ପ୍ରକାଶ ଥାଉକି ୨୦୧୨ମସିହାରେ ପ୍ରଫେସର ଆଦିତ୍ୟ କୁମାର ମହାନ୍ତି ବାରିପଦାରେ ନିଜ ପ୍ରଚେଷ୍ଟାରେ ଗରିବ ପିଲାମାନଙ୍କ ପାଠପଢା ନିମନ୍ତେ ଏହି ନିଃଶୁଳ୍କ ଆବାସିକ ଅନୁଷ୍ଠାନଟିର ପ୍ରତିଷ୍ଠା କରିଥିଲେ ।

## ମାଲକାନାଗିରିରେ ବିଜୁଳି ଯୋଗାଣକୁ ଅଧିକ ବିଶ୍ୱସନୀୟ କରୁଛି ଟିପିଏସ୍‌ଓଡିଏଲ୍



ବ୍ରହ୍ମପୁର, (ସବ୍ୟୁ): ଦକ୍ଷିଣ ଓଡ଼ିଶାର ଗ୍ରାମୀଣ ଓ ଆଭ୍ୟନ୍ତରୀଣ ଅଞ୍ଚଳକୁ ଗୁଣାତ୍ମକ ବିଜୁଳି ସେବା ପହଞ୍ଚାଇବା ଲକ୍ଷ୍ୟରେ ଟିପି ସଦର୍ଣ୍ଣ ଓଡ଼ିଶା ଡିଷ୍ଟ୍ରିବ୍ୟୁସନ୍ ଲିମିଟେଡ୍ (ଟିପିଏସ୍‌ଓଡିଏଲ୍) ପକ୍ଷରୁ ମାଲକାନଗିରି ଜିଲ୍ଲାର ବିଭିନ୍ନ ଅଞ୍ଚଳରେ ବିଦ୍ୟୁତ ଭିତ୍ତିଭୂମି ଉନ୍ନତିକରଣ କାର୍ଯ୍ୟ ଜାରି ରହିଛି । ଭୌଗୋଳିକ ଦୃଷ୍ଟିକୋଣରୁ ଆହ୍ୱାନପୂର୍ଣ୍ଣ ସ୍ଥାନଗୁଡ଼ିକୁ ପ୍ରାଥମିକତା ଦେଇ କମ୍ପାନୀ ଭିତ୍ତିଭୂମି ବିକାଶ କାର୍ଯ୍ୟ ଜାରି ରଖିଛି । ବର୍ଦ୍ଧିତ ବିଜୁଳି ଚାହିଦାକୁ ଦୃଷ୍ଟିରେ ରଖି ଟିପିଏସ୍‌ଓଡିଏଲ୍ ମାଲକାନଗିରିର ଦୂରନ୍ତ ଗ୍ରାମଗୁଡ଼ିକରେ ଡିଷ୍ଟ୍ରିବ୍ୟୁସନ୍ ଟ୍ରାନ୍ସଫର୍ମର ସ୍ଥାପନ କରିଛି । ଏମଭି-୭ ଗ୍ରାମରେ ୧୧ କେଭି ଓ ଏଲଟି ଲାଇନ ସହ ନୂଆ ୧୦୦ କେଭି ଡିଟିଆର୍ କାର୍ଯ୍ୟକ୍ଷମ କରାଯାଇଛି । ପରଜାଗୁଡ଼ା ନର୍ସରୀ ରାସ୍ତାରେ ୧୦୦ କେଭି ଟ୍ରାନ୍ସଫର୍ମର ବସାଯାଇଛି । ସେହିଭଳି ସଦାଶିବପୁର ଗ୍ରାମରେ ବିଜୁଳି ଯୋଗାଣକୁ ଅଧିକ ଭରସାଯୋଗ୍ୟ କରିବା ପାଇଁ ଅତିରିକ୍ତ ୬୩ କେଭିଏ ଡିଟିଆର୍ କାର୍ଯ୍ୟକ୍ଷମ କରାଯାଇଛି। ସମୃଦ୍ଧ ଆଦିବାସୀ ଐତିହ୍ୟ, ଘଞ୍ଚ ଜଙ୍ଗଲ ଓ ପାହାଡ଼ିଆ ଅଞ୍ଚଳ ପାଇଁ ଜଣାଶୁଣା ମାଲକାନଗିରି ଜିଲ୍ଲାରେ ବିଜୁଳି ଯୋଗାଣ ଏକ ଆହ୍ୱାନପୂର୍ଣ୍ଣ କାର୍ଯ୍ୟ ହୋଇଥିଲେ ସୁଦ୍ଧା ଟିପିଏସ୍‌ଓଡିଏଲ୍ ଭିତ୍ତିଭୂମି ବିକାଶ ଉପରେ ଲଗାତାର ଧ୍ୟାନ ଦେବା ସହ ଗୁଣାତ୍ମକ ସେବାକୁ ସୁନିଶ୍ଚିତ କରିବା ଦିଗରେ ପ୍ରୟାସ ଜାରି ରଖିଛି । ଏହି ନୂତନ ବିଜୁଳି ଭିତ୍ତିଭୂମିଗୁଡ଼ିକ ସେହି ଅଞ୍ଚଳର ଶତାଧିକ ବାସିନ୍ଦାଙ୍କୁ ଉନ୍ନତ ବିଜୁଳି ସେବା ଯୋଗାଇବା ସହ କ୍ଷୁଦ୍ର ବ୍ୟବସାୟୀମାନଙ୍କ ପାଇଁ ମଧ୍ୟ ଲାଭପ୍ରଦ ହୋଇପାରୁଛି। ଏହିକ୍ରମରେ ସେମାନଙ୍କର ଜୀବନଧାରଣର ମାନରେ ଉନ୍ନତି ଆସିବ ବୋଲି କମ୍ପାନୀ ଆଶା କରୁଛି ।

ଟିପିଏସ୍‌ଓଡିଏଲ୍ ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଅମିତ କୁମାର ଗର୍ଗ କହିଛନ୍ତି ଯେ, ''ଦକ୍ଷିଣ ଓଡ଼ିଶାର ସୀମାନ୍ତ ଓ ଦୁର୍ଗମ ଜିଲ୍ଲାଗୁଡ଼ିକରେ ବିଦ୍ୟୁତ ଭିତ୍ତିଭୂମି ବିକାଶ ଓ ସେବା ବିଶ୍ୱସନୀୟତା ବୃଦ୍ଧି କରିବା ଦିଗରେ ପ୍ରୟାସ ଜାରି ରହିଛି । ଏହି ଭିତ୍ତିଭୂମି ଉନ୍ନତିକରଣ କେବଳ ବର୍ତ୍ତମାନର ବିଜୁଳି ଚାହିଦାକୁ ପୂରଣ କରିବାକୁ ଉଦ୍ଦେଶ୍ୟ ନୁହେଁ ବରଂ ଏହି ଅଞ୍ଚଳବାସୀମାନଙ୍କ ଜୀବନଧାରଣର ମାନରେ ଉନ୍ନତି ଆଣିବା ଓ ସମଗ୍ର ଅଞ୍ଚଳର ଅନ୍ତର୍ଭୁକ୍ତ ବିକାଶ ଦିଗରେ କାର୍ଯ୍ୟ କରିବା ଏହାର ଲକ୍ଷ୍ୟ ଅଟେ । ଦକ୍ଷିଣ ଓଡ଼ିଶାରେ ଏକ ସୁଦୃଢ଼ ବିଜୁଳି ବିତରଣ ନେଟୱାର୍କ ନିର୍ମାଣ କରିବା ଦିଗରେ ଟିପିଏସ୍‌ଓଡିଏଲ୍ ପ୍ରତିଶ୍ରୁତିବଦ୍ଧ ରହିଛି । ଦୂରନ୍ତ ଅଞ୍ଚଳଗୁଡ଼ିକରେ ଗୁଣାତ୍ମକ ବିଜୁଳି ଯୋଗାଣ ଦିଗରେ କମ୍ପାନୀ କାର୍ଯ୍ୟ ଜାରି ରଖିଛି ।

# କ୍ଷେତ୍ରୀୟ ଖଣ୍ଡାୟତ ମହାସଂଘର
## ବୈଠକ ଓ ସମ୍ବର୍ଦ୍ଧନା ସଭା

କଟକ, (ସ୍ୱପ୍ର): ଉରାଳୀ କ୍ଷେତ୍ରୀୟ ଖଣ୍ଡାୟତ ସଂଘ ପକ୍ଷରୁ ସଭାପତି ବିଶ୍ୱବିହାରୀ ଜେନାଙ୍କ ସଭାପତିତ୍ୱରେ ଉରାଳୀସ୍ଥିତ ବାମନକ୍ଷେତ୍ର ଶ୍ରୀ ଶ୍ରୀ ଦାଧିବାମନଜୀଉ ମନ୍ଦିର ସଭା ଗୃହରେ କ୍ଷେତ୍ରୀୟ ଖଣ୍ଡାୟତ ମହାସଂଘର ଷଷ୍ଠ ବୈଠକ ଓ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଯାଇଛି ।

ମୁଖ୍ୟତଃ କ୍ଷେତ୍ରୀୟ ଖଣ୍ଡାୟତ ଜାତିର ଉନ୍ନତି, ଶିକ୍ଷା ଓ କର୍ମକ୍ଷେତ୍ରରେ ପ୍ରାଧାନ୍ୟ ଦେବା ସହ ଆମେ ସମସ୍ତେ 'ଜାତି ମୋର ସାଥୀ' ହୋଇ ମିଳିମିଶି ସମାଜରେ ଅଗ୍ରସର ହେବା ପାଇଁ ସଂକଳ୍ପ ନେଇଥିଲେ । ଏଥିସହିତ ଶ୍ରୀକୋରୁଆଁ, ଗୋପାଳପୁର, ବାଲିକୁଦା, ପାଇକସହି, ଡ଼ାହାଳିଆବଗ, ଭାଣପୁର, ପ୍ରତାପନଗରୀ, ଜରିପଡ଼ା, ନୂଆଗଡ, ଖଣ୍ଡେଇତା, ସଇନ୍ଦା ଏବଂ ଖଲର୍ଦ୍ଧା ଆଦି ଅଂଚଳରୁ କ୍ଷେତ୍ରୀୟ ଖଣ୍ଡାୟତବାସୀଙ୍କ ଉନ୍ନତି ପାଇଁ ନେତୃତ୍ୱ ନେଉଥିବା ନେତୃମଣ୍ଡଳୀଙ୍କୁ ପୁଷ୍ପଗୁଚ୍ଛ ଓ ଉତ୍ତରୀୟ ପ୍ରଦାନ କରାଯାଇ ସମ୍ବର୍ଦ୍ଧିତ କରାଯାଇଥିଲା । ଏହି ବୈଠକରେ ମୁଖ୍ୟ ଉପଦେଷ୍ଟା ଯୋଗେନ୍ଦ୍ରନାଥ ସ୍ୱାଇଁ, ସମ୍ପାଦକ ଆଇନଜୀବୀ ରମେଶ ଚନ୍ଦ୍ର ପ୍ରଧାନଙ୍କ ସମେତ ବହୁ କର୍ମକର୍ତ୍ତା ଉପସ୍ଥିତ ରହି ସମସ୍ତ କାର୍ଯ୍ୟକୁ ସୁଚାରୁରୂପେ ପରିଚାଳନା କରିଥିବା ବେଳେ ଚନ୍ଦନ କୁମାର ସ୍ୱାଇଁ ଧନ୍ୟବାଦ ଅର୍ପଣ କରିଥିଲେ ।

## ସ୍ୱାଧୀନତା ଦିବସ ଅବସରରେ
# ଗଞ୍ଜାମ ଓକିଲ ସଙ୍ଘ ପକ୍ଷରୁ ବକ୍ତୃତା ପ୍ରତିଯୋଗିତା

ବ୍ରହ୍ମପୁର, (ସବ୍ୟୁ): ଗଞ୍ଜାମ ଓକିଲ ସଂଘ ଆନୁକୂଲ୍ୟରେ ସ୍ୱାଧୀନତା ଦିବସ ପାଳନ ଅବସରରେ ବକ୍ତୃତା ପ୍ରତିଯୋଗିତା କାର୍ଯ୍ୟକ୍ରମ ବ୍ରହ୍ମପୁରର ବିଭିନ୍ନ ବିଦ୍ୟାଳୟରୁ ପ୍ରାୟ ୨୭ ଛାତ୍ରଛାତ୍ରୀ ଅଂଶ ଗ୍ରହଣ କରିଥିଲେ ।

କାର୍ଯ୍ୟକ୍ରମ ଆରମ୍ଭର ୧୫ ମିନଟ ପୂର୍ବରୁ ସ୍ୱାଧୀନତା ଦିବସ ଓ ମୋ ଅନୁଭୂତି ବିଷୟ ନେଇ ଭାଗ ନେଇଥିବା ଛାତ୍ର ଛାତ୍ରୀ ମାନଙ୍କୁ ସୂଚନା ଦିଆ ଯାଇଥିଲା । ପ୍ରତ୍ୟେକ ଛାତ୍ରଛାତ୍ରୀ ମାନଙ୍କୁ ଇଂରାଜୀ କିମ୍ବା ଓଡ଼ିଆ ରେ ୩ ମିନଟ ୧ ମିନଟ ବକ୍ତୃତା ଦେବା ପାଇଁ ସମୟ ଦିଆ ହୋଇଥିଲା। ଏଥିରେ ୨ଟି ଇଂରାଜୀ ବିଦ୍ୟାଳୟ ଛାଡିଦେଲେ ଆଉ ବାକି ସବୁ ଓଡିଆ ଉଚ୍ଚ ବିଦ୍ୟାଳୟର ଛାତ୍ରଛାତ୍ରୀ ମାନେ ଭାଗ ନେଇଥିଲେ। ଆସନ୍ତା ୧୫ ତାରିଖ ଦିନ ଦିନ ଗଞ୍ଜାମ ଓକିଲ ସଂଘ ର ସମ୍ମିଳନୀ କକ୍ଷରେ ପ୍ରଥମ ଓ ଦ୍ୱିତୀୟ ସ୍ଥାନ ରଖିଥିବା ସହିତ ଭାଗ ନେଇଥିବା ସମସ୍ତ ଛାତ୍ରଛାତ୍ରୀମାନଙ୍କୁ ପୁରସ୍କୃତ କରାଯିବ ।

ଏହି କାର୍ଯ୍ୟକ୍ରମରେ ବିଚାରପତି ଭାବେ ସଂଘର ସଭାପତି ମନୋଜ ପଟ୍ଟନାୟକ ରହିଥିବା ବେଳେ ତାଙ୍କୁ ସହଯୋଗ କରିଥିଲେ ଉପସଭାପତି ତିର୍ମୁଲ କୁମାର ରେଡ୍ଡୀ ଏବଂ ସଂଘର ଉପଦେଷ୍ଟା ମଣ୍ଡଳୀର ସଦସ୍ୟ ଲଖଣ ମୁର୍ତ୍ତୀ ଓ ଶ୍ରୀନିବାସ ଦାସ। କାର୍ଯ୍ୟକ୍ରମକୁ ସମ୍ପାଦକ ଟି. ଭେଙ୍କେଟ ରାଓ ଓ ସହ ସମ୍ପାଦକ ଅସିତ ସାବତ ସହିତ ଅନ୍ୟାନ୍ୟ କନିଷ୍ଠ ଆଇନଜୀବୀ ମାନେ ପରିଚାଳନା କରିଥିଲେ ।

# ଫାଇଲେରିଆ ନିରାକରଣ ନିମନ୍ତେ ସାମୁହିକ ଔଷଧ ସେବନ ଅଭିଯାନର ଶୁଭାରମ୍ଭ



ବାରିପଦା, (ସବ୍ୟୁ) : ଜିଲ୍ଲା ସ୍ୱାସ୍ଥ୍ୟ ସମିତି ଆନୁକୂଲ୍ୟରେ ବାରିପଦା ପୌରପାଳିକା ଅନ୍ତର୍ଗତ ମୁର୍ଗାବାଡି ସହରାଞ୍ଚଳ ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ରରେ ଫାଇଲେରିଆ ନିରାକରଣ ନିମନ୍ତେ ସାମୁହିକ ଔଷଧ ସେବନ ଅଭିଯାନର ଶୁଭାରମ୍ଭ ପରିପ୍ରେକ୍ଷୀରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନ ସ୍ୱାସ୍ଥ୍ୟ ଅଧିକାରୀ ଡାଃ କିଶୋର କୁମାର ଆଚାର୍ଯ୍ୟ ଯୋଗ ଦେଇଥିଲେ। ଅନୁଷ୍ଠିତ କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ଏଡିପିଏଚଓ (ଭିବିଡି) ଡାଃ ବିଜୟ କୁମାର ଦାଶ, ଏଡିପିଏଚଓ(କୁଷ୍ଠ), ଡିପିଏମ ଅନିଲ କୁମାର ମହାନ୍ତି, ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ବିକାଶ ରଞ୍ଜନ ମହାନ୍ତି ପ୍ରମୁଖ ଯୋଗ ଦେଇଥିଲେ। ପ୍ରାରମ୍ଭରେ ଜିଲ୍ଲା ଭିବିଡି ପରାମର୍ଶଦାତା ତପନ କୁମାର ସାହୁ ଉପସ୍ଥିତ ସମସ୍ତଙ୍କୁ ସ୍ୱାଗତ କରିବା ସହ ଏହି ସାମୂହିକ ଔଷଧ ସେବନ ଅଭିଯାନ ବିଷୟରେ ଉଲ୍ଲେଖ କରି ଅଭିଯାନକୁ ଶତ ପ୍ରତିଶତ ସଫଳ କରିବା ପାଇଁ 'ଔଷଧ ବାଣ୍ଟିବାନି ଖୁଆଇବା ଉପରେ ପ୍ରାଧାନ୍ୟ ଦିଆଯାଉଛି ବୋଲି କହିଥିଲେ। ଏହି ଅବସରରେ ଅଗଷ୍ଟ ମାସ ୧୦ତାରିଖ ରୁ ୧୯ତାରିଖ ପର୍ଯ୍ୟନ୍ତ ସାମୁହିକ ଔଷଧ ସେବନ ଅଭିଯାନକୁ ସଫଳ କରିବା ତଥା ଜନସାଧାରଣଙ୍କ ମଧ୍ୟରେ ସଚେତନତା ସୃଷ୍ଟି ଉଦେଶ୍ୟରେ ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନ ସ୍ୱାସ୍ଥ୍ୟ ଅଧିକାରୀ ପ୍ରଥମେ ନିଜେ ଉକ୍ତ ଔଷଧକୁ ସେବନ କରିଥିଲେ । ଏହି ଅବସରରେ ଡାଃ ଆଚାର୍ଯ୍ୟ ଜିଲ୍ଲାବାସୀଙ୍କୁ ତା'ଙ୍କ ବାର୍ତ୍ତା ମାଧ୍ୟମରେ ଜଣାଇଛନ୍ତି ଯେ, ଓଡ଼ିଶାରେ ଫାଇଲେରିଆ ରୋଗ ପ୍ରବଣ ୧୨ଟି ଜିଲ୍ଲା ମଧ୍ୟରୁ ଆମ ଜିଲ୍ଲା ଚିହ୍ନିତ ହୋଇଥିବାରୁ ଜିଲ୍ଲାକୁ ଫାଇଲେରିଆ ମୁକ୍ତ କରିବା ପାଇଁ କ୍ରମାଗତ ଭାବେ ପ୍ରତି ବର୍ଷ ରୋଗୀଙ୍କୁ ନିୟମିତ ଔଷଧ ସେବନ ଓ ଅନ୍ୟାନ୍ୟ ଚିକିତ୍ସା ପ୍ରଣାଳୀ ଜରିଆରେ ପ୍ରୟାସ ଜାରିରହିଛି । ଏହି ରୋଗର ନିରାକରଣ ପାଇଁ ମୁଖ୍ୟତଃ ଦୁଇଟି ଉପାୟ ଅବଲମ୍ବନ କରାଯାଉଛି । ପ୍ରଥମରେ ଗୋଷ୍ଠୀରେ ସମସ୍ତଙ୍କ ଠାରୁ ଫାଇଲେରିଆ କୀଟାଣୁ ନଷ୍ଟ କରିବା ନିମନ୍ତେ ସାମୁହିକ ଔଷଧ ସେବନ ଓ ରୋଗୀ ମାନଙ୍କ ଗୋଦର ଗୋଡ଼ର ଯତ୍ନ ସହ ଉପଚାର ଓ ଅଣ୍ଡ କୋଷର ଅସ୍ତ୍ରୋପଚାର ଆବଶ୍ୟକ। ଏହି କ୍ରମରେ ୨୦୨୫-୨୬ ମସିହାରେ ସାମୁହିକ ଔଷଧ ସେବନ କାର୍ଯ୍ୟକ୍ରମ ହାତକୁ ନିଆଯାଇଛି ଯାହାକି ପରିବାରର ପ୍ରତ୍ୟେକ ସଦସ୍ୟ ନିର୍ଦ୍ଧାରିତ ହୋଇଥିବା ବୟସ ଓ ଉଚ୍ଚତା ଆଧାରରେ ସେବନ କରିବେ । ୨ବର୍ଷରୁ ୫ ବର୍ଷ ଶିଶୁମାନେ କେବଳ ଡିଇସି ଓ ଆଲବେଣ୍ଡାଜଲ ବଟିକା ଖାଇବେ ଏବଂ ଅନ୍ୟ ସମସ୍ତ ଯୋଗ୍ୟ ବ୍ୟକ୍ତି ଡିଇସି, ଆଲବେଣ୍ଡାଜଲ ଓ ଆଇଭରମେକଟିନ ବଟିକା ଗୁଡିକୁ ଏକ ସଙ୍ଗରେ ଗୋଟିଏ ମାତ୍ରାରେ ସେବନ କରିବେ । କେବଳ ଗର୍ଭବତୀ ମହିଳା, ୨ ବର୍ଷରୁ କମ ଶିଶୁ, ଗୁରୁତର ଅସୁସ୍ଥ ବ୍ୟକ୍ତି ଓ ଏକ ସପ୍ତାହ ମଧ୍ୟରେ ଶିଶୁ ପ୍ରସବ କରିଥିବା ମା'ଙ୍କୁ ଉକ୍ତ ଔଷଧ ଖାଇବା ପାଇଁ ବାରଣ କରାଯାଇଛି । ଉକ୍ତ ଔଷଧ ସରକାରଙ୍କ ତରଫରୁ ସମ୍ପୂର୍ଣ୍ଣ ଭାବେ ମାଗଣାରେ ଲୋକମାନଙ୍କୁ ଯୋଗାଇ ଦିଆଯାଉଛି ଏବଂ ଜିଲ୍ଲାରେ ୧୦ଟି ବ୍ଲକ ଏବଂ ୩ଟି ଉପଖଣ୍ଡ ସ୍ୱାସ୍ଥ୍ୟ କେନ୍ଦ୍ରରେ ଏହି ଔଷଧ ଉପଲବ୍ଧ ହେବାସହ ଶିକ୍ଷାନୁଷ୍ଠାନ, ସରକାରୀ ବେସରକାରୀ କାର୍ଯ୍ୟାଳୟ /ଅନୁଷ୍ଠାନ ମାନଙ୍କରେ ମଧ ଔଷଧ ସେବନ ବ୍ୟବସ୍ଥା କରାଯାଇଛି । ଏହାଛଡା ଘରକୁ ଘର ଯାଇ ମଧ ଏହି ଔଷଧ ସେବନ ପାଇଁ ସ୍ୱାସ୍ଥ୍ୟ କର୍ମୀ, ଅଙ୍ଗନବାଡି କର୍ମୀ ଓ ତାଲିମ ପ୍ରାପ୍ତ ସ୍ୱେଚ୍ଛାସେବୀ ମାନଙ୍କୁ ନିୟୋଜିତ କରାଯାଇଛି । ଜିଲ୍ଲାର ପ୍ରାୟ ୧୦ଲକ୍ଷ ୫୦ଜଣ ବ୍ୟକ୍ତିଙ୍କୁ ସାମୁହିକ ଔଷଧ ସେବନ କରାଇବା ପାଇଁ ଲକ୍ଷ୍ୟ ରଖାଯାଇଛି । ଉକ୍ତ ଔଷଧକୁ ପରିବାରର ଯୋଗ୍ୟ ସଦସ୍ୟମାନେ ଏହି କାର୍ଯ୍ୟରେ ନିୟୋଜିତ ଥିବା ଅଙ୍ଗନବାଡି କର୍ମୀ, ସ୍ୱାସ୍ଥ୍ୟକର୍ମୀ, ତାଲିମ ପ୍ରାପ୍ତ ସ୍ୱେଚ୍ଛାସେବୀ ଓ ଅନ୍ୟାନ୍ୟ କର୍ମକର୍ତ୍ତାଙ୍କ ସମ୍ମୁଖରେ ଖାଦ୍ୟ ଖାଇ ସାରିବା ପରେ ସେବନ କରିବେ । ଔଷଧ ସମ୍ପୂର୍ଣ୍ଣ ନିରାପଦ ଏବଂ ଶରୀର ଉପରେ ଏହାର କୌଣସି ପାଶର୍ବ ପ୍ରତିକ୍ରିୟା ନାହିଁ । ତେଣୁ ଜିଲ୍ଲାର ପ୍ରତ୍ୟେକ ଯୋଗ୍ୟ ବ୍ୟକ୍ତି କୌଣସି ପ୍ରକାର ଭୟଭିତ ନହୋଇ ବିନା ଦ୍ୱିଧାରେ ଉକ୍ତ ଔଷଧକୁ ସେବନ କରନ୍ତୁ ଏବଂ ଫାଇଲେରିଆ ନିରାକରଣ ଅଭିଯାନରେ ଅଂଶଗ୍ରହଣ ପୂର୍ବକ ସାମୁହିକ ଔଷଧ ସେବନ କାର୍ଯ୍ୟକ୍ରମକୁ ସଫଳ କରି ଜିଲ୍ଲାକୁ ଫାଇଲେରିଆ ମୁକ୍ତ କରାନ୍ତୁ ବୋଲି ମୟୂରଭଞ୍ଜ ବାସୀଙ୍କୁ ପରାମର୍ଶ ଦେଇଛନ୍ତି ।

## ବୁଗୁଡ଼ାରେ ଆଉ ଦେଖିବାକୁ ମିଳୁନି 'ବାଇ ଚଢ଼େଇ' ବସା

ବୁଗୁଡ଼ା, (ସବ୍ୟୁ): ଯୁଗ ଯୁଗ ଧରି ପ୍ରକୃତିର ବିସ୍ମୟ ଭାବେ ବିବେଚିତ ହେଉଥିବା ପକ୍ଷୀ ଜଗତର କ୍ଷୁଦ୍ର ପକ୍ଷୀ ବାଇ ଚଢେଇ ଓ ତାହାର ବସା ଏବେ ବିଲୁପ୍ତ ହେବାକୁ ବସିଲାଣି । ୮୦ ଦଶକରେ ଏମାନଙ୍କ ସଂଖ୍ୟା ଅଗଣିତ ଥିଲା । ଗ୍ରାମରେ ବିଲମାଳ, ପଡିଆଜମି ପାଖରେ ଥିବା ତାଳ ଓ ଖଜୁରି ଗଛରେ ବାଇ ଚଢେଇ ବସା ଦେଖିବାକୁ ମିଳୁଥିଲା । ଏବେ ଏହି ସଂଖ୍ୟା ଢେର ହ୍ରାସ ପାଇଛି । କାଁଭାଁ ସ୍ଥାନରେ ଏହି ପକ୍ଷୀଙ୍କ ବସା ଦେଖିବାକୁ ମିଳୁଛି । ତାଳ ଗଛର ଅଗ୍ରଭାଗରେ ଜୀବନ୍ତ ପତ୍ରକୁ ଅଣ୍ଟ ମୁନରେ ସରୁ ସରୁ ଚିରି ତଳ ମୁହାଁ ଝୁଲନ୍ତା ବସା ନିର୍ମାଣ ଶୈଳୀ ମନୁଷ୍ୟ ଦ୍ୱାରା ସମ୍ଭବ ହୋଇନଥାଏ । ଏହି କାରିଗର ବିଦ୍ୟା କ୍ଷୁଦ୍ର ପକ୍ଷୀର ଜନ୍ମଜାତ ଓ ପ୍ରକୃତିଦତ୍ତ ଗୁଣ । ଯେତେ ଜୋରରେ ପବନ ବହିଲେ ବି ବସାର କିଛି ବି କ୍ଷତି ହୋଇନଥାଏ । ବର୍ଷା, କୁଆପଥର ମାଡରେ ଏହି କୁନି ପକ୍ଷୀର ମଧ କିଛି କ୍ଷତି ହୋଇନଥାଏ । ପ୍ରତିବର୍ଷ ବାଇ ଚଢେଇ ନିଜର ବସାକୁ ନୂଆଁରେ ତିଆରି କରିଥାଏ ।

ମୌସମୀ ଆଗମନର କିଛିଦିନ ପୂର୍ବରୁ ବସା ବାନ୍ଧିବା ଦେଖିବାକୁ ମିଳିଥାଏ । ବାଇ ଚଢେଇ ବସା ବାନ୍ଧିଲେ ଚାଷୀ ଖୁସି ହୋଇଥାନ୍ତି । ଚାଷୀ ଚାଷ ଆରମ୍ଭ କରିବାକୁ ପ୍ରସ୍ତୁତି ସହ ମୌସୁମୀ ଆସିଗଲା ବୋଲିଧରି ନେଇଥାନ୍ତି । ଅତୀତରେ ଚାଳଛପର ଘରେ ରହୁଥିବା କୃଷକଙ୍କ ଏହି ଚଢେଇ ଏକ ପ୍ରକାର ବନ୍ଧୁ ଭାବେ ଜଣାଶୁଣା ଥିଲା । ଚାଷ ଜମିରେ ଏହି ପ୍ରଜାତିର ଚଢେଇ ଛୋଟଛୋଟ ପୋକଜୋକ ଖାଇଥାନ୍ତି, ଯାହାକି ଚାଷୀର ଫସଲ କୀଟପତଙ୍ଗ ଦାଉରୁ ସୁରକ୍ଷା ଦେଇଥାଏ । ଏବେ ଆଧୁନିକ ଯୁଗରେ ଚାଳଘର ସ୍ୱପ୍ନ ପାଲଟିବାରୁ ସେମାନଙ୍କ ସଂଖ୍ୟା ଲୋପ ପାଇବାକୁ ଲାଗିଲା । ଏଥିସହ ମୋବାଇଲ ଟାୱାର ସଂଖ୍ୟା ବୃଦ୍ଧି ଏମାନଙ୍କ ପାଇଁ ବିପଦ ହୋଇଛି । ଟାୱାରର କ୍ଷତିକାରକ ବିକିରଣ ଏହି ପକ୍ଷୀଙ୍କ ବଂଶ ବିସ୍ତାର କରିବାରେ ପ୍ରତିବନ୍ଧକ ସାଜିଛି । ଫଳରେ ବାଇ ଚଢେଇ ବଂଶ ଆସ୍ତେ ଆସ୍ତେ ଲୋପ ପାଇବାରେ ଲାଗିଛି । ସେହିପରି ଚାଷ ଜମିରେ ବିଭିନ୍ନ ରାସୟନିକ ସାର ପ୍ରୟୋଗ କରୁଥିବାରୁ ବାଇ ଚଢେଇ ଆଉ ଜମିମାଳକୁ ଯାଉ ନାହାଁନ୍ତି । କିଛି ସମାଜସେବୀ ଏହି ବିଲୁପ୍ତ ହେବାକୁ ବସିଥିବା ବାଇ ଚଢେଇର ସୁରକ୍ଷା ପାଇଁ ଅଣ୍ଟା ଭିଡିଛନ୍ତି । ସରକାରୀ କିମ୍ବା ବେସରାକରୀ ଜାଗାରେ ବନବିଭାଗ ଦ୍ୱାରା ଖଜୁରି ଗଛ ଲଗାଯିବା ଏବଂ ଗ୍ରାମାଞ୍ଚଳର ଘର ଗୁଡିକ ସମ୍ମୁଖରେ ଅସ୍ଥାୟୀ ଚଢେଇ ବସା ନିର୍ମାଣ କରିବାକୁ ବୁଦ୍ଧିଜୀବୀ ମହଲରେ ମତ ପ୍ରକାଶ ପାଇଛି ।

# ହାଇୱେ ଡକାୟତି ଯୋଜନାକୁ ଭଣ୍ଡୁର କଲା ପୋଲିସ

ଅନୁଗୁଳ, (ସବ୍ୟୁ): ରାତ୍ରି ପାଟ୍ରୋଲିଂ ବେଳେ ପୁଲିସ ପଞ୍ଝାରେ ୮ ଜଣିଆ ଡକାୟତ ଗ୍ୟାଙ୍ଗ । ସୂଚନା ମୁତାବକ, ଅନୁଗୁଳ ଟାଉନ ଥାନା ପୁଲିସ ୮ ତାରିଖ ରାତ୍ରି ପାଟ୍ରୋଲିଂ ସମୟରେ କିଛି ଅସାମାଜିକ ବ୍ୟକ୍ତି ଡକାୟତି ଉଦ୍ଦେଶ୍ୟରେ ବୁଲିଥିବା ଖବର ପାଇଥିଲେ ସୂଚନା ପାଇ ପୋଲିସ ପାଟ୍ରୋଲିଂ ଦଳ ଅନୁଗୁଳ ଟାଉନ୍ ଅଞ୍ଚଳରେ ସେମାନଙ୍କୁ ଖୋଜାଖୋଜି କରି ହେମସୁରପଡ଼ା ଛକରେ ପାଇଥିଲା ।

ପୋଲିସ ଦଳକୁ ଦେଖି ସେମାନେ ରାଜ ହୋଟେଲ ଛକ ଦେଇ ଖସିଯିବାକୁ ଚେଷ୍ଟା କରିଥିଲେ । ହେଲେ ପୋଲିସ ଭୋର ୪ଟାରେ ହାଟ ଛକ ନିକଟସ୍ଥ ଅନୁଗୁଳର ପୁରୁଣା ଗୋରୁ ହାଟ ଭିତରରୁ ସମସ୍ତ ୦୮ ଜଣଙ୍କୁ ଧରିବାରେ ସଫଳ ହୋଇଥିଲା । ଗିରଫମାନେ ହେଲେ



ଅନୁଗୁଳ ସଦର ଥାନା ଅନ୍ତର୍ଗତ ଅଙ୍ଗାରବନ୍ଧ ଗାଁର ପାର୍ଥ ସାରଥୀ ପ୍ରଧାନ (୨୫), ବବୁଲ ପ୍ରଧାନ (୧୮), ଦିଲ୍ଲୀପ ସାହୁ (୨୨), ଅନୁଗୁଳ ଟାଉନ ଥାନା ଅନ୍ତର୍ଗତ ହୁଲସୁରିଙ୍ଗା ଘାସି ସାହିର ସୁଜାଲ ଓରଫ ବୁଦ୍ଧ ମୁଖୀ (୧୯), ଘୁଞ୍ଚାପାଳ ଗାଁର ସୌମ୍ୟ ଓରଫ ସମୟ ନାଏକ(୨୨), ବନ୍ତଳା ଥାନା ଅନ୍ତର୍ଗତ କଲେଇପଦା ଗାଁର ତନ୍ମୟ ନାଏକ ଓରଫ ମଣ୍ଟୁ (୨୧)ଏବଂ ମାଣପୁର ଗାଁର ସିଲୁ ଓରଫ ଜଗନ ନାଏକ (୧୯), ଢେଙ୍କାନାଳ ଜିଲ୍ଲା ମୋଟଙ୍ଗା ଥାନା ଅନ୍ତର୍ଗତ ପୋଡ଼ାପଡ଼ା ଗାଁର ମିଲନ୍ ଓରଫ ରୁଦ୍ର ନାରାୟଣ ଭୂତିଆ (୨୫) । ସେମାନଙ୍କ ନିକଟରୁ ଏକ ଧଳା ରଙ୍ଗର ସ୍କୋର୍ପିଓ ଏବଂ ଏକ ଥର୍ ଜବତ ହୋଇଛି ।

ଏଥିସହ ଚାରଟି ଦେଶୀ ନିର୍ମାତ ୭ ଏମଏମ ପିସ୍ତଲ, ଚାରଟି ୭ ଏମଏମ ଲୁହା କୁରାଢ଼ି, ନଗଦ ୭୦୦୦ ଟଙ୍କା, ୭ଟି ମୋବାଇଲ୍ ଫୋନ୍ ମଧ ଜବତ କରାଯାଇଛି । ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ଏନେଇ ଏସଡିପିଓ ରମାକାନ୍ତ ମହାଳିକ ଓ ଟାଉନ ଥାନା ଅଧିକାରୀ ଧିରେଶ କୁମାର ଦାସ ମିଳିତ ଭାବେ ସୂଚନା ଦେଇଥିଲେ ।

# ଚୋରା ବନ୍ଧୁକ ଠାବ, ୫ ବନ୍ଧୁକ ଜବତ : ୫ ଗିରଫ

ଖମାର, (ସବ୍ୟୁ): ପାଲଲହଡା ଉପଖଣ୍ଡ ଖମାର ଥାନା ବଡସଡ଼ା ପଞ୍ଚାୟତ ଅଞ୍ଚଳରୁ ଚାରି ଜଣ ଏବଂ ଶଙ୍ଖମୁର ପଞ୍ଚାୟତ ଅଂଚଳରୁ ଜଣେ ଯୁବକଙ୍କୁ ବେଆଇନ ଦେଶି ବନ୍ଧୁକ ଘରେ ରଖିଥିବା ଅଭିଯୋଗରେ ଖମାର ଥାନା ପୋଲିସ ଗିରଫ କରିଥିବା ଥାନା ଅଧିକାରୀ ଅରୁଣ କୁମାର ପଣ୍ଡା ସୂଚନା ଦେଇଛନ୍ତି ।



ଗତକାଲି ଖମାର ଥାନା ଅଧିକାରୀ ଅରୁଣ କୁମାର ପଣ୍ଡା ଅନୁଗୋଳ ଜିଲ୍ଲା ଆରକ୍ଷୀ ଅଧିକାରୀଙ୍କ ନିର୍ଦ୍ଦେଶ କ୍ରମେ କୌଣସି ସୂତ୍ରରୁ ଖବର ପାଇ ବଡସଡ଼ା ପଞ୍ଚାୟତର କୁରୁମୂଳା, କୁଚିଣ୍ଡା, ଏବଂ ଖଣତାପଶି ଗ୍ରାମରେ ବିଳମ୍ବିତ ରାତିରେ ଅତର୍କିତ ଭାବରେ ଚଢ଼ାଉ କରି କୁରୁମୂଳା ଗ୍ରାମର କମଳ ପଧାନ (୫୦), କୁଚିଣ୍ଡା ଗ୍ରାମର ଉମାକାନ୍ତ ଲାଗୁରି (୩୦) ଖଣତାପଶି ଗ୍ରାମର ଅର୍ଜୁନ ତିରିଆ (୩୫)ଏବଂ ଶୁକ୍ର ପେଣ୍ଡଇ (୫୫), ସେଇଭଳି ଶଙ୍ଖମୁର ପଞ୍ଚାୟତ ରଞ୍ଜା କୁସୁମ ପାଳ ଗ୍ରାମର ମିଟୁ ଦେହୁରୀ (୫୫)ଙ୍କ ଘରେ ଚଢ଼ାଉ କରି ଗୋଟିଏ ଲେଖାଏଁ ଦେଶି ବନ୍ଧୁକ ରଖିଥିବା ଯୋଗୁ ଗିରଫ ହୋଇଥିବା ଜଣାପଡିଛି ।

ଥାନା ଅଧିକାରୀ ବନ୍ଧୁକର କାଗଜପତ୍ର ମାଗିବାରୁ ଉକ୍ତ ଅଭିଯୁକ୍ତମାନେ ବନ୍ଧୁକର କୌଣସି କାଗଜପତ୍ର ଦେଖାଇ ପାରିନଥିବାରୁ ବନ୍ଧୁକ ଶହ ପାଞ୍ଚ ଜଣକୁ ଗିରଫ କରି କୋର୍ଟ ଚାଲାଣ କରିଥିବା କହିଛନ୍ତି । ଗତ ଜୁନ ମାସରେ ତିନୋଟି ବେଆଇନ ଦେଶି ବନ୍ଧୁକ ଜବତ କରି ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରିବା ସହିତ ସେହି ମାସରେ ଝାରବେଡା ପଞ୍ଚାୟତ ଜମ୍ବୁଆ ଗ୍ରାମରେ ବେଆଇନ ବନ୍ଧୁକ କାରଖାନା କରି ବନ୍ଧୁକ ବିକ୍ରି କରୁଥିବା ଅଭିଯୋଗରେ ଜଣକୁ ଗିରଫ କରି କୋର୍ଟ ଚାଲାଣ କରିଥିବା ଥାନାଧିକାରୀ ଶ୍ରୀ ପଣ୍ଡା କହିଥିଲେ ।

## ଶ୍ରାବଣ ପୂର୍ଣ୍ଣିମାରେ ଗୋ ପୂଜନ ଓ ଚାରା ରୋପଣ

କଣିହାଁ, (ସବ୍ୟୁ): କଣିହାଁ ବ୍ଲକ ପବିତ୍ରନଗର ସ୍ଥିତ ପରାବିଲ ଠାରେ କେନ୍ଦ୍ରୀୟ ଚଷାସମାଜ ତରଫରୁ ଶ୍ରାବଣ ପୂର୍ଣ୍ଣିମା ଅବସରରେ ଗୋପୁଜନ ଓ ଚାରା ରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଏହି ପରିପ୍ରେକ୍ଷୀରେ ଗ୍ରାମ ଚଷା ସମାଜ ସଭାପତି ପ୍ରଶ୍ନ କୁମାର ପ୍ରଧାନଙ୍କ ଘରେ ଗୋ ପୂଜନ କରିବା ସହ ପବିତ୍ରମୋହନ ଚଷାଭବନ ଠାରେ ଚାରା ରୋପଣ କରାଯାଇଥିଲା । ଉକ୍ତ କାର୍ଯ୍ୟକ୍ରମରେ ପାଲଲହଡ଼ା ବିଧାୟକ ମୁଖ୍ୟଅତିଥିଭାବେ ଯୋଗଦାନ କରି ଗୋପୂଜନ କରିବାସହ ବୃକ୍ଷ ରୋପଣ କରିଥିଲେ । କାର୍ଯ୍ୟକ୍ରମରେ ମକୁନ୍ଦ ସାହୁ, କ୍ଷିରୋଦ ସାହୁ, ବିନୋଦ ଜେନା, ରମେଶ ପ୍ରଧାନ ସମେତ ଶତାଧିକ ଚାଷୀ ଯୋଗଦାନ କରିଥିଲେ। ପାରମ୍ପାରିକ ଢଙ୍ଗରେ ବାରବର୍ଷ ହେବ ଶ୍ରାବଣ ପୂର୍ଣ୍ଣିମାଦିନ ପାଳନ ଏହି କାର୍ଯ୍ୟକ୍ରମ ପାଳନ କରାଯାଇ ଆସୁଅଛି ।

## ପରିବେଶ ରକ୍ଷା ଓ ଜଙ୍ଗଲ ସୁରକ୍ଷା ପାଇଁ ଅଭିନବ ପ୍ରୟାସ

ବଅଁରପାଳ, (ସବ୍ୟୁ) : ରକ୍ଷାବନ୍ଧନ ଅବସରରେ ଅନୁଗୋଳ ପୂଜ୍ୟପୂଜା ଅନୁଷ୍ଠାନ ଓ ଅନୁଗୋଳ ସୁରକ୍ଷା ମଞ୍ଚ ପଛୁଆ ବର୍ଗ ମହାସଂଘ ଆନୁକୁଲ୍ୟରେ ପରିବେଶ ରକ୍ଷା ଓ ଜଙ୍ଗଲ ସୁରକ୍ଷା ନାରା ଦେଇ ମହିଳା ପୁରୁଷ ମାନେ ଗଛରେ ରାକ୍ଷୀ ବାନ୍ଧି ଜଙ୍ଗଲ ସୁରକ୍ଷା ଓ ଗଛ ନକାଟିବା ପାଇଁ ଶପଥ ନେଇଥିଲେ । ବରିଷ୍ଠ ଉପଦେଷ୍ଟା ତଥା ଆବାହକ ଜୟନ୍ତ କୁମାର ସାହୁ, ଅନୁଗୋଳ ସୁରକ୍ଷା ମଞ୍ଚ ଓ ପୂଜ୍ୟପୂଜା ଅନୁଷ୍ଠାନର ସଭାପତି ପ୍ରବୋଧ କୁମାର ସ୍ୱାଇଁଙ୍କ ତତ୍ତ୍ୱାବଧାନରେ ସୁସୁଡ଼ା ଶ୍ମଶାନ ପଡ଼ିଆ ଜମିରେ ସୃଷ୍ଟି ହୋଇଥିବା ଜଙ୍ଗଲରେ ରାଖିବାନ୍ଧି ଶହଶହ ମହିଳା ଓ ପୁରୁଷ ମାନେ ପରିବେଶ ରକ୍ଷା ଓ ଜଙ୍ଗଲ ସୁରକ୍ଷା ପାଇଁ ଶପଥ ନେଇଛନ୍ତି । ବୃକ୍ଷର ଉପକାରିତା ବିଷୟରେ ଶ୍ରୀ ସ୍ୱାଇଁ ନିଜର ବକ୍ତବ୍ୟ ପ୍ରଦାନ କରିଥିଲେ । ମହିଳା ସମାଜସେବୀ ଗୀତାଞ୍ଜଳି ଭୋଇ, ପଙ୍କଜିନି ନାଏକ ବୃକ୍ଷର ଉପକାରିତା ବିଷୟରେ ନିଜର ବକ୍ତବ୍ୟ ପ୍ରଦାନ କରିଥିଲେ ।

## ତାଳଚେର ଉପକାରାଗାରରେ ରକ୍ଷାବନ୍ଧନ

ତାଳଚେର, (ସବ୍ୟୁ): ତାଳଚେର ସ୍ୱତନ୍ତ୍ର ଉପକାରାଗାରରେ ତାଳଚେର ୱାର୍କିଙ୍ଗ ଜର୍ଣ୍ଣାଲିଷ୍ଟ ପକ୍ଷରୁ ପବିତ୍ର ରକ୍ଷାବନ୍ଧନ ଉତ୍ସବ ପାଳିତ ହୋଇଯାଇଛି । ଏହି ରକ୍ଷାବନ୍ଧନ ଉତ୍ସବରେ ସ୍ୱତନ୍ତ୍ର ଉପକାରାଗାରର ଅଧକ୍ଷ ଉପସ୍ଥିତ ଥିଲେ । ସ୍ୱତନ୍ତ୍ର ଉପକାରାଗାରରେ ଥିବା ଅନ୍ତେଃବାସୀ ହାତରେ ରାକ୍ଷୀବାନ୍ଧି ମିଠା ଖୁଆଇ ପରସ୍ପର ସହ ଭାଇଚାରା ସୃଷ୍ଟି କରିବା, ବ୍ୟବହାର ମଣିଷ ପରି ମଣିଷଟିଏ, ସମାଜରେ ସୁନାଗରୀକ ହୋଇ ସୁସ୍ଥ ସମାଜ ଗଠନରେ ସହାୟକ ହେବାକୁ ଆହ୍ୱାନ ଦେଇ ସମାଜର ମୁଖ୍ୟସ୍ରୋତରେ ସାମିଲ ହେବାପାଇଁ ପରାମର୍ଶ ଦିଆଯାଇଥିଲା । ଏହି ଅବସରରେ ଅନ୍ତେଃବାସୀଙ୍କୁ କିଛି ସାବୁନ ବଣ୍ଟନ କରାଯାଇଥିଲା । ସଂଘର ସଭାପତି ମଦନମୋହନ ସାହୁ, ସାଧାରଣ ସମ୍ପାଦକ ସୌଭାଗ୍ୟ ନାୟକ, ଉପସଭାପତି ଅଜୟ ନାୟକ, ରୁଦ୍ରମୋହନ ଗଡ଼ନାୟକ, ବାପୁଜୀ ସାମଲ, ବାସୁଦେବ ପ୍ରଧାନ, ନରତମ ସାହୁ, ରାଉତରାଏ ନାଏକ, ଦେବାଶିଷ ପରିଡ଼ା, ଦିଲ୍ଲପ ନାଏକ, ସାୟଦ ହୁସେନ୍ ପ୍ରମୁଖ ଉପସ୍ଥିତ ଥିଲେ ।

# ଏନଟିପିସିରେ ଏନଡିଆରଏଫ ସହିତ ଦୁଇ ଦିନିଆ ବିପର୍ଯ୍ୟୟ ପରିଚାଳନା କର୍ମଶାଳା

କଣିହାଁ, (ସବ୍ୟୁ): ଏନଟିପିସି କଣିହାଁ ରେ କଟକ ସ୍ଥିତ ମୁଣ୍ଡଳୀ ଠାରେ ଥିବା ଜାତୀୟ ବିପର୍ଯ୍ୟୟ ପ୍ରତିକ୍ରିୟା ବାହିନୀ (ଏନଡିଆରଏଫ) ତୃତୀୟ ବାଟାଲିୟନ ସହିତ ମିଳିତ ଭାବରେ ଅଗଷ୍ଟ ୬ ଓ ୭ ଦୁଇ ଦିନ ଧରି ଏକ ଦୁଇ ଦିନିଆ ବିପର୍ଯ୍ୟୟ ପରିଚାଳନା ଯୋଜନା କର୍ମଶାଳା ଅନୁଷ୍ଠିତ ହୋଇଯାଇଛି ।



କାର୍ଯ୍ୟକ୍ରମରେ ଏନଟିପିସି କଣିହାଁର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ କେ. ଏନ ରେଡ୍ଡୀ ଯୋଗଦେଇ ଶୁଭାରମ୍ଭ କରିବା ସହ ଉଦ୍ୟାନ ସୁରକ୍ଷା ଏବଂ ସମ୍ପ୍ରଦାୟ ସ୍ଥିରତା ପାଇଁ ବିପର୍ଯ୍ୟୟ ପ୍ରସ୍ତୁତିର ଗୁରୁତ୍ୱ ଉପର ଆଲୋକପାତ କରିଥିଲେ। ଏହି କର୍ମଶାଳାରେ, ବିଭିନ୍ନ ସ୍ତରର ଏନଟିପିସି କାର୍ଯ୍ୟନିର୍ବାହୀ ଏବଂ ସିଆଇଏସଏଫ ୱିଙ୍ଗ ଏବଂ ସୁରକ୍ଷାର କର୍ମଚାରୀଙ୍କ ସମେତ ପ୍ରାୟ ୯୫ ଜଣ ଅଂଶଗ୍ରହଣକାରୀ ଅଂଶଗ୍ରହଣ କରିଥିଲେ। ଏନଡିଆରଏଫ ପ୍ରାକୃତିକ ଏବଂ ମାନବ ନିର୍ମିତ ବିପର୍ଯ୍ୟୟ ଉଭୟକୁ ନେଇ ପାରସ୍ପରିକ ଆଲୋଚନା ଅଧିବେଶନ ପରିଚାଳନା ହୋଇଥଲା। ମୁଖ୍ୟତଃ କେନ୍ଦ୍ରିୟ କ୍ଷେତ୍ରଗୁଡ଼ିକ ମଧ୍ୟରେ ଘୂର୍ଣ୍ଣିବାତ୍ୟା ଏବଂ ବନ୍ୟା ପ୍ରସ୍ତୁତି, ବଜ୍ରପାତ ନିରାପତ୍ତା, ବୟସ୍କ ଏବଂ ଶିଶୁଙ୍କ ପାଇଁ ପ୍ରାଥମିକ ଚିକିତ୍ସା ଏବଂ ସିପିଆର, କୋଠା ଭୁଶୁଡ଼ିବା ଏବଂ ଭୂମିକମ୍ପ ସମୟରେ ସ୍ଥାନାନ୍ତର କୌଶଳ, ଏବଂ ସାପ ଏବଂ କୁକୁର କାମୁଡ଼ା ପରିଚାଳନା ଅନ୍ତର୍ଭୁକ୍ତ ଥିଲା।

ଅଂଶଗ୍ରହଣକାରୀମାନେ ଜରୁରୀକାଳୀନ ପରିସ୍ଥିତିରେ କିପରି ଉନ୍ନତ ଜୀବନ ରକ୍ଷାକାରୀ ଉପକରଣ ବ୍ୟବହାର କରିବେ ତାହା ମଧ ଶିଖିଥିଲେ। ତାଲିମରେ ବାସ୍ତବ ଜୀବନର ବିପର୍ଯ୍ୟୟ ପରିସ୍ଥିତିର ସିମୁଲେସନ କରି ଲାଇଭ୍ ପ୍ରଦର୍ଶନ କରାଯାଇଥିଲା । ଯାହା ଅଂଶଗ୍ରହଣକାରୀମାନଙ୍କୁ ସେମାନଙ୍କର ପ୍ରସ୍ତୁତି ଏବଂ ପ୍ରତିକ୍ରିୟା କ୍ଷମତାକୁ ବୃଦ୍ଧି କରିବା ପାଇଁ ବ୍ୟବହାରିକ ଅଭିଜ୍ଞତା ପ୍ରଦାନ କରିଥିଲା।

ଏକ ପ୍ରମୁଖ ଆକର୍ଷଣ ଥିଲା ଏକ ଷ୍ଟୋରେଜ୍ ଟ୍ୟାଙ୍କରୁ ହାଇଡ୍ରୋକ୍ଲୋରିକ୍ ଏସିଡ୍ ଲିକେଜ୍ ଉପରେ ମକ୍ ଡ୍ରିଲ୍। ଏନଟିପିସି, ଏନଡିଆରଏଫ ଏବଂ ସିଆଇଏସଏଫ ଦ୍ୱାରା ମିଳିତ ଭାବରେ ସମ୍ପାଦିତ ଏହି ଡ୍ରିଲ୍, ସମନ୍ୱିତ ଜରୁରୀକାଳୀନ ପ୍ରତିକ୍ରିୟାକୁ ପ୍ରଦର୍ଶନ କରିଥିଲା। ଯେଉଁଥିରେ ଆମ୍ବୁଲାନ୍ସ ଏବଂ ଅଗ୍ନିଶମ ସେବାର ସମୟସୀମା ପହଞ୍ଚିବା ଏବଂ ତୁରନ୍ତ ଉଦ୍ଧାର କାର୍ଯ୍ୟ ଅନ୍ତର୍ଭୁକ୍ତ ଥିଲା। ଯାହା ସମସ୍ତ ଅଂଶୀଦାରଙ୍କ ଠାରୁ ପ୍ରଶଂସା ଅର୍ଜନ କରିଥିଲେ ।

# ଅନୁଗୋଳ ଜିଲ୍ଲା ପରିଚାଳନା ସମିତି କାର୍ଯ୍ୟକର୍ତ୍ତା ବୈଠକ

ତାଳଚେର, (ସବ୍ୟୁ): ତାଳଚେର ବ୍ଲକ ବଡ଼ଯୋରଡ଼ା ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ପରିସରରେ ଶିକ୍ଷା ବିକାଶ ସମିତି,ଓଡିଶାଙ୍କ ମଧ୍ୟସମ୍ଭାଗର ଯୋଜନା ଅନୁଯାୟୀ ଜିଲ୍ଲାସ୍ତରୀୟ ପରିଚାଳନା ସମିତି କାର୍ଯ୍ୟକର୍ତା ବୈଠକ ଅନୁଷ୍ଠିତ ହୋଇଯାଇଛି । ଏଥିରେ ସମଗ୍ର ଅନୁଗୋଳ ଜିଲ୍ଲାର ୨୯ଟି ଶିଶୁମନ୍ଦିରର ୧୫୦ରୁ ଉର୍ଦ୍ଧ୍ୱ କାର୍ଯ୍ୟକର୍ତା ଯୋଗ ଦେଇଥିଲେ । ମଧ୍ୟସମ୍ଭାଗ ସଂଯୋଜକ ମଧୁସୂଦନ ବାରିକଙ୍କ ଆବାହକତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ସମ୍ଭାଗ ସଭାପତି ପରେଶ ଚନ୍ଦ୍ର ପଟ୍ଟନାୟକ ଅଧ୍ୟକ୍ଷତା କରିଥିଲେ । ମୁଖ୍ୟ ଅତିଥି ଭାବରେ ପୂର୍ବକ୍ଷେତ୍ରର ସହ ସଙ୍ଗଠନ ମନ୍ତ୍ରୀ ହେମନ୍ତ କୁମାର ପାଣିଗ୍ରାହୀ, ସମ୍ମାନୀତ ଅତିଥି ଭାବରେ ମଧସମ୍ଭାଗ ସମ୍ପାଦକ ସନ୍ତୋଷ କୁମାର ପୃଷ୍ଟି, ଅନୁଗୋଳ ଜିଲ୍ଲା ପ୍ରମୁଖ ପ୍ରତାପ କୁମାର ଦେହୁରୀ ଓ ସ୍ଥାନୀୟ ବିଦ୍ୟାଳୟର ସଭାପତି ସୁରେଶ ଚନ୍ଦ୍ର ସାହୁ ପ୍ରମୁଖ ଯୋଗ ଦେଇ ପ୍ରଦୀପ ପ୍ରଜ୍ଜଳନପୂର୍ବକ କାର୍ଯ୍ୟକ୍ରମକୁ ଉଦ୍ଘାଟନ କରିଥିଲେ । ପ୍ରାରମ୍ଭରେ ବିଦ୍ୟାଳୟର ପ୍ରଧାନ ଆଚାର୍ଯ୍ୟ ଗୌରଚନ୍ଦ୍ର ନନ୍ଦ ଅତିଥିମାନଙ୍କର ପରିଚୟ ପ୍ରଦାନ କରିଥିଲେ । ଏହାପରେ ବିଦ୍ୟାଳୟର ଛାତ୍ରଛାତ୍ରୀମାନେ ସ୍ୱାଗତ ସଙ୍ଗୀତ ଗାନ କରିଥିଲେ । ଜିଲ୍ଲା ପ୍ରମୁଖ ପ୍ରତାପ କୁମାର ଦେହୁରୀ କାର୍ଯ୍ୟକ୍ରମର ଆଭିମୁଖ୍ୟ ସଂପର୍କରେ ଅଭିହିତ କରିଥିଲେ ।

ଏହି ଅବସରରେ ଭାରତ ସରକାରଙ୍କ ନୂତନ ଶିକ୍ଷାନୀତି ଆଧାରରେ ବିଦ୍ୟାଳୟଗୁଡ଼ିକରେ ପ୍ରଭାବୀ ଶିକ୍ଷାଦାନ କରିବା ସହିତ କ୍ରିୟାକଳାପ ଆଧାରରେ ଶିକ୍ଷାଦାନ ନିମନ୍ତେ ଆଲୋଚନା କରାଯାଇଥିଲା । ଏହି କାର୍ଯ୍ୟକ୍ରମକୁ ଅନୁଗୋଳ ଜିଲ୍ଲା ନିରୀକ୍ଷକ ବିରଞ୍ଚି ନାରାୟଣ ମହାପାତ୍ର ପରିଚାଳନା କରିଥିବା ବେଳେ ବଡ଼ଯୋରଡ଼ା ଶିଶୁମନ୍ଦିରର ସଂପାଦକ ଗଗନ ବିହାରୀ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ ।

## ଅଗ୍ନିକାଣ୍ଡରେ କାର୍ଯ୍ୟାଳୟ ଜଳିଗଲା

ଠାକୁରଗଡ଼, (ସବ୍ୟୁ): ଅନୁଗୋଳ ଜିଲ୍ଲା କିଶୋରନଗର ବ୍ଲକ ନାକିଚି ଠାରେ ଥିବା ଭାଜପା କାର୍ଯ୍ୟାଳୟରେ ରବିବାର ଦିନ ଅଗ୍ନିକାଣ୍ଡ ଘଟିଛି। ବିଦ୍ୟୁତ ସର୍ଟ ସର୍କିଟରୁ ଏହି ଅଗ୍ନିକାଣ୍ଡ ଘଟିଥିବାବେଳେ ହଠାତ ନିଆଁ ଲାଗିଥିଲା। ଅଗ୍ନିକାଣ୍ଡ ସମ୍ପର୍କରେ ଅଞ୍ଚଳବାସୀ ସୂଚନା ପାଇଁ ବାମୁର ଅଗ୍ନିଶମ ବିଭାଗ କର୍ମଚାରୀଙ୍କୁ ସୂଚନା ଦେଇଥିଲେ। ଖବର ପାଇ ବାମୁର ଅଗ୍ନିଶମ ବିଭାଗ ଘଟଣା ସ୍ଥଳରେ ପହଁଚି ନିଆଁକୁ ଆୟତ କରିଥିଲେ। ଏହି ଅଗ୍ନିକାଣ୍ଡରେ କାର୍ଯ୍ୟାଳୟରେ ଥିବା ସମସ୍ତ ଆସବାପତ୍ର ଗୁଡିକ ପୋଡି ଯାଇଥିବା ଜଣାପଡିଛି ।

## ମହିଳାଙ୍କୁ ହତ୍ୟା ଧମକ ଅଭିଯୋଗ

ଠାକୁରଗଡ଼, (ସବ୍ୟୁ): ଅନୁଗୋଳ ଜିଲ୍ଲା ଠାକୁରଗଡ଼ ଥାନା ସାନ ଦାଦର ଗ୍ରାମର ସବିତା ବିଶ୍ୱାଳଙ୍କୁ ସେହି ଅଞ୍ଚଳର ବସନ୍ତ ସାହୁ ଓ ତାଙ୍କ ପୁଅ ବିନୋଦ ସାହୁ, ବିଶି କେସନ ସାହୁ, ହତ୍ୟା ଧମକ ଦେଇଥିବା ସାବିତ୍ରୀ ଶନିବାର ଦିନ ଠାକୁରଗଡ଼ ଥାନାରେ ଅଭିଯୋଗ କରିଛନ୍ତି। ତାଙ୍କ ଅଭିଯୋଗ କୁ ଭିତ୍ତି କରି ପୋଲିସ ନମ୍ବର ୨୨୨/୨୫ ରେ ଏକ ମାମଲା ରୁଜୁ କରିଛି। ପୋଲିସ କହିଛି ଯେ ସାବିତ୍ରୀ ତାଙ୍କ ଏକ ଗାଈକୁ ନେଇ ଏକ ବିଲ ହୁଡ଼ା ଦେଇ ଯାଉଥିବା ବେଳେ ଉଭୟ ବାପ ପୁଅ ତିନି ଜଣ ମିଶି ତାଙ୍କୁ ଅଟକାଇ ଗାଳି ଗୁଲଜ କରିଥିଲେ। ପରେ ତାଙ୍କୁ ଏକ ଟାଙ୍ଗିଆ ରେ ଆକ୍ରମଣ କରିବା ସହ ହତ୍ୟା କରିବା ପାଇଁ ଧମକ ଦେଇଥିବା ଅଭିଯୋଗ ପତ୍ରରେ ଉଲ୍ଲେକ କରାଯାଇଛି ।

## ଦମ୍ପତିଙ୍କୁ ଠେଙ୍ଗାରେ ଆକ୍ରମଣ

ଠାକୁରଗଡ଼, (ସବ୍ୟୁ): ଅନୁଗୋଳ ଜିଲ୍ଲା ହଣ୍ଡପା ଥାନା ଲକ୍ଷ୍ମୀପ୍ରିୟାପୁର ଗ୍ରାମର ସରସ୍ୱତୀ ପ୍ରଧାନ ଓ ତାଙ୍କ ସ୍ୱାମୀ ରଶ୍ମିରଂଜନ ବେହେରାଙ୍କୁ ତାଙ୍କ ଭଣୋଇ ଚାକୁଣ୍ଡାମୁଣ୍ଡା ଗ୍ରାମର କୃଷ୍ଣ ଚନ୍ଦ୍ର ସାହୁ ଏକ ଠେଙ୍ଗା ମାଧ୍ୟମରେ ଆକ୍ରମଣ କରିଥିବା ହଣ୍ଡପା ଥାନାରେ ସରସ୍ୱତୀ ଅଭିଯୋଗ କରିଛନ୍ତି । ତାଙ୍କ ଅଭିଯୋଗ କ୍ରମେ ନମ୍ବର ୨୯୯/୨୫ ରେ ଏକ ମାମଲ ରୁଜୁ କରା ଯାଇଛି । ପୋଲିସ କହିଛି ଯେ ସରସ୍ୱତୀ ଘରେଥିବା ବେଳେ ହଠାତ କୃଷ୍ଣ ଚନ୍ଦ୍ର ଯାଇ ତାଙ୍କୁ ମାଡ଼ ମାରିଥିଲା। ଏନେଇ ତାଙ୍କ ସ୍ୱାମୀ ରଶ୍ମିରଂଜନ ପ୍ରତିବାଦ କରିବାରୁ ମଧ ତାଙ୍କୁ ମାଡ଼ ମାରିଥିବା ଅଭିଯୋଗ ପତ୍ରରେ ଉଲ୍ଲେଖ କରାଯାଇଛି। ସେହିପରି କୃଷ୍ଣ ଚନ୍ଦ୍ର ଏକ ପାଲଟା ଅଭିଯୋଗ କରିଛନ୍ତି । ତାଙ୍କ ଅଭିଯୋଗ ପତ୍ରରେ ଉଲେଖ କରିଛନ୍ତିଯେ, ସେ ତାଙ୍କ ଘରେ ଥିବାବେଳେ ତାଙ୍କ ସଢୁ ରଶ୍ମିରଂଜନ ଓ ଶାଳୀ ସରସ୍ୱତୀ ଆସି ତାଙ୍କୁ ଏଠାରେ ରହି ପାରିବୁ ନାହିଁ କହି ଏକ ଠେଙ୍ଗାରେ ଆକ୍ରମଣ କରିଥିଲେ। ତାଙ୍କ ଅଭିଯୋଗକୁ ଭିତ୍ତି କରି ପୋଲିସ ନମ୍ବର ୩୦୦/୨୫ ରେ ଏକ ମାମଲା ରୁଜୁ କରିଛି ।

# ଘରେ ଶୋଇଥିବାବେଳେ ଗ୍ୟାସ ଟାଙ୍କି ଫାଟି ତିନି ଗୁରୁତର

ବଅଁରପାଳ, (ସବ୍ୟୁ): ଅନୁଗୋଳ ଜିଲ୍ଲା ନାଲକୋ ନଗର ଥାନା ଅନ୍ତର୍ଗତ କୁଲାଡ଼ ମା ବ୍ରାହ୍ମଣୀ ଦେବୀ ସାହିରେ ଏକ ଅଭାବନୀୟ ଘଟଣା ଘଟିଛି । ସୂଚନା ଅନୁଯାୟୀ ଶନିବାର ରାତ୍ରୀ ସାଢ଼େ ଗୋଟାଏ ସମୟରେ ଜଣେ ବ୍ୟକ୍ତି ଘରେ ବହୁତ ଜୋର ଆବାଜ ହୋଇଥିଲା ପଡୋଶି ଲୋକ ଆବାଜ ଶୁଣି ଉଠି ଆସି ଦେଖିଲା ବେଳକୁ ଘରେ ନିଆଁ ଜଳୁଛି । ପଡୋଶୀ ଲୋକମାନେ ନିଆଁକୁ ଲିଭାଇବା ପାଇଁ ଉଦ୍ୟମ କରିବା ସହ ନାଲକୋନଗର ଥାନା ପୋଲିସକୁ ଖବର ଦେଇଥିଲେ। ପୋଲିସ ପ୍ରଥମେ ଅନୁଗୋଳ ଅଗ୍ନିଶ୍ରମ ବିଭାଗ ଓ ପରେ ନାଲକୋ ସିପିପି ଅଗ୍ନିଶମ ବିଭାଗ ପହଁଚି ନିଆଁକୁ ଆୟତ କରିଥିଲେ ଓ



ଘର ଭିତରେ ଶୋଇଥିବା ଅବସ୍ଥାରେ ୩ଜଣଙ୍କୁ ଅଗ୍ନିଶମ ଉଦ୍ଧାର କରି ପ୍ରଥମେ ନାଲକୋ ଚିକିତ୍ସାଳୟ ଓ ପରେ ଅନୁଗୋଳ ଜିଲ୍ଲା ମୁଖ୍ୟଚିକିତ୍ସାଳୟକୁ ସ୍ଥାନାନ୍ତରୀତ କରିଥିଲେ।

ଅଧିକ ଗୁରୁତର ହେବାରୁ ଭୁବନେଶ୍ୱର ସ୍ଥାନାନ୍ତରିତ କରାଯାଇଛି। ଗୁରୁତର ବ୍ୟକ୍ତି ହେଲେ ବିଭୁତି ଭୂଷଣ ପ୍ରଧାନ(୫୦) ବର୍ଷ , ରନ୍ ମଞ୍ଜରୀ ପ୍ରଧାନ(୪୨)ବର୍ଷ , ଦିଗନେସ ପ୍ରଧାନ ବୋଲି ସୂଚନା ମିଳିଛି । ଏହି ଅଗ୍ନିକାଣ୍ଡ ରେ ଗୋଟିଏ ବାଇକ୍ ସହିତ ଘରର ସମସ୍ତ ସାମଗ୍ରୀ ପୋଡି ପାଉଁଶ ହୋଇଯାଇଛି । ବିଳମ୍ବିତ ରାତ୍ରରେ କିଭଳି ଗ୍ୟାସ ଟାଙ୍କି ଫାଟିଲା ଏନେଇ ସାଧାରଣରେ ଚର୍ଚ୍ଚା ହେଉଛି ।

## ସଟ୍ ସର୍କିଟରେ ପୋଡିଗଲା ନାକିଚି ବିଜେପି କାର୍ଯ୍ୟାଳୟ

ବଇଣ୍ଡା, (ସବ୍ୟୁ): ଆଠମଲ୍ଲିକ ବିଧାନସଭା ନିର୍ବାଚନ ମଣ୍ଡଳୀର ନାକିଚି ଠାରେ ଥିବା ବିଜେପି କାର୍ଯ୍ୟାଳୟରେ ଆଜି ସକାଳ ସାତ ଘଟିକା ସମୟରେ ସଟ୍ ସର୍କିଟ ଯୋଗୁ ଅଗ୍ନିକାଣ୍ଡ ଘଟିଛି । ସ୍ଥାନୀୟ ଲୋକମାନେ ଧୁଆଁ ବାହାରୁଥିବାରୁ ବାମୁର ଅଗ୍ନିଶମ ବାହିନୀକୁ ସଙ୍ଗେ ସଙ୍ଗେ ଫୋନ କରିଥିଲେ । ଅଗ୍ନିଶମ କର୍ମଚାରୀ ମାନେ ପହଞ୍ଚିବା ପୂର୍ବରୁ ସମସ୍ତ ଆସବାବପତ୍ର ପୋଡି ପାଉଁଶ ହେଇଯାଇଥିଲା। ଖବର ପାଇ ପୂର୍ବତନ ମନ୍ତ୍ରୀ ସଂଜୀବ ସାହୁ ଏବଂ ପୂର୍ବତନ ଜିଲ୍ଲା ପରିଷଦ ସଭ୍ୟ ବଂଶୀଧର ସେଠି ସ୍ଥିତି ଅନୁଧ୍ୟାନ କରିଛନ୍ତି ।

# ଦ୍ୱିତୀୟ ଥର ଖୋଲିଲା ରେଙ୍ଗାଳି ଡ୍ୟାମ୍



ରେଙ୍ଗାଳି, (ସବ୍ୟୁ): ଏବର୍ଷ ଦ୍ୱିତୀୟ ଥର ପାଇଁ ରେଙ୍ଗାଳି ଡ୍ୟାମର ଗୋଟିଏ ଗେଟ ଖୋଲାଯାଇ ବନ୍ୟାଜଳ ନିଷ୍କାସନ କରାଯାଉଛି । ଉପରେ ମୁଣ୍ଡରେ ପ୍ରବଳ ବର୍ଷା ଯୋଗୁଁ ରେଙ୍ଗାଳି ଡ୍ୟାମ ଜଳଭଣ୍ଡାରରେ ବ୍ରାହ୍ମଣୀ ନଦୀର ଜଳସ୍ତର ବୃଦ୍ଧି ପାଇବାରେ ଲାଗିଛି । ରେଙ୍ଗାଳି ଡ୍ୟାମ ଜଳଭଣ୍ଡାରର ପୂର୍ଣ୍ଣ ଜଳଧାରଣ କ୍ଷମତା ୧୨୩.୫୦ ମିଟର ଥିବାବେଳେ ଆଜି ଦିନ ୧୦ଟା ସୁଦ୍ଧା ଡ୍ୟାମର ଜଳସ୍ତର ୧୨୧.୮୬ ମିଟରରେ ପହଁଚିଥିଲା ।

ନିର୍ଦ୍ଧାରିତ ଜଳସ୍ତର ଠାରୁ ଡ୍ୟାମର ଜଳସ୍ତର ଅଧିକ ରହିଛି । ଫଳରେ ଆଜି ଦିନ ୧୦ ଟା୨୪ ମିନିଟରେ ଡ୍ୟାମ୍ କର୍ତ୍ତୃପକ୍ଷ ଡ୍ୟାମର ଗେଟ ୮କୁ ଖୋଲି ବନ୍ୟା ଜଳ ନିଷ୍କାସନ କରିଥିଲେ । ଆଜି ଅପରାହ୍ନ ୩ ଟା ସୁଦ୍ଧା ରେଙ୍ଗାଳି ଡ୍ୟାମ ଠାରେ ବ୍ରାହ୍ମଣୀ ନଦୀର ଜଳସ୍ତର ୧୨୧.୮୬ ମିଟର ରହିଛି । ଡ୍ୟାମର ଜଳଧାରଣ ସାରଣୀ ଅନୁଯାୟୀ ଏହି ସମୟରେ୧୧୮.୧୦ ମିଟର ରହିବା କଥା । ପ୍ରତି ସେକେଣ୍ଡରେ ଜଳଭଣ୍ଡାର ମଧ୍ୟକୁ ୧୭୬୩ ଘନ ମିଟର ବନ୍ୟା ଜଳ ପ୍ରବେଶ କରୁଥିବା ବେଳେ ଖୋଲା ଯାଇଥିବା ଗୋଟିଏ ଗେଟ ଓ ପାୱାର ଚ୍ୟାନେଲ ମାଧ୍ୟମରେ ମୋଟ ୨୦୮୦ ଘନ ମିଟର ବନ୍ୟା ଜଳ ନିଷ୍କାସିତ ହେଉଅଛି । ପ୍ରତି ଘଣ୍ଟାରେ ୨୪୭ ମେଗାୱାଟ ବିଦ୍ୟୁତ ଉତ୍ପାଦନ ହେଉଥିବା ନେଇ ବନ୍ୟାନିୟନ୍ତ୍ରଣ କକ୍ଷ ପକ୍ଷରୁ ସୂଚନା ଦିଆଯାଇଛି ।

## ଗଛରେ ରାକ୍ଷୀ ବାନ୍ଧି ଉତ୍ସବ ପାଳିଲେ ତିନି ଅନୁଷ୍ଠାନ

ଅନୁଗୋଳ, (ସବ୍ୟୁ): ଆଜି ଅପରାହ୍ନରେ ରକ୍ଷାବନ୍ଧନ ଅବସରରେ ଅନୁଗୋଳର ପୂଜ୍ୟପୂଜା ଅନୁଷ୍ଠାନ, ଅନୁଗୋଳ ସୁରକ୍ଷା ମଞ୍ଚ ଓ ପଛୁଆ ବର୍ଗ ମହାସଂଘ ଆନୁକୁଲ୍ୟରେ ପରିବେଶ ରକ୍ଷା ଓ ଜଙ୍ଗଲ ସୁରକ୍ଷା ନାରା ଦେଇ ମହିଳା ପୁରୁଷ ମାନେ ଗଛରେ ରାକ୍ଷୀ ବାନ୍ଧି ଜଙ୍ଗଲ ସୁରକ୍ଷା ଓ ଗଛ ନକାଟିବା ପାଇଁ ଶପଥ ନେଇଥିଲେ। ବରିଷ୍ଠ ଉପଦେଷ୍ଟା ତଥା ଆବାହକ ଜୟନ୍ତ କୁମାର ସାହୁ, ଅନୁଗୋଳ ସୁରକ୍ଷା ମଞ୍ଚ ଓ ପୂଜ୍ୟପୂଜା ଅନୁଷ୍ଠାନର ସଭାପତି ପ୍ରବୋଧ କୁମାର ସ୍ୱାଇଁଙ୍କ ତତ୍ତ୍ୱାବଧାରେ ସୁସୁଡ଼ା ଶ୍ମଶାନ ପଡ଼ିଆ ଜମିରେ ବୃକ୍ଷରେ ରାକ୍ଷୀ ବାନ୍ଧାଯାଇଥିଲା । ଜଙ୍ଗଲରେ ରାକ୍ଷୀ ବାନ୍ଧି ଶହଶହ ମହିଳା ଓ ପୁରୁଷ ମାନେ ପରିବେଶ ରକ୍ଷା ଓ ଜଙ୍ଗଲ ସୁରକ୍ଷା ପାଇଁ ଶପଥ ନେଇଛନ୍ତି। ବୃକ୍ଷର ଉପକାରିତା ବିଷୟରେ ଶ୍ରୀ ସ୍ୱାଇଁ ନିଜର ବକ୍ତବ୍ୟ ପ୍ରଦାନ କରିଥିଲେ। ମହିଳା ସମାଜସେବୀ ଗୀତାଞ୍ଜଳି ଭୋଇ ଓ ପଙ୍କଜିନି ନାଏକ ବୃକ୍ଷର ଉପକାରିତା ବିଷୟରେ ନିଜର ବକ୍ତବ୍ୟ ପ୍ରଦାନ କରିଥିଲେ। ଏହି କାର୍ଯ୍ୟକ୍ରରେ ଯୁବ କଂଗ୍ରେସ ଉପ ସଭାପତି ଅଭିଷେକ ନାୟକ, ଶଙ୍କର ବେହେରା, ଶାହିଲ ନାଏକ, ସୁନିଲ ବେହେରା, ସୁନିଲ ଗୋଛାୟତ, ଅସିତ ବେହେରା, ଅନ୍ତର୍ଯ୍ୟାମୀ ନାଏକ, ଅଶୋକ ନାଏକ ପ୍ରମୁଖ ଯୁବ ଛାତ୍ର ଯୋଗଦାନ କରି ବୃକ୍ଷର ଉପକାରିତା ବିଷୟରେ ଆଲୋଚନା କରିଥିଲେ ।

# କେନ୍ଦ୍ରୀୟ ଚଷା ସମାଜ ପକ୍ଷରୁ ଗୋପୂଜନ ଓ ବୃକ୍ଷରୋପଣ କାର୍ଯ୍ୟକ୍ରମ

ତାଳଚେର, (ସବ୍ୟୁ): ପବିତ୍ର ରକ୍ଷା ବନ୍ଧନ ଅବସରରେ କେନ୍ଦ୍ରୀୟ ଚଷା ସମାଜ ତାଳଚେର ତରଫରୁ ପରାବିଲ ଗ୍ରାମ ଚଷାସମାଜର ସଭାପତି ପ୍ରଶ୍ନ କୁମାର ପ୍ରଧାନଙ୍କ ଘରେ ଗୋପୂଜନ କରିବା ସହ ପବିତ୍ର ମୋହନ ଚଷା ଭବନ ଠାରେ ବୃକ୍ଷରୋପଣ କରାଯାଇଥିଲା । ଉକ୍ତ କାର୍ଯ୍ୟକ୍ରମରେ ପାଲଲହଡା ବିଧାୟକ ଅଶୋକ କୁମାର ମହାନ୍ତି ମୁଖ୍ୟଅତିଥି ଭାବେ ଯୋଗଦେଇ ଗୋପୂଜନ କରିବା ସହ ବୃକ୍ଷରୋପଣ କରିଥିଲେ । କେନ୍ଦ୍ରୀୟ ଚଷା ସମାଜର ସଭାପତି ମକୁନ୍ଦ ଚନ୍ଦ୍ର ସାହୁ କାର୍ଯ୍ୟକ୍ରମର ମୁଖ୍ୟ ପୁରୋଧା ଥିଲେ । କେନ୍ଦ୍ରୀୟ କମିଟି ଅଧିନରେ ଥିବା ୫ଟି ଅଂଚଳର ସଭାପତି ସମେତ ଶତାଧିକ ଚଷା ଭାଇ ଯୋଗଦାନ କରି କାର୍ଯ୍ୟକ୍ରମକୁ ସଫଳ କରିଥିଲେ । ଏହି ଅବସରରେ ବିଧାୟକ ଶ୍ରୀ ମହାନ୍ତି ସମାଜସେବୀ କ୍ଷିରୋଦ ସାହୁ ଓ ସଫଳ ଚାଷୀ ଭାବେ ରମେଶ ଚନ୍ଦ୍ର ସାହୁଙ୍କୁ ସମ୍ବର୍ଦ୍ଧିତ କରିଥିଲେ ।



ଏହି କାର୍ଯ୍ୟକ୍ରମରେ ସଂପାଦକ ରାମଚନ୍ଦ୍ର ସ୍ୱାଇଁ, କୋଷାଧକ୍ଷ ବିନୋଦ କୁମାର ଜେନା, ତ୍ରିପୁରାରୀ ପ୍ରଧାନ, ବିନୟ କୁମାର ପ୍ରଧାନ, ସୁମନ୍ତ ପ୍ରଧାନ, ହିମାଂଶୁ ଶେଖର ସାହୁ, ଚିତରଂଜନ ପ୍ରଧାନ, ସନାତନ ସାହୁ, ଡମ୍ବରୁଧର ସାହୁ, ପରାବିଲ୍ ସରପଂଚଙ୍କ ପ୍ରତିନିଧି ରମେଶ ଚନ୍ଦ୍ର ପ୍ରଧାନ, ନଦୀକୂଳ ଅଂଚଳ ସଭାପତି ବୃନ୍ଦାବନ ସାହୁ, ବଜ୍ରକୋଟ ଅଂଚଳ ସଭାପତି ଲିଙ୍ଗରାଜ ପ୍ରଧାନ, ଶତ୍ରୁଘନ ପ୍ରଧାନ, ସନ୍ତୋଷ କୁମାର ପ୍ରଧାନ, ବିଜୟ କୁମାର ସାହୁ, ଯୋଗେଶ୍ୱର ପ୍ରଧାନ, ପଙ୍କଜ ସାହୁ, ଫରେଷ୍ଟର, ସମସ୍ତ ହାତୀ ସ୍କାର୍ଡ, ମେଘମାଳ ସାହୁ, ଶିବ ପ୍ରଧାନ, କୁମର ସାହୁ, ମନୋଜ କୁମାର ବିଶ୍ୱାଳ, ଯୋଗେଶ୍ୱର ସାହୁ, ହୃଦାନନ୍ଦ ପ୍ରଧାନ, ପୂର୍ଣ୍ଣ ଚନ୍ଦ୍ର ସାହୁ, ଆନନ୍ଦ ସାହୁ ପ୍ରମୁଖ ଯୋଗଦେଇ ସହଯୋଗ କରିଥିଲେ ।

# ଫାଇଲେରିଆ ନିରାକରଣ ଅଭିଯାନ: ୬ଲକ୍ଷରୁ ଅଧିକ ଲୋକଙ୍କୁ ଔଷଧ

ଢେଙ୍କାନାଳ, (ସବ୍ୟୁ): ଢେଙ୍କାନାଳ ଜିଲ୍ଲାରେ ଫାଇଲେରିଆ ନିରାକରଣ ଅଭିଯାନ-୨୦୨୫ ପାଇଁ ଜିଲ୍ଲା ସ୍ତରୀୟ ସାମୁହିକ ଔଷଧ ସେବନ ଶୁଭାରମ୍ଭ କରାଯାଇଛି। ରାଜ୍ୟକୁ ଫାଇଲେରିଆ ରୋଗୀ ମୁକ୍ତ କରିବା ଲକ୍ଷ୍ୟରେ ଆଜି ଢେଙ୍କାନାଳ ଜିଲ୍ଲାରେ ସାମୁହିକ ଔଷଧ ସେବନ କାର୍ଯ୍ୟକ୍ରମ ଶୁଭାରମ୍ଭ ହୋଇଛି। ଏହି ଉପଲକ୍ଷେ ଆଜି ପୂର୍ବାହ୍ନରେ ସ୍ଥାନୀୟ ପୁରୁଣା ଜିଲା ପରିଷଦ ହଲ ଠାରେ ଏକ ଉଦଘାଟନୀ ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ଉତ୍ସବରେ ମୁଖ୍ୟ ଅତିଥି ଭାବେ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ, ବିଜ୍ଞାନ ଓ ପ୍ରଯୁକ୍ତି ବିଦ୍ୟା ମନ୍ତ୍ରୀ କୃଷ୍ଣ ଚନ୍ଦ୍ର ପାତ୍ର ଯୋଗ ଦେଇ, ସ୍ୱାସ୍ଥ୍ୟ ହିଁ ସଂପଦ ବୋଲି କହିଥିଲେ । ଫାଇଲେରିଆକୁ ଜିଲ୍ଲାରୁ ସମୂଳେ ବିନାଶ କରିବା ପାଇଁ ଏହାକୁ ଏକ ଚ୍ୟାଲେଞ୍ଜ ଭାବେ ଗ୍ରହଣକରି ସମସ୍ତେ ଏହି ଔଷଧକୁ ନିଶ୍ଚିତ ଭାବେ ଖାଇବାକୁ ଅନୁରୋଧ କରିଥିଲେ । ବ୍ୟାୟମ, ଯୋଗ, ପ୍ରାଣାୟମ ମଧ ନିୟମିତ କରିବାକୁ



ପରାମର୍ଶ ଦେଇଥିଲେ । ଚଳିତ ବର୍ଷ ଫାଇଲେରିଆ ସମାପ୍ତ ହେଉବୋଲି ମନ୍ତ୍ରୀ କହିବା ସହିତ ସମସ୍ତେ ଔଷଧ ସେବନ କରିବାକୁ ନିବେଦନ କରିଥିଲେ। ଜିଲ୍ଲାକୁ ଫାଇଲେରିଆ ମୁକ୍ତ କରିବାକୁ ଏ ଅଭିଯାନ ବୋଲି କହିଥିଲେ। ଜାତୀୟ ଭେକ୍ଟର ରୋଗ ନିୟନ୍ତ୍ରଣ କାର୍ଯ୍ୟକ୍ରମର ଯୁଗ୍ମ ନିର୍ଦ୍ଦେଶକ ଡାକ୍ତର ଶୁଭାଶିଷ ମହାନ୍ତିସୂଚନା ଅନୁସାରେ ଆଜି ଠାରୁ ଆସନ୍ତା ୧୯ ତାରିଖ ପର୍ଯ୍ୟନ୍ତ ରାଜ୍ୟର ୧ କୋଟି ୭ ଲକ୍ଷ ଲୋକ ଏହି ଔଷଧ ସେବନ କରିବେ। ସେଥିମଧ୍ୟରୁ ଢେଙ୍କାନାଳ ଜିଲ୍ଲାର ୬ ଲକ୍ଷରୁ ଉର୍ଦ୍ଧ୍ୱ ଲୋକ ଏହି ଔଷଧ ସେବନ କରିବେ ବୋଲି ପ୍ରକାଶ କରିଥିଲେ ।ଏହି ରୋଗର ଲକ୍ଷଣ ମଶା କାମୁଡିବାର ୧୦ -୧୫ ବର୍ଷ ପରେ ଦେଖାଯାଇଥିବା ଯୋଗୁଁ ନିଜେ ସୁସ୍ଥ ଅଛି ବୋଲି ଭାବୁଥିଲେ ମଧ ସମସ୍ତେ ଖାଇବା ନିହାତ ଉଚିତ୍ ବୋଲି କହିଥିଲେ । ପୌର ପରିଷଦର ଅଧକ୍ଷା ଜୟନ୍ତୀ ପାତ୍ର, ଜିଲ୍ଲାପାଳ ଆଶିଷ ଇଶ୍ୱର ପାଟିଲ , ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ଦିପ୍ତି ରଂଜନ ସେଠୀ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଜିଲାରୁ ଫାଇଲେରିଆ ନିରାକରଣ ପାଇଁ ସମସ୍ତେ ସଚେତନ ହୋଇ ନିଶ୍ଚିତ ଭାବେ ଔଷଧ ସେବନ କରିବାକୁ ଅନୁରୋଧ କରିଥିଲେ ।

ଏହି ଅବସରରେ ସମସ୍ତ ଅତିଥି ବୃନ୍ଦ ଓ ବିଭାଗୀୟ ଅଧିକାରୀ ମାନେ ଔଷଧ ସେବନ କରିଥିଲେ। ପ୍ରାରମ୍ଭରେ ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ଡକ୍ଟର ସଂଜୟ ମହାପାତ୍ର ସମସ୍ତଙ୍କୁ ସ୍ୱାଗତ ଜଣାଇ କାର୍ଯ୍ୟକ୍ରମ ଆୟୋଜନ ସଂପର୍କରେ ଅବଗତ କରାଇଥିଲେ ।ଗଣମାଧ୍ୟମର ପ୍ରତିନିଧିମାନେ ଏ ଦିଗରେ ସଚେତନ କରାଇବାକୁ ନିବେଦନ କରିଥିଲେ। ଜିଲାରେ ୩ ହଜାର ୮୦୩ ଜଣ ଫାଇଲେରିଆ ରୋଗୀ ଚିହ୍ନଟ କରାଯାଇପାରିଛନ୍ତି । ଏହି କାର୍ଯ୍ୟକ୍ରମରେ ୨୮୦୦ରୁ ଉର୍ଦ୍ଧ କର୍ମୀ ନିୟୋଜିତ ହୋଇଛନ୍ତି ଏବଂ ଚଳିତ ବର୍ଷ ଏହାକୁ ନିଶ୍ଚିତ ଭାବେ ସଫଳ କରିବା ପାଇଁ ସ୍ୱାସ୍ଥ୍ୟ ବିଭାଗ ପ୍ରସ୍ତୁତ ହୋଇଛି ବୋଲି ସେ ପ୍ରକାଶ କରିଥିଲେ । ଗର୍ଭବତୀ ମହିଳା, ୨ ବର୍ଷରୁ କମ ବୟସର ପିଲା ଏବଂ ଗୁରୁତର ରୋଗୀମାନଙ୍କ ବ୍ୟତୀତ ଅନ୍ୟ ସମସ୍ତେ ନିଜକୁ ସୁରକ୍ଷିତ ରଖିବା ପାଇଁ ଏହାକୁ ନିଶ୍ଚିତ ସେବନ କରିବାକୁ କହିଥିଲେ । ଶେଷରେ ଜାତୀୟ ସ୍ୱାସ୍ଥ୍ୟ ମିଶନର ଡ଼ିପିଏମ ସସ୍ମିତା ସାହୁ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ ।

# ଅତ୍ୟାଧୁନିକ ଆମ୍ବୁଲାନ୍ସ ସେବା ଶୁଭାରମ୍ଭ କଲେ ମୁଖ୍ୟମନ୍ତ୍ରୀ



କେନ୍ଦୁଝର , (ସ୍ୱପ୍ର): : ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଘାଟନ କରିଛନ୍ତି। ଆଡଭାନସ ଲାଇଫ ସପୋର୍ଟ ନାମକ ୩ଟି ଅତ୍ୟାଧୁନିକ ଆମ୍ବୁଲାନ ଉଦ୍‌କେନ୍ଦୁଝର ଜିଲ୍ଲା ଏକ ଖଣି ବହୁଳ ଜିଲ୍ଲା ହୋଇଥିବାରୁ ଜିଲ୍ଲାରେ ମାତ୍ରାଧିକ ଗାଡ଼ି ଚଳାଚଳ କରିଥାଏ। ଏଣୁ ଅନେକ ସମୟରେ ଦୁର୍ଘଟଣା ଘଟିଥିବାର ଦେଖାଯାଏ। ସେହିପରି କେନ୍ଦୁଝର ଜିଲ୍ଲାର କିଛି ଅପହଞ୍ଚ ଅଞ୍ଚଳରେ ଏହି ଅତ୍ୟାଧୁନିକ ଆମ୍ବୁଲାନ୍ସ ସେବା ସହାୟକ ହେବ ବୋଲି କେନ୍ଦୁଝର ଜିଲ୍ଲାର ଏକ ଅଗ୍ରଣୀ ସ୍ୱେଚ୍ଛାସେବୀ ସଂଗଠନ ଇଣ୍ଡିଆନ ବାଇବାରର୍ଥ ପ୍ରକାଶ କରିଛି। ଆର ଜେ ଲଜିସ ଟିକ ପ୍ରାଇଭେଟ ଲିମିଟେଡ ଏବଂ ଆଜଲାଲ ଟ୍ରଷ୍ଟ ମିଳିତଭାବେ ଏହି ୩ଟି ଅତ୍ୟାଧୁନିକ ଆମ୍ବୁଲାନ୍ସ ପ୍ରଦାନ କରିଛନ୍ତି। ଏହି ଆମ୍ବୁଲାନ୍ସ ଗୁଡ଼ିକ ମାଧ୍ୟମରେ ଜିଲ୍ଲାବାସୀଙ୍କୁ ସେବା ଯୋଗାଇବା ସହିତ ତତ୍ତ୍ୱାବଧାନ ଦାୟିତ୍ୱ ନେଇଛି ସ୍ୱେଚ୍ଛାସେବୀ ସଂଗଠନ ଇଣ୍ଡିଆନ ବାଇବାର୍ଥ। ପୂର୍ବରୁ ଇଣ୍ଡିଆନ ବାଇବାର୍ଥ ପକ୍ଷରୁ ଜିଲ୍ଲାବାସୀଙ୍କୁ ସେବା ଯୋଗାଇଦେବା ଲକ୍ଷରେ ଗୋଟିଏ ଆମ୍ବୁଲାନ୍ସ ଏବଂ ଗୋଟିଏ ମହାବାତ୍ୟା ଗାଡ଼ି ପ୍ରଦାନ କରାଯାଇଛି ବୋଲି ଇଣ୍ଡିଆନ ବାଇର୍ଥର ପ୍ରତିଷ୍ଠାତା ଇଂ ସୁନୀଲ କୁମାର ବେହେରା। ଏବଂ ସହ ପ୍ରତିଷ୍ଠାତା ଇଂ ସତ୍ୟରଞ୍ଜନ ସାହୁ କହିଛନ୍ତି। ଆଗାମୀ ଦିନରେ ଏହି ପରି ଜନତାଙ୍କ ପାଇଁ ବିଭିନ୍ନ ପ୍ରକାରର ସହାୟତା ତଥା ସହଯୋଗ ମୂଳକ କାର୍ଯ୍ୟକ୍ରମ ଜାରି ରହିବ ବୋଲି ଇଣ୍ଡିଆନ ବାଇବାର୍ଥ ପ୍ରତିଷ୍ଠାତା ଇଂ ସୁନୀଲ କୁମାର ବେହେରା ପ୍ରକାଶ କରିଛନ୍ତି।

# ନିଷିଦ୍ଧ ଧଳା ଜହର କାରବାର : ୮ ଗିରଫ



କେନ୍ଦୁଝର,(ସ୍ୱପ୍ର/ସବ୍ୟୁ): ଧଳା ଜହର ବ୍ରାଉନ ସୁଗାର ଏବେ ଯୁବ ସମାଜକୁ ବିପଥଗାମୀ କରି ମାରୁଛି । ଓଡ଼ିଶାକୁ ପଡ଼ୋଶୀ ପୂର୍ବାଞ୍ଚଳ ରାଜ୍ୟରୁ ଏହା ଆସି କେନ୍ଦୁଝର ଜିଲ୍ଲାରେ ପ୍ରବେଶ କରୁଛି । ବାହାର ଦଲାଲ କେନ୍ଦୁଝର ସହରରେ ରହି ଏହି ବେପାରକୁ ଅପରେଟ କରନ୍ତି କିଛି ଅସାଧୁ ସ୍ଥାନୀୟ ବେପାରୀ ଏହାକୁ ନେଇ ଏବେ ବିକୁଛନ୍ତି। ତେଣୁ କେନ୍ଦୁଝର ସଦର ପୋଲିସ ବିଶ୍ୱସ୍ତ ସୂତ୍ରରୁ ଖବର ପାଇ ଏକ ସ୍ୱତନ୍ତ୍ର ଟିମ ଗଠନ କରି ଏକ ସ୍ପେସିଆଲ ସ୍କ୍ୱାର୍ଡ ସହ ମିଶି ଦୁଇ ଜଣ ନିଶା ବେପାରୀଙ୍କୁ କାବୁ କରିଥିଲା। ଏମାନେ ହେଲେ କେନ୍ଦୁଝର ସଦର ଗୋବର୍ଦ୍ଧନ ଗ୍ରାମର ଅମିତ କୁମାର ସାହୁ (୩୬),ପିତା– କୃଷ୍ଣଚନ୍ଦ୍ର ସାହୁ ଓ ସୁଧୀର ଚନ୍ଦ୍ର ବେହେରା(୩୭),ପିତା– ଶରତ କୁମାର ବେହେରା। ଏମାନଙ୍କ ପାଖରୁ ୧୪୬ ଗ୍ରାମ ବ୍ରାଉନ ସୁଗାର ସହ ଏକ ହିରୋ ଡିଲକ୍ସ ବାଇକ ଓଡ଼ି ୦୯ ଏବି ୭୭୩୬ ଜବତ କରାଯାଇଛି। ଏହି ଦୁଇଜଣଙ୍କୁ ଜେରା କରିବା ପରେ ପୁରା ନିଶା ବେପାରୀ ଦଳର ଆଉ ଜଣଙ୍କୁ ଧରିବାରେ ପୋଲିସ ସକ୍ଷମ ହୋଇଛି । କେନ୍ଦୁଝର ସହର, ସଦରରୁ ତୁରୁମୁଙ୍ଗା ଯାଏ ଏମାନଙ୍କ କାରବାର ଚାଲିଥିବା ଜଣାଯାଇଛି। ସମସ୍ତଙ୍କ ପାଖରୁ ମୋଟ ୩ଟି ମୋଟର ସାଇକେଲ, ଗୋଟେ ଟାଟା ଇଣ୍ଡିକୋ କାର, ୬ଟା ମୋବାଇଲ ଫୋନ ସହ ୪୯୦୦ ଟଙ୍କା ଜବତ ହୋଇଛି।ଏମାନେ ସମସ୍ତେ ୮ଜଣ ସଦର ଥାନାର କେଶ ନଂ୪୩୭/ତା୮/୮/୨୦୨୫ରେ ୟୁ/ଏସ ୨୧(ବି)/୨୯ ଏନଡ଼ିପିଏସ ଆକ୍ଟ ବଳରେ ଗିରଫ ହୋଇଛନ୍ତି। ଅମିତ ଓ ସୁଧୀର ଛଡ଼ା ବାକି ୬ଜଣ ହେଲେ (୧) ଜାହ୍ନାଜ ଓରଫ ସାହିଲ ଖାନ (୨୯), ଅଜନ୍ତା ଲଜ ଗଳି ବାବୁଲାଲ କଲୋନୀ, କେନ୍ଦୁଝର ସହର,(୨) ସାରୁ, ଓରଫ ଶାହରୁଖ ଖାନ(୩୨),ପିତା– ମଜାରୁଲ ଖାନ,ବୁଲାଦାର ସାହି, କେନ୍ଦୁଝର ସହର,(୩) ସାରଓ୍ୱନ ଓରଫ ଶ୍ରବଣ ସାହୁ (୩୦), ପିତା– ସତ୍ୟେନ୍ଦ୍ର ସାହୁ, ଭାଲୁକିପାତାଳ, କେନ୍ଦୁଝର ସହର,(୪) ଅନିଲ କୁମାର ସାହୁ (୩୬), ପିତା– ଅଭିରାମ ସାହୁ, କଲେଜରୋଡ଼, ତୁରୁମୁଙ୍ଗା ଥାନା, କେନ୍ଦୁଝର,(୫) ବିଶଜିତ ଓରଫ ଦୀପ ତ୍ରିପାଠୀ (୨୬), ପିତା– ବିଜୟ କୁମାର ତ୍ରିପାଠୀ,ନିର୍ମଳା କନଭେଣ୍ଟ ପାଖ, କେନ୍ଦୁଝର ସହର ଓ (୬) ଶାନ୍ତନୁ ଓରଫ ମୁନା ବ୍ରହ୍ମ (୪୫), ପିତା–ରବୀନ୍ଦ୍ର ବ୍ରହ୍ମ, ବନାଯୋଡି,କେନ୍ଦୁଝର ସଦର ବୋଲି ଜଣାଯାଇଛି।

# ନିମ୍ନମାନର କାମ ଷଯାଗୁଁ ଲୋକଙ୍କ ସେବାରେ ଲାଗୁନି ପ୍ରକଳ୍ପ

ଖଇରା,(ସବ୍ୟୁ): ବାଲେଶ୍ୱର ଖଇରା ବ୍ଲକରେ ବିଭିନ୍ନ ଅନୁନ୍ନତ ଓ ଅବହେଳିତ ଗ୍ରାମର ଉନ୍ନତି ତଥା ସୌନ୍ଦର୍ଯ୍ୟକରଣ କରିବା ଲକ୍ଷରେ ୧୭ ଗ୍ରାମକୁ ପ୍ରଧାନମନ୍ତ୍ରୀ ଆଦର୍ଶ ଗ୍ରାମ ଯୋଜନାରେ ଅନ୍ତର୍ଭୁକ୍ତ କରାଯାଇଛି । ହେଲେ ପଞ୍ଚାୟତସ୍ତରରରେ କିଛି ଅଧିକାରୀ ଙ୍କ ଦାୟିତ୍ୱହିନତା ଓ ଉଦାସିନତା କାରଣରୁ ମୋଟ ଅନୁଦାନରୁ ଅର୍ଥରୁ ମାତ୍ର ୫୨ ପ୍ରତିଶତ ଖର୍ଚ୍ଚ ହୋଇଛି । ଯାହା ବି ଖର୍ଚ୍ଚ ହେଉଛି ଏଷ୍ଟିମେଟ ଅନୁଯାୟୀ ହେଉନଥିବା ତଥା ନିମ୍ନମାନର ହେଉଥିବାରୁ ଏହା ମଧ୍ୟ କ୍ଷିଣସ୍ଥାୟୀ ହେବା ସହ ପ୍ରକଳ୍ପ ଲୋକଙ୍କ ସେବାରେ ଆସୁନଥିବା ଅଭିଯୋଗ ହୋଇଛି । ଏଣୁ ଏହି ଯୋଜନାରେ କରାଯାଇଥିବା ଖର୍ଚ୍ଚର ଭିଜିଲାନ୍ସ ତଦନ୍ତ କରାଯିବାକୁ ୧୭ଗ୍ରାମର ଅଧିବାସୀ ମାନେ ଦାବି କରିଛନ୍ତି । ଏହି ଯୋଜନାରେ ୨୦୧୯–୨୦ରେ କୁରୁଣ୍ଡା ପଞ୍ଚାୟତର ରାଇକୁଳା,୨୦୨୦–୨୧ରେ ଜଳଦା ପଞ୍ଚାୟତର ତୁଟୋ,ମାଣିତ୍ରୀ ପଞ୍ଚାୟତର ଜଳଙ୍ଗ–ଗଣ୍ଡିବେଡ,ପଳସା ପଞ୍ଚାୟତର ଅର୍ଜୁନପୁର,ବର୍ଣ୍ଣନା ପଞ୍ଚାୟତର ଉଦୟପୁର,ବରଦା ପଞ୍ଚାୟତର ବିଷ୍ଣୁପୁର,ଝିଙ୍କିରିଆ ପଞ୍ଚାୟତର ଗଗନଧୂଳି, ବଡନୁଆଗାଁ ପଞ୍ଚାୟତର ଗେଙ୍ଗୁଟିଆ ଓ ବଡନୁଆଗାଁ,ଗୋବିନ୍ଦପୁର ପଞ୍ଚାୟତର ନରମା,କରୁଣ୍ଡା ପଞ୍ଚାୟତର ମିରିପୁର ଖଇରା,ଶ୍ୟାମସୁନ୍ଦରପୁର ପଞ୍ଚାୟତର କୁସୁନଦାସପୁର ଗ୍ରାମକୁ ଏହି ଯୋଜନାରେ ଅନ୍ତର୍ଭୁକ୍ତ କରାଯାଇଥିଲା । ସେହିଭଳି ୨୦୨୨–୨୩ ରେ ବାଉଁଶଗଡିଆ ପଞ୍ଚାୟତର ବାଉଁଶଗଡିଆ,ନହଙ୍ଗ ଗ୍ରାମର ନହଙ୍ଗ,ବରଦା ପଞ୍ଚାୟତର ଗରଡି,ରପେୟା ପଞ୍ଚାୟତର ରପେୟା,ମାଖନପୁର ପଞ୍ଚାୟତର ତରାଙ୍ଗ ଗ୍ରାମକୁ ଆଦର୍ଶ ଗ୍ରାମ ଯୋଜନାରେ ଅନ୍ତର୍ଭୁକ୍ତ କରାଯାଇଛି । ୨୦୧୯–୨୦ରେ ଅନ୍ତର୍ଭୁକ୍ତ ଗ୍ରାମ ପାଇଁ ୪୦ଲକ୍ଷ,୨୦୨୦–୨୧ରେ ୮୦ଲକ୍ଷ,୨୦୨୧–୨୨ରେ ୨କୋଟି ୧୫ଲକ୍ଷ,୨୦୨୨–୨୩ରେ ୫୮ଲକ୍ଷ ଟଙ୍କା ବିଭିନ୍ନ ପଞ୍ଚାୟତକୁ ଆସିଥିବା ବେଳେ କାର୍ଯ୍ୟଗ୍ରାହୀ ଭାବେ ପଞ୍ଚାୟତ ନିର୍ବାହୀ ଅଧିକାରୀ ଓ ପଞ୍ଚାୟତର ମୁଖ୍ୟଭାବେ ସରପଞ୍ଚଙ୍କ ତତ୍ତ୍ୱାବଧାନରେ ଅର୍ଥ ଖର୍ଚ୍ଚ କରାଯାଇଥାଏ । ହେଲେ ପଞ୍ଚାୟତର ଦାୟିତ୍ୱହୀନତା ପାଇଁ ଆସିଥିବା ୩କୋଟି ୯୩ଲକ୍ଷ ଟଙ୍କାରୁ ମାତ୍ର ୫୨ ପ୍ରତିଶତ ଅର୍ଥାତ ୨କୋଟି ୭ଲକ୍ଷ ଟଙ୍କା ଖର୍ଚ୍ଚ ହୋଇ ପାରିଛି । ଏବେ ସୁଦ୍ଧା ୧କୋଟି ୮୬ଲକ୍ଷ ଟଙ୍କା ପଡିରହିଛି । ଅବଶ୍ୟ ପଡିରହିଥିବା ଅର୍ଥ ରୁ କିଛି କାମ ସରିଥିଲେ ହେଁ ବିନିଯୋଗ ପତ୍ର ପ୍ରମାଣ କରାଯାଇନଥିବା ରୁ ଏହି ଅର୍ଥ ବଳକା ଦର୍ଶାଉଛି ବୋଲି ଦାୟିତ୍ୱରେ ଥିବା ମଙ୍ଗଳ ସମ୍ପ୍ରସାରଣ ଅଧିକାରୀ କହିଛନ୍ତି । ସେପଟେ ଆଲୋକୀକରଣ,ପାନୀୟ ଜଳ ଓ ପରିମଳ ବ୍ୟବସ୍ଥା,ସ୍ୱଚ୍ଛ ଭାରତ,ରାସ୍ତା ନିର୍ମାଣ ଭଳି ପ୍ରକଳ୍ପରେ ବିନିଯୋଗ ହୋଇଥିବା ଅର୍ଥ ଏବେ ମୂଲ୍ୟହୀନ ହୋଇ ପଡିଛି । ଅଧିକାଂଶ ଲାଇଟ ନଷ୍ଟ ହୋଇ ସାରିଥିବା ବେଳେ ପାନୀୟ ଜଳ ବ୍ୟବସ୍ଥା ନଷ୍ଟ ହେବା ସହ ନିର୍ମାଣ ହୋଇଥିବା ଡଷ୍ଟବିନ ଓ ଡ୍ରେନେଜ ଭାଙ୍ଗିରୁଜି ନଷ୍ଟ ହେବାକୁ ବସିଲାଣି । ଜଳଙ୍ଗ ଗଣ୍ଡିବେଡ ଗ୍ରାମରେ ଉକ୍ତ କାର୍ଯ୍ୟରେ ବ୍ୟାପକ ବାଟମାରଣା ହୋଇଥିବା ଅଭିଯୋଗ ଆଣି ୨୦୧୯–୨୦ରୁ ସମସ୍ତ ଖର୍ଚ୍ଚର ଭିଜିଲାନ୍ସ ତଦନ୍ତ କରିବାକୁ ମାଣିତ୍ରୀ ପଞ୍ଚାୟତର ପୂର୍ବତନ ସମିତିସଭ୍ୟ ପ୍ରଫୁଲ୍ଲ ଦାସ ଦାବି କରିଛନ୍ତି । ସେହିଭଳି ଗୋଟିଏ ପଞ୍ଚାୟତର ଏକାଧିକ ଗ୍ରାମକୁ ଏହି ଯୋଜନାରେ ସାମିଲ କରାଯାଉଥିବା ବେଳେ ଅନ୍ୟ ପଞ୍ଚାୟତ ଗୁଡିକୁ ନେତୃବୃନ୍ଦ ଗୁରୁତ୍ୱ ଦେଉନଥିବାରୁ ବହୁ ପଞ୍ଚାୟତବାସୀ ଅସନ୍ତୋଷ ପ୍ରକାଶ କରିଛନ୍ତି । ଏ ସମ୍ପର୍କରେ ବିଡିଓ ନାରାୟଣ ସାହୁଙ୍କ ମତାମତ ନିଆଯିବାରେ ପଡିରହିଥିବା ଅର୍ଥ ଖର୍ଚ୍ଚପାଇଁ ବାରମ୍ବାର ପଞ୍ଚାୟତ ଗୁଡିକୁ ତାଗିଦ କରାଯାଉଥିବା କହିଛନ୍ତି ।

# ବାତ୍ୟା ଆଶ୍ରୟସ୍ଥଳୀ ପରିଦର୍ଶନ କଲେ ଜାତୀୟ ସ୍ତରୀୟ ଟିମ୍

ବାହାନଗା,(ସବ୍ୟୁ): ଶନିବାର ମଧ୍ୟାହ୍ନ ସମୟରେ ରାଜସ୍ୱ ବିପର୍ଯ୍ୟୟ ପରିଚାଳନା ବିଭାଗ ଚିଫ୍ ଜେନେରାଲ ମ୍ୟାନେଜର ଗାୟତ୍ରୀଦତ୍ତ ନାୟକ ବାହାନଗାରେ ପହଁଞ୍ଚି ଗୋପାଳପୁର ପାଇକସ୍ଥାରେ ଥିବା ବାତ୍ୟା ଆଶ୍ରୟସ୍ଥଳୀ ଓ ନୂଆପୁର ଠାରେ ଥିବା ବାତ୍ୟା ଆଶ୍ରୟସ୍ଥଳୀ ଠାରେ ପଂହଛି ପରିଦର୍ଶନ କରିଥିଲେ।ଏହି ସମୟରେ ଓସଡମାର ଜିଲ୍ଲା ପ୍ରୋଜେକ୍ଟ ଅଫିସର ଅବନୀକାନ୍ତ ଭୁଁୟା,ବାହାନଗା ବ୍ଲକ ଅତିରିକ୍ତ କାର୍ଯ୍ୟନିର୍ବାହୀ ଯନ୍ତ୍ରୀ ଲକ୍ଷ୍ମୀକାନ୍ତ ଦାସ,କନିଷ୍ଠ ଯନ୍ତ୍ରୀ କିଶାନ ମୁର୍ମୁ ପରିଦର୍ଶନରେ ସହଯୋଗ କରିବା ସହିତ ଆଗାମୀ ବନ୍ୟା ବାତ୍ୟା ବିପର୍ଯ୍ୟୟ ସମୟରେ କିପରି ସୁରକ୍ଷିତ ରହିହେବ ବିସ୍ତୃତ ଆଲୋଚନା କରିଥିଲେ।

# ମୁଖ୍ୟମନ୍ତ୍ରୀଙ୍କ ପ୍ରମୁଖ ସଚିବଙ୍କ ଦୈତାରି ଗସ୍ତ

କେନ୍ଦୁଝର,(ସ୍ୱପ୍ର) : ମୁଖ୍ୟମନ୍ତ୍ରୀଙ୍କ ପ୍ରମୁଖ ସଚିବ ଶାଶ୍ୱତ ମିଶ୍ର କେନ୍ଦୁଝର ଜିଲ୍ଲା ହରିଚନ୍ଦନପୁର ବ୍ଲକ ଦୈତାରୀ ଅଞ୍ଚଳ ଗସ୍ତ କରିଛନ୍ତି। ସେ ପ୍ରଥମେ ଦୈତାରିସ୍ଥିତ ଓଡ଼ିଶା ଖଣି ନିଗମ (ଓଏମସି)ର ଖଣି ଖନନ ଅଞ୍ଚଳ, ଦୈତାରୀ ପ୍ରାଥମିକ ବିଦ୍ୟାଳୟ, ଉଚ୍ଚବିଦ୍ୟାଳୟ, ବରେଇଗୋଡା ପଞ୍ଚାୟତରେ ଥିବା ଓଏମସିର ପୋଷ୍ୟ ଗ୍ରାମ ତାଳପଦା ପରିଦର୍ଶନ କରି ବିଭିନ୍ନ ଉନ୍ନୟନ କାର୍ଯ୍ୟର ସମୀକ୍ଷା କରିଥିଲେ। ଗ୍ରାମବାସୀଙ୍କ ସହ ବିଭିନ୍ନ ସମସ୍ୟା ସମ୍ପର୍କରେ ଆଲୋଚନା କରିଥିଲେ। ଓଏମ ସି ଦୈତାରି ଶାଖା ଆଞ୍ଚଳିକ ପରିଚାଳକ ବିଭୁତି ଭୂଷଣ ନାୟକ, ଡିଜିଏମ ଭଜହରି ଖୁଣ୍ଟିଆ, ଖଣି ପରିଚାଳକ ବିକାଶ ଚନ୍ଦ୍ର ପରିଡା, ଶ୍ରମ ମଙ୍ଗଳ ଅଧିକାରୀ ସଞ୍ଜୀବ କୁମାର ସାମଲ, ଡେପୁଟି ମ୍ୟାନେଜର ଜୟନ୍ତ କୁମାର ମିଶ୍ର, ପାରିପାର୍ଶ୍ୱିକ ଉନ୍ନୟନ ପରାମର୍ଶଦାତା ଚନ୍ଦନ କୁମାର ବାରିକ ଓ ବିଭିନ୍ନ ବିଭାଗର ଅଧିକାରୀ ମାନେ ଉପସ୍ଥିତ ଥିଲେ।

# ଡକାୟତି ମାମଲା : ଫେରାର ଅଭିଯୁକ୍ତ ଗିରଫ



ବେତନଟୀ ,(ସବ୍ୟୁ): ମୟୁରଭଞ୍ଜ ଜିଲ୍ଲା ବୈଶିଙ୍ଗା ଥାନା ଅଞ୍ଚଳରେ ହୋଇଥିବା ଏକ ଡକାୟତି ମାମଲାରେ ଜଣେ ଫେରାର ଅଭିଯୁକ୍ତକୁ ଗିରଫ କରି କୋର୍ଟ ଚାଲାଣ କଲା ବୈଶିଙ୍ଗା ପୁଲିସ । ପ୍ରାପ୍ତ ସୂଚନା ମୁତାବକ ୨୦୨୩ ମସିହା ମେ ମାସ ୫ତାରିଖ ସନ୍ଧ୍ୟାସମୟରେ ବୈଶିଙ୍ଗା ଥାନା ଅଧୀନ ବାଲିଆପିଟା ଗ୍ରାମର ବୀରେନ୍ଦ୍ର ସିଂ ନିଜ ଭାଇ ପ୍ରତାପ ସିଂ ସହିତ ଗଡ଼ଦେଉଳିଆ ସ୍ଥିତ ନିଜର ସମ୍ପର୍କୀୟ ଘରକୁ ଫେରୁଥିବା ବେଳେ ରାସ୍ତାର ପଛ ପଟରୁ ମାରଣାସ୍ତ୍ର ଧରି ୪ଜଣ ଦୁର୍ବୃତ୍ତ ଆସି ତାଙ୍କୁ ଅଟକାଇବା ସହିତ ମରଣାନ୍ତକ ଆକ୍ରମଣ କରି ତାଙ୍କ ନିକଟରୁ ଟଙ୍କା ଲୁଟିନେଇଥିଲେ । ତେବେ ବୀରେନ୍ଦ୍ର ଓ ତାଙ୍କ ଭାଇ ତାଙ୍କୁ ବାଧା ଦେବାରୁ ଦୁର୍ବୃତ୍ତ ମାନେ ସଂଘବଦ୍ଧ ହୋଇ ତାଙ୍କୁ ଆକ୍ରମଣ କରିଥିଲେ । ସେହି ସମୟରେ ସ୍ଥାନୀୟ ଲୋକ ଏକତ୍ରିତ ହୋଇଯିବାରୁ ତିନି ଜଣେ ଦୁର୍ବୃତ୍ତ ଖସିଯାଇଥିବା ବେଳେ ଜଣେ ଅଭିଯୁକ୍ତ କଳମା ଅଞ୍ଚଳର ମାନସ ଜେନାକୁ କାବୁ କରିନେଇଥିଲେ ଓ ପୁଲିସର ଜିମା ଦେଇଥିଲେ । ପୁଲିସ ପହଞ୍ଚି ମାନସକୁ ଗିରଫ କରି ୨୦/୨୩ନଂ ରେ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଥିଲା । ବିଶସ୍ଥ ସୁତ୍ରରୁ ଖବର ପାଇ ବୈଶିଙ୍ଗା ଥାନାର ସବ ଇନସ୍ପେକ୍ଟର ବୋଇତ ବେହେରା ସଦଳବଳ ଏହି ଡକାୟତି ଘଟଣାର ମୁଖ୍ୟ ଅଭିଯୁକ୍ତ ବାଲେଶ୍ୱର ସଦର ଥାନା ଅଧୀନ ବାଙ୍କତିରା ଗ୍ରାମର ଅମୁଲ୍ୟ ଦାସର ପୁଅ ସପନ ଦାସଙ୍କୁ ଶନିବାର ବିଳମ୍ବିତ ରାତ୍ରିରେ ବାଲେଶ୍ୱର–ମୟୁରଭଞ୍ଜ ସୀମାବର୍ତ୍ତୀ ରାସ୍ତା ପାର୍ଶ୍ୱ ଏକ ଜଙ୍ଗଲ ପାର୍ଶରେ ଛିଡ଼ା ହୋଇଥିବା ବେଳେ ମାଡି ବସିଥିଲେ । ରବିବାର ଅପରାହ୍ନରେ ଅଭିଯୁକ୍ତ ସପନକୁ କୋର୍ଟ ଚାଲାଣ କରାଯାଇଛି।

# ପ୍ରଜାପିତା ବ୍ରହ୍ମାକୁମାରୀ ଈଶ୍ୱରୀୟ ବିଶ୍ୱ ବିଦ୍ୟାଳୟରେ ରକ୍ଷାବନ୍ଧନ

ବେତନଟୀ,(ସବ୍ୟୁ): ପ୍ରଜାପିତା ବ୍ରହ୍ମା କୁମାରୀ ଈଶ୍ୱରୀୟ ବିଶ ବିଦ୍ୟାଳୟ ପକ୍ଷରୁ ବୈଶିଙ୍ଗା ସେବା କେନ୍ଦ୍ର ପରିସରରେ ପବିତ୍ର ରକ୍ଷାବନ୍ଧନ ପର୍ବ ପାଳିତ ହୋଇଯାଇଛି। ବୈଶିଙ୍ଗା ସେବାକେନ୍ଦ୍ର ମୂଖ୍ୟ ସଞ୍ଚାଳିକା ବ୍ରହ୍ମାକୁମାରୀ ଅନୁପମା ଭଉଣୀଙ୍କ ପ୍ରତ୍ୟେକ୍ଷ ତତ୍ତ୍ୱାବଧାନରେ ରକ୍ଷାବନ୍ଧନ ରୂପକ ପବିତ୍ରତାର ପର୍ବ ପାଳିତ ହୋଇଯାଇଛି। ଏହି ଉପଲକ୍ଷେ ବୈଶିଙ୍ଗା ଅଞ୍ଚଳର ଶିକ୍ଷାବିତ, ବ୍ୟବସାୟୀ , ସମାଜସେବୀ ଏବଂ ସାମ୍ବାଦିକ ଭାଇ ମାନେ ମଧ୍ୟ ଉପସ୍ଥିତ ରହିଥିଲେ । ଏହା ପରେ ସେବା କେନ୍ଦ୍ର ଅଧୀନରେ ଥିବା ସମସ୍ତ ଗୀତା ପାଠଶାଳା ମାନଙ୍କରେ ବ୍ରକୁ ଭାଇ ଏବଂ ଭଉଣୀ ମାନଙ୍କୁ ମଧ୍ୟ ଏହି ପବିତ୍ର ରାକ୍ଷୀ ବନ୍ଧା ଯାଇଥିଲା । ଏହି କାର୍ଯ୍ୟକ୍ରମରେ ବ୍ରହ୍ମାକୁମାରୀ ସୁଷମା ଭଉଣୀଙ୍କ ସମେତ ସମସ୍ତ ଭାଇ ଭଉଣୀ ମାନେ ସହଯୋଗ କରିଥିଲେ ।

# ଗାନ୍ଧୀ ବାଳାଶ୍ରମରେ ରକ୍ଷାବନ୍ଧନ ଉତ୍ସବ

ଭଦ୍ରକ,(ସବ୍ୟୁ):ଭଦ୍ରକ ଗରଦପୁରସ୍ଥ ଗାନ୍ଧୀଓଡ଼ିଶା ବାଳାଶ୍ରମ ପରିସରରେ ପବିତ୍ର ରକ୍ଷାବନ୍ଧନ ଉତ୍ସବ ନିଆରା ଢ଼ଙ୍ଗରେ ପାଳିତ ହୋଇଛି । ତିହିଡ଼ିସ୍ଥିତ ଅଗ୍ରଣୀ ଶିଶୁ ଯତ୍ନ ଅନୁଷ୍ଠାନ ଶାନ୍ତି ଆଶ୍ରମରେ ଅବସ୍ଥାନ କରୁଥିବା କୁନି କୁନି ଭଉଣୀ ମାନେ ଗାନ୍ଧୀ ବାଳାଶ୍ରମର ଅନ୍ତେବାସୀ ଭାଇମାନଙ୍କ ହାତରେ ରାକ୍ଷୀ ବାନ୍ଧି ମିଠା ଖୁଆଇଥିଲେ। ଏହି ଅବସରରେ ବାଳାଶ୍ରମର ସମ୍ପାଦକ ଅଶୋକ ଦାସଙ୍କ ଅଧ୍ୟକ୍ଷତାରେ ଏକ ସଭା ଅନୁଷ୍ଠିତ ହୋଇଥିଲା। ଏହି ସଭାରେ ମୁଖ୍ୟଅତିଥି ଭାବରେ ଶାନ୍ତି ଆଶ୍ରମର ସମ୍ପାଦକ ତଥା ବରିଷ୍ଠ ଅଧିବକ୍ତା ଅପୂର୍ବ ଦାସ,ଅଧିକ୍ଷକ ସରିତା ସାମଲ ଇତ୍ୟାଦି ଯୋଗଦେଇ ଗାନ୍ଧୀ ବାଳାଶ୍ରମ ଦ୍ୱାରା ଆୟୋଜନ କରାଯାଇଥିବା ନିଆରା ଉତ୍ସବକୁ ଉଚ୍ଚ ପ୍ରଶଂସା କରିବା ସହ ଏହି ଦିବସର ଆଧ୍ୟାତ୍ମିକ ରହସ୍ୟ ସମ୍ପର୍କରେ ଆଲୋଚନା କରିଥିଲେ। ରକ୍ଷା ବନ୍ଧନ ହେଉଛି ଭାଇ ଭଉଣୀଙ୍କ ମଧ୍ୟରେ ଏକ ପବିତ୍ର ସମ୍ପର୍କ ପ୍ରତୀକ ପର୍ବ ବୋଲି ମୁଖ୍ୟଅତିଥି ମତବ୍ୟକ୍ତ କରିଥିଲେ। ଏହି ସଭାକୁ ବାଳାଶ୍ରମର ସମସ୍ତ କର୍ମକର୍ତ୍ତା ପରିଚାଳନା କରିଥିବାବେଳେ ଅଧିକ୍ଷକ ସସ୍ମିତା ନାୟକ ଧନ୍ୟବାଦ ଅର୍ପଣ କରିଥିଲେ।

# ଦଶମଶ୍ରେଣୀ ଛାତ୍ର ନିଖୋଜ

ଭଣ୍ଡାରି ପୋଖରୀ,(ସବ୍ୟୁ): ମଞ୍ଜୁରୀରୋଡ ଫାଣ୍ଡି ଅନ୍ତର୍ଗତ ସାତଶୋଳା ଗ୍ରାମର ଦଶମ ଶ୍ରେଣୀର ଛାତ୍ର ଗୁରୁଶେଖର ଆଲଦା(୧୫) ଗତ ଜୁଲାଇ ୧୭ ତାରିଖରେ ଘରୁ ନିଖୋଜ ହୋଇଯାଇଥିବା ଅଭିଯୋଗ ହୋଇଛି। ଓଡିଆ ଓ କୁହ୍ଲ ଭାଷାରେ କହୁଥିବା ଛାତ୍ରର କକା ରଘୁନାଥ ଆଲଦା ଏ ସମ୍ପର୍କରେ ଫାଣ୍ଡିରେ ଅଭିଯୋଗ କରିଥିବା ଜଣାଯାଇଛି। ଛାତ୍ରର ଉଚ୍ଚତା ୪ଫୁଟ ୪ ଇଞ୍ଚ ଓ ନୀଳ ରଙ୍ଗର ଟି ସାର୍ଟ ସହ ଟ୍ରାକ ପ୍ୟାଣ୍ଟ ପିନ୍ଧିଥିଲା। ଏ ସମ୍ପର୍କରେ ସୂଚନା ମିଳିଲେ ମଞ୍ଜୁରୀରୋଡ ଫାଣ୍ଡି କିମ୍ବା ନିକଟସ୍ଥ ପୁଲିସକୁ ଜଣାଇବାକୁ ପୁଲିସ ପକ୍ଷରୁ ଅନୁରୋଧ କରାଯାଇଛି।

# ବଜ୍ରପାତ : ଜଣେ ମୃତ, ଦୁଇ ଆହତ

କେନ୍ଦୁଝର, (ସବ୍ୟୁ): କେନ୍ଦୁଝର ସଦର ବ୍ଲକ କୋଡିପଶା ଡ୍ୟାମ ତଟରେ ଗାଧୋଇବାକୁ ଯାଉଥିବାବେଳେ ବଜ୍ରପାତ ହେବାକୁ ଜଣେ ମୃତ୍ୟୁବରଣ କରିଥିବାବେଳେ ୨ ଜଣ ଆହତ ହୋଇଛନ୍ତି । କେନ୍ଦୁଝର ସହରରୁ ୩ଜଣ ସାଙ୍ଗ ଏକ ସ୍କୁଟିରେ ଗାଧୋଇବାକୁ କୋଡିପଶା ଡ୍ୟାମକୁ ଯାଇଥିଲେ । ଡ୍ୟାମ ତଟରେ ସ୍କୁଟି ଗାଡି ରଖି ଗାଧୋଇବାକୁ ଯିବା ବେଳେ ମଧ୍ୟାହ୍ନ ପ୍ରାୟ ସାଢ଼େ୧୨ଟାରେ ବଜ୍ରପାତ ହେବାରୁ ଘଟଣାସ୍ଥଳରେ ଜନାର୍ଦ୍ଦନପୁର ଗ୍ରାମର ତେଜସ କୁମାର ସାହୁ(୧୫) ମୃତ୍ୟୁବରଣ କରିଥିବାବେଳେ ବୈଦରାଜ ସାହିର ସମୀତ ରଣସିଂହ(୧୭) ଏବଂ ଡାଙ୍ଗୁଣିଆ ସାହିର ଅଂଶୁ ନାଏକ(୧୬) ଆହତ ହୋଇ କେନ୍ଦୁଝର ଜିଲ୍ଲା ଚିକିତ୍ସାଳୟରେ ଚିକିତ୍ସିତ ହେଉଛନ୍ତି । ଏ ନେଇ ଟାଉନ ଥାନାରେ କେସ ନମ୍ବର ୮୦/୨୦୨୫ରେ ଏକ ମାମଲା ରୁଜୁ ହୋଇଛି ।

# ବିଦ୍ୟୁତ ଆଘାତରେ ମୃତ୍ୟୁ

ସୋର,(ସବ୍ୟୁ): ବାଲେଶ୍ୱର ଜିଲ୍ଲା ସୋର ବ୍ଲକ ପାଖର ପଞ୍ଚାୟତ ମଲ୍ଲିପୁର ଗ୍ରାମର ଜଣେ ବ୍ୟକ୍ତି ଘରେ ବଲବ ଲଗାଉଥିବା ବେଳେ ବିଦ୍ୟୁତ ଆଘାତର ଶିକାର ହୋଇ ମୃତ୍ୟୁ ବରଣ କରିଥିବା ଜଣାପଡିଛି। ମୃତ ବ୍ୟକ୍ତି ନାମ ପୂର୍ଣ୍ଣଚନ୍ଦ୍ର କର । ସେ ରାତିରେ ବଜାରରୁ ଫେରି ଘରେ ଖାଇପିଇ ଶୋଇବାକୁ ଯାଇଥିଲେ ।କିନ୍ତୁ ବିଳମ୍ବିତ ରାତିରେ ଘର ମଧ୍ୟରେ ତାର ସହ ବଲବ ଲଗାଉଥିଲେ। ଏହି ସମୟରେ ସେ ବିଦ୍ୟୁତ ଆଘାତର ଶିକାର ହୋଇଥିଲେ। ରବିବାର ସକାଳେ ପୂର୍ଣ୍ଣଚନ୍ଦ୍ର ବିଦ୍ୟୁତ ଆଘାତର ଶିକାର ହୋଇଥିବା ଜାଣିପାରି ପରିବାର ଲୋକେ ତାଙ୍କୁ ଉଦ୍ଧାର କରି ସୋର ଡାକ୍ତରଖାନାକୁ ଆଣିଥିବା ବେଳେ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଖବର ପାଇ ଅନନ୍ତପୁର ଫାଣ୍ଡି ପୁଲିସ ଡାକ୍ତରଖାନାରେ ପହଞ୍ଚି ଶବ ଜବତ କରି ୮୭/୨୫ ରେ ଏକ ମାମଲା ରୁଜୁ କରି ଶବ ବ୍ୟବଚ୍ଛେଦ କରି ପରିବାର ଲୋକଙ୍କୁ ହସ୍ତାନ୍ତର କରିବା ସହିତ ଘଟଣାର ତଦନ୍ତ ଆରମ୍ଭ କରିଛି।

# ସୁଭଦ୍ରା ଯୋଜନାର ତୃତୀୟ କିସ୍ତି ବଣ୍ଟନ

ବାଲେଶ୍ୱର,(ସବ୍ୟୁ): ବାଲେଶ୍ୱର ଜିଲ୍ଲାର ଗୋପାଳ ଗାଁସ୍ଥିତ ଆୟୁଷ୍ମାନ ମଣ୍ଡପରେ ସୁଭଦ୍ରା ଯୋଜନାର ତୃତୀୟ କିସ୍ତି ବଣ୍ଟନ କାର୍ଯ୍ୟକ୍ରମ ଆୟୋଜିତ ହେଲା। ଏଥିରେ ସାଂସଦ ପ୍ରତାପ ଷଡ଼ଙ୍ଗୀ , ବାଲେଶ୍ୱର ସଦର ବିଧାୟକ ମାନସ ଦତ୍ତ, ସିମୁଳିଆ ବିଧାୟକ ପଦ୍ମଲୋଚନ ପଣ୍ଡା, ଜିଲ୍ଲାପାଳ ସୂର୍ଯ୍ୟବଂଶୀ ମୟୂର ବିକାଶ, ଅତିରିକ୍ତ ଜିଲ୍ଲାପାଳ ସୁଧାକର ନାୟକ, ଉପ ଜିଲ୍ଲାପାଳ ଶିବ ମାଲ୍ଲିୟ, ଉପ ଜିଲ୍ଲାପାଳ ମଧୁସ୍ମିତା ସାମନ୍ତରାୟ, ଡିଏସଡବ୍ଲୁଓ ଜେଯାସ୍ନା ମହାନ୍ତି ସହିତ ବିଭିନ୍ନ ଅଧିକାରୀମାନେ ଉପସ୍ଥିତ ଥିଲେ। ବିଧାୟକମାନେ ରାକ୍ଷୀର ମହତ୍ତ୍ୱ ବିଷୟରେ କଥା କହି, ସୁଭଦ୍ରା ଯୋଜନା କିପରି ଓଡ଼ିଶାର ଲକ୍ଷ୍ୟ–ଲକ୍ଷ୍ୟ ମା–ଭଉଣୀଙ୍କୁ ସଶକ୍ତ କରୁଛି ତାହା ଉଲ୍ଲେଖ କଲେ। ସାଂସଦ ପ୍ରତାପ ସରଙ୍ଗୀ ଗହ୍ମା ପୂର୍ଣ୍ଣିମା, ରାକ୍ଷୀ ପୂର୍ଣ୍ଣିମା ଓ କ୍ରାନ୍ତିଦିବସର ମାହାତ୍ମ୍ୟ ବ୍ୟାଖ୍ୟା କରି, ଏହି ଯୋଜନା ମହିଳାଙ୍କ ଆର୍ଥିକ ସ୍ୱାଧୀନତା ଓ ସ୍ୱାଭିମାନ ବୃଦ୍ଧି କରୁଥିବା କଥା କହିଥିଲେ। ବିଭିନ୍ନ ବ୍ଲକରୁ ବକ୍ତୃତା, କୁଇଜ୍, ପେଣ୍ଟିଂ ଓ ରଚନା ପ୍ରତିଯୋଗିତାରେ କୃତି ଅର୍ଜନ କରିଥିବା ପ୍ରତିଯୋଗୀମାନଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା। ପରେ କୋରାପୁଟରୁ ମୁଖ୍ୟ କାର୍ଯ୍ୟକ୍ରମର ସିଧା ପ୍ରସାରଣ ଦେଖାଯାଇଥିଲା । ଯେଉଁଠାରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ପ୍ରାୟ ୧ କୋଟି ମହିଳାଙ୍କ ବ୍ୟାଙ୍କ ଖାତାକୁ ସୁଭଦ୍ରା ସହାୟତା ରାଶି ପ୍ରେରଣ କରିଥିଲେ। ବାଲେଶ୍ୱର ଜିଲ୍ଲାର ୫,୬୬,୮୫୨ ହିତାଧିକାରୀ ଏହି ତୃତୀୟ କିସ୍ତିରୁ ଲାଭାନ୍ୱିତ ହୋଇଛନ୍ତି।

# ୩୦ ଟିକିଆ ହାତୀପଲଙ୍କ ତାଣ୍ଡବଲୀଳା : ଭାଙ୍ଗିଲେ ୪ ଘର

ପାଟଣା,(ସବ୍ୟୁ): : କେନ୍ଦୁଝର ଜିଲ୍ଲା ପାଟଣା ବନାଞ୍ଚଳ ଏରିଆରେ ୩୦ ଟିକିଆ ହାତୀପଲ ଘର ଭାଙ୍ଗିବା ସହ ବହୁ ଫସଲ ନଷ୍ଟ କରିବା ସହ ଅଞ୍ଚଳରେ ତାଣ୍ଡବଲୀଳା ଚଳାଇଛନ୍ତି ।ଏହି ହାତୀପଲ ପାଟଣା ବନାଞ୍ଚଳ ଅଟେଇ ସଂରକ୍ଷିତ ଜଙ୍ଗଲରେ ରହୁଛନ୍ତି। ଏହି ୩୦ ଟିକିଆ ହାତୀପଲ ରାତିରେ ଗାଁ ମୁହାଁ ହେଉଥିବାରୁ ଗତକାଲି ରାତିରେ ୪ଟି ଘର ଭାଙ୍ଗିଛନ୍ତି। ଏହି ହାତୀପଲ ଘର ଭାଙ୍ଗି ଥିବା ତଣ୍ଡୋ ଗ୍ରାମର ସତ୍ୟ ମୁଣ୍ଡା ଓ ଗୁଲୁ ମୁଣ୍ଡା ଏବଂ ବାଲିଯୋଡି ଗ୍ରାମର ସୁବଳ ନାଏକ ଓ ବିଷ୍ଣୁ ପ୍ରସାଦ ଦାସଙ୍କ ଘର ଭାଙ୍ଗି ଧାନ ଚାଉଳ ଖାଇ ଯିବା ସହ ଆସବାବପତ୍ର ଭଙ୍ଗାରୁଜା କରିଥିବା ଖବର ମିଳିଛି ।ଏହି ଖବର ପାଇ ପାଟଣା ବନପାଳ ନିରଞ୍ଜନ ସେଠୀ ସେହି ଗ୍ରାମକୁ ଯାଇ ଭାଙ୍ଗି ଯାଇଥିବା ଘରର କ୍ଷୟକ୍ଷତିର ଆକଳନ କରିଥିବା ସୂଚନା ଦେଇଛନ୍ତି।

# ରେଲୱେ କର୍ମଚାରୀଙ୍କ ସହିତ ରକ୍ଷାବନ୍ଧନ ପାଳନ

ବାଲେଶ୍ୱର,(ସବ୍ୟୁ): ମାହେଶ୍ୱରୀ ଯୁବ ସଂଘ, ବାଲେଶ୍ୱର ଆଜି ରକ୍ଷାବନ୍ଧନ ପର୍ବକୁ ଭାରତୀୟ ରେଳ କର୍ମଚାରୀଙ୍କ ସହିତ ବିଶେଷ ଭାବରେ ପାଳନ କଲେ। ସକାଳେ ସଂଘର ଯୁବତୀ ସଦସ୍ୟମାନେ ବାଲେଶ୍ୱର ରେଲୱେ ଷ୍ଟେସନ୍‌କୁ ପହଞ୍ଚି ଲୋକୋ ପାଇଲଟ୍, ଗାର୍ଡ୍, ରେଲୱେ ପ୍ରୋଟେକ୍ସନ୍ ଫୋର୍ସ (ଆରପିଏଫ୍) ଏବଂ ଜିଆରପି ଜବାନମାନଙ୍କୁ ରାଖି ପିନ୍ଧାଇଲେ ଏବଂ ତାଙ୍କର ପ୍ରତି କୃତଜ୍ଞତା ପ୍ରକାଶ କଲେ ।ଏହି କାର୍ଯ୍ୟକ୍ରମରେ ଖୁସି ପେରିୱାଲଙ୍କ ନେତୃତ୍ୱରେ ବଂଶିକା ପେରିୱାଲ, ପରୀ କର୍ଣ୍ଣାନୀ, ରଦ୍ଧିମା ଲଦ୍ଧା, ଖୁସି ରାଥୀ, ନୀଳିମା ବିନାନୀ ଏବଂ ଜୟା ପେରିୱାଲ ପ୍ରମୁଖ ଉପସ୍ଥିତ ଥିଲେ।କାର୍ଯ୍ୟକ୍ରମର ନେତୃତ୍ୱ ଯୁବ ଅଧ୍ୟକ୍ଷ ଗୋବିନ୍ଦ ରାଠି ଓ ମୁଖ୍ୟ ସମନ୍ୱୟକ ଘନଶ୍ୟାମ କର୍ଣ୍ଣାନୀଙ୍କ ମାର୍ଗଦର୍ଶନରେ କରାଯାଇଥିଲା। ଯୁବ ସଚିବ ସୌଭାଗ୍ୟ ଭୁତଡ଼ା, କୋଷାଧ୍ୟକ୍ଷ କିଶନ ମୁନ୍ଦ୍ରା ଏବଂ ପରାମର୍ଶଦାତା ମନୋହର ପେରିୱାଲ ସକ୍ରିୟ ସହଯୋଗ କରିଥିଲେ। ସେଥିସହ ଆନନ୍ଦ ପେରିୱାଲ ଏବଂ ସୌରଭ ରାଠିଙ୍କ ବିଶେଷ ଉପସ୍ଥିତି ରହିଥିଲା। ଆରପିଏଫ ଏବଂ ଜିଆରପି ବାଲେଶ୍ୱର ପକ୍ଷରୁ ଏହି ଆୟୋଜନ ପାଇଁ ପୂର୍ଣ୍ଣ ସହଯୋଗ ଦିଆଯାଇଥିଲା।

# ରେମୁଣା ବିଜେପି କାର୍ଯ୍ୟାଳୟରେ ରକ୍ଷା ବନ୍ଧନ

ବାଲେଶ୍ୱର,(ସବ୍ୟୁ): ଶନିବାର ଅପରାହ୍ନ ୫ ଟାରେ ରେମୁଣା ବିଜେପି କାର୍ଯ୍ୟାଳୟରେ ମହିଳା ମୋର୍ଚ୍ଚା ଭଉଣୀ ମାନଙ୍କ ତରଫରୁ ରକ୍ଷା ବନ୍ଧନ ପାଳିତ ହୋଇଯାଇଛି। ଏହି ଅବସରରେ ରେମୁଣା ବିଧାୟକ ପ୍ରତିନିଧି କାର୍ତ୍ତିକ ଚନ୍ଦ୍ର ଗିରି, ଲମ୍ବୋଦର ପ୍ରଧାନ, ବିଧାୟକଙ୍କ ବ୍ୟକ୍ତିଗତ ସହାୟକ କୃଷ୍ଣ ଚନ୍ଦ୍ର ସାହା, ଜିଲ୍ଲା ଯୁବମୋର୍ଚ୍ଚା ଉପସଭାପତି ନାରାୟଣ ମହନ୍ତ, ସୁବୋଧ ଚନ୍ଦ୍ର ପଣ୍ଡା, ମଣ୍ଡଳ ସଭାପତି ରଘୁନାଥ ପରିଡ଼ା, ମାନସ ମହାନ୍ତି, ପ୍ରଫୁଲ୍ଲ ଦ୍ୱିବେଦୀ, ପଞ୍ଚାୟତ ସଭାପତି ଚନ୍ଦ୍ରମଣି ମହାପାତ୍ର, ଗଣେଶ ନାୟକ, କମଳ ଲୋଚନ ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ। ଭଉଣୀ ମାନଙ୍କ ମଧ୍ୟରୁ କବିତା ମହାନ୍ତି, ସ୍ମିତା ଦାସ, ସାକମ୍ବରୀ ସିଂ, ଫୁଲ ଟୁଡୁ, ଲକ୍ଷ୍ମୀପ୍ରିୟା ସ୍ୱାଇଁ, ମିନାକ୍ଷୀ ମହାପାତ୍ର ପ୍ରମୁଖ ଉପସ୍ଥିତ ରହି ଭାଇ ମାନଙ୍କ ହାତରେ ରାକ୍ଷୀ ବାନ୍ଧିବା ସହ ମିଠା ଖୁଆଇ ଥିଲେ। ସମସ୍ତେ ମିଶି ଉଲ୍ଲାସରେ ରାକ୍ଷୀ ପୂର୍ଣ୍ଣିମା ପାଳନ କରିଥିଲେ।

# ମଦ ନିଶାରେ ବିଦ୍ୟାଳୟ ବାରଣ୍ଡାରେ ଶୋଇଲେ ବିଜ୍ଞାନ ଶିକ୍ଷକ



ପାଟଣା,(ସବ୍ୟୁ):କେନ୍ଦୁଝର ଜିଲ୍ଲା ପାଟଣା ବ୍ଲକ ବାଉଁଶୁଳି ପଞ୍ଚାୟତ ଦିଣ୍ଡାପାତ ସରକାରୀ ଉଚ୍ଚ ବିଦ୍ୟାଳୟ ଭୁଲୁଦା ବିଜ୍ଞାନ ଶିକ୍ଷକ ତଥା ବଡ ନେଉଳି ଗ୍ରାମର ଜଗନ୍ନାଥ ମହାନ୍ତ ଶୁକ୍ରବାର ଦିନ ମଦ ନିଶାରେ ବିଦ୍ୟାଳୟ ବାରଣ୍ଡାରେ ଶୋଇ ଥିବା ଦେଖିବା ମିଳିଥିଲା। ସୂଚନା ଅନୁଯାୟୀ ଶୁକ୍ରବାର ଦିନ ଶିକ୍ଷକ ଜଗନ୍ନାଥ ମହାନ୍ତ ବିଦ୍ୟାଳୟକୁ ପାଖାପାଖି ୧୧ ଟା ସମୟରେ ପହଞ୍ଚିବା ପରେ ମଧ ସେ ବହୁ ମାତ୍ରାରେ ମଦ ପିଇ ଥିବାରୁ ଶ୍ରେଣୀଗୃହ ପର୍ଯ୍ୟନ୍ତ ପହଞ୍ଚି ନ ପାରି ବିଦ୍ୟାଳୟ ବାରଣ୍ଡାରେ ଶୋଇପଡି ଥିବା ଭିଡିଓ ସାମାଜିକ ଗଣମାଧ୍ୟମରେ ପ୍ରଘଟ ହୋଇଥିଲା।ଏହି ଘଟଣା ସମ୍ପର୍କରେ ପାଟଣା ବ୍ଲକ ଶିକ୍ଷାଧିକାରି ପୂର୍ଣ୍ଣଚନ୍ଦ୍ର ଅମାନ୍ତ ଖବର ଶୁଣିଛନ୍ତି କିନ୍ତୁ ବିଦ୍ୟାଳୟ ଛୁଟି ଥିବାରୁ ସେ ସୋମବାର ଦିନ ବିଦ୍ୟାଳୟ କୁ ଯାଇ ଘଟଣାର ତଦନ୍ତ କରାଯିବ ବୋଲି ଗଣମାଧ୍ୟମକୁ କହିଛନ୍ତି।

# ହର ଘର ତିରଙ୍ଗା, ସ୍ୱଚ୍ଛତା ଅଭିଯାନ କାର୍ଯ୍ୟକ୍ରମ



କେନ୍ଦୁଝର, (ସ୍ୱପ୍ର/ସବ୍ୟୁ):କେନ୍ଦୁଝର ଜିଲ୍ଲା ପ୍ରଶାସନ ସମଗ୍ର ଜିଲ୍ଲାରେ ହର ଘର ତିରଙ୍ଗା ଓ ସ୍ୱଚ୍ଛତା ଅଭିଯାନ ଅନ୍ତର୍ଗତ ବିଭିନ୍ନ କାର୍ଯ୍ୟକ୍ରମ ମାନ ଆୟୋଜନ କରୁଛି। ଏହି ପରିପ୍ରେକ୍ଷୀରେରବିବାର ଦିନ କଲେକ୍ଟରେଟ କ୍ୟାମ୍ପସରେ ବିଭିନ୍ନ ଅଧିକାରୀ, କର୍ମଚାରୀ ଏବଂ ସେଓ୍ୱଚ୍ଛାସେବକମାନେ ଏକ ସଫେଇ କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରି ଜନସାଧାରଣଙ୍କ ପାଇଁ ଏକ ସ୍ୱଚ୍ଛ ଏବଂ ସ୍ୱାଗତଯୋଗ୍ୟ ପରିବେଶ ସୁନିଶ୍ଚିତ କରିଥିଲେ। ସ୍ୱାଧୀନତା ଦିବସ ପାଳନ ଅବ୍ୟବହିତ ପୂର୍ବରୁ କେନ୍ଦୁଝରର ପ୍ରମୁଖ ପର୍ଯ୍ୟଟନ ସ୍ଥଳଗୁଡ଼ିକର ସୌନ୍ଦର୍ଯ୍ୟ ବୃଦ୍ଧି କରିବା ପାଇଁ ବିଶେଷ ସଫେଇ କାର୍ଯ୍ୟକ୍ରମ ଆରମ୍ଭ କରାଯାଇଛି ।ଏହି ସଫେଇ କାର୍ଯ୍ୟକ୍ରମରେ କେନ୍ଦୁଝରଗଡ଼ ପୌରାଧକ୍ଷା ଶ୍ରୀମତୀ ନିକୁ ସାହୁ, ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ କୁମାର ନାଗଭୂଷଣ, ଜିଲ୍ଲା ସଂସ୍କୃତି ଅଧିକାରୀ ରମେଶ ନାଏକ,ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ସାର୍ଥକ ରାଏ, କେନ୍ଦୁଝରଗଡ଼ ପୌରପାଳିକାର ନିର୍ବାହୀ ଅଧିକାରୀ, ଲଳିତ ନାଏକ ପ୍ରମୁଖଙ୍କ ସମେତ କେନ୍ଦୁଝରଗଡ଼ ପୌରପାଳିକାର ସମସ୍ତ ସଫେଇ କର୍ମଚାରୀ ଉପସ୍ଥିତ ଥିଲେ। ଜିଲ୍ଲା ପ୍ରଶାସନ ତରଫରୁ ଏହି ଅଭିଯାନର ଅଂଶ ସ୍ୱରୂପ ନାଗରିକମାନଙ୍କୁ ସେମାନଙ୍କ ଘରେ ଜାତୀୟ ପତାକା ଉତ୍ତୋଳନ କରିବା ସହିତ ଏକତା ଏବଂ ଗର୍ବର ବାର୍ତ୍ତା ପ୍ରସାର କରିବା ପାଇଁ ତ୍ରିରଙ୍ଗା ସହିତ ସେଲ୍ଫି ଅପଲୋଡ କରିବାକୁ ଅନୁରୋଧ କରାଯାଇଛି।କେନ୍ଦୁଝର ଜିଲ୍ଲା ପ୍ରଶାସନ ହର ଘର ତିରଙ୍ଗା ଅଭିଯାନକୁ ସଫଳ କରିବା ପାଇଁ ପୂର୍ଣ୍ଣ ପ୍ରୟାସ ଚଳାଇବା ସହ ସ୍ୱାଧୀନତା ଦିବସ ପୂର୍ବରୁ ପ୍ରତ୍ୟେକ ଘର, କାର୍ଯ୍ୟାଳୟ ଏବଂ ସାର୍ବଜନୀନ ସ୍ଥାନ ସ୍ୱାଧୀନତା ଏବଂ ପରିଷ୍କାରତାର ଭାବନା ସହିତ ପ୍ରତିଧ୍ୱନିତ କରିବା ପାଇଁ କେନ୍ଦୁଝର ଜିଲ୍ଲାବାସୀଙ୍କୁ ନିବେଦନ କରିଛି।

## ଅରଣ୍ଡୁଆ ପଞ୍ଚାୟତରେ ବ୍ୟାପକ ଦୁର୍ନୀତି

# କାର୍ଯ୍ୟାନୁଷ୍ଠାନ ଦାବିରେ ୧୨ରୁ ବ୍ଲକ୍ ଆଗରେ ଧାରଣା ଦେବେ ଗ୍ରାମବାସୀ

ବାସୁଦେବପୁର,(ସବ୍ୟୁ): ଭଦ୍ରକ ଜିଲ୍ଲା ବାସୁଦେବପୁର ବ୍ଲକର ଅରଣ୍ଡୁଆ ପଞ୍ଚାୟତରେ ବ୍ୟାପକ ଦୁର୍ନୀତି ହେଉଛି। ଗୋଟିଏ ପରେ ଗୋଟିଏ ଫଲ୍ସ ବିଲ ଧରା ପଡିବା ପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାନଗଲେ ଆଗାମୀ ୧୨ଅଗଷ୍ଟରେ ବ୍ଲକ ଆଗରେ ଗ୍ରାମବାସୀ ଧାରଣା ଦେବେ ବୋଲି ବିଡିଓଙ୍କୁ ଦାବୀପତ୍ର ପ୍ରଦାନ କରିଛନ୍ତି। ବାସୁଦେବପୁର ବ୍ଲକର ଅରଣ୍ଡୁଆ ପଞ୍ଚାୟତ ଦୁର୍ନୀତିର ମହାଦ୍ରୁମ ପାଲଟିଛି। ତମ୍ବାଖଣ୍ଡି ଗ୍ରାମର କମ୍ୟୁନିଟି ସେଣ୍ଟର ଫଲ୍ସ ବିଲ ମାମଲାରେ ଧରାପଡିଛନ୍ତି। ଦୁର୍ନୀତି କଳାକାରନାମା ପଦାରେ ପଡି ହାଟରେ ଚର୍ଚ୍ଚାର ବିଷୟ ପାଲଟିଛି। ଅରଣ୍ଡୁଆ ପଞ୍ଚାୟତ ଦୁର୍ନୀତିଲାକ ପ୍ରଶାସନର ଦୃଷ୍ଟି ଆକର୍ଷଣ କରୁଛନ୍ତି। ଠୋସ୍ ଅଭିଯୋଗ ହେଉଥିଲେ ବି ପ୍ରଶାସନର ଧୃତରାଷ୍ଟ୍ର ସାଜିଛି। ତମ୍ବାଖଣ୍ଡି ଗ୍ରାମର କମ୍ୟୁନିଟି ସେଣ୍ଟର ୨୦୨୪–୨୫ ମସିହାର ପ୍ରକଳ୍ପ ନିର୍ମାଣ ନାମରେ ଫଲ୍ସ ବିଲ କରି ଦୁଇଟି କିସ୍ତିରେ ୧ଲକ୍ଷ ୨୫ହଜାର ୨୫୮ଟଙ୍କା ପିଇଓ ସର୍ବଶ୍ରୀ ପଟ୍ଟନାୟକ ନିଜସ୍ୱ ଜମାଖାତାକୁ ନେଇଛନ୍ତି। ନିର୍ମାଣ ହେବାକୁ ଥିବା ଗ୍ରାମକୁ କନିଷ୍ଠ ଯନ୍ତ୍ରୀ,ପିଇଓ,ସରପଞ୍ଚ କିମ୍ବା ସହକାରୀ ଯନ୍ତ୍ରୀଙ୍କ ପାଦ ପଡିନାହିଁ। ହେଲେ ସମସ୍ତ ଦସ୍ତଖତରେ ଫଲ୍ସ ବିଲ ପୈଠ ହୋଇଗଲା। ଗ୍ରାମବାସୀ ୨୧ଜୁଲାଇ ୨୦୨୫ରେ ଭଦ୍ରକ ଜିଲ୍ଲାପାଳଙ୍କ ଅଭିଯୋଗ କରିଥିଲେ। ଏପର୍ଯ୍ୟନ୍ତ ଜିଲ୍ଲାପାଳ ତଦନ୍ତ କଲେ ନାହିଁ କି କାର୍ଯ୍ୟାନୁଷ୍ଠାନ ଗ୍ରହଣ କଲେ ନାହିଁ। ସହକାରୀ ଯନ୍ତ୍ରୀ ଫଲ୍ସ ବିଲର ସଂପୃକ୍ତ ଥିବା ବେଳେ ବିଡିଓ ତଦନ୍ତ ଭାର ସହକାରୀ ଯନ୍ତ୍ରୀଙ୍କୁ ପ୍ରଦାନ କରିଥିଲେ। ସମୟରେ ଖବର ନିରନ୍ତର ଭାବେ ପ୍ରକାଶ ପାଇବା ପରେ କାର୍ଯ୍ୟାନୁଷ୍ଠାନ ଭୟରେ ତରବରିଆ ଭାବେ ପିଇଓ ଅର୍ଥ ଫେରସ୍ତ କରିଛନ୍ତି। ସରକାରୀ ଅର୍ଥ ଲୁଟ କଲେ ଧରା ପଡିବା ପରେ ଫେରାଇଲେ। ଅରଣ୍ଡୁଆ ପଂଚାୟତର ୨୦୨୩–୨୪ମସିହାର ଏମଜିଏନଆରଜିଏସର ୩୦ଲକ୍ଷରୁ ଉର୍ଦ୍ଧ୍ୱ ଟଙ୍କାର ଦୁର୍ନୀତିର ଗ୍ରାମବାସୀ ଅଭିଯୋଗ କରିଥିଲେ। ତଦନ୍ତ ପରେ ବିଡିଓଙ୍କ ଚିଠି ନମ୍ବର– ୩୭୬୩ (୩) ତ–୪ ଅଗଷ୍ଟ ୨୦୨୩ରେ ୧୧ଲକ୍ଷ ୨୧ହଜାର ୫୩୯ଟଙ୍କା ଓ ଚିଠି ନମ୍ବର– ୩୪୭୭/ତ–୧୫ ଜୁଲାଇ ୨୦୨୩ରେ କନିଷ୍ଠ ଯନ୍ତ୍ରୀ ପ୍ରମୋଦ ପାତ୍ର,ପିଇଓ ଉମର ଅଲ୍ଲି,ସରପଂଚ ନିରୁପମା ନାୟକ ଓ ଜିଆରଏସ୍ ସଞ୍ଜୁଲତା ମଳିକଙ୍କୁ ଅର୍ଥ ପୈଠ ପାଇଁ ନିର୍ଦ୍ଦେଶ ଦେଇଥିଲେ। ସେହିପରି ତୁଡି ପୋଖରୀ ତୁଠ ନିର୍ମାଣ ନାମରେ ସରକାରୀ ତହବିଲରୁ ଫଲ୍ସ ବିଲ କରି ଅର୍ଥ ଲୁଟ କରିଥିଲେ। ଗ୍ରାମବାସୀଙ୍କ ଅଭିଯୋଗ ପରେ ୨ଲକ୍ଷ ୬ହଜାର ଟଙ୍କା ଫେରସ୍ତ କରିଥିଲେ। ଦୁର୍ନୀତି ପରେ ଅଭିଯୋଗ ଓ ତଦନ୍ତ ହୋଇ କାର୍ଯ୍ୟାନୁଷ୍ଠାନ ଶୁନ ହେଉଥିବାରୁ ଦୁର୍ନୀତିର ଲହରୀ ଭାଙ୍ଗୁଛି। କମ୍ୟୁନିଟି ସେଣ୍ଟର ପ୍ରକଳ୍ପ ଫଲ୍ସ ବିଲ ସଂପୃକ୍ତ ସରକାରୀ କର୍ମଚାରୀ ଓ ସରପଞ୍ଚଙ୍କ ବିରୋଧରେ ଦୃଷ୍ଟାନ୍ତମୂଳକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାନଗଲେ ୧୨ତାରିଖରୁ ବ୍ଲକ ଆଗରେ ଗ୍ରାମବାସୀ ଧାରଣା ଦେବେ ବୋଲି ବିଡିଓଙ୍କୁ ଅରଣ୍ଡୁଆ ସମିତି ସଭ୍ୟ ରମାକାନ୍ତ ଦାଶ ଓ ତମ୍ବାଖଣ୍ଡିର ଦୀପକ କୁମାର ବେହେରା ଦାବିପତ୍ର ପ୍ରଦାନ କରିଛନ୍ତି।

(ଶ୍ରୀମଦ୍ଭଗବଦ୍ ଗୀତା ୧୮/୧୨)
–ମୋକ୍ଷଯୋଗଃ–
(ଶ୍ରୀଭଗବାନୁବାଚ)

**ଅନିଷ୍ଟମିଷ୍ଟଂ ମିଶ୍ରଞ୍ଚ ତ୍ରିବିଧଂ କର୍ମଣଃ ଫଳମ୍ ।**
**ଭବତ୍ୟତ୍ୟାଗିନାଂ ପ୍ରେତ୍ୟ ନ ତୁ ସନ୍ୟାସିନାଂ କ୍ୱଚିତ୍ ।। ୧୨ ।।**

(ଏବମ୍ଭୂତସ୍ୟ କର୍ମଫଳତ୍ୟାଗସ୍ୟ ଫଳମାହ) –ଅନିଷ୍ଟଂ (ପାପକର୍ମଫଳଂ ନାରକିତ୍ୱଂ), ଇଷ୍ଟଂ (ଦେବତ୍ୱଂ), ମିଶ୍ରଂ ଚ (ଉଭୟମିଶ୍ରଫଳଂ ମାନୁଷତ୍ୱଂ) ତ୍ରିବିଧଂ (ପାପସ୍ୟ, ପୁଣ୍ୟସ୍ୟ, ପାପପୁଣ୍ୟମିଶ୍ରସ୍ୟ ଚ ) କର୍ମଣଃ (ଯତ୍) ଫଳଂ (ପ୍ରସିଦ୍ଧଂ), (ତତ୍ ସର୍ବଂ) ଅତ୍ୟାଗିନାଂ (ସକାମାନାଂ) ପ୍ରେତ୍ୟ (ପବିତ୍ର ଦେହତ୍ୟାଗାନନ୍ତରଂ) ଭବତି, ତୁ ସନ୍ୟାସିନାଂ କ୍ୱଚିତ୍ ଅପି (ଇହ ପରତ୍ର ବା) ନ ଭବତି ।। ୧୨ ।।

# ଭୋଟ ରାଜନୀତି ଯୋଗୁଁ ଦୁର୍ଦ୍ଦଶା

ସ୍ୱାଧୀନତାର ଅଠେସ୍ତରୀ ବର୍ଷ ଓ ସାଧାରଣତନ୍ତ୍ରର ପଞ୍ଚସ୍ତୋରୀ ବର୍ଷ ପରେ ମଧ୍ୟ ଭାରତୀୟ ଭୋଟଦାତାମାନେ ଘୋର ଦୁର୍ଦ୍ଦଶାର ସମ୍ମୁଖୀନ ହେଉଛନ୍ତି । ଅଥଚ ଭୋଟକୁ ନେଇ ରାଜନୀତି ଏବେ ଜୋର୍ ଧରିଛି । ଦୁଃଖର କଥା ଆମର ଉଭୟ ସଂସଦ, ଲୋକସଭା ଓ ରାଜ୍ୟସଭା ସପ୍ତାହେରୁ ଅଧିକ କାଳ ଅଚଳ ଅବସ୍ଥାରେ ରହିଛନ୍ତି । ବିରୋଧୀ ଦଳ ଗୃହକୁ ଅଚଳ କରିବା କେତେ ଦୂର ଯଥାର୍ଥ ? ବିହାର ରାଜ୍ୟର ସ୍ୱତନ୍ତ୍ର ଭୋଟର ତାଲିକା ସଂଶୋଧନ ଦାବିରେ ବିରୋଧୀ କଂଗ୍ରେସ ଓ ଇଣ୍ଡି ମେଣ୍ଟ ଗୃହକୁ ଅଚଳ କରିବାକୁ ଜିଦ୍ କରିବା ଫଳରେ ସରକାରଙ୍କର ରାଜସ୍ୱ କ୍ଷତି ଓ ସାଧାରଣ ଲୋକମାନଙ୍କର ମଧ୍ୟ କ୍ଷତି । ଗୃହରେ ସରକାର କ'ଣ ସବୁ ଆଲୋଚନା କଲେ କିମ୍ବା ବିରୋଧୀ ଦଳ କିପରି ସେମାନଙ୍କୁ ଅଡୁଆରେ ପକାଇଲେ, ସେ ବିଷୟରେ ସାଧାରଣ ଶିକ୍ଷିତ ଓ ସଚେତନ ଲୋକେ ବେଶୀ କିଛି ଜାଣି ପାରୁନାହାନ୍ତି । ସମ୍ବାଦପତ୍ରକୁ ପଢ଼ି କିଛି ଜାଣି ହୁଅନ୍ତା, କିନ୍ତୁ ବ୍ୟସ୍ତତା ମଧ୍ୟରେ ଲୋକେ ସମ୍ବାଦପତ୍ରର ହେଡିଂ ପଢ଼ିଦେଇ ପଛରେ ଖବର ପଢ଼ିବେ ବୋଲି ସମ୍ବାଦପତ୍ରକୁ ସାଇତି ରଖି ଦେଉଛନ୍ତି । ଏପରି ଅବସ୍ଥା କାହିଁକି ହେଉଛି ?

ଅଗଷ୍ଟ କ୍ରାନ୍ତି ଦିବସରେ ମହାତ୍ମା ଗାନ୍ଧିଙ୍କ ଡାକରାରେ ଆମ ଦେଶବାସୀ ଅନ୍ତିମ ପର୍ଯ୍ୟାୟର 'ଭାରତ ଛାଡ' ଆନ୍ଦୋଳନକୁ ଯେପରି ଜୋରଦାର୍ କରିଥିଲେ, ସେ ସବୁ ରହିଗଲା ଆମ ଇତିହାସରେ । ଦିବଗଂତ ସ୍ୱାଧୀନତା ସଂଗ୍ରାମୀଙ୍କ ତ୍ୟାଗକୁ ଆଜିର ଦିନରେ ଆମେ ସ୍ମରଣ କରିବା କଥା । ସ୍ୱାଧୀନତା ସଂଗ୍ରାମୀ ବା ଶହୀଦମାନେ ଆଜି ଆମ ଗହଣରେ ନାହାନ୍ତି ସତ, ମାତ୍ର ସେମାନଙ୍କ ନୀତି ଓ ଆଦର୍ଶକୁ ନେଇ ଆମେ ଗର୍ବର ସହିତ ଆଗେଇ ଚାଲିଲେ ଭାରତ ବା ଓଡ଼ିଶାକୁ ଏକ ବିକଶିତ ଦେଶ ବା ରାଜ୍ୟରେ ପରିଣତ କରିପାରିବା ।

ଆମେମାନେ କେବଳ ନିଜର ସାମୟିକ ସ୍ୱାର୍ଥ ବା ରାଜନୀତିରେ ନିଜର ସ୍ଥିତିର ସୁରକ୍ଷା ପାଇଁ ବ୍ୟସ୍ତ । ଦେଶରେ କେଉଁଠି ଭୂସ୍ଖଳନ ହେଲା, ପ୍ରାକୃତିକ ବିପର୍ଯ୍ୟୟ ହେଲା, କେତେ ଲୋକ ମଲେ ବା ଆହାତ ହେଲେ, ସେ ଚିନ୍ତା ଆମମାନଙ୍କୁ ଆଉ ଘାରୁନି । ଆମେ ମଧ୍ୟ ଆମ ବଂଶଧରଙ୍କ ଅନ୍ଧକାରାଚ୍ଛନ୍ନ ଭବିଷ୍ୟତକୁ ନେଇ ଆମେମାନେ ମଧ୍ୟ ଚିନ୍ତିତ ନୋହୁଁ । ଆମ ପିଲାଏ ଭବିଷ୍ୟତରେ କ'ଣ କରିବେ, କିପରି ଖାଇବେ, କିପରି ନିରୋଗ ରହିବେ, ସେ କଥା ଚିନ୍ତା କରୁ କରୁ କେଶ ପକ୍ୱ ହୋଇଯାଏ । କିନ୍ତୁ ଆମ ପିଲାଙ୍କ ପିଲାମାନେ ଭବିଷ୍ୟତରେ ଖାଦ୍ୟ ଓ ପାଣି ପାଇବେ କି ନାହିଁ ? ସେମାନେ ବର୍ଷ ବର୍ଷ ଧରି ଆମେମାନେ ରହି ଆସିଥିବା ପୁରୁଣା କାଳିଆ ଓ ପୁରୁଣା ଘରମାନଙ୍କରେ କିପରି ରହିବେ ନିରାପଦରେ, କରୋନା ପରି ମହାମାରୀଦ୍ୱାରା ସେମାନେ ଆକ୍ରାନ୍ତ ହେବେ କି ନାହିଁ, ସେ କଥା କେହି ଏବେ ଭାବୁ ନାହାନ୍ତି ।

ଇଲେକ୍ସନ୍ କମିଶନଙ୍କୁ ଭୋଟ ଚୋରି କରିଥିବା ବିଷୟରେ ତଥ୍ୟ ମାଗି ସାରା ଭାରତରେ ଚାଞ୍ଚଲ୍ୟ ସୃଷ୍ଟି କରୁଥିବା କଂଗ୍ରେସର ନେତା ପ୍ରକୃତ ତଥ୍ୟ ରଖିଛନ୍ତି ନା ନାହିଁ ? ଯଦି ରଖିଥା'ନ୍ତି ତା'ହେଲେ ନିର୍ବାଚନ କମିଶନଙ୍କ ନିର୍ଦ୍ଦେଶରେ ସତ୍ୟପାଠ କରି ଦେଉନାହାନ୍ତି କାହିଁକି ? ଯଦି ନିର୍ବାଚନ କମିଶନଙ୍କ ଉପରେ ଭରସା ନାହିଁ କଂଗ୍ରେସ ନେତାଙ୍କର, ତା'ହେଲେ ହାଇକୋର୍ଟ ବା ସୁପ୍ରିମକୋର୍ଟଙ୍କ ଉପରେ ସେ ଭରସା କରି ଅଭିଯୋଗଗୁଡ଼ିକ ଦାଖଲ କରିପାରିବେ, ନଚେତ୍ ସଂସଦରେ ନିର୍ବାଚନ କମିଶନଙ୍କ ବିରୋଧରେ ମଧ୍ୟ ସେ ତଥ୍ୟ ପ୍ରଦାନ କରି ପାରନ୍ତେ ।

ଶାସକ ଦଳ ନିର୍ବାଚନକୁ କବ୍‌ଜା କରିଥାଇ ପାରନ୍ତି । ମାତ୍ର ଏପରି ସନ୍ଦେହ ହେଲେ, କଂଗ୍ରେସ ଓ ଇଣ୍ଡିମେଣ୍ଟ ସଂସଦକୁ ଅଚଳ କରିବାର ଅଧିକାର ପାଇଲେ କେଉଁଠୁ ? କଂଗ୍ରେସ ଶାସନ ଅମଳରେ ମଧ୍ୟ ବିରୋଧୀ ବିଜେପି ପ୍ରଭୃତି ଦଳ ଏପରି ଅଭିଯୋଗ କରି ଆସୁଥିଲେ । ମାତ୍ର ଏଥିପାଇଁ ଏତେ ଦିନ ଧରି ସଂସଦକୁ ଅଚଳ କରାଯିବା ପଦକ୍ଷେପ ଉଚିତ କି ?

୨୦୧୦ ମସିହାରେ ଜଣେ ସାମାଜିକ ଓ ରାଜନୀତିକ କର୍ମୀ ଶ୍ରୀମତୀ ଅରୁଣା ରାୟଙ୍କୁ ମାଗାସେସେ ପୁରସ୍କାର ମିଳିଥିଲା । ସେତେବେଳେ କଂଗ୍ରେସ ନେତୃତ୍ୱରେ ଉପା–୨ ସରକାର କେନ୍ଦ୍ରରେ ଥିଲା । ତାଙ୍କୁ ଅଜୟ ଆଶୀର୍ବାଦ ମହାପ୍ରଶସ୍ତ ନାମକ ଜଣେ ସାମ୍ବାଦିକ ସାକ୍ଷାତ କରି ଉପା–୨ ସରକାରଙ୍କ ସଂପର୍କରେ ପଚାରିଥିଲେ । ସେ ତାହାର ଉତ୍ତରରେ କହିଥିଲେ 'ଉପା–୨ ସରକାରଙ୍କ ନିର୍ଦ୍ଦିଷ୍ଟ କୌଣସି ସୁଚିନ୍ତିତ ଯୋଜନା ନାହିଁ । ଆନ୍ଦୋଳନକାରୀମାନଙ୍କ ପରାମର୍ଶ ନେବାକୁ କୌଣସି ସୁଯୋଗ ଏହି ସରକାର ସୃଷ୍ଟି କରୁନାହାନ୍ତି ।' ପ୍ରକୃତରେ ବିରୋଧୀ ଦଳ ଏବେ ମଧ୍ୟ କୌଣସି ସୁଚିନ୍ତିତ ଯୋଜନା ଅନୁସାରେ କାର୍ଯ୍ୟ କରୁ ନଥିବାରୁ ସେମାନଙ୍କ ଆନ୍ଦୋଳନ ଦାନା ଧରିପାରୁ ନାହିଁ ।

## ନିର୍ମଳ ହୃଦୟ

**ଯେତେବେଳ ପର୍ଯ୍ୟନ୍ତ ହୃଦୟରେ ନିର୍ମଳ ଶୁଭ୍ର ଗଙ୍ଗା ପ୍ଲାବିତ ହେଉଥିବ, ସେତେବେଳ ପର୍ଯ୍ୟନ୍ତ ପାପ ତ ଦୂରର କଥା ପାପର ଛାଇ ବି ସ୍ପର୍ଶ କରିପାରିବ ନାହିଁ ।**

*ଲେଖକ–ଡ. ପ୍ରଦୀପ କୁମାର ଚୌଧୁରୀ*

ସମ୍ପାଦକୀୟ ପୃଷ୍ଠାପାଇଁ ଆଲେଖ୍ୟ ଏବଂ ସମ୍ପାଦକଙ୍କୁ ପତ୍ର, ଆପଣ ଆମକୁ ନିମ୍ନ ଇ–ମେଲ୍‌ରେ ପଠାଇପାରିବେ ।
(ସମସ୍ତ ଲେଖାରେ ଲେଖକଙ୍କ ସମ୍ପୂର୍ଣ୍ଣ ଠିକଣା ସହ ମୋବାଇଲ ନମ୍ବର ଏବଂ ଫଟୋ ରହିବା ଆବଶ୍ୟକ )
samayaeditorial2021@gmail.com

**ଏହି ପୃଷ୍ଠାରେ ସ୍ଥାନିତ ଆଲେଖ୍ୟଗୁଡ଼ିକର ତଥ୍ୟ, ମତାମତ ଆଦି ଲେଖକଙ୍କ ଏକାନ୍ତ ନିଜସ୍ୱ । ଏଥିପାଇଁ 'ସମୟ' କର୍ତ୍ତୃପକ୍ଷ ଦାୟୀ ନୁହଁନ୍ତି ।**

# ଭାରତରେ ଅଗଷ୍ଟ ବିପ୍ଲବ



**ଗୁରୁକଲ୍ୟାଣ ମହାପାତ୍ର**

ମହାତ୍ମା ଗାନ୍ଧିଙ୍କ ନେତୃତ୍ୱରେ ସମଗ୍ର ଭାରତରେ ବ୍ରିଟିଶ ସରକାରଙ୍କୁ ତଡ଼ିବା ଲାଗି ଅନ୍ତିମ ପର୍ଯ୍ୟାୟର ଯେଉଁ ଆନ୍ଦୋଳନ ସଂଗଠିତ ହୋଇଥିଲା, ତାହା ଥିଲା ୧୯୪୨ର 'ଭାରତ ଛାଡ଼ ଆନ୍ଦୋଳନ'। ଗାନ୍ଧିଜୀଙ୍କର 'କର ଅବା ମର'ର ଆହ୍ୱାନ କୋଟି କୋଟି ଭାରତୀୟଙ୍କ ହୃଦୟରେ ପ୍ରତିଧ୍ୱନିତ ହୋଇ ଏହା ଏକ ବିରାଟ ଗଣ ଆନ୍ଦୋଳନରେ ପରିଣତ ହୋଇଥିଲା । ଏହି ଆନ୍ଦୋଳନ ଆମ ଇତିହାସରେ 'ଅଗଷ୍ଟ ବିପ୍ଲବ' ଭାବେ ମଧ୍ୟ ପରିଚିତ । ଏପରି ଏକ 'ଅଗଷ୍ଟ ବିପ୍ଲବ' ଆରମ୍ଭ କରିବା ଲାଗି ଗାନ୍ଧିଜୀଙ୍କ ନେତୃତ୍ୱରେ ସ୍ୱାଧନତା ପାଇଁ ଆନ୍ଦୋଳନ କରୁଥିବା କଂଗ୍ରେସ ତାହାର କାର୍ଯ୍ୟକାରୀ କମିଟିରେ ୱାର୍ଦ୍ଧାଠାରେ ୧୯୪୨ ଜୁଲାଇ ୧୪ ତାରିଖରେ ପ୍ରଥମେ ନିଷ୍ପତ୍ତି ହୋଇଥିଲା । ଏହା ପରେ ବମ୍ବେ (ଏବର ମୁମ୍ବାଇ) ଠାରେ ୧୯୪୨ ଅଗଷ୍ଟ ୭ ଓ ୮ ତାରିଖରେ ଅଖିଳ ଭାରତ କଂଗ୍ରେସ କମିଟିର ଅଧିବେଶନରେ ଏହି ମହାବିପ୍ଲବ ପାଇଁ ଚୂଡ଼ାନ୍ତ ନିଷ୍ପତ୍ତି ହୋଇଥିଲା । ତତ୍କାଳୀନ ବ୍ରିଟିଶ ଶାସକ ଏହି ବ୍ୟାପକ ଆନ୍ଦୋଳନର ପ୍ରସ୍ତୁତି କାର୍ଯ୍ୟକ୍ରମ ଦେଖି ବିଚଳିତ ହୋଇ ପଡ଼ିଥିଲେ ।

୧୯୪୨ ମସିହା ଅଗଷ୍ଟ ୭ ତାରିଖରେ ପୂର୍ବ ନିଷ୍ପତ୍ତି ଅନୁଯାୟୀ ବମ୍ବେଠାରେ ଅଖିଳ ଭାରତ କଂଗ୍ରେସ ସଭାପତି ମୌଲାନା ଆବୁଲ୍ କାଲାମ୍ ଆଜାଦଙ୍କର ସଭାପତିତ୍ୱରେ ଅନୁଷ୍ଠିତ ହେଲା । ମହାତ୍ମା ଗାନ୍ଧିଜୀଙ୍କର 'କର ବା ମର' ଆହ୍ୱାନ ସେତେବେଳେ ହିଁ ସମଗ୍ର ଭାରତରେ ପ୍ରକମ୍ପିତ ହୋଇ ଏହି ଆନ୍ଦୋଳନକୁ ଏକ ବିରାଟ ଆନ୍ଦୋଳନରେ ପରିଣତ କରିଥିଲା । ତହିଁ ପରଦିନ ଅର୍ଥାତ୍ ୧୯୪୨ ମସିହା ଅଗଷ୍ଟ ୮ ତାରିଖରେ 'ଭାରତ ଛାଡ଼ ଆନ୍ଦୋଳନ' ର ପ୍ରସ୍ତାବ କଂଗ୍ରେସ କମିଟି ଦ୍ୱାରା ଗୃହୀତ ହୋଇଥିଲା। ମାତ୍ର ଆଶ୍ଚର୍ଯ୍ୟ କଥା ଯେ ତହିଁ ପରଦିନ ଅର୍ଥାତ୍ ଅଗଷ୍ଟ ୯ ତାରିଖ ପତ୍ୟୁଷରେ ଏହି ଆନ୍ଦୋଳନ ଦାନା ଧରିବାବେଳକୁ ଗାନ୍ଧିଜୀଙ୍କ ସମେତ ଆନ୍ଦୋଳନକାରୀ ତୁଙ୍ଗ ନେତାମାନଙ୍କୁ ତତ୍କାଳୀନ ବ୍ରିଟିଶ ପୁଲିସ ଗିରଫ କରିନେଲେ । ଅନ୍ତିମ ପର୍ଯ୍ୟାୟର ଏହି ବିରାଟ ଆନ୍ଦୋଳନକୁ ଦମନ କରିବା ସକାଶେ ବ୍ରିଟିଶ ସରକାର ବହୁ ଉଦ୍ୟମ କରିଥିଲେ ହେଁ ତାହା ଫଳପ୍ରଦ ହୋଇନଥିଲା। ଅବଶ୍ୟ ଏହି ଆନ୍ଦୋଳନକୁ ନେତୃତ୍ୱହୀନ କରିବାକୁ ତତ୍କାଳୀନ ବ୍ରିଟିଶ ସରକାର ଉଦ୍ୟମ ଜାରି ରଖି ତୁଙ୍ଗ ନେତାଙ୍କ ସମେତ ଅନେକ ସ୍ୱାଧୀନତା ସଂଗ୍ରାମୀଙ୍କୁ ଗିରଫ କରି କାରାଦଣ୍ଡ ଦେଇଥିଲେ । ଏହା ସତ୍ତ୍ୱେ ଏହି ଆନ୍ଦୋଳନ ଆପଣାଛାଏଁ ଗଢ଼ିଉଠି ନିଆଁ ଭଳି ଜଳି ଉଠିଥିଲା ଓ ଏହି ବିରାଟ ଗଣ ଆନ୍ଦୋଳନ ଏପରି ପ୍ରଭାବଶାଳୀ ଥିଲା ଯେ ଆନ୍ଦାଳନକୁ ସ୍ୱାଧୀନତା ହାସଲ ଯାଏଁ ଜାରି ରଖିବାକୁ ଗାନ୍ଧିଜୀ ଜେଲ୍ ଭିତରେ ଥାଇ ଆହ୍ୱାନ ଦେଇଥିଲେ ।

ଭାରତରେ ତତ୍କାଳୀନ ବ୍ରିଟିଶ ସରକାରଙ୍କ ସର୍ବୋଚ୍ଚ ପ୍ରତିନିଧି ବା ବଡ଼ଲାଟ ଥିଲେ ଲିନଲ ଥୋଗୋ । ସେ ଭୟଭୀତ ହୋଇ ଯାଇଥିଲେ ଏହି ଭାରତଛାଡ଼ ଆନ୍ଦୋଳନର ବ୍ୟାପକତା ଅନୁଭବ କରି । ତତ୍କାଳୀନ ବ୍ରିଟିଶ ପ୍ରଧାନମନ୍ତ୍ରୀ ଚର୍ଚ୍ଚିଲଙ୍କୁ ସେ ଗୋପନରେ ଚିଠି ଲେଖିଲେ ଯେ ୧୮୫୭ର ସିପାହୀ ବିଦ୍ରୋହ ପରେ ଏପରି ବିଦ୍ରୋହ ଅତି ଭୟଙ୍କର ରୂପ ନେଇଛି, ଯାହାକୁ ଦମନ କରିବା କଷ୍ଟସାଧ । ଗାନ୍ଧିଜୀଙ୍କ ଆହ୍ୱାନରେ ଲୋକେ ଅହିଂସା ଆନ୍ଦୋଳନ ତ କରିଥିଲେ, କେହି କେହି ମଧ୍ୟ ସେ କଥା ଭୁଲିଯାଇ ଥାନା ପୋଡ଼ିଦେଲେ । ରେଳପଥ ଓ ପୋଲ ଉଡ଼ାଇ ଦେଲେ । ଫଳରେ ବ୍ରିଟିଶ ପୁଲିସ ବା ସୈନ୍ୟବାହିନୀ ଏହି ଆନ୍ଦୋଳନକୁ ଦମନ କରିବା ଲାଗି ଗାଁ ଭିତରକୁ ପ୍ରବେଶ କରିପାରି ନଥିଲେ । ବ୍ରିଟିଶ ପୁଲିସ ଓ ସୈନ୍ୟବାହିନୀ ଆଖିରେ ଧୂଳି ଦେଇ ଯେଉଁ ସ୍ୱାଧୀନତା ସଂଗ୍ରାମୀମାନେ ଗୋପନରେ ରହି ଆନ୍ଦୋଳନକୁ ଜାରି ରଖିଥିଲେ, ସେମାନେ ଥିଲେ ଜୟପ୍ରକାଶ ନାରାୟଣ, ଅଚ୍ୟୁତ ପଟ୍ଟବର୍ଦ୍ଧନ, ରାମ ମନୋହର ଲୋହିଆ ଓ ଅରୁଣା ଆସଫ୍ ଅଲ୍ଲୀ । ଏହି ବିରାଟ ଆନ୍ଦୋଳନରେ ସମଗ୍ର ଭାରତରେ ପ୍ରାୟ ୧୫ହଜାର ଆନ୍ଦୋଳନକାରୀ ବ୍ରିଟିଶ ପୁଲିସ ଗୁଳିରେ ପ୍ରାଣ ହରାଇଥିଲେ ବୋଲି ଜଣାଯାଇଛି ।

ଅନ୍ୟାନ୍ୟ ରାଜ୍ୟ ପରି ଓଡ଼ିଶାରେ ମଧ୍ୟ ଏହି ଭାରତଛାଡ଼ ଆନ୍ଦୋଳନ ବା ଅଗଷ୍ଟ ବିପ୍ଲବର ପ୍ରଭାବ ଅନୁଭୂତ ହୋଇଥିଲା । ଓଡ଼ିଶାର ପ୍ରାୟ ଚାରିହଜାର ସଂଗ୍ରାମୀଙ୍କୁ ବ୍ରିଟିଶ ପୁଲସ ଗିରଫ କରି ନେଇଥିଲେ । ରାଜ୍ୟରେ ପ୍ରାୟ ସାତଟି ସ୍ଥାନରେ ଗୁଳିକାଣ୍ଡ ହୋଇଥିଲା ଓ ସେଥିରେ ପ୍ରାୟ ୭୨ ଜଣ ପ୍ରାଣ ହରାଇଥିଲେ । ଓଡ଼ିଶାର ବିଭିନ୍ନ ତିନୋଟି ଜେଲ୍‌ରୁ କୁଆଡ଼େ ୬୮ ଜଣ ପ୍ରାଣ ହରାଇଥିଲେ । ବିଭିନ୍ନ ଅଭିଯୋଗ କ୍ରମେ ବିଭିନ୍ନ ସ୍ଥାନରୁ ପ୍ରାୟ ୨୦ହଜାର ଟଙ୍କାର ଜରିମାନା ଆଦାୟ କରାଯାଇଥିଲା । ଓଡ଼ିଶାରେ ୧୯୪୨ ମସିହା ଅଗଷ୍ଟ ୯ରୁ ଆରମ୍ଭ ହୋଇଥିବା ଏହି ବିପ୍ଲବ ଅବିଭକ୍ତ ବାଲେଶ୍ୱର ଜିଲ୍ଲାର ଲୁଣିଆ ଖଇରା ଡ଼ିହି ଓ ଇରମ ସମେତ ଅବିଭକ୍ତ କୋରାପୁଟ ଜିଲ୍ଲାର ମାଥିଲି ଓ ପାପଡ଼ାହାଣ୍ଡି, କଟକ ଜିଲ୍ଲାର କାଇପଡ଼ା, ପୁରୀ ଜିଲ୍ଲାର ନିମାପଡ଼ା ପ୍ରଭୃତି ଅଞ୍ଚଳରେ ତୀବ୍ର ଆକାର ଧାରଣ କରିଥିଲା । ଏହିସବୁ ସ୍ଥାନରେ ଗୁଳିକାଣ୍ଡ ମଧ୍ୟ ଘଟିଥିଲା। ଅବିଭକ୍ତ ବାଲେଶ୍ୱର ଜିଲ୍ଲାର ଲୁଣିଆ, ଖଇରାଡ଼ିହି ଓ ଇରମରେ ପୁଲିସ ଗୁଳିରେ ସର୍ବାଧିକ ୪୨ ଜଣ ପ୍ରାଣ ହରାଇ ଥିଲାବେଳେ ଅବିଭକ୍ତ କୋରାପୁଟ ଜିଲ୍ଲାର ମାଥିଲି ଓ ପାପଡ଼ାହାଣ୍ଡିରେ ବ୍ରିଟିଶ ପୁଲିସ ଗୁଳିରେ ୨୫ ଜଣ ପ୍ରାଣ ହରାଇଥିଲେ । କଟକ ଜିଲ୍ଲାର କାଇପଡ଼ାରେ ୪ଜଣ ଓ ପୁରୀ ଜିଲ୍ଲାର ନିମାପଡ଼ାରେ ଜଣେ ପୁଲିସ ଗୁଳିରେ ପ୍ରାଣ ହରାଇଥିବା କଥା ଜଣାଯାଇଛି । ଅବଶ୍ୟ ଏହି ଅଗଷ୍ଟ ବିପ୍ଲବ ଚାଲିଥିବା ବେଳେ ୧୯୪୨ ମସିହା ସେପ୍ଟେମ୍ବର ୨୮ ତାରିଖରେ ସନ୍ଧ୍ୟା ପ୍ରାୟ ୫ଟା ସମୟରେ ଭଦ୍ରକ ଅନ୍ତର୍ଗତ ଇରମଠାରେ ବ୍ରିଟିଶ ବିରୋଧୀ ସଭା ଚାଲିଥିବାବେଳେ ବ୍ରିଟିଶ ପୁଲିସର ଅତର୍କିତ ଗୁଳିମାଡ଼ରେ ୨୯ ଜଣ ନିହତ ହେବାସଙ୍ଗେସଙ୍ଗେ ୧୫୦ ଜଣ ଆହାତ ହୋଇଥିଲେ । ଶତାଧିକ ଲୋକଙ୍କୁ ପୁଲିସ ଗିରଫ କରିନେଲେ । ଓଡ଼ିଶା ମାଟିରେ ଏହାକୁ ଦ୍ୱିତୀୟ ଜାଲିୱାନାୱାଲା ବାଗ ବୋଲି ଇତିହାସ ଆଖ୍ୟା ଦେଇଛି । ଭାରତଛାଡ଼ ଆନ୍ଦୋଳନ ବେଳେ ଓଡ଼ିଶାର ପୂର୍ବତନ ଗଡ଼ଜାତ ଢେଙ୍କାନାଳ, ତାଳଚେର, ନୟାଗଡ଼, ଆଠଗଡ଼ ଓ ନୀଳଗିରିରେ ମଧ୍ୟ ଅନୁରୂପ ଭାବେ ପ୍ରଜାମଣ୍ଡଳ ଆନ୍ଦୋଳନ ଜୋରସୋରରେ ଚାଲିଥିଲା ।

> **ଅନ୍ୟାନ୍ୟ ରାଜ୍ୟ ପରି ଓଡ଼ିଶାରେ ମଧ୍ୟ ଏହି ଭାରତଛାଡ଼ ଆନ୍ଦୋଳନ ବା ଅଗଷ୍ଟ ବିପ୍ଲବର ପ୍ରଭାବ ଅନୁଭୂତ ହୋଇଥିଲା । ଓଡ଼ିଶାର ପ୍ରାୟ ଚାରିହଜାର ସଂଗ୍ରାମୀଙ୍କୁ ବ୍ରିଟିଶ ପୁଲସ ଗିରଫ କରି ନେଇଥିଲେ । ରାଜ୍ୟରେ ପ୍ରାୟ ସାତଟି ସ୍ଥାନରେ ଗୁଳିକାଣ୍ଡ ହୋଇଥିଲା ଓ ସେଥିରେ ପ୍ରାୟ ୭୨ ଜଣ ପ୍ରାଣ ହରାଇଥିଲେ । ଓଡ଼ିଶାର ବିଭିନ୍ନ ତିନୋଟି ଜେଲ୍‌ରୁ କୁଆଡ଼େ ୬୮ ଜଣ ପ୍ରାଣ ହରାଇଥିଲେ । ବିଭିନ୍ନ ଅଭିଯୋଗ କ୍ରମେ ବିଭିନ୍ନ ସ୍ଥାନରୁ ପ୍ରାୟ ୨୦ହଜାର ଟଙ୍କାର ଜରିମାନା ଆଦାୟ କରାଯାଇଥିଲା ।**

ଅଗଷ୍ଟ ବିପ୍ଲବରେ ଭାଗ ନେଇଥିବା କାରଣରୁ କୋରାପୁଟ ଜିଲ୍ଲାର ଆଦିବାସୀ ନେତା ଲକ୍ଷ୍ମଣ ନାଏକଙ୍କୁ ମିଥ୍ୟା ଅଭିଯୋଗରେ ଫାଶୀ ଦଣ୍ଡାଦେଷ ହୋଇଥିଲା । ସେ ଜଣେ ଫରେଷ୍ଟ ଗାର୍ଡ଼କୁ ହତ୍ୟା କରିଥିଲେ ବୋଲି ଅଭିଯୋଗ କରାଯାଇଥିଲା । ଫଳରେ ବ୍ରହ୍ମପୁର ଜେଲ ମଧ୍ୟରେ ୧୯୪୩ ମସିହା ମାର୍ଚ୍ଚ ୨୮ରେ ତାଙ୍କୁ ଏକମାତ୍ର ଓଡ଼ିଆ ଭାବେ ଫାଶୀ ଖୁଣ୍ଟରେ ଝୁଲାଇ ଦିଆଯାଇଥିଲା । ସେ ଶହୀଦ ହେଲେ । ଭାରତରେ ଅଗଷ୍ଟ ବିପ୍ଲବ ତେଣୁ ବିଭିନ୍ନ ଦୃଷ୍ଟିରୁ ଗୁରୁତ୍ୱପୂର୍ଣ୍ଣ ।

**ଭୁବନେଶ୍ୱର**

# ହିମାଞ୍ଚଳ ଓ ଉତ୍ତରାଖଣ୍ଡର ଚିର ଶତ୍ରୁ ବାଦଲଫଟା ବର୍ଷା

**ଡକ୍ଟର ଅମୂଲ୍ୟ କୁମାର ପଣ୍ଡା**

ବାଦଲ ଫାଟିବା ଅର୍ଥ ଭୀଷଣ ବର୍ଷାକୁ କୁହାଯାଏ, ଯାହାକି କମ୍ ସମୟ ପର୍ଯ୍ୟନ୍ତ ହୋଇଥାଏ, ହେଲେ ପ୍ରବଳରୁ ଅତି ପ୍ରବଳ ବର୍ଷା ହୋଇଥାଏ । ସାଧାରଣତଃ ପାହାଡ଼ିଆ ଅଞ୍ଚଳରେ ବାଦଲ ଫଟା ବର୍ଷା ହୋଇଥାଏ । ହିମାଚଳ ପ୍ରଦେଶରେ ଅଧିକାଂଶ ଏପରି ବର୍ଷା ପଶ୍ଚିମ ଘାଟ ଅଞ୍ଚଳରେ ପରିଲକ୍ଷିତ ହୁଏ । ଏହା ସେତେବେଳେ ହୁଏ, ଯେତେବେଳେ ଗରମ ଓ ଥଣ୍ଡା ପବନ ମିଶି ବାଦଲ ସୃଷ୍ଟି କରିଥାନ୍ତି । ସମସ୍ତ ପ୍ରବଳ ବର୍ଷାକୁ ବାଦଲ ଫଟା ବର୍ଷା କୁହାଯାଇପାରିବ ନାହିଁ । ଯଦି ୧୦୦ ବର୍ଗ କିଲୋମିଟର ଅଞ୍ଚଳରେ ୧୦ ସେମିରୁ ଅଧିକ ବର୍ଷା ରେକର୍ଡ କରାଯାଏ, ତେବେ ଏହାକୁ ବାଦଲ ଫଟା ବର୍ଷା ବୋଲି କୁହାଯାଏ । ବାଦଲ ଫଟା ବର୍ଷା ସର୍ବଦା ବିନାଶ ନେଇଆସିଥାଏ । ଯେଉଁଠାରେ ବି ବାଦଲ ଫାଟିଥାଏ, ସେଠାରେ ବନ୍ୟା ପରିସ୍ଥିତି ଦେଖାଯାଇଥାଏ । ଭାରତର ଅନେକ ସ୍ଥାନରେ ବାଦଲ ଫାଟିବା ଘଟଣା ଆମେ ଦେଖିଛେ । ଖାସ୍ କରି ଉଚ୍ଚ ପାହାଡିଆ ଅଞ୍ଚଳରେ ଏହି ଘଟଣା ବିଶେଷ କରି ଦେଖାଯାଇଥାଏ । ତେବେ ଏହାକୁ ନେଇ ଅନେକଙ୍କ ମନରେ ପ୍ରଶ୍ନ ରହିଛି ଯେ, ବାଦଲ ଫାଟିଥାଏ କିପରି ? ବାଦଲ ଫାଟିବା ସମୟରେ ବର୍ଷା କିପରି ପୃଥିବୀ ପୃଷ୍ଠକୁ ଆସିଥାଏ ?

ଖୁବ୍ ଜୋର୍‌ରେ ଘଡଘଡି ସହିତ ପ୍ରବଳ ବର୍ଷା ହେଲେ ବାଦଲ ଫଟା ଘଟଣା ଘଟିଥାଏ । ଏଭଳି ସ୍ଥିତିରେ ଆର୍ଦ୍ରତା ମେଘଖଣ୍ଡଗୁଡ଼ିକ ଗୋଟିଏ ସ୍ଥାନରେ ବହୁ ପରିମାଣରେ ଏକାଠି ହୁଏ ଏବଂ ଜଳ ବୁନ୍ଦା ହୋଇ ଏକାଠି ବର୍ଷିଥାଏ । ଏହି ଜଳ ବୁନ୍ଦାଗୁଡିକର ଅଧିକ ଓଜନ କାରଣରୁ ମେଘର ଘନତା ବଢିଯାଏ ଏବଂ ହଠାତ୍ ପ୍ରବଳ ବର୍ଷା ଆରମ୍ଭ ହୁଏ । ଏପରି ସ୍ଥିତିରେ ଯେତେବେଳେ ଗରମ ପବନ ପ୍ରବାହ ବର୍ଷା ବୁନ୍ଦା ସହିତ ମିଶି ସ୍ୱାଭାବିକ ପ୍ରବାହରେ ବାଧା ସୃଷ୍ଟି କରେ, ଯେଉଁ କାରଣରୁ ଜଳ ଜମିଯାଏ ଏବଂ ବାଦଲ ଫାଟିଯାଏ । ତେବେ ଏହି ବାଦଲ ଫଟା ବର୍ଷାରେ ଭୂସ୍ଖଳନ ଘଟାଇ ବହୁତ ଧନ ଜୀବନ ନଷ୍ଟ କରେ । ତେବେ ଏ ଭୂସ୍ଖଳନ କଣ ? କୌଣସି ଅଞ୍ଚଳରେ ମାଟି ଧସିବା କିମ୍ବା ତଳକୁ ପଶିଯିବା ପ୍ରକ୍ରିୟାକୁ ସାଧାରଣ ଭାବେ ଭୂସ୍ଖଳନ ବା ଲ୍ୟାଣ୍ଡ୍–ସ୍ଲାଇଡ୍ ବୋଲି କୁହାଯାଇଥାଏ । ବର୍ଷା, ଭୂମିକମ୍ପ, ଆଗ୍ନେୟଗିରି ଉଦ୍‌ଗୀରଣ କିମ୍ବା ଅତ୍ୟଧିକ ମାନବୀୟ କାର୍ଯ୍ୟକଳାପ କାରଣରୁ ଭୂସ୍ଖଳନ ସଂଘଟିତ ହୋଇଥାଏ । ପୃଥିବୀ ଗଠନର ଭୌତିକ ଦିଗକୁ ନେଇ ଅଧ୍ୟୟନ କରୁଥିବା ଭୂତତ୍ତ୍ୱବିତ୍ ଓ ବୈଜ୍ଞାନିକମାନେ ଭୂସ୍ଖଳନକୁ ଭୂପୃଷ୍ଠ କ୍ଷୟର ପ୍ରାକୃତିକ ପ୍ରକ୍ରିୟାଗୁଡ଼ିକ ମଧ୍ୟରୁ ଗୋଟିଏ ବୋଲି ବର୍ଣ୍ଣନା କରିଥାଆନ୍ତି । ସେହିପରି ବଡ଼ ବଡ଼ ପଥର ଖଣ୍ଡ ତଳକୁ ତଳକୁ ଗଡ଼ି ଆସିବା ଏବଂ ଉପକୂଳରେ ଜମା ହେଉଥିବା ପଟୁମାଟିର ସ୍ଥାନାନ୍ତରଣ ଇତ୍ୟାଦିକୁ ବି ପୃଥିବୀପୃଷ୍ଠ କ୍ଷୟ ହେବାର ସଂକେତ ଭାବେ ପରିଗଣନା କରାଯାଏ ।

ବାଦଲ ଫଟା ବର୍ଷା ଅକସ୍ମାତ୍ ହୋଇଥାଏ । ବାଦଲ ଫଟା ବର୍ଷା ଯୋଗୁଁ ବନ୍ୟା ପରିସ୍ଥିତି ସୃଷ୍ଟି ହୁଏ, ଯାହାକି ହଠାତ ନଦୀ, ନାଳର ଜଳସ୍ତର ବୃଦ୍ଧି କରିବା ସହ ଜନବସତି ଆଡ଼କୁ ମୁହାଁଇ ଘରଦ୍ୱାର ଭସାଇ ନିଏ । ଏହି ଜଳ ପ୍ରବାହର ବଳ ଏପରି ରହିଥାଏ କି, ଗଛକୁ ଚେର ସହିତ ଉପାଡିନିଏ । ବାଦଲ ଫଟା ବର୍ଷା ଯୋଗୁଁ ପାହାଡ଼ିଆ ଅଞ୍ଚଳରେ ଭୂସ୍ଖଳନ ହେଉଥିବା ବେଳେ ସମତଳ ଅଞ୍ଚଳରେ ବନ୍ୟା ପରିସ୍ଥିତି ସୃଷ୍ଟି କରେ । ତେବେ ବର୍ଷା ସହିତ ଭୂସ୍ଖଳନର କାରଣ କଣ.? ଭୂସ୍ଖଳନ ଘଟିଥିବା ସ୍ଥାନର ଅଭ୍ୟନ୍ତରୀଣ ମୃତ୍ତିକାସ୍ତର ଅଥବା ଶିଳାସ୍ତର ଆଗରୁ ଦୁର୍ବଳ ହୋଇଥାଏ କିମ୍ବା ଚଡ଼କି ଯାଇଥାଏ । ମୃତ୍ତିକା କ୍ଷୟ କିମ୍ବା ଜଳ ଯୋଗୁଁ ମାଟି ଦ୍ରବୀଭୂତ ହୋଇ ନରମ ବା ନମନୀୟ ହୋଇଗଲେ ମଧ୍ୟ ଭୂସ୍ଖଳନ ହୁଏ । ମାଟି ଅତ୍ୟଧିକ ବତୁରି ଫସକା ହେଲେ ସେଥିରେ ଛିଦ୍ର ହୋଇ ଭୂତଳ ଜଳଚାପ ବୃଦ୍ଧିପାଏ ଓ ଭୂସ୍ଖଳନ ହୁଏ । ପ୍ରବଳ ବୃଷ୍ଟିପାତ କିମ୍ବା ଦ୍ରୁତ ତୁଷାର ତରଳି ଯାଉଥିବା ଅଞ୍ଚଳରେ ଏଭଳି ଘଟିଥାଏ । ଅନେକ ଅଞ୍ଚଳରେ ବୃକ୍ଷଲତା ମାଟିକୁ ବାନ୍ଧି ରଖିବା ସହିତ ଭୂସ୍ଖଳନ ସମୟରେ କର୍ଦ୍ଦମ ପ୍ରବାହକୁ ବାଧା ଦେଇଥାଏ । ମୃତ୍ତିକା ଅଥବା ଶିଳାରେ ଥିବା କର୍ଦ୍ଦମ ଓ ବୃକ୍ଷଲତା ବାନ୍ଧୁଣି ଭାବେ କାର୍ଯ୍ୟ କରିଥାଏ । ବଣଜଙ୍ଗଲ କାଟି ପକାଇବାରୁ ଅଥବା ଅନ୍ୟ କୌଣସି କାରଣରୁ ଏ ସବୁ ନଷ୍ଟ ହୋଇଗଲେ ସେଠାରେ ଭୂସ୍ଖଳନ ହେବାର ଆଶଙ୍କା ସୃଷ୍ଟିହୁଏ । ନାନା ଧରଣର ମାନବୀୟ କାର୍ଯ୍ୟକଳାପ ଯୋଗୁଁ ଘଟୁଥିବା ଜଳବାୟୁ ପରିବର୍ତ୍ତନ ପାଣିପାଗ ଚକ୍ରରେ ଆକସ୍ମିକ ପରିବର୍ତ୍ତନ ଘଟୁଛି । ସେଥିଯୋଗୁଁ ଥରକୁ ଥର ଭୂସ୍ଖଳନ ହେବା ସଙ୍ଗେ ସଙ୍ଗେ ସ୍ଖଳନ ତୀବ୍ରତା ମଧ୍ୟ ଭୀଷଣ ହେଉଛି ।

ତେବେ ଏଠି ପ୍ରଶ୍ନ ଉଠୁଛି ଯେ ବାଦଲ ଫଟା ବର୍ଷା ହିମାଚଳରେ ଓ ଉତ୍ତରାଖଣ୍ଡରେ କାହିଁକି ବାରମ୍ବାର ଘଟିଥାଏ ? ବାଦଲ ଫଟା ବର୍ଷା ଏକ ଅସାଧାରଣ ଘଟଣା ନୁହେଁ । ଏପରି ଘଟଣାଗୁଡ଼ିକ ମୁଖ୍ୟତଃ ହିମାଳୟ ପାର୍ଶ୍ୱବର୍ତ୍ତୀ ଅଞ୍ଚଳରେ ଘଟିଥାଏ । ଯେଉଁଠାରେ ସ୍ଥାନୀୟ ଟପୋଲୋଜି, ପବନ ପ୍ରଣାଳୀ ତଥା ୱିଣ୍ଡ ସିଷ୍ଟମ ଏବଂ ନିମ୍ନ ଓ ଉପର ବାତାବରଣ ମଧ୍ୟରେ ତାପମାତ୍ରା ଗ୍ରେଡିଏଣ୍ଟ୍ ଏଭଳି ସ୍ଥିତି ପାଇଁ ଅନୁକୂଳ ରହିଥାଏ । ବାଦଲ ଫାଟିବା ଘଟଣା ହିମାଳୟ ଓ ଏହାର ପଶ୍ଚିମ ଘାଟର ପାର୍ବତ୍ୟ ଅଞ୍ଚଳରେ ଦେଖାଦିଏ । ଯେତେବେଳେ ମୌସୁମୀର ଗରମ ପବନ ଥଣ୍ଡା ପବନ ସଂସ୍ପର୍ଶରେ ଆସନ୍ତି, ସେତେବେଳେ ଏକ ବଡ଼ ମେଘଖଣ୍ଡ ସୃଷ୍ଟି ହୋଇଥାଏ, ଯାହାକି ଏକ ସମୟରେ ବର୍ଷିଲେ ପ୍ରବଳରୁ ଅତି ପ୍ରବଳ ବର୍ଷା ହୋଇଥାଏ ।

**ଅରଙ୍ଗାବାଦ ବରୀ ଯାଜପୁର**
**ମୋ– ୮୨୪୯୫୦୨୭୭୬**

# ଶିବ ଶମ୍ଭୁଙ୍କ ପ୍ରିୟ ବେଲପତ୍ର

**ସନ୍ତୋଷ କୁମାର ଦାଶ**

ସଦ୍ୟ ସମାପ୍ତ ହୋଇଛି ପବିତ୍ର ଶ୍ରାବଣ ମାସ । ଏହି ସମୟରେ ସାରା ଜଗତର ପାଳନ କର୍ତ୍ତା ଶ୍ରୀହରି ବିଷ୍ଣୁ ଶୟନ କରିଥିବାରୁ ଶ୍ରୀଶିବଶଙ୍କର ତାଙ୍କ ଦାୟିତ୍ୱ ନିର୍ବାହ କରନ୍ତି ବୋଲି ବିଭିନ୍ନ ପୁରାଣରେ ଉଲ୍ଲେଖ ରହିଛି । ଶୁଣାଯାଏ ଶ୍ରାବଣ ମାସ ଶିବଶଙ୍କରଙ୍କର ଅତି ପ୍ରିୟ ମାସ । କିମ୍ବଦନ୍ତୀ କୁହେ ଯେ, ଏହି ମାସରେ ମାତା ପାର୍ବତୀ ବର ଭାବେ ଶିବ ଶଙ୍କରଙ୍କୁ ପାଇବା ପାଇଁ ବ୍ରତ ରଖି ଘୋର ତପସ୍ୟା କରିଥିଲେ ।

ସେଥିପାଇଁ ଶ୍ରାବଣ ମାସ ଶିବ ଶଙ୍କରଙ୍କ ଅତି ପ୍ରିୟ ମାସ । ଆଉ ଏକ କିମ୍ବଦନ୍ତୀ ଅନୁସାରେ ସମୁଦ୍ର ମନ୍ଥନ ବେଳେ ସମୁଦ୍ର ଗର୍ଭରୁ ବାହାରିଥିବା ହଳାହଳ ବିଷ ପ୍ରଭାବରୁ ସାରା ଜଗତକୁ ରକ୍ଷା କରିବା ପାଇଁ ଶିବ ଶଙ୍କର ନିଜେ ସେହି ହଳାହଳ ବିଷକୁ ପାନ କରିଥିଲେ । ହଳାହଳ ବିଷ ପ୍ରଭାବରେ ତାଙ୍କ ଶରୀରରେ ଉତ୍ତାପ ବୃଦ୍ଧି ପାଇବାରେ ଲାଗିଥିଲାଛ ଏହି ଉତ୍ତାପକୁ ହ୍ରାସ କରିବାକୁ ଆଉ ହଳାହଳ ବିଷ ଜ୍ୱାଳାର ଉପଶମ ପାଇଁ ଶ୍ରୀବିଷ୍ଣୁ ନାରାୟଣଙ୍କ ପରାମର୍ଶ କ୍ରମେ ଦେବତାମାନେ ଶିବ ଶଙ୍କରଙ୍କ ମସ୍ତକ ଉପରେ ପାଣି ଢ଼ାଳିଥିଲେ । ଏହା ଦ୍ୱାରା ଶିବ ଶଙ୍କରଙ୍କୁ ଶୀତଳତା ମିଳିଥିଲା । ଏଣୁ ଏହି ମାସର ସୋମବାର ଦିନ ଶିବ ଶଙ୍କରଙ୍କ ମସ୍ତକ ଉପରେ ପାଣି ଲାଗି କଲେ, ଶିବ ଶଙ୍କର ପ୍ରସନ୍ନ ହୋଇ ଭକ୍ତର ଅଶେଷ କାମନା ପୂରଣ କରିଥାନ୍ତି ବୋଲି ବିଶ୍ୱାସ ରହିଛି । ଶିବ ଶଙ୍କରଙ୍କର ପ୍ରିୟ ହେଉଛି ବେଲ ଗଛର ତ୍ରିଶାଖା ବେଲପତ୍ର । ଏହି ବେଲ ଗଛ ସୃଷ୍ଟି ସମ୍ପର୍କରେ ଏକ ସୁନ୍ଦର କାହାଣୀ ରହିଛି ।



ଶ୍ରୀ ହରି ନାରାୟଣଙ୍କ ହୃଦୟରେ ସବୁବେଳେ ମହାଦେବ ବାସ କରନ୍ତି । ଦେବୀ ଲକ୍ଷ୍ମୀ ଶ୍ରୀବିଷ୍ଣୁଙ୍କ ହୃଦୟରେ ସ୍ଥାନ ପାଇବା ପାଇଁ ଅନୁରୋଧ କରିବାରୁ ଶ୍ରୀ ବିଷ୍ଣୁଙ୍କ ଉପଦେଶ କ୍ରମେ ଦେବୀ ଲକ୍ଷ୍ମୀ ମହାଦେବଙ୍କ ଆରାଧନା କଲେ । ଦେବୀଙ୍କ ତପସ୍ୟା କଠୋରରୁ କଠୋରତର ହେଲା । ମହାଦେବ ଦେବୀ ଲକ୍ଷ୍ମୀଙ୍କ ଭକ୍ତିର ପରୀକ୍ଷା ନେବା ପାଇଁ ୧୦୮ ପଦ୍ମରୁ ଏକ ପଦ୍ମ ଲୁଚେଇ ଦେଲେ । ଶ୍ରୀ ବିଷ୍ଣୁ ଦେବୀ ଲକ୍ଷ୍ମୀଙ୍କ ଏକ ଅଙ୍ଗକୁ ପଦ୍ମ କଳିକାର ସୌନ୍ଦର୍ଯ୍ୟ ସହ ତୁଳନା କରୁଥିବାରୁ ଦେବୀ ଲକ୍ଷ୍ମୀ ସେହି କଥା ସ୍ମରଣ କରି ପଦ୍ମ କଳିକା ପରି ନିଜ ସେହି ଅଙ୍ଗକୁ କାଟି ଶିବଲିଙ୍ଗ ଉପରେ ସମର୍ପଣ କଲେ ।

ପରମେଶ୍ୱର ମହାଦେବ ଦେବୀ ଲକ୍ଷ୍ମୀଙ୍କ ଉପାସନାରେ ସନ୍ତୁଷ୍ଟ ହୋଇ ତାଙ୍କୁ ଦର୍ଶନ ପ୍ରଦାନ କଲେ ଆଉ ଭକ୍ତିର ପରାକାଷ୍ଠା ସଦୃଶ୍ୟ ହରି ହୃଦୟ ବିହାରିଣୀ ହେବାର ବରଦାନ ପ୍ରଦାନ କଲେ ଏବଂ ଦେବୀ ଯେଉଁ ଅଙ୍ଗ ଭାଗ ଶିବଲିଙ୍ଗ ଠାରେ ଅର୍ପଣ କରିଥିଲେ ମହାଦେବଙ୍କ କୃପାରୁ ତାହା ବେଲ ବୃକ୍ଷରେ ପରିଣତ ହେଲା । ଆଉ ବେଲ ବୃକ୍ଷର ତ୍ରିଶାଖା ପତ୍ର ମହାଦେବଙ୍କ ଅତି ପ୍ରିୟ ହେବ ବୋଲି ବରଦାନ ପ୍ରଦାନ କଲେ । ତେଣୁ ବେଲ ବୃକ୍ଷକୁ ଶ୍ରୀ ଲକ୍ଷ୍ମୀଙ୍କ ନାମ ଅନୁସାରେ ଶ୍ରୀବୃକ୍ଷ ବୋଲି କୁହାଯାଏ । ସେହି ଦିନ ଠାରୁ ବେଲ ଗଛ ଦେବ ବୃକ୍ଷର ମାନ୍ୟତା ପାଇଲା ଓ ତ୍ରିଶାଖା ବେଲ ପତ୍ର ଶିବ ଶଙ୍କରଙ୍କର ଅତି ପ୍ରିୟ ପାଲଟିଲା ।

ଶିବ ଶଙ୍କରଙ୍କୁ ପୂଜା ସମୟରେ କିଛି ନ ଦେଲେ ବି ଯଦି ଲିଙ୍ଗ ଉପରେ ପାଣି ଲାଗି କରି ତ୍ରିଶାଖା ବେଲ ପତ୍ର ଲାଗି କରାଯାଇଥାଏ ତେବେ ପ୍ରଭୁ ସନ୍ତୁଷ୍ଟ ହୋଇ ଭକ୍ତର ମାନସିକ ପୂରଣ କରିଥାନ୍ତି । ବେଲପତ୍ର ଏପରି ଶୁଦ୍ଧ ଯେ, ଏହାକୁ ଧୋଇ ବାରମ୍ବାର ଶିବ ଶଙ୍କରଙ୍କ ମସ୍ତକ ଉପରେ ଲାଗି କରାଯାଇ ପାରିବ । ଶ୍ରୀ ବିଷ୍ଣୁ ନାରାୟଣଙ୍କର ତୁଳସୀ ପତ୍ର ଯେପରି ପ୍ରିୟ ସେପରି ପ୍ରଭୁ ଶିବ ଶଙ୍କରଙ୍କର ବେଲ ପତ୍ର ସେପରି ପ୍ରିୟ । ବିଭିନ୍ନ ଭୋଗ ନୈବିଦ୍ୟ ସମୟରେ ଶିବ ଶଙ୍କରଙ୍କୁ ବେଲ ପତ୍ରରେ ପୂଜା କରାଯିବାର ବିଧି ରହିଛି । ଓଁ ନମଃ ଶିବାୟଃ ।

**ତୁଳସୀପୁର, ପୁରୀ**
**ମୋ–୯୪୩୯୩୬୧୮୮**

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### 'ଅପରେସନ ସିନ୍ଦୂର' ...

ଆତଙ୍କବାଦୀ ନିହତ ହୋଇଥିଲେ । ଅପରେସନ୍ ସିନ୍ଦୂର ଏକ ଛୋଟ ନାମ ହୋଇଥିଲେ ବି କିପରି ସମଗ୍ର ଦେଶକୁ ଏକତ୍ର କରେ ତାହା ବୁଝିବା ଗୁରୁତ୍ୱପୂର୍ଣ୍ଣ । ଏହା ସମଗ୍ର ଦେଶକୁ ଶକ୍ତି ଦେଇଥିଲା । ଯେତେବେଳେ ଏହା ନାମଟି ପ୍ରସ୍ତାବ ଦିଆଗଲା ମୁଁ ଭାବିଲି ଏହା ସିନ୍ଧୁ କିନ୍ତୁ ଏହା ସିନ୍ଦୂର ଥିଲା । ଏହି ଗୋଟିଏ ନାମ ସମଗ୍ର ଦେଶକୁ ଏକ କରିଛି । ଆଜି ଲୋକ କହୁଛନ୍ତି ସିନ୍ଧୁରୁ ସିନ୍ଦୂର ସବୁ କିଛି ଯତ୍ନ ନେଉଛୁ । ଯେତେବେଳେ ମୁଁ ଭୂମିକୁ ଗଲି ସେନାକୁ କହିଲି ଯେତେବେଳେ କୌଣସି ଭଉଣୀ, ମା କିମ୍ବା ଝିଅ ସିନ୍ଦୂର ଲଗାନ୍ତି ସେ ସର୍ବଦା ସୈନିକଙ୍କୁ ମନେ ରଖିବେ । ଏହି ବନ୍ଧନ ସମଗ୍ର ଦେଶକୁ ଗୋଟିଏ ଉଦ୍ଦେଶ୍ୟ ପାଇଁ ଠିଆ କରାଇଥିଲା । ଏହି କାରଣରୁ ଦେଶ ପଚାରୁଛି ତୁମେ କାହିଁକି ଅପରେସନ ବନ୍ଦ କଲ ଏହାର ଉତ୍ତର ମଧ୍ୟ ଦିଆଯାଇଛି ।

### ବିକାଶ...

ଲୋକମାନେ ମଧ୍ୟ ଉପକୃତ ହେବେ । ଏହି ନୂଆ ହସ୍ପିଟାଲରେ ଆପଣମାନେ ସବୁପ୍ରକାରର ଅତ୍ୟାଧୁନିକ ଚିକିତ୍ସା ସୁବିଧା ପାଇପାରିବେ । ସେ କହିଥିଲେ ଯେ ବିକାଶ ସହିତ ଦୁର୍ନୀତିମୁକ୍ତ ଶାସନ ଦେବା ଆମର କର୍ତ୍ତବ୍ୟ । ଆମ ସରକାର ଆସିବା ପରେ ରାଜ୍ୟରେ ଶିକ୍ଷା ଓ ସ୍ୱାସ୍ଥ୍ୟ ସେବା କ୍ଷେତ୍ରରେ ଗୁଣାତ୍ମକମାନ ବୃଦ୍ଧି କରିବା ଉପରେ ପ୍ରାଥମିକତା ଦେଉଛନ୍ତି । ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ବର୍ଷ ବର୍ଷ ଧରି ଖାଲି ପଡିଥିବା ପଦବୀ ଅଗ୍ରାଧିକାର ଭିତ୍ତିରେ ପୂରଣ କରାଯାଉଛି । ରାଜ୍ୟରେ ବର୍ତ୍ତମାନ ୧୨ ଟି ସରକାରୀ ମେଡିକାଲ କଲେଜ ଅଛି । ଖୁବ୍‌ଶୀଘ୍ର ଆଉ ୪ଟି ଜିଲ୍ଲା ଢେଙ୍କାନାଳ, ଜଗତସିଂହପୁର, ଭଦ୍ରକ ଓ ନବରଙ୍ଗପୁରରେ ମେଡିକାଲ କଲେଜ ସ୍ଥାପନ ହେବ ।

ଏହି ଶହୀଦ ଲକ୍ଷ୍ମଣ ନାୟକ ମେଡିକାଲ କଲେଜ ଏବଂ ହସ୍ପିଟାଲ ରୋଗୀମାନଙ୍କ ପାଇଁ ବହୁବିଧ ଚିକିତ୍ସା ସୁବିଧା କରାଯାଉଛି । ସି.ଟି ସ୍କାନ୍, ଡାଏଲିସିସ୍, ମାମୋଗ୍ରାଫି ପରି ଅତ୍ୟାଧୁନିକ ରୋଗ ନିରୂପଣ ପରୀକ୍ଷା ନିରୀକ୍ଷାର ବ୍ୟବସ୍ଥା ମଧ୍ୟ କରାଯାଉଛି । ଗୁରୁତର ରୋଗୀମାନଙ୍କ ପାଇଁ ଯେପରି ଅକ୍ସିଜେନର ଅଭାବ ନହେବ ସେଥିନିମନ୍ତେ ସ୍ୱତନ୍ତ୍ର ଅକ୍ସିଜେନ୍ ପ୍ଲାଣ୍ଟ ବସା ଯାଉଛି । ଏହି ହସ୍ପିଟାଲ ସଂଲଗ୍ନ ୨ ଏକର ପରିମିତ ଜାଗାରେ କ୍ୟାନ୍ସର ଚିକିତ୍ସା ହସ୍ପିଟାଲ ମଧ୍ୟ ନିର୍ମାଣ କରାଯାଉଛି । ଏଥିପାଇଁ ଆମ ସରକାର ପ୍ରାୟ ୪୧ କୋଟି ୧୫ ଲକ୍ଷ ଟଙ୍କାର ବ୍ୟୟ ବରାଦ କରିଛନ୍ତି ବୋଲି ସେ କହିଥିଲେ ।

ଆମ ସରକାର ରାଜ୍ୟରେ ଆୟୁଷ୍ମାନ ଭାରତ ପ୍ରଧାନମନ୍ତ୍ରୀ ଜନ ଆରୋଗ୍ୟ ଯୋଜନା ଲାଗୁ କରିଛନ୍ତି । ବର୍ତ୍ତମାନ ରାଜ୍ୟବାସୀଙ୍କୁ ସ୍ୱାସ୍ଥ୍ୟସେବା ଯୋଗାଇଦେବା କ୍ଷେତ୍ରରେ ଆୟୁଷ୍ମାନ ଭାରତ ପ୍ରଧାନମନ୍ତ୍ରୀ ଜନ ଆରୋଗ୍ୟ ଓ ଗୋପବନ୍ଧୁ ଜନ ଆରୋଗ୍ୟ ଯୋଜନା ମିଳିତ ଭାବେ କାର୍ଯ୍ୟ କରୁଛି । ଏହା ମାଧ୍ୟମରେ ଆମ ରାଜ୍ୟର ୩ କୋଟି ୪୬ ଲକ୍ଷ ଅର୍ଥାତ୍ ୮୦ ପ୍ରତିଶତ ଲୋକ ଉପକୃତ ହେଉଛନ୍ତି । ବର୍ତ୍ତମାନ ସୁଦ୍ଧା ଏହି ଦୁଇଟି ଯୋଜନାରେ ରାଜ୍ୟର ପ୍ରାୟ ୩ ଲକ୍ଷ ୯୧ ହଜାର ହିତାଧିକାରୀମାନଙ୍କ ପାଇଁ ୯୦୦ କୋଟି ଟଙ୍କାର ଚିକିତ୍ସା ସୁବିଧା ପ୍ରଦାନ କରାଯାଇଛି । ସେହିଭଳି ଧନୀ, ଗରିବ ନିର୍ବିଶେଷରେ ୭୦ ବର୍ଷରୁ ଊର୍ଦ୍ଧ୍ୱ ୮୬୪୪ ଜଣ ହିତାଧିକାରୀଙ୍କୁ ଆୟୁଷ୍ମାନ ବୟୋବନ୍ଦନା ଯୋଜନାରେ ୩୫ କୋଟି ୬୦ ଲକ୍ଷ ଟଙ୍କାର ଚିକିତ୍ସା ସୁବିଧା ପ୍ରଦାନ କରାଯାଇଛି ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ । ମୁଖ୍ୟମନ୍ତ୍ରୀ ଆହୁରି କହିଥିଲେ ଯେ ନିରନ୍ତର ବିକାଶ ଧାରାରେ ଆଜି କୋରାପୁଟ ଜିଲ୍ଲା ମଧ୍ୟ ସାମିଲ ହୋଇଛି । କୋରାପୁଟ ଜିଲ୍ଲାରେ ବର୍ତ୍ତମାନ ୪ଟି ବେସରକାରୀ ହସ୍ପିଟାଲରୁ ଏବି ପିଏମ୍‌ଜେୱାଇ-ଜିଜେୱାଇ ଅନ୍ତର୍ଗତ ଅନୁମୋଦନ ମିଳିଛି, ଯେଉଁଠି ଲୋକେ କ୍ୟାଶଲେସ୍ ଚିକିତ୍ସା ସୁବିଧା ପାଉଛନ୍ତି । ପରିଶେଷରେ ମୁଖ୍ୟମନ୍ତ୍ରୀ କହିଥିଲେଯେ ମାତ୍ର ଏକ ବର୍ଷର ସରକାରରେ ଅନେକ କିଛି କାର୍ଯ୍ୟ ହୋଇଛି ସବୁ କ୍ଷେତ୍ରରେ । ଏହି କାର୍ଯ୍ୟ ଆହୁରି ଅଧିକ ଗତିରେ ତ୍ୱରାନ୍ୱିତ ହେବ ।

ଉକ୍ତ କାର୍ଯ୍ୟକ୍ରମ ଅବସରରେ ସ୍ୱାସ୍ଥ୍ୟ ତଥା ପରିବାର କଲ୍ୟାଣ ମନ୍ତ୍ରୀ ଡଃ ମୁକେଶ ମହାଲିଙ୍ଗ କହିଥିଲେଯେ, କୋରାପୁଟ ଜିଲ୍ଲା ସ୍ୱାସ୍ଥ୍ୟ ସେବା ବିକାଶ ଇତିହାସରେ ଆଜି ଆଉ ଏକ ନୂଆ ଫର୍ଦ୍ଦ ଯୋଡି ହେଉଛି । ଆଜିର ଏହି ଶୁଭ ଅବସରରେ ୨୮୦ କୋଟି ଟଙ୍କା ବ୍ୟୟରେ ୬୫୦ ଶଯ୍ୟା ବିଶିଷ୍ଟ ନୂଆ ହସ୍ପିଟାଲ ଉଦ୍‌ଘାଟନ ଅବିଭକ୍ତ କୋରାପୁଟ ଜିଲ୍ଲାର ସ୍ୱାସ୍ଥ୍ୟ ସେବା ପାଇଁ ଏକ ଅନନ୍ୟ ପ୍ରାରମ୍ଭ । କାର୍ଯ୍ୟକ୍ରମରେ ମତ୍ସ୍ୟ ଓ ପ୍ରାଣୀସମ୍ପଦ ବିକାଶ ମନ୍ତ୍ରୀ, ଗୋକୁଳାନନ୍ଦ ମଲ୍ଲିକ, ଲକ୍ଷ୍ମୀପୁର ବିଧାୟକ ପବିତ୍ର ସାଉଁତା, କୋଟପାଡ଼ ବିଧାୟକ ରୁପୁ ଭତ୍ରା, ଜିଲ୍ଲାପାଳ ମନୋଜ ସତ୍ୟବାନ୍ ମହାଜନ ପ୍ରମୁଖ ମଞ୍ଚାସୀନ ଥିବା ବେଳେ ସମାରୋହରେ ଅନୁଷ୍ଠାନିକ ସ୍ୱାଗତ ଭାଷଣ, କୋରାପୁଟ ବିଧାୟକ ରଘୁରାମ ମାଛ ଦେଇଥିବା ବେଳେ ଜୟପୁର ବିଧାୟକ ତାରାପ୍ରସାଦ ବାହିନୀପତି ଅନୁଷ୍ଠାନିକ ଧନ୍ୟବାଦ ଅର୍ପଣ କରିଥିଲେ ।

### ରାହୁଲଙ୍କୁ ...

କ୍ଷେତ୍ରରେ ଜାଲ ନାମ ଗୁଡିକ ଭୋଟର ତାଲିକାରେ ଉଲ୍ଲେଖ କରାଯାଇଛି । ଏହାକୁ ଏକ ଭୟଙ୍କର ରୂପ ବୋଲି ସେ ଅଭିଯୋଗ କରିବା ସହ ଏକ ଲକ୍ଷ ଜାଲ ଭୋଟ ଥିଲା ବୋଲି ଦର୍ଶାଇଥିଲେ । କଂଗ୍ରେସର ଆଭ୍ୟନ୍ତରୀଣ ଅଧ୍ୟୟନରୁ ଜଣାଯାଇଛି ଯେ, ୧୧,୯୬୫ ନକଲି ଭୋଟର ଥିଲା ବେଳେ ୪୦,୦୦୯ ଭୋଟର ଜାଲ ଏବଂ ସେମାନଙ୍କ ଠିକଣାର ବୈଧତା ନାହିଁ । ୪,୧୩୨ ଫଟୋ ବୈଧ ନଥିଲା । ନିର୍ବାଚନ କମିଶନର ଭୋଟର ତାଲିକାରକୁ ଇଲୋକ୍ଟ୍ରନିକ୍ ଫର୍ମାଟରେ ନଦେବା ଲାଗି ସେ ସମାଲୋଚନା କରିଛନ୍ତି ।

### ଦୁର୍ଘଟଣା...




କରି ଦ୍ରୁତ ଗତିରେ ଆସୁଥିଲେ । ଯାହାଫଳରେ ଭାରସାମ୍ୟ ହରାଇ ମା'ପିଲା ତିନିଜଣଙ୍କୁ ଥର୍ ଗାଡି ଧକ୍କା ଦେଇଥିଲା । ଘଟଣାସ୍ଥଳରେ ତିନିଜଣ ପଡିଯାଇଥିବା ବେଳେ ତାଙ୍କୁ ଚିକିତ୍ସା ପାଇଁ ଏମ୍ସ ନିଆଯାଇଥିଲା । ଝିଅ ରେଷ୍ମାଙ୍କୁ ଡାକ୍ତର ମୃତ ଘୋଷଣା କରିଥିବା ବେଳେ ମା'-ପୁଅ ଗୁରୁତର ଅବସ୍ଥାରେ ଏମ୍ସରେ ଚିକିତ୍ସିତ ହେଉଛନ୍ତି ।

ରାସ୍ତାରୋକ କରିଥିବା ସ୍ଥାନୀୟ ଲୋକେ ଗାଡି ଚାଳକଙ୍କୁ କଠୋର ଦଣ୍ଡରେ ଦଣ୍ଡିତ କରିବା ଓ ଭି-୨ ନିକଟରେ ଫୁଟ୍ ଓଭରବ୍ରିଜ୍ ଦାବିରେ ଏକଘଣ୍ଟାରୁ ଊର୍ଦ୍ଧ୍ୱ ସମୟ ରାସ୍ତାରୋକ କରିଥିଲେ । ଟାୟାର ଜାଳି ଶହ ଶହ ମହିଳା ଓ ପୁରୁଷ ରାସ୍ତା ଅବରୋଧ କରିବା ଫଳରେ ଦୁଇ ପାର୍ଶ୍ୱରେ ଗାଡି ଜାତୀୟ ରାଜପଥ ଉପରେ ଅଟକି ରହିଥିଲା । କିଛି ସମୟ ପରେ ଖବର ପାଇ ଖଣ୍ଡଗିରି ଥାନା ପୋଲିସ ଓ ଏସିପି ଘଟଣାସ୍ଥଳରେ ପହଞ୍ଚି ଲୋକଙ୍କୁ ବୁଝାସୁଝା କରିଥିଲେ । ଅନ୍ଦୋଳନକାରୀଙ୍କ ଦାବିକୁ ନେଇ ପଦକ୍ଷେପ ନିଆଯିବ ବୋଲି ପ୍ରତିଶ୍ରୁତି ଦେବା ପରେ ସେମାନେ ରାସ୍ତାରୋକରୁ ହଟିଥିଲେ । ଏକଘଣ୍ଟାରୁ ଊର୍ଦ୍ଧ୍ୱ ସମୟ ରାସ୍ତାରୋକ ହୋଇଥିବା ବେଳେ ଗାଡି ଚଳାଚଳ ସ୍ୱାଭାବିକ ହେବା ପାଇଁ ୧ଘଣ୍ଟାରୁ ଅଧିକ ସମୟ ଲାଗିଥିଲା ।

ପୋଲିସ କହିବାନୁଯାୟୀ ଦୁର୍ଘଟଣାକୁ ନେଇ ମାମଲା ରୁଜୁ ହୋଇଛି । ଥର୍ ଗାଡି ମଧ୍ୟ ଜବତ କରାଯାଇଛି । ଡ୍ରାଇଭର ଗିରଫ ହୋଇନଥିବା ବେଳେ ଗାଡି ଜଟଣୀ କୁସୁମାଟିଆର ସୁନାକର ବେହେରାଙ୍କ ନାଁରେ ପଞ୍ଜୀକୃତ ଥିବା ପୋଲିସ ଜାଣିବାକୁ ପାଇଛି । ଡ୍ରାଇଭରକୁ ଗିରଫ ପାଇଁ ବିଭିନ୍ନ ସ୍ଥାନରେ ଚଢାଉ କରାଯାଉଛି । ବେପରୁଆ ଗାଡି ଚାଳନା ପାଇଁ ଧନଜୀବନ ହାନି ହେଉଥିଲେ ମଧ୍ୟ ତାହା ନିୟନ୍ତ୍ରଣ କରାଯାଇ ପାରୁନାହିଁ । ଦ୍ରୁତ ଗତିରେ ଗାଡି ଚଳାଇଲେ ଦଣ୍ଡବିଧାନ ଓ ଜରିମାନା ବ୍ୟବସ୍ଥା ଥିଲେ ମଧ୍ୟ ତାହା ଠିକ୍ ଭାବେ କାର୍ଯ୍ୟକାରୀ ହୋଇପାରୁନାହିଁ । ଯାହା ଫଳରେ ବେପରୁଆ ଭାବେ ଚାଳକମାନେ ଗାଡି ଚଳାଉଛନ୍ତି । ଆନ୍ଦୋଳନକାରୀଙ୍କ କହିବାନୁଯାୟୀ ଭି-୨ ନିକଟରେ ଫୁଟ୍ ଓଭରବ୍ରିଜ୍ ହେବା ପରିବର୍ତ୍ତେ କିଛି ଦୂରରେ କରାଯାଇଛି । ଯାହାକି ସେହି ଫୁଟ୍ ଓଭରବ୍ରିଜ୍ ଉପରେ କେହି ଯାତାୟାତ କରୁନାହାନ୍ତି, ତାହା ନିଶାଡିଙ୍କ ଆଡ୍ଡାସ୍ଥଳୀ ପାଲଟିଛି । ଭି-୨ ନିକଟରେ ଦୈନିକ ଶହ ଶହ ଲୋକ ରାସ୍ତାପାର ହେଉଥିବାରୁ ସେଠାରେ ବାରମ୍ବାର ଦୁର୍ଘଟଣାରେ ଜୀବନହାନି ହେଉଛି । ତେଣୁ ଭି-୨ ନିକଟରେ ଅଣ୍ଡରଗ୍ରାଉଣ୍ଡ୍ ହେଉ କିମ୍ବା ଫୁଟ୍‌ଓଭରବ୍ରିଜ୍ କରାଗଲେ ଦୁର୍ଘଟଣା ଏଡାଯାଇ ପାରିବ ।

### ଆଜିଠୁ ...

ଜିଲ୍ଲାରେ ପ୍ରବଳ ବର୍ଷା ହେବା ସହ ସ୍ଥାନେସ୍ଥାନେ ବଜ୍ରପାତ ହୋଇପାରେ । ତେବେ ୧୩ ତାରିଖରେ ଲଘୁଚାପ କ୍ଷେତ୍ର ସୃଷ୍ଟି ହେବାପରେ ଦକ୍ଷିଣ ଓଡ଼ିଶାରେ ଭାରି ବର୍ଷା ହେବାର ସମ୍ଭାବନା ରହିଛି ।

୧୩ ଓ ୧୪ ତାରିଖ ଦୁଇଦିନ ଧରି ଦକ୍ଷିଣ ଓଡ଼ିଶାରେ ପ୍ରବଳ ବର୍ଷା ହୋଇପାରେ । ଉପକୂଳ ଓ ଉତ୍ତର ଓଡ଼ିଶାରେ ଲଘୁଚାପର ପ୍ରଭାବ କମ ପଡ଼ିପାରେ । ତେଣୁ ଏହିସବୁ ଜିଲ୍ଲାଗୁଡ଼ିକରେ ବର୍ଷା କମିବ । ହେଲେ ଆକାଶ ମେଘୁଆ ରହିପାରେ । ବର୍ଷା କମ୍ ହେବା ଯୋଗୁ ଆର୍ଦ୍ରତା ବୃଦ୍ଧି ପାଇଛି । ଘରେ କିମ୍ବା ବାହାରେ ପ୍ରବଳ ଗୁଳୁଗୁଳି ଯୋଗୁ ଜନଜୀବନ ଉପରେ ପ୍ରଭାବ ପକାଉଛି ।

# ବୋଡ଼େନ ବ୍ଲକରେ ଥମୁ ନାହିଁ ଦୁର୍ନୀତି ଜନ ପ୍ରତିନିଧି ପାଉଛନ୍ତି ମଜୁରୀ ଟଙ୍କା



ନୂଆପଡ଼ା,(ସବ୍ୟୁ): ନୂଆପଡ଼ା ଜିଲ୍ଲା ବୋଡ଼େନ ବ୍ଲକ ଅନ୍ତର୍ଗତ କେରାପଦର ଗ୍ରାମରେ ମନରେଗାରେ ହେଉଥିବା ବିଭିନ୍ନ କାମରେ ଗାଁ ସାଥି ଦୁର୍ନୀତି କରୁଥିବା ବେଳେ,ପ୍ରଶାସନ ତାଙ୍କୁ ସହଯୋଗ କରୁଥିବା ନେଇ ଲୋକେ ଅଭିମତ ଦେଇଛନ୍ତି। ବେଲମତି ପାଣ୍ଡେ ଗାଁ ସାଥୀ ଥିବା ବେଳେ ତାଙ୍କ ଶ୍ୱଶୁର ଜଳଧର ହରିଜନଙ୍କ ନାମରେ ଦୁଇଥର ଗାଈ ଗୁହାଳ ଟଙ୍କା ପାଇଛନ୍ତି । ସେହିପରି ଗ୍ରାମର ଦିବ୍ୟ ମାଧବ ବେହେରା ଯଜମାନି (କର୍ମ କାଣ୍ଡ) କାମ କରନ୍ତି,ହେଲେ କେବେ ମଧ୍ୟ ମନରେଗାରେ କାମ କରି ନାହାନ୍ତି କିନ୍ତୁ ପ୍ରତ୍ୟେକ କାମରେ ତାଙ୍କ ଆକାଉଣ୍ଟରେ ଟଙ୍କା ଜମା କରାଯାଏ। ଏପରିକି ତାଙ୍କ ପରିବାରର ସମସ୍ତଙ୍କ ନାମରେ ଟଙ୍କା ପଡୁଛି। ସେହିପରି ଗାଁ ସାଥୀ ଙ୍କ ପୁଅ ସାହିଲ ପାଣ୍ଡେଙ୍କୁ ଚଳିତ ବର୍ଷ ୧୮ ପୁରିଥିବା ବେଳେ ଦୁଇ ବର୍ଷ ହେଲା ତାଙ୍କ ନାମରେ ମନରେଗା ମଜୁରୀ ଟଙ୍କା ପଡୁଛି। ଆହୁରି ଆଶ୍ଚର୍ଯ୍ୟର କଥା ହେଲା ସରପଞ୍ଚ ରଶ୍ମିତା ସିହ୍ନାଙ୍କ ସ୍ୱାମୀ ବିଜୟ ଦଣ୍ଡସେନାଙ୍କ ନାମରେ ମଧ୍ୟ ଟଙ୍କା ପଡ଼ିଛି। କେରାପଦର୍ ପାଇକ ପଡ଼ା ଠାରୁ ବୋଲାଡ ଛକ ରାସ୍ତା ଉନ୍ନତି କରଣରେ ବିଜୟ ଦଣ୍ଡସେନାଙ୍କ ସମେତ ବୋଡ଼େନ ଗ୍ରାମ ପଞ୍ଚାୟତର ନାଇଟ ୱାଚର୍ ବୈଷ୍ଣବ ମାଝୀ, ୱାର୍ଡ ମେମ୍ବର ଶୁକଦେବ ସେଠୀ, ଖଡ଼ିଆଳ ଗାନ୍ଧୀ କଲେଜରେ ପିଅନ ଥିବା ବିକାଶ ରଞ୍ଜନ ନାଏକ ଆଦି କାମ କରି ନଥିବା ବେଳେ ତାଙ୍କ ଆକାଉଣ୍ଟରେ ଟଙ୍କା ପଡ଼ିଛି ବୋଲି ଅଭିଯୋଗ ହେଉଛି। ଏନେଇ ଗ୍ରାମବାସୀ ଅନେକ ଥର ଗ୍ରାମ ପଞ୍ଚାୟତ ଓ ପଞ୍ଚାୟତ ସମିତିର ଦ୍ୱାରସ୍ଥ ହେଲେ ମଧ୍ୟ କୌଣସି କାର୍ଯ୍ୟାନୁଷ୍ଠାନ ନ ହେବାରୁ ନୂଆପଡ଼ା ଜିଲ୍ଲାପାଳଙ୍କୁ ଜଣାଇଥିଲେ। ଜିଲ୍ଲାପାଳଙ୍କ ଆଦେଶରେ ରାସ୍ତା କାମ ବନ୍ଦ ରହିଥିବା ଏବେ ପୁଣି ଆରମ୍ଭ ହୋଇଛି, କେମିତି । ଏନେଇ ଗ୍ରାମବାସୀ ଶନିବାର ସରପଞ୍ଚ, କାର୍ଯ୍ୟ ନିର୍ବାହୀ ଅଧିକାରୀ ଓ ବିଡ଼ିଓଙ୍କୁ ସାକ୍ଷାତ କରି ଅଭିଯୋଗ କରିଥିବା ବେଳେ ସରପଞ୍ଚ କିଛି କହୁ ନାହାନ୍ତି। ନିରବତା ପଛର ରହସ୍ୟ କଣ ବୋଲି ଆଲୋଚନା ହେଉଛି । ଏନେଇ ତଦନ୍ତ କରାଯିବ ଓ ଦୋଷୀ ମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି କହିଛନ୍ତି ବୋଡ଼େନ ବିଡ଼ିଓ କହିଛନ୍ତି। ଅପର ପକ୍ଷରେ ଅଭିଯୋଗକାରୀଙ୍କ ମଧ୍ୟରୁ ୬ ଜଣଙ୍କ ନାମରେ ଦୁର୍ବ୍ୟବହାର ପ୍ରଦର୍ଶନ କରିଥିବା ନେଇ ଓକିଲ ନୋଟିସ ପଠାଇଛନ୍ତି । ଗାଆଁ ସାଥି ବେଲମତି ପାଣ୍ଡେ ଯାହାକୁ ନେଇ ଗ୍ରାମବାସୀଙ୍କ ମଧରେ ଅସନ୍ତୋଷ ଦେଖା ଦେଇଛି ।

## ବଙ୍ଗୋମୁଣ୍ଡାରେ ବିଶ୍ୱ ଆଦିବାସୀ ଦିବସ ପାଳିତ

ବଙ୍ଗୋମୁଣ୍ଡା,(ସବ୍ୟୁ) ବଲାଙ୍ଗିର ଜିଲ୍ଲା ବଙ୍ଗୋମୁଣ୍ଡା ବ୍ଲକ ରାଣୀପୁର ଝରିଆଲ ସ୍ଥିତ ଝରିଆଲ ଜଗନ୍ନାଥ ମନ୍ଦିର ପରିସରରେ କନ୍ଧ ସମାଜ ଯୁବ ସଂଗଠନ ବଲାଙ୍ଗିରଙ୍କ ଆହ୍ୱାନ କ୍ରମେ ସଂଗଠନର ଜିଲ୍ଲା ସଭାପତିଙ୍କ ସଭାପତିତ୍ୱରେ ଜିଲ୍ଲା ସ୍ତରୀୟ ବିଶ୍ୱ ଆଦିବାସୀ ଦିବସ ପାଳନ ହୋଇଯାଇଛି । ପ୍ରଥମେ ମା ଇଷ୍ଟ ଦେବୀ ଜାଡେନଙ୍କୁ ପୂଜାର୍ଚ୍ଚନା ପରେ ଗ୍ରାମ ପରିକ୍ରମା କରାଯାଇ ଥିଲା । ମୁଖ୍ୟ ଅତିଥି ଭାବରେ ବୌଦ୍ଧ ଜିଲ୍ଲା ସଭାପତି ଡମ୍ବରୁ ଧର କୁଅଁର, ମୁଖ୍ୟବକ୍ତା ସମ୍ବଲପୁର ନାରୀ ନେତ୍ରୀ ସବିତା ପାତ୍ର ଏବଂ ସହ ବକ୍ତା ନାରୀ ନେତ୍ରୀ ସେବତୀ ଭୋଇ ପ୍ରମୁଖ ସମାଜରେ ନାରୀ ମାନଙ୍କର ଭୂମିକା ବିଷୟରେ ଆଲୋକପାତ କରିଥିଲେ । ଜଳ, ଜଙ୍ଗଲ, ଜମି, ପ୍ରଥା, ପରମ୍ପରା ବଞ୍ଚି ରହିଲେ ଏବଂ ସମାଜ ର ଅନ୍ତିମ ଧାଡି ରେ ଠିଆ ହୋଇ ଥିବା ବ୍ୟକ୍ତିଙ୍କ ପାଖକୁ ସାମାଜିକ ମୌଳିକ ସୁବିଧା ପହଞ୍ଚି ହିଁ ସମାଜ ଅଗ୍ରଗତି ବିକଶିତ ହେବ ବୋଲି ମତ ବ୍ୟକ୍ତ କରିଥିଲେ ।

### ବିଶ୍ୱ ...

ଡଲାର ଏବଂ ତୃତୀୟ ଓ ଚତୁର୍ଥ ସ୍ଥାନ ପାଇଁ ଯଥାକ୍ରମେ ୩୦୦ ଓ ୨୦୦ ଡଲାର ଆର୍ଥିକ ପୁରସ୍କାର ପ୍ରଦାନ କରାଯାଇଛି।

ଦେଶ ବିଦେଶରୁ ଆସିଥିବା କ୍ରୀଡାବିତ୍ ଓଡିଶାର ଆଥିତ୍ୟକୁ ପ୍ରଶଂସା କରିଛନ୍ତି। କଳିଙ୍ଗ ଷ୍ଟାଡିୟମର ଭବ୍ୟ ଭିତ୍ତିଭୂମିକୁ ପ୍ରଶଂସା କରିବା ସହ କଳିଙ୍ଗରୁ ହାସଲ କରିଥିବା ଅଭିଜ୍ଞତା ମନେ ରହିବ ବୋଲି କହିଛନ୍ତି। ରାଜ୍ୟ ସରକାରଙ୍କ କ୍ରୀଡା ପ୍ରତି ଅନୁରାଗ, ଆନ୍ତରିକ ସହଯୋଗ ପାଇଁ ସମସ୍ତ କ୍ରୀଡାବିତ୍ ଆନ୍ତରିକ ଧନ୍ୟବାଦ ଜଣାଇଛନ୍ତି।

### ଚନ୍ଦ୍ରଭାଗାରେ ...

କେନ୍ଦ୍ରକୁ ନେଇଥିଲେ। ହେଲେ ସେଠାରେ ଡାକ୍ତର ସେମାନଙ୍କୁ ମୃତ୍ୟୁ ଘୋଷଣା କରିଥିଲେ। ପ୍ରାପ୍ତ ସୂଚନାରୁ ଜଣାପଡେକି ଗତ ଶନିବାର ପୂର୍ଣ୍ଣିମା ଥିବା ଯୋଗୁଁ ସମୁଦ୍ରରେ ଉଚ୍ଚ ଜୁଆର ଥିବା ବେଳେ ରବିବାର ଚନ୍ଦ୍ରଭାଗା ସମୁଦ୍ରରେ ପୃଥକ ପୃଥକ ଭାବେ ଦୁଇଟି ଅଭାବନୀୟ ଘଟଣାରେ ୩ ଜଣକ ଯୁବକ ମୃତ୍ୟୁବରଣ କରିଅଛନ୍ତି। ବୁଡି ଯାଇଥିବା ଯୁବକ ମାନଙ୍କୁ ଉଦ୍ଧାର କରି ଜଣକୁ ପୁରୀ ମେଡ଼ିକାଲ ପଠା ଯାଇଥିବା ବେଳେ ଅନ୍ୟ ଦୁଇ ଜଣଙ୍କୁ ଗୋପ ମେଡ଼ିକାଲକୁ ନିଆଯାଇଥିଲା। ପୁରୀ ଯାଇଥିବା ଯୁବକ ଜଣଙ୍କ ପିଣ୍ଟୁ ପଟ୍ଟନାୟକ ହୋଇଥିବା ବେଳେ ତାଙ୍କ ଘର ଭୁବନେଶ୍ୱର ନିକଟ ପାହାଳ ଅଞ୍ଚଳର ବୋଲି ଜଣାପଡିଛି। ସେହିପରି ଅନ୍ୟ ଦୁଇ ଯୁବକ ହେଲେ କୋଣାର୍କ ଥାନା ଅଧୀନ ଯମତଳା ଗ୍ରାମର ଅରୂପା ନନ୍ଦ ଜେନା ଓ ଆଲୋକ ସେନାପତି। ଘଟଣାସ୍ଥଳରେ ମରାଇନ ପୋଲିସ ପହଞ୍ଚି ଘଟଣା ତଦନ୍ତ କରୁଥିବା ଜଣାପଡିଛି।ଚନ୍ଦ୍ରଭାଗା ସମୁଦ୍ରକୂଳରେ ଦିନକୁ ଦିନ ପର୍ଯ୍ୟଟକ ସଂଖ୍ୟା ବୃଦ୍ଧି ପାଉଥିବା ବେଳେ ସତର୍କ ସୂଚନା ନଥିବା ସହ ପର୍ଯ୍ୟାପ୍ତ ସୁରକ୍ଷା ବ୍ୟବସ୍ଥା ନଥିବାରୁ ଏପରି ଅଘଟଣ ଘଟୁଥିବା ସାଧାରଣରେ ଅଭିଯୋଗ ହୋଇଛି ।

### ଜେଲ...

ପୋଲିସ ଜେରା କରିବା ସହିତ ତା ମୋବାଇଲ ଜବତ କରି ସେଥିରେ ଥିବା ଛାତ୍ରୀଙ୍କ ଅଶୀଳ ଭିଡିଓ ଓ ଝିଅ ସହ କଥାବାର୍ତ୍ତା ପ୍ରମାଣ ହାସଲ କରିଥିଲା । ଗତକାଲି ମୃତା ଛାତ୍ରୀଙ୍କ ପିତା ଝିଅର ପ୍ରେମିକ ପ୍ରମୋଦ ବେହେରା ଙ୍କ ବିରୋଧରେ ପଟ୍ଟାମୁଣ୍ଡାଇ ଗ୍ରାମାଞ୍ଚଳ ଥାନାରେ ଏତଲା ଦେଇଥିଲେ । ପଟ୍ଟାମୁଣ୍ଡାଇ ଗ୍ରାମାଞ୍ଚଳ ଥାନା ପୋଲିସ ଥାନା ଏହି ଏତଲା ଆଧାରରେ ଥାନା ନଂ୨୮୪/୨୫ରେ ଭାରତୀୟ ନ୍ୟାୟ ସଂଗୀତାର ୨୯୬, ୭୫,୭୮,୧୦୮ ଆଇ ଟି ୬୬ ଇ ୬୭ ଆଦି ସଂଗୀନ ଦଫାରେ ମାମଲା ରୁଜୁ କରି ତଦନ୍ତକୁ ଆଗକୁ ବଢ଼ାଇ ଥିଲା । ଆବଶ୍ୟକ ତଦନ୍ତ ଓ ପ୍ରମାଣ ଆଧାରରେ ପୋଲିସ ଅଭିଯୁକ୍ତ ପ୍ରମୋଦ ବେହେରାଙ୍କୁ ଗିରଫ କରି ଆଜି ପଟ୍ଟାମୁଣ୍ଡାଇ କୋର୍ଟ ଚାଲାଣ କରିଛି । ଅପରପକ୍ଷରେ ପ୍ରମୋଦଙ୍କ ଗିରଫ ଘଟଣାରେ ତାର ପରିବାର ଓ ଗ୍ରାମବାସୀ ଉତକ୍ଷିପ୍ତ ହୋଇପଡିଛନ୍ତି । ପ୍ରମୋଦଙ୍କ ପିତା ଗଣେଶ୍ୱର ବେହେରା, ମାତା ଶାନ୍ତିଲତା ବେହେରା ତାଙ୍କ ପୁଅ ନିରୀହ ଓ ନିର୍ଦୋଷ ତାକୁ ମୃତା ଛାତ୍ରୀଙ୍କ ପରିବାର ଲୋକମାନେ ମିଥ୍ୟା ମାମଲାରେ ଫସାଇ ଦେଇଛନ୍ତି ମୃତା ଛାତ୍ରୀଙ୍କ ବାପା ମା ଝିଅକୁ ବାଡେଇ ମାରି ଦେଇଛନ୍ତି ବୋଲି ଅଭିଯୋଗ କରି ତାଙ୍କ ବିରୋଧରେ ଉପଯୁକ୍ତ ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ଦାବି ପ୍ରମୋଦ ବେହେରାଙ୍କ ପିତା ଗଣେଶ୍ୱର ବେହେରା ଆଜି ଗ୍ରାମାଞ୍ଚଳ ଥାନାରେ ଲିଖିତ ଏତଲା ଦେଇଥିଲେ । ଏଥି ସହିତ ପୁଅ ପାଇଁ ନ୍ୟାୟ ଦାବି କରି ପ୍ରମୋଦଙ୍କ ପିତା ଗଣେଶ୍ୱର ଓ ମାତା ଶାନ୍ତିଲତା ବେହେରା ଧାରଣା ଦେଇଥିଲେ। ତାଙ୍କୁ ସମର୍ଥନ କରି ପ୍ରମୋଦଙ୍କ ଭଉଣୀ ଓ ଭିଣୋଇ ,ତେରୋହୀ ଗ୍ରାମବାସୀ ଗ୍ରାମାଞ୍ଚଳ ଥାନା ସମ୍ମୁଖରେ ଧାରଣା ଦେବା ସହିତ ନିରୀହ ନିର୍ଦୋଷ ପ୍ରମୋଦକୁ ଉଚିତ ନ୍ୟାୟ ଦେବାକୁ ଦାବି କରିଥିଲେ ।ପଟ୍ଟାମୁଣ୍ଡାଇ ଏସ ଡି ପି ଓ କ୍ଷମା ସାଗର ପଣ୍ଡା, ପଟ୍ଟାମୁଣ୍ଡାଇ ଆଦର୍ଶ ଥାନା ଆଇ ଆଇ ସି ବନ୍ଦନା ପାତ୍ର, ରାଜନଗର ଥାନା ଆଇ ଆଇ ସି ନରେଶ ସାହୁ ପ୍ରମୁଖ ଧାରଣାସ୍ଥଳରେ ଉପସ୍ଥିତ ରହି ସ୍ଥିତି ପ୍ରତି ନଜର ରଖି ଥିଲେ ।ବିଲିକଣା ସରପଞ୍ଚ ଲକ୍ଷ୍ମୀପ୍ରିୟା ଷଡ଼ଙ୍ଗୀ, ସମାଜସେବୀ ଶଶୀ ଭୂଷଣ ଷଡଙ୍ଗୀ ଘଟଣାସ୍ଥଳରେ ପହଂଚି ଧାରଣାକାରୀଙ୍କ ସହ ଆଲୋଚନା କରିଥିଲେ ।ଶେଷରେ ପୋଲିସ କର୍ତ୍ତୃପକ୍ଷ ଏହି ମାମଲା ର ଉପଯୁକ୍ତ ନିରପେକ୍ଷ ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ପ୍ରତିଶ୍ରୁତି ଦେବା ପରେ ଧାରଣା ପ୍ରତ୍ୟାହୃତ ହୋଇଥିଲା । କେନ୍ଦ୍ରାପଡ଼ା ଓ ପଟ୍ଟାମୁଣ୍ଡାଇ ପୋଲିସ ମୃତା ଛାତ୍ରୀର ପ୍ରେମିକ କୁହାଯାଉଥିବା ଅଭିଯୁକ୍ତ ପ୍ରମୋଦଙ୍କୁ କଡା ସୁରକ୍ଷା ମଧ୍ୟରେ ପଟ୍ଟାମୁଣ୍ଡାଇ ସବଡିଭିଜନ ହସ୍ପିଟାଲକୁ ଆଣି ସ୍ୱାସ୍ଥ୍ୟ ପରୀକ୍ଷା ପରେ କୋର୍ଟରେ ହାଜର କରାଇ ଥିଲେ । ପଟ୍ଟାମୁଣ୍ଡାଇ କୋର୍ଟ ଅଭିଯୁକ୍ତର ଜାମିନ ନାମଂଜୁର କରିବା ପରେ ତାକୁ ବାରିମୂଳ ଜେଲକୁ ପଠାଇ ଦିଆଯାଇଛି ।

## ଅର୍ଦ୍ଧନଗ୍ନ ଶବ ଉଦ୍ଧାର ଘଟଣା,ଦୁଇ ଅଭିଯୁକ୍ତ ଗିରଫ

ନୂଆପଡା,(ସବ୍ୟୁ): ନୂଆପଡା ଜିଲ୍ଲା ଖଡ଼ିଆଳ ଥାନା ଅନ୍ତର୍ଗତ ଚିଚେର ଗ୍ରାମରେ ଏକ ଜମିରେ ଶନିବାର ଜଣେ ବ୍ୟକ୍ତିଙ୍କ ଅର୍ଦ୍ଧ ନଗ୍ନ ମୃତଦେହ ଉଦ୍ଧାର ହୋଇଥିଲା । ମୃତ ବ୍ୟକ୍ତି ଜଣକ ଖଡ଼ିଆଳ ଥାନା ମାଣ୍ଡୋଶିଲ ଗ୍ରାମର ବ୍ୟବସାୟୀ ଦିନ ପାନ(୪୫) ବୋଲି ଜଣାପଡିଥିଲା। ପରିବାର ଲୋକେ ହତ୍ୟା ଅଭିଯୋଗ ଆଣିଥିଲେ । ଖଡ଼ିଆଳ ପୋଲିସ ତଦନ୍ତ କଲା ପରେ ଦୁଇ ଜଣ ବ୍ୟକ୍ତି ହତ୍ୟା କରିଥିବା ଖଡ଼ିଆଳ ଆଇଆଇସି ଦିଲ୍ଲୀପ କୁମାର ସାହୁ ସାମ୍ବାଦିକ ସମ୍ମିଳନୀରେ ପ୍ରକାଶ କରିଛନ୍ତି । ସୂଚନା ମତେ ସଦାଶିବ ବୈଠାରୁ (୩୦) ଓ ମୃତ ଦିନ ପାନ (୪୫) ନେହେନା ଗ୍ରାମର ପ୍ରେମ ସୁନାନୀ ଘରକୁ ଛେଳି କିଣିବା ପାଇଁ ଯାଇଥିଲେ । ଛେଳି କିଣାରେ ମୁଲଚାଲ ନ ହେବାରୁ ସଦାଶିବ ଓ ଦିନ ପାନ ଘରକୁ ପଳାଇ ଆସିଥିଲେ। ସଦାଶିବ ଘରେ ଦିନ ପାନ ଶୁକ୍ରବାର ରାତ୍ରରେ ଖାଇଥିଲେ । ପରେ ସଦାଶିବ ବୈଠାରୁ ଓ କାର୍ତ୍ତିକ ବୈଠାରୁ ଦିନ ପାନ ତାର ଘର ମାଣ୍ଡୋସିଲ ଗ୍ରାମକୁ ଛାଡି ଆଣୁଥିଲେ । ଦୁଇ ଭାଇ ବାଟରେ ଦିନ ପାନ କୁ କିଛି ଟଙ୍କା ମାଗିଥିଲେ । ଟଙ୍କା ନ ଦେବାରୁ ସଦାଶିବର ଭାଇ କାର୍ତ୍ତିକ ବୈଠାରୁ ଦିନ ପାନ କୁ ଜାବୁଡି ଧରି ଦେଇଥିଲେ । ସଦାଶିବ ବୈଠାରୁ ଧରିଥିବା ଟାୱାଲରେ ଦିନ ପାନଙ୍କ ଗଲା ଜୋର ଚିପି ଦେବା ଦ୍ୱାରା ଦିନ ପାନଙ୍କ ମୃତ୍ୟୁ ହୋଇ ଯାଇଥିଲା । ମୃତ୍ୟୁ ହୋଇ ଯାଇଥିବା ଜାଣି ଦୁଇ ଭାଇ ତାକୁ ଏକ ବିଲରେ ଫିଙ୍ଗି ଦେଇଥିଲେ । ଖଡ଼ିଆଳ ଆସିଆଇସି ଦିଲ୍ଲୀପ କୁମାର ସାହୁ ଓ ତାଙ୍କ ଟିମ ତଦନ୍ତ କଲାପରେ ପ୍ରକୃତ ରହସ୍ୟ ପଦାକୁ ଆସିଥିବା ଆଇଆଇସି ସାମ୍ବାଦିକ ସମ୍ମିଳନୀରେ ପ୍ରକାଶ କରିଛନ୍ତି । ଏନେଇ ଖଡ଼ିଆଳ ଥାନା ରେ ଏକ ମାମଲା ରୁଜୁ ହେବା ସହ ଅଭିଯୁକ୍ତ ଦ୍ୱୟଙ୍କୁ କୋର୍ଟ ଚାଲାଣ କରାଯାଇଛି।

## ଦେବଙ୍ଗରେ ବିଶ୍ୱ ଆଦିବାସୀ ଦିବସ ପାଳିତ

ମୁରିବାହାଲ,(ସବ୍ୟୁ) : ବଲାଙ୍ଗିର ଜିଲ୍ଲା ମୁରିବାହାଲ ବ୍ଲକର ବୀର୍ ମାଏଟ ଦେବଙ୍ଗ ଗ୍ରାମରେ ବିଶ୍ୱ ଆଦିବାସୀ ଦିବସ ମହାସମାରୋହରେ ପାଳିତ ହୋଇଯାଇଛି। ଆରାଧ୍ୟ ଦେବୀ ମାଁ ଜାଡେନଙ୍କୁ ପୂଜାର୍ଚ୍ଚନା କଲା ପରେ ପାରମ୍ପରିକ ଅସ୍ତ୍ରଶସ୍ତ୍ର, ବେଶଭୁଷା, ଡାକାବାଦ୍ୟ ସହ ଏକ ବିଶାଳ ଶୋଭଯାତ୍ରାରେ ଗ୍ରାମ୍ୟ ପରିକ୍ରମା କରାଯାଇଥିଲା । ବିଶ୍ୱ ଆଦିବାସୀ ଦିବସ ଉତ୍ସାହର ସହ ପାଳିତ ହୋଇଥିବା ବେଳେ ଏକ ସଭା ହୋଇଥିଲା। ଗ୍ରାମ୍ୟ କନ୍ଧ ସମାଜ ସଭାପତି ଜଗବନ୍ଧୁ ଭୋଇଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ମୁରିବାହାଲ ଥାନା ଅଧିକାରୀ ସିପୋରା ସରାୟ ଲୁଗୁନ,ମୁଖ୍ୟବକ୍ତା ଟୁପା ପ୍ରଗଣା ସଭାପତି ପଦ୍ମନ ପ୍ରଧାନୀ,ସମ୍ମାନିତ ଅତିଥି ବୁଡୁକା ପ୍ରଗଣା ବଙ୍ଗୋମୁଣ୍ଡା ସଭାପତି ଚକ୍ରଧର ଯାନୀ, ଜିଲା ଉପସଭାପତି ଶରତ ଚନ୍ଦ୍ର ସିଂ ଭୋଇ, ପ୍ରଫୁଲ୍ଲ ପ୍ରଧାନୀ,ଟିଟିଲାଗଡ ନଗର ଆଦିବାସୀ ସଂଘ ସଭାପତି ନିତ୍ୟାନନ୍ଦ ମାଝୀ,ସୁନୀଲ ମାଝୀ ପ୍ରମୁଖ ମଞ୍ଚାସୀନ ଥିଲେ। ଆଦିବାସୀ କନ୍ଧ ଯୁବଶକ୍ତି ଦେବଙ୍ଗର ସଭାପତି ନେତ୍ରମଣି ଭୋଇ କାର୍ଯ୍ୟକ୍ରମ ସଞ୍ଚାଳନ କରିଥିଲେ। ଆଦିବାସୀ ସଂସ୍କୃତି, କନ୍ଧାନ ପ୍ରଥା,ପରମ୍ପରା,ଭାଷା,ଆଦି ସଂସ୍କୃତି ମହାନ,ଏହାର ସ୍ୱତନ୍ତ୍ରତା ରହିଛି ଏହାର ସୁରକ୍ଷା ପାଇଁ ଆହ୍ୱାନ ଦେଇଥିଲେ। ଶିକ୍ଷାକୁ ଗୁରୁତ୍ୱ ଦେବା ସହ ସୁସ୍ଥ,ନିଶାମୁକ୍ତ ସମାଜ ଗଠନ ପାଇଁ ସଂକଳ୍ପ ନେଇଥିଲେ । ବିଶ୍ୱ ଆଦିବାସୀ ଦିବସ ଅଗଷ୍ଟ ୯ ତାରିଖକୁ ଛୁଟି ଘୋଷଣା ପାଇଁ ଦାବି ଉଠିଥିଲା। ନକୁଳ ମାଝୀଙ୍କ ପ୍ରତ୍ୟେକ୍ଷ ତ୍ୱାବଧାନରେ ଆଦିବାସୀ କନ୍ଧ ଯୁବଶକ୍ତି ଦେବଙ୍ଗର ଉପସଭାପତି ଜ୍ୟୋର୍ତିର୍ମୟ ଭୋଇ,ସମ୍ପାଦକ ଲୋକେଶ୍ୱର ଭୋଇ,ସହ ସମ୍ପାଦକ ହରେକୃଷ୍ଣ ଭୋଇ,କୋଷାଧ୍ୟକ୍ଷ ପ୍ରଦୀପ ଭୋଇ,ଚୁଡାମଣି ଭୋଇ,ଉପଦେଷ୍ଟା ରାଜେନ୍ଦ୍ର ଭୋଇ,ଅକ୍ଷୟ ଭୋଇ, ଈଶ୍ୱର ଭୋଇ, ବସନ୍ତ ଭୋଇ,ସୁଧାଂଶୁ ଶେଖର ଭୋଇ,ଧନଞ୍ଜୟ ଭୋଇ,ରୁକମନ ଭୋଇ,ଶକ୍ତିମାନ ଭୋଇ,ମାନସ ଭୋଇ,ରୋଷନ ଭୋଇ,ସୁନୀଲ ଭୋଇ,ହରେକୃଷ୍ଣ ଭୋଇ,ଶୁକ୍ରୁ ଭୋଇ,ଜନ୍ମେଜୟ ଭୋଇ,ରଞ୍ଜିତ ଭୋଇ,ପଞ୍ଚାନନ ଭୋଇ,ପ୍ରବୀଣ ଭୋଇ ପ୍ରମୁଖ ସହଯୋଗ କରିଥିଲେ।

**ପୂର୍ବ ତଟ ରେଳପଥ**

ପାର୍କିଙ୍ଗ୍ ଷ୍ଟାଣ୍ଡର ଇ-ନିଲାମ

ନିଲାମ କାଟଲଗ୍ ସଂ. SDCM-KUR-PKNG

ଷ୍ଟେସନ ଏବଂ ସ୍ଥାନ : (1) ଖୋର୍ଦ୍ଧା ରୋଡ଼-2 ଚକିଆ (କଲ୍ୟାଣ ମଣ୍ଡଳ ସାମନା), (2) ଷ୍ଟେସନ ଏବଂ ସ୍ଥାନ : ଯାଜପୁର କେନ୍ଦୁଝର ରୋଡ଼-2 ଚକିଆ (ପ୍ଲାଟଫର୍ମ ନଂ.1 ନିକଟ), (3) ଷ୍ଟେସନ ଏବଂ ସ୍ଥାନ : କାଳୁପଡ଼ାଘାଟ-2 ଚକିଆ (ପ୍ଲାଟଫର୍ମ ନଂ.1 ପାର୍ଶ୍ୱ ସ୍ଥିତ OH ପାଣି ଟାଙ୍କି ନିକଟ) ।

ନିଲାମ ତାରିଖ ଓ ସମୟ : ତା.19.08. 2025ରିଖ 1100 ଘଟିକାରେ (କ୍ରମ ସଂ.1 ରୁ 3 ପାଇଁ) ।

ନିଲାମ ବନ୍ଦ ହେବା ତାରିଖ : ତା.19.08. 2025ରିଖ (କ୍ରମ ସଂ.1 ରୁ 3 ପାଇଁ) । ବନ୍ଦ ହେବା ସମୟ : 1130 ଘଟିକା (କ୍ରମ ସଂ.1 ପାଇଁ), 1140 ଘଟିକା (କ୍ରମ ସଂ.2 ପାଇଁ) ଏବଂ 1150 ଘଟିକା (କ୍ରମ ସଂ.3 ପାଇଁ) ।

ଦ୍ରଷ୍ଟବ୍ୟ : ଏହି ନିଲାମ ସମ୍ବନ୍ଧରେ ସମସ୍ତ ଆବଶ୍ୟକ ସୂଚନା ପ୍ରାପ୍ତ କରିବା ସହିତ ପରବର୍ତ୍ତୀ ଇ-ନିଲାମ ବିଷୟରେ ଯାଞ୍ଚ କରିବା ନିମନ୍ତେ ଆଶାୟୀ ବିଡ଼ରଙ୍କୁ ୱେବ୍‌ସାଇଟ୍ www.ireps.gov.in ର ଇ-ଅକ୍ସନ ଲିଜିଙ୍ଗ୍ ଟ୍ୟାବ୍ ପରିଦର୍ଶନ କରିବାକୁ ଅନୁରୋଧ କରାଯାଉଛି ।

ବରିଷ୍ଠ ମଣ୍ଡଳ ବାଣିଜ୍ୟ ପ୍ରବନ୍ଧକ, ଖୋର୍ଦ୍ଧା ରୋଡ଼

PR-453/Q/25-26

**GOVERNMENT OF ODISHA : DEPARTMENT OF WATER RESOURCES**
Office of the Additional Chief Engineer,
Drainage Circle, Balasore.
Email id: scdcbls@yahoo.com

A - 479

**"e" PROCUREMENT NOTICE NO.- ACEDCBLS-09/2025-26**

| | | | |
|---|---|---|---|
| 1 | Bid Identification Number | : | ACEDCBLS/DDBDK - 01-09/2025-26<br>ACEDCBLS/DDBDK - 02-09/2025-26<br>ACEDCBLS/DDBDK - 03-09/2025-26<br>ACEDCBLS/DDBDK - 04-09/2025-26 |
| 2 | Name of work | : | Drainage Improvement works (Under D.I.P. Scheme) |
| 3 | Total no of Project | : | 4 Nos. of Individual work. |
| 4 | Estimated cost of individual works | : | Varies from Rs. 1,82,98,800/- to Rs. 2,81,06,008/-(Excluding G.S.T.) |
| 5 | Period of completion | : | 11 (Eleven) Calendar Months |
| 6 | Date & Time of availability of Bid document in the Portal | : | From Dt.14.08.2025 at 10.00 hours to Dt.02.09.2025 at 17.00 hours |
| 7 | Date & Time for receipt of Bid document in the Portal | : | From Dt.14.08.2025 at 10.00 hours to Dt.02.09.2025 at 17.00 hours |
| 8 | Date of Opening of Technical Bid | : | Dt.03.09.2025 at 11.30 hours in the Office of the Additional Chief Engineer, Drainage Circle, Balasore. |
| 9 | Name & address of the officer inviting Bids | : | Additional Chief Engineer, Drainage Circle, Balasore |

Further details can be seen from the Govt Web site www.tendersodisha.gov.in

Sd/- Additional Chief Engineer
Drainage Circle, Balasore

OIPR : 32190/11/0022/2526

# ବିଜ୍ଞାନ ପ୍ରଚାର ସମିତିର ୭୭ତମ ପ୍ରତିଷ୍ଠା ଦିବସ

କଟକ, (ସ୍ୱପ୍ର): ସ୍ଥାନୀୟ ରେଭେନ୍ସା ବିଶ୍ୱ ବିଦ୍ୟାଳୟର ଉଦ୍ଭିଦ ବିଜ୍ଞାନ ବକ୍ତୃତା କକ୍ଷରେ ଓଡିଶା ବିଜ୍ଞାନ ପ୍ରଚାର ସମିତିର ୭୭ତମ ପ୍ରତିଷ୍ଠା ଦିବସ ପାଳିତ ହୋଇଯାଇଛି । ଅନୁଷ୍ଠାନର ସଭାପତି ଡାକ୍ତର ନିତ୍ୟାନନ୍ଦ ସ୍ୱାଇଁଙ୍କ ପୌରହିତ୍ୟରେ ଅନୁଷ୍ଠିତ ସଭାରେ ବିଶିଷ୍ଟ ବ୍ୟକ୍ତିମାନେ ଓଡିଶାରେ ବିଜ୍ଞାନକୁ ଲୋକପ୍ରିୟ କରିବାରେ ବିଜ୍ଞାନ ପ୍ରଚାର ସମିତି ଓ ବିଜ୍ଞାନ ଲେଖକମାନଙ୍କର ଭୂମିକା ଉଲ୍ଲେଖନୀୟ ବୋଲି ମତବ୍ୟକ୍ତ କରିଥିଲେ । ଏଥିରେ ଏସସିବି ଏଣ୍ଡୋକ୍ରିନୋଲୋଜି ବିଭାଗର ପ୍ରାକ୍ତନ ପ୍ରଫେସର ଡାକ୍ତର ବିଶ୍ୱନାରାୟଣ ମହାନ୍ତି ମୁଖ୍ୟଅତିଥିରୂପେ ଯୋଗଦେଇ ପ୍ରଫେସର ଗୋକୁଳାନନ୍ଦ ମହାପାତ୍ର ସ୍ମାରକୀ ବକ୍ତୃତା ପ୍ରଦାନ କରି ସ୍ୱାସ୍ଥ୍ୟ କ୍ଷେତ୍ରରେ ଟେଲି ମେଡିସିନ ବିପ୍ଳବ ସୃଷ୍ଟିକରିଛି ବୋଲି ମତବ୍ୟକ୍ତ କରିଥିଲେ । ମୁଖ୍ୟବକ୍ତା ଭୁବନେଶ୍ୱର ନାଇଜରର ପଦାର୍ଥ ବିଜ୍ଞାନ ବିଭାଗ ପ୍ରଫେସର ଡକଟର ସଂଜୟ କୁମାର ସ୍ୱାଇଁ କହିଲେଯେ ବ୍ରହ୍ମାଣ୍ଡର ସୃଷ୍ଟି ସଂପର୍କରେ ଆମେ ମାତ୍ର ପାଞ୍ଚ ଭାଗ ଜାଣିଛେ । ଅବଶିଷ୍ଟ ପଞ୍ଚାନବେ ଭାଗ ଆମର ଅଗୋଚରରେ ରହିଛି । ଅନ୍ୟତମ ଅତିଥି ନାଇଜରର




କୁଳସଚିବ ଡକଟର ଅଭୟ କୁମାର ନାୟକ ବିଜ୍ଞାନ ମଧ୍ୟରେ ଆଧ୍ୟାତ୍ମିକତାର ଗୁରୁତ୍ୱ ସଂପର୍କରେ ମତବ୍ୟକ୍ତ କରିଥିଲେ । ଅନୁଷ୍ଠାନର ଉପସଭାପତି ଡକଟର ସୁବାସିନୀ ଲେଙ୍କା ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ପ୍ରଦାନ କରିଥିଲେ । ସମ୍ପାଦିକା କବିତା ପାଟଶାଣୀ ବିବରଣୀ ପାଠକରିଥିଲେ । ଡକଟର ଭାରତୀ ବେହେରା, ଡକଟର ହେମନ୍ତ କୁମାର ପରିଡା, ଡକଟର ଶିବଶଂକର ନାୟକ ପ୍ରମୁଖ କାର୍ଯ୍ୟକ୍ରମକୁ ସଂଯୋଜନା କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ପ୍ରଭାତ କୁମାର ମିଶ୍ର, ଡକଟର ପ୍ରମୋଦ କୁମାର ମହାପାତ୍ର, ଡକଟର ଚିତ୍ତରଂଜନ ମିଶ୍ର, ଇଂ ମାୟାଧର ସ୍ୱାଇଁ, ଡାକ୍ତର ପଦ୍ମନାଭ ବେହେରା ପ୍ରମୁଖ ବିଜ୍ଞାନ ପ୍ରଚାର ସମିତିର ବରିଷ୍ଠ ସଭ୍ୟମାନେ ସଭାରେ ଉପସ୍ଥିତ ଥିଲେ । ଯୁଗ୍ମ ସମ୍ପାଦକ ଅରବିନ୍ଦ କର ଧନ୍ୟବାଦ ପ୍ରଦାନ କରିଥିଲେ ।

# ସଂପର୍କ ସାହିତ୍ୟ ସଂସ୍କୃତି ସଂସଦର ଆଲୋଚନା ଚକ୍ର

କଟକ (ସବ୍ୟୁ):ସାରସ୍ୱତ ଅନୁଷ୍ଠାନ,ସଂପର୍କ ସାହିତ୍ୟ ସଂସ୍କୃତି ସଂସଦର କବିତା ଆସର ଓ ଆଲୋଚନା ଚକ୍ର ଉତ୍କଳମଣି ଶିଶୁ ଉଚ୍ଚ ଶିକ୍ଷା ମନ୍ଦିର ପରିସରରେ ଅନୁଷ୍ଠିତ ହୋଇଯାଇଛି ।ସଂସଦର ସଭାପତି କୈଳାସ ଚନ୍ଦ୍ର ଜେନାଙ୍କ ଅଧକ୍ଷତାରେ ଅନୁଷ୍ଠିତ ଆଲୋଚନା ଚକ୍ରକୁ ପ୍ରଫେସର ଡଃ ଯୁଧିଷ୍ଠିର ଖଟୁଆ ଆନୁଷ୍ଠାନିକ ଭାବେ ଉଦଘାଟନ କରିଥିଲେ ।ମୁଖ୍ୟଅତିଥି ଭାବେ ଶ୍ରୀଦୁର୍ଗା ସାହିତ୍ୟ ସଂସଦର ସଭାପତି ଡଃପଣ୍ଡିତ ଚୈତନ୍ୟ କୁମାର ସାହୁ ,ମୁଖ୍ୟବକ୍ତା ଭାବେ ଶ୍ରାବଣୀ ସାହିତ୍ୟ ସଂସଦର ସଭାପତି କବି ଉଦୟ କୁମାର ବର୍ମା,ସମ୍ମାନୀୟବକ୍ତା ଭାବେ ଆଇନଜୀବି ପତିତପାବନ ମହାପାତ୍ର,ବରେଣ୍ୟଅତିଥି ଭାବେ ବରିଷ୍ଠସାମ୍ବାଦିକ ଅଜୟ କୁମାର ଦାସ ଯୋଗଦେଇ ଜଗନ୍ନାଥ ସଂସ୍କୃତିରେ ରକ୍ଷାବନ୍ଧନ ସଂପର୍କରେ ଆଲୋକପାତ କରିଥିଲେ । ଏହି ଅବସରରେ ଅନୁଷ୍ଠାନର ସଦସ୍ୟା ଗୀତାଂଜଳୀ ପୃଷ୍ଟି ଚାକିରୀରୁ ଅବସର ଗ୍ରହଣ କରିଥିବାରୁ ତାଙ୍କୁ ଅନୁଷ୍ଠାନ ପକ୍ଷରୁ ସଂବର୍ଦ୍ଧିତ କରାଯାଇଥିଲା ।କବି ମନୋରଂଜନ ପଣ୍ଡା ଓ ଡଃ ବସନ୍ତ କୁମାରୀ ନନ୍ଦଙ୍କ ସଂଯୋଜନାରେ କବୟତ୍ରୀ ବିନୋଦିନି ମିଶ୍ର,ଛବିରାମ ସେଠୀ,ଭୀମସେନ ସାହୁ,ଶ୍ରୀବତ୍ସ ବିଶ୍ୱାଳ,କ୍ଷୀରୋଦ ଜେନା,ଦେବଜାନୀ ଜେନା,କାଂଚନଲତା ଦାସ,ଅରୁଣ କୁମାର ଅଗରବାଲ,ବିପଦ ବାନ୍ଧବ ମହାନ୍ତି,ଗୀତାଂଜଳି ପୃଷ୍ଟି,ଚୈତନ୍ୟ ରାଉତ,ଉତମ ଚରଣ ପ୍ରଧାନ,ବ୍ରଜବଂଧୁ ପୃଷ୍ଟି,ଡଃଭାବଗ୍ରାହୀ ରାଉତ ପ୍ରମୁଖ ସ୍ୱରଚିତ କବିତାପାଠ କରିଥିଲେ ।

# ହାଇଟେକ୍ ନିର୍ଦ୍ଦେଶକ ଡ଼ା. ରାକେଶ ପାଣିଗ୍ରାହୀ ସମ୍ମାନୀତ

ଭୁବନେଶ୍ୱର (ସବ୍ୟୁ): ଓଡିଶାରେ ଶିକ୍ଷା ଓ ସ୍ୱାସ୍ଥ୍ୟ କ୍ଷେତ୍ରରେ ଏକ ସ୍ୱତନ୍ତ୍ର ଭୂମିକା ନିର୍ବାହ କରୁଥିବା ହାଇଟେକ ଗ୍ରୁପ ଅଫ ଇନସ୍ଟିଚ୍ୟୁସନସ ଆଜି ରାଜ୍ୟ ସ୍ୱାସ୍ଥ୍ୟ ପରିବାର କଲ୍ୟାଣ ମନ୍ତ୍ରୀ ମୁକେଶ ମହାଲିଙ୍ଗ ଏବଂ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀଙ୍କ ଠାରୁ ଭୁବନେଶ୍ୱର ସ୍ଥିତ ସ୍ୱସ୍ତି ପ୍ରିମିଅମ ପ୍ରେକ୍ଷାଳୟରେ ସମ୍ମାନିତ ହୋଇଛନ୍ତି । ବିଶେଷ କରି ସମାଜର ନିମ୍ନ ବର୍ଗ ଓ ମଧ୍ୟବର୍ତ୍ତୀ ଲୋକମାନଙ୍କର ଆର୍ଥିକ ସମସ୍ୟା କୁ ଆଖି ଆଗରେ ରଖି ସ୍ୱାସ୍ଥ୍ୟ କ୍ଷେତ୍ରରେ ସାହାଯ୍ୟ ସହଜଗର ହାତ ବଢ଼ାଇ ଆସୁଥିବା ହାଇଟେକ ମେଡିକାଲ କଲେଜ ଓ ହସ୍ପିଟାଲ ଏବଂ ତାଙ୍କର ସମସ୍ତ ବିଭାଗ ଓଡିଶାର ଏକ ସ୍ୱତନ୍ତ୍ର ପଦକ୍ଷେପ ନେଇ ଆସୁଛନ୍ତି ଯାହାକୁ ଆଧାର କରି ଓଡ଼ିଶାର ଅଗ୍ରଣୀ ବୈଦ୍ୟୁତିକ ଗଣମାଧ୍ୟମ ଓଟିଭିର ଏକ ସ୍ୱତନ୍ତ୍ର ଅଧିବେଶନରେ ହାଇଟେକ ମେଡିକାଲ କଲେଜ ଓ ହସ୍ପିଟାଲର ନିର୍ଦ୍ଦେଶକ ଡ଼ା. ରାକେଶ କୁମାର ପାଣିଗ୍ରାହୀଙ୍କୁ



ବିଶେଷ ଭାବରେ ସମ୍ମାନିତ କରାଯାଇଛି । ଏହି ସମାବେଶର ଆଲୋଚନା ଚକ୍ରରେ ହାଇଟେକ ମେଡିକାଲ କଲେଜ ଓ ହସ୍ପିଟାଲର ଆଇ. ଭି . ଏଫ ବିଭାଗର ଡା. ନିରାମୟ ମଣ୍ଡୁଆଳ ଯୌନ ସମସ୍ୟା ସହିତ ଆଇ. ଭି. ଏଫ. ର ଗୁରୁତ୍ୱ ବିଷୟରେ ଆଲୋକ ପାତ କରିଛନ୍ତି । ଏହି ଅବସରରେ ହାଇଟେକ ଗ୍ରୁପର ପରବର୍ତ୍ତୀ ନିର୍ଦ୍ଦେଶକ ଅନିଲ କୁମାର ପାଣିଗ୍ରାହୀଙ୍କ ସମେତ ବହୁତ ଛାତ୍ରଛାତ୍ରୀ ଉପସ୍ଥିତ ରହି ଏହି ସମାରୋହରେ ନିଜକୁ ସାମିଲ କରିଥିଲେ । ଏହି ଅବସରରେ ହାଇଟେକ ଗ୍ରୁପରପ୍ରତିଷ୍ଠାତା ଅଧକ୍ଷ ଡ. ତିରୁପତି ପାଣିଗ୍ରାହୀ ଏବଂ ସୁରେଶ ପାଣିଗ୍ରାହୀ ସମ୍ପୃକ୍ତ ଅନୁଷ୍ଠାନକୁ ଧନ୍ୟବାଦ ଦେବା ସହ ଏହି ପୁରସ୍କାର ସେମାନଙ୍କୁ ଆଗାମୀ ଦିନରେ ଆହୁରି ମହତ୍ତ୍ୱର କାର୍ଯ୍ୟ କରିବା ପାଇଁ ପ୍ରେରଣୀ ଯୋଗାଇବା ବୋଲି କହିଛନ୍ତି ।

# ୫୨ନଂ ୱାର୍ଡରେ ୩ ପ୍ରକଳ୍ପର ଉଦଘାଟନ

କଟକ, (ସ୍ୱପ୍ର): ସିଏମସି ୫୨ନଂ ୱାର୍ଡ ସ୍ଥିତ ରାଜେନ୍ଦ୍ରନଗର ଅଂଚଳରେ ସିଏମସି ପକ୍ଷରୁ ୨୫ଲକ୍ଷ ଟଙ୍କା ବ୍ୟୟରେ ପିଏସ ଲେନ, ପଣ୍ଡିତ ଲେନ ଏବଂ ପାଇକରାୟ ଲେନରେ ସ୍ମାର୍ଟ ପେଭର ବ୍ଲକ୍ ରୋଡ ଏବଂ ଆରସିସି ଡ୍ରେନର ଉଦଘାଟନ ହୋଇଛି ।ଓ୍ୱାର୍ଡ କର୍ପୋରେଟର ସୌଭାଗିନୀ ଜେନାଙ୍କ ନେତୃତ୍ୱରେ ଅନୁଷ୍ଠିତ ଉତ୍ସବରେ ବିଧାୟକ ସୌଭିକ ବିଶ୍ୱାଳ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଏହାକୁ ଉଦଘାଟନ କରିଥିଲେ । ଏହି ଉଦଘାଟନୀ କାର୍ଯ୍ୟକ୍ରମରେ ସିଟି ଇଂଜିନିୟର ଅତନୁ ସାମନ୍ତ, ସାହିମୁରବୀ ଉଲ୍ଲାସ ପାଇକରାୟ, ଶ୍ରଦ୍ଧାନନ୍ଦ ପରିଜା, ଗୋବିନ୍ଦ ପତି, ଶରତ ଚନ୍ଦ୍ର ପତି, ରମେଶ ଚୌଧୁରୀ, ଦୀପକ କୁମାର ଲେଙ୍କା, ଗଜେନ୍ଦ୍ର ନାଥ ନାୟକ, ମଙ୍ଗଳା ମନ୍ଦିର ମହଲା ସଭାର ସଂପାଦକ ସରୋଜ ପ୍ରସାଦ ସ୍ୱାଇଁ, କୋଷାଧ୍ୟକ୍ଷ ଶୁଭେନ୍ଦୁ ମିଶ୍ର, ବିଭୂତି ଭୂଷଣ ନାୟକ, ବାପୁ ଦାସ, ରିତ ସୁବୁଦ୍ଧି, ସଞ୍ଜୟ ପାତ୍ର, ଅଜିତ ନାୟକ, ପ୍ରଦୀପ ସେଠୀ, ଫିରୋଜ ମହାପାତ୍ର, ଟୁକୁ ମହାପାତ୍ର, ବୁଲୁ ରାଉତରାୟ, ପ୍ରମୋଦ ଛାଟୋଇ,



ରାଜେନ୍ଦ୍ର ମହାପାତ୍ର, ନଗେନ ଦାସ, ସୁଶାନ୍ତ ବେହେରା, ରବୀନ୍ଦ୍ର ମହାନ୍ତି, ପ୍ରଭାତୀ ଦତ୍ତ, ରେଖା ଦାସ, ରିଙ୍କି ଗୌଡ଼, ଟୁନା ମଲ୍ଲିକଙ୍କ ସମେତ ବହୁ କର୍ମକର୍ତ୍ତା ଉପସ୍ଥିତ ଥିଲେ ।

# ରାଷ୍ଟ୍ରପତି ଭବନରେ ରାକ୍ଷୀ ପୂର୍ଣ୍ଣିମା ପାଳିଲେ ଏକଲବ୍ୟ ଆବାସିକ ବିଦ୍ୟାଳୟର ବିଦ୍ୟାର୍ଥୀ

ଭୁ ବ ନେ ଶ୍ୱ ର ( ସ ବ୍ୟୁ ) : ରାଷ୍ଟ୍ରପତି ଭବନରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କ ସହିତ ରାକ୍ଷୀ ପୂର୍ଣ୍ଣିମା ପାଳିଛନ୍ତି ଏକଲବ୍ୟ ଆଦର୍ଶ ଆବାସିକ ବିଦ୍ୟାଳୟର ୨୦ ଜଣ ବିଦ୍ୟାର୍ଥୀ । ସୁନ୍ଦରଗଡ଼ ଓ କନ୍ଧମାଳ ଜିଲ୍ଲାର ଲାଇଂ, ଭବାନୀପୁର, ମହାସିଙ୍ଗ ଓ ଫିରିଙ୍ଗିଆ ଏକଲବ୍ୟ ଆଦର୍ଶ ଆବାସିକ ବିଦ୍ୟାଳୟର ବିଦ୍ୟାର୍ଥୀ ଓ ୪ ଜଣ ଶିକ୍ଷକ-ଶିକ୍ଷୟିତ୍ରୀ ରାଷ୍ଟ୍ରପତି ଭବନରୁ ନିମନ୍ତ୍ରଣ ପାଇବା ପରେ ରାକ୍ଷୀ ପୂର୍ଣ୍ଣିମା ପାଳିବା ପାଇଁ ନୂଆଦିଲ୍ଲୀରେ ପହଞ୍ଚିଥିଲେ ।

ଏହି ଅବସରରେ ଏକଲବ୍ୟ ଆଦର୍ଶ ଆବାସିକ ବିଦ୍ୟାଳୟର ଲାଇଂର ପାଞ୍ଚଜଣ ଛାତ୍ରୀ ରାଷ୍ଟ୍ରପତିଙ୍କୁ ପାରମ୍ପରିକ



ରାକ୍ଷୀ ପିନ୍ଧାଇଛନ୍ତି । ଏଥିସହ ରାଷ୍ଟ୍ରପତିଙ୍କୁ ରାଧା-କୃଷ୍ଣଙ୍କ କଳାକୃତି ପ୍ରଦାନ କରିଥିଲେ । ଧାନରେ ତିଆରି ଶ୍ରୀଜଗନ୍ନାଥଙ୍କ ମୁଖ କଳାକୃତିକୁ ନେଇ ରାକ୍ଷୀ ପ୍ରସ୍ତୁତ କରାଯାଇଥିଲା, ଯାହା ଓଡ଼ିଶାର ସମୃଦ୍ଧ ସାଂସ୍କୃତିକ ଐତିହ୍ୟକୁ ପ୍ରତିଫଳିତ କରିଥିଲା । ଛାତ୍ରଛାତ୍ରୀମାନେ ରାଷ୍ଟ୍ରପତି ଭବନର ଐତିହ୍ୟକୁ ଅନୁଭବ କରିଥିଲେ ଏବଂ ଭାରତର ପ୍ରଥମ ନାଗରିକଙ୍କ ଉପସ୍ଥିତିରେ ଏହି ଉତ୍ସବ ପାଳନ କରି ନିଜର ଆନନ୍ଦ ପ୍ରକାଶ କରିଥିଲେ ।

## ନର୍ସିଂ ଛାତ୍ରୀ ମୃତ୍ୟୁ ଘଟଣା

# ରାଇଘର ବ୍ଲକରେ ବିଜେଡିର ୧୨ ଘଣ୍ଟିଆ ହରତାଳ ଆଜି

ଭୁବନେଶ୍ୱର, (ସବ୍ୟୁ): ରାଇଘର ଡୁମରିମୁଣ୍ଡା ନର୍ସିଂ ଛାତ୍ରୀର ମୃତ୍ୟୁକୁ ତୀବ୍ର ନିନ୍ଦା କରୁଛି ବିଜୁ ଜନତା ଦଳ । ଏହି ସରକାର ଓଡ଼ିଶାରେ ନାରୀକୁ ସୁରକ୍ଷା ଦେବାରେ ସମ୍ପୂର୍ଣ୍ଣ ବିଫଳ ହୋଇଛି । ପ୍ରତିଦିନ ନାରୀ ନିର୍ଯ୍ୟାତନା ଘଟଣା ଉଦବେଗଜନକ ଭାବେ ବୃଦ୍ଧି ପାଉଛି । ଓଡ଼ିଶାର ଉପମୁଖ୍ୟମନ୍ତ୍ରୀ ତଥା ମହିଳା ଏବଂ ଶିଶୁ ବିକାଶ ମନ୍ତ୍ରୀ ଶ୍ରୀମତୀ ପ୍ରଭାତୀ ପରିଡ଼ାଙ୍କ ଇସ୍ତଫା ଦାବି କରୁଛି ବିଜେଡି । ଏହା ସହିତ ରାଇଘର ନର୍ସିଂ ପୀଡ଼ିତାକୁ ୧ କୋଟି ଟଙ୍କା କ୍ଷତିପୂରଣ ଦେବା ପାଇଁ ବିଜୁ ଜନତା ଦଳ ଦାବି କରୁଛି । ଯେତେଦିନ ପର୍ଯ୍ୟନ୍ତ ଏହି ରାଜ୍ୟରେ ନାରୀ, ଛାତ୍ରୀ, ନାବାଳିକା ସୁରକ୍ଷିତ ହେବେ ନାହିଁ, ବିଜେଡି ସେମାନଙ୍କୁ ସୁରକ୍ଷା ଦେବା ପାଇଁ ସାରା ରାଜ୍ୟରେ ଆନ୍ଦୋଳନକୁ ବ୍ୟାପକ କରିବ । ରାଇଘର ବ୍ଲକବାସୀଙ୍କୁ ନବରଙ୍ଗପୁର ବିଜେଡି ତରଫରୁ ଅନୁରୋଧ କରାଯାଉଛି କି ଆସନ୍ତାକାଲି ସକାଳ ୬ଟାରୁ ସନ୍ଧ୍ୟା ୬ଟା ପର୍ଯ୍ୟନ୍ତ ୧୨ ଘଣ୍ଟିଆ ହରତାଳକୁ ସମ୍ପୂର୍ଣ୍ଣ ସହଯୋଗ କରନ୍ତୁ । ସରକାରୀ ଏବଂ ବେସରକାରୀ ଅନୁଷ୍ଠାନ, ଦୋକାନ, ବଜାର, ଯାନବାହନ ଚଳାଚଳ, ସ୍କୁଲ୍, କଲେଜ୍କୁ ୧୨ ଘଣ୍ଟିଆ ହରତାଳରେ ସାମିଲ ହେବାକୁ ଅନୁରୋଧ କରାଯାଉଛି । ଏହି ହରତାଳ ସମୟରେ ଜରୁରୀକାଳୀନ ସେବା ବ୍ୟାହତ ହେବ ନାହିଁ ବୋଲି ନବରଙ୍ଗପୁର ବିଜେଡି ପକ୍ଷରୁ ସୂଚନା ଦିଆଯାଇଛି ।

# ଓବେନ ଇଲେକଟ୍ରିକ ପକ୍ଷରୁ ଏହାର 'ନେକ୍ସଟ-ଜେନ ରୋର ଇଜେଡ ସିଗମା'ର ଶୁଭାରମ୍ଭ

ଭୁବନେଶ୍ୱର, (ସବ୍ୟୁ) : ଭାରତର ଇଲେକଟ୍ରିକ ମୋଟରସାଇକେଲ ନିର୍ମାତା କମ୍ପାନୀ ଓବେନ ଇଲେକଟ୍ରିକ ପକ୍ଷରୁ ଏହାର ନୂତନ ଇଲେକଟ୍ରିକ ବାଇକର ଶୁଭାରମ୍ଭ କରାଯାଇଥିବାବେଳେ ଏହାର ପ୍ରାରମ୍ଭିକ ମୂଲ୍ୟ ଟଙ୍କା.୧.୨୭ ଲକ୍ଷ ରହିଛି। ସହରରେ ଭାରତୀୟ ଚଳାଳୀଙ୍କୁ ଆରାମଦାୟକ ଓ ଉନ୍ନତ ଯାତ୍ରାର ଅନୁଭୂତି ପ୍ରଦାନ କରିବା ପାଇଁ 'ରୋର ଇଜେଡ ସିଗମା'କୁ ନିର୍ମାଣ କରାଯାଇଛି। ଏହି ନୂଆ ଗାଡିରେ ରିଭର୍ସ ମୋଡ ରହିଛି, ଯେଉଁଥିରେ ସହରର ଭିଡପୂର୍ଣ୍ଣ ସ୍ଥାନ ମାନଙ୍କରେ ଏହି ବାଇକକୁ ଖୁବ ସହଜରେ ବୁଲାଇ ପାରିବେ। ଦୁଇଟି ବ୍ୟାଟେରୀ ବେରିଙ୍ଗ ପଏଂଟରେ ଉପଲବ୍ଧ ଥିବା ଏହି 'ରୋର ଇଜେଡ ସିଗମା' ୩.୪ କେଡବ୍ଲୁଏଚର ମୂଲ୍ୟ ଟ.୧.୨୭ ଲକ୍ଷ ରହିଥିବାବେଳେ ୪.୪ କେଡବ୍ଲୁଏଚର ମଡେଲର ପ୍ରାରମ୍ଭିକ ମୂଲ୍ୟ ଟ୧.୩୭ ଲକ୍ଷ ରହିଛି। ଲଂଚର ଅଫର ସମାପ୍ତ ହେବା ପରେ ଏହାର ପରବର୍ତ୍ତୀ ମୂଲ୍ୟ ୧.୪୭ ଏବଂ ୧.୫୫ ଲକ୍ଷ ହୋଇଯିବ। ମାତ୍ର ୨,୯୯୯ ଟଙ୍କାର ଇଏମଆଇରେ 'ରୋର ଇଜେଡ ସିଗମା' ଗ୍ରାହକଙ୍କୁ ମିଳିବ। ଏହାର ଶୁଭାରମ୍ଭ ଅବସରରେ ଓବେନ ଇଲେକଟ୍ରିକର ପ୍ରତିଷ୍ଠାତା ଏବଂ ସିଇଓ ମଧୁମିତା ଅଗ୍ରୱାଲ କହିଛନ୍ତି ଯେ "'ରୋର ଇଜେଡ ସିଗମା'ର ଶୁଭାରମ୍ଭ ସହରମାନଙ୍କରେ ଆଗାମୀ ଭବିଷ୍ୟତକୁ ବଦଳାଇବାରେ ଆମର ଯାତ୍ରାର ଏକ ବଡ ପଦକ୍ଷେପ ଅଟେ। ଚଳାଳୀଙ୍କ ଜରୁରୀ ଆବଶ୍ୟକତାକୁ ଦୃଷ୍ଟିରେ ରଖି ଏହାକୁ ପ୍ରସ୍ତୁତ କରିଛୁ। ଏଥିରେ ଇଂଟେଲିଜେନ୍ସ, ଆରାମ ଏବଂ ବିଶ୍ୱାସକୁ ଯୋଡିଛି, ଯାହାକି ଭାରତୀୟଙ୍କ ଅନୁସାରେ ସଂପୂର୍ଣ୍ଣ ରୂପେ ଫିଟ ଅଟେ। ରୋର ଇଜେଡ ସିଗମା' ଇଲେକଟ୍ରିକ ମୋଟର ସାଇକେଲ ଇଞ୍ଜିନିୟରିଂ ପ୍ରତି ଆମର ନିରନ୍ତର ପ୍ରତିବଦ୍ଧତାକୁ ପ୍ରତିଫଳତ କରେ ଯାହା କେବଳ ପ୍ରଯୁକ୍ତିବିଦ୍ୟା ଦୃଷ୍ଟିରୁ ଉନ୍ନତ ନୁହେଁ ବରଂ ବାସ୍ତବ- ବିଶ୍ୱ ବ୍ୟବହାର ଏବଂ ଆକାଂକ୍ଷା ସହିତ ଅର୍ଥପୂର୍ଣ୍ଣ ଭାବରେ ସମନ୍ୱିତ।"

"'ରୋର ଇଜେଡ ସିଗମା' ର ବୁକିଂ ବର୍ତମାନ ଆରମ୍ଭ ହୋଇଯାଇଛି। ଗ୍ରାହକମାନେ ମାତ୍ର ୨,୯୯୯ ଟଙ୍କାରେ ଏହାକୁ ବୁକିଂ କରିପାରିବେ। ଶୁଭରାମ୍ଭ ସହିତ ଗ୍ରାହକମାନଙ୍କ ପାଇଁ ଟେଷ୍ଟ ରାଇଡ ଆରମ୍ଭ ହୋଇଯାଇଥିବାବେଳେ ଉପଭୋକ୍ତାଙ୍କୁ ୧୫ ଅଗଷ୍ଟ ୨୦୨୫ରୁ ବାଇକ ଡେଲିଭରି ମିଳିବ। ଓବେନର ଇନ-ହାଉସ ମ୍ୟାନୁଫ୍ୟାକଚରିଙ୍ଗ ଏବଂ ଶକ୍ତିଶାଳୀ ଡିଷ୍ଟ୍ରିବ୍ୟୁଷନ ନେଟୱାର୍କ ପାଇଁ ଗ୍ରାହକଙ୍କ ନିକଟରେ ତୁରନ୍ତ ଗାଡି ଉପଲବ୍ଧ ହେବ। ଏହା ବାଦ ଆମାଜନର "'ରୋର ଇଜେଡ ସିଗମା'କୁ କିଣିପାରିବେ।

# ତୀର୍ଥଯାତ୍ରୀ ବସ ଧକ୍କାରେ ଟ୍ରାକ୍ଟର ଚାଳକଙ୍କ ମୃତ୍ୟୁ

ନିମାପଡା,(ସବ୍ୟୁ): ଶନିବାର ରାତ୍ରରେ ନିମାପଡା ବଜାର ପଦ୍ମାବତୀ କଲ୍ୟାଣ ମଣ୍ଡପ ସାମ୍ନାରେ ଏକ ତୀର୍ଥଯାତ୍ରୀ ବସ ଏକ ଟ୍ରାକଫରର ପଛ ପଟୁ ଧକ୍କା ଦେବାରୁ ଘଟଣା ସ୍ଥଳରେ ଟ୍ରାକ୍ଟର ଚାଳକର ମୃତ୍ୟୁ ଘଟିଛି। ପ୍ରକାଶ ଯେ, ମଧ୍ୟ ରାତ୍ରରେ ଟ୍ରାକ୍ଟରଟି ବାଲି ବୋଝେଇ କରି ଯାଉଥିବା ବେଳେ ତୀର୍ଥଯାତ୍ରୀଙ୍କୁ ନେଇ କୋଣାର୍କ ଯାଉଥିବା ନେପାଳର ଏକ ବସ ପଦ୍ମାବତୀ ମଣ୍ଡପ ସାମ୍ନାରେ ଟ୍ରାକଫରର ପଛପଟୁ ଧକ୍କା ଦେଇଥିଲା। ଫଳରେ ଟ୍ରାକ୍ଟର ଇଂଜିନଟି ଓଲଟି ପଡିବା ସହିତ ଚାଳକ ନିମାପଡା ଏନଏସି ଅନ୍ତର୍ଗତ ସୁଶାନ୍ତ ଭୋଇ (୪୨)ଙ୍କ ମୃତ୍ୟୁ ଘଟିଥିଲା। ଖବର ପାଇ ପୁଲିସ ଘଟଣା ସ୍ଥଳରେ ପହଂଚି ଶବକୁ ଜବତ କରି ବ୍ୟବଚ୍ଛେଦ ପାଇଁ ଚାରିଛକ ସ୍ୱାସ୍ଥ୍ୟକେନ୍ଦ୍ରକୁ ପଠାଇଛି। ପୁଲିସ ଦୁର୍ଘଟଣା ଘଟାଇଥିବା ନେପାଳର ତୀର୍ଥଯାତ୍ରୀ ବସ ଏବଂ ଟ୍ରାକ୍ଟରକୁ ଜବତ କରି ତଦନ୍ତ ଚଳାଇଛି। ପୁଲିସ ତୀର୍ଥଯାତ୍ରୀ ମାନଙ୍କୁ ଅନ୍ୟ ଏକ ଗାଡିରେ ପୁରୀରେ ନେଇ ଛାଡିଛି। ସେଠାରୁ ସେମାନେ ନିଜ ନିଜ ଗନ୍ତବ୍ୟ ସ୍ଥଳକୁ ଯାଇଛନ୍ତି ।

# ଦି ସିଲ୍‌ଭର୍ସ, ବରିଷ୍ଠ ନାଗରିକ ଆସୋସିଏସନ, ଭିଏସ୍‌ଏସ୍. ନଗରର ସାଧାରଣ ବୈଠକ

ଭୁବନେଶ୍ୱର, (ସବ୍ୟୁ) ଦ ସିଲ୍‌ଭର୍ସ ବରିଷ୍ଠ ନାଗରିକ ଆସୋସିଏସନ୍, ଭି.ଏସ୍. ଏସ୍ ନଗରରେ ସାଧାରଣ ଅଧିବେସନ ଓ ନିର୍ବାଚନ ହୋଇଯାଇଛି । ଏହି ନିର୍ବାଚନରେ ସଭାପତି ଭାବେ ଦେବବ୍ରତ ପଟ୍ଟନାୟକ, ଉପସଭାପତି ଅଜୟ କୁମାର ଦାସ, ସମ୍ପାଦକ କୈଳାସ ଚନ୍ଦ୍ର ମିଶ୍ର, ଯୁଗ୍ମ ସମ୍ପାଦକ ଅରବିନ୍ଦ ମହାରଣା, କୋଷାଧ୍ୟକ୍ଷ ଭାବେ ବିପ୍ରଚରଣ ନାୟକ, କାର୍ଯ୍ୟନିର୍ବାହୀ ପରିଷଦ ସଭ୍ୟ ଇଂ ଆଦିତ୍ୟ ପ୍ରକାଶ ଦାସ, ସୁଧାକର ମିଶ୍ର, ସନାତନ ନାୟକ ଏବଂ ଉପଦେଷ୍ଟା ହୃଦୟରାମ ବ୍ରହ୍ମା ଓ ଡଃ ନାରାୟଣ ଚନ୍ଦ୍ର ପତି ନିର୍ବାଚିତ ହୋଇଛନ୍ତି । ଏହି ସଂଘ ବରିଷ୍ଠ ନାଗରିକ ମାନଙ୍କ ମଧ୍ୟରେ ଭାତୃଭାବ, ସାମାଜିକ ସୁରକ୍ଷା, ଉନ୍ନତ ମାନର ସମନ୍ୱୟ ରକ୍ଷାକରି ସୁଚାରୁ ରୂପେ କାର୍ଯ୍ୟ ତୁଲାଇବା ପାଇଁ ପ୍ରୟାସ ଜାରି



ସ୍ୱାସ୍ଥ୍ୟସେବା, ନିରାପତା ଏବଂ ଏ ଅଂଚଳର ବିକାଶ କାର୍ଯ୍ୟରେ ପୂର୍ବପରି ବିଭିନ୍ନ ବିଭାଗୀୟ ଅଧିକାରୀଙ୍କ ସହିତ କର୍ପୋରେଟର ୱାର୍ଡ ନଂ ୧୧ଙ୍କ ମଧ୍ୟରେ ରଖିବ ବୋଲି ବୈଠକରେ ନିଷ୍ପତି ନିଆଯାଇଛି ଓ ଡଃ ବିନୟ ଭୂଷଣ ମହାପାତ୍ର ନିର୍ବାଚନ ପରିଚାଳନା କରିଥିଲେ ।

## ଜେନେରାଲି ଗ୍ରୁପ୍ ଏବଂ ସେଣ୍ଟ୍ରାଲ ବ୍ୟାଙ୍କ ଅଫ୍ ଇଣ୍ଡିଆର

# ଯୁଗ୍ମ ଉଦ୍ୟୋଗ ପାଇଁ ନୂତନ ବ୍ରାଣ୍ଡ ପରିଚୟ ଘୋଷଣା

ଭୁବନେଶ୍ୱର: (ସବ୍ୟୁ) : ଜେନେରାଲି ଗ୍ରୁପ୍ ଏବଂ ସେଣ୍ଟ୍ରାଲ ବ୍ୟାଙ୍କ ଅଫ୍ ଇଣ୍ଡିଆ ନିଜର ଜୀବନ ଏବଂ ସାଧାରଣ ବୀମା ଯୁଗ୍ମ ଉଦ୍ୟୋଗ - ଜେନେରାଲି ସେଣ୍ଟ୍ରାଲ ପାଇଁ ଏକ ନୂତନ ବ୍ରାଣ୍ଡ ପରିଚୟ ଘୋଷଣା କରିଛନ୍ତି। ଏହି ନୂତନ ବ୍ରାଣ୍ଡନାମ - ଜେନେରାଲି ସେଣ୍ଟ୍ରାଲ ଲାଇଫ୍ ଇନସ୍ୟୁରାନ୍ସ ଏବଂ ଜେନେରାଲି ସେଣ୍ଟ୍ରାଲ ଇନସ୍ୟୁରାନ୍ସ - ଜେନେରାଲି ଗ୍ରୁପର ବିଶ୍ୱସ୍ତରୀୟ ବିଶେଷଜ୍ଞତା ଏବଂ ସେଟ୍ରାଲ ବ୍ୟାଙ୍କ ଅଫ୍ ଇଣ୍ଡିଆର ବିଶ୍ୱସନୀୟ ଐତିହ୍ୟକୁ ଏକାଠି କରିଛି। ଗ୍ରାହକମାନେ ଯାହାକୁ ଅଧିକ ଗୁରୁତ୍ୱ ଦିଅନ୍ତି ଏବଂ ତାହାକୁ ସୁରକ୍ଷା ଦେବା ପାଇଁ ପ୍ରତିନିଧିତ୍ୱ କରନ୍ତି: ସେମାନଙ୍କ ପରିବାର, ସେମାନଙ୍କର ସ୍ୱାସ୍ଥ୍ୟ, ସେମାନଙ୍କର ସମ୍ପତି ଏବଂ ସେମାନଙ୍କର ଭବିଷ୍ୟତ। ଜେନେରାଲି ସେଣ୍ଟ୍ରାଲ ଲାଇଫ୍ ଇନସ୍ୟୁରାନ୍ସ କମ୍ପାନୀ ଲିମିଟେଡର ଏମଡି ଏବଂ ସିଇଓ ଆଲୋକ ରୁଙ୍ଗଟା କହିଛନ୍ତି ଯେ "ଆମର ନୂତନ ବ୍ରାଣ୍ଡ ପରିଚୟ ସହିତ, ଜେନେରାଲି ସେଣ୍ଟ୍ରାଲ ଲାଇଫ୍ ଇନସ୍ୟୁରାନ୍ସ ଭବିଷ୍ୟତ ପାଇଁ ପ୍ରସ୍ତୁତ, ଗ୍ରାହକ-ପ୍ରଥମ ଜୀବନ ବୀମାକର୍ତା ହେବାର ଯାତ୍ରାରେ ଏକ ନିର୍ଣ୍ଣାୟକ ମୁହୂର୍ତ୍ତ। ସେଟ୍ରାଲ ବ୍ୟାଙ୍କ ଅଫ୍ ଇଣ୍ଡିଆ ସହିତ ଆମର ରଣନୈତିକ ଭାଗିଦାରୀ ଭାରତରେ ସୁରକ୍ଷା ଏବଂ ବୀମାର ଦୃଶ୍ୟକୁ ନୂତନ ରୂପ ଦେବା ପାଇଁ ପରିବର୍ତନଶୀଳ ସମ୍ଭାବନାଖୋଲିଛି । ସେଟ୍ରାଲ ବ୍ୟାଙ୍କ ଅଫ୍ ଇଣ୍ଡିଆର ଗଭୀର ବିଶ୍ୱାସ ଏବଂ ୪,୫୦୦ରୁ ଅଧିକ ଶାଖାର ବିସ୍ତୃତ ନେଟୱାର୍କ ସହିତ ୫୦ରୁ ଅଧିକ ଦେଶରେ ଜେନେରାଲି ଗ୍ରୁପର ବୈଶ୍ୱିକ ଐତିହ୍ୟ ଏବଂ ବୀମା ଦକ୍ଷତାକୁ ମିଶାଇ ଆମେ ଜୀବନ ବୀମାର ଉପଲବ୍ଧତାକୁ ପୂର୍ବ ଭଳି ଗଣତାନ୍ତ୍ରିକ କରିବାକୁ ପ୍ରସ୍ତୁତ ଅଛୁ । ଆମର ମିଳିତ ଲକ୍ଷ୍ୟ ସ୍ପଷ୍ଟ: ଅଭିନବ, ସୁଲଭ ଏବଂ ଅନ୍ତର୍ଭୁକ୍ତ ଉତ୍ପାଦ ମାଧ୍ୟମରେ ଅବହେଳିତ ଏବଂ ଗ୍ରାମୀଣ ବର୍ଗରେ ସୁରକ୍ଷାକୁ ଗଭୀର କରିବା । ଏହି ନୂତନ ପରିଚୟ ସ୍ୱଚ୍ଛତା, ସ୍ଥାୟୀତା ଏବଂ ଶୃଙ୍ଖଳିତ କାର୍ଯ୍ୟକାରିତା ପ୍ରତି ଆମର ମିଳିତ ପ୍ରତିବଦ୍ଧତାକୁ ପ୍ରତିଫଳିତ କରେ - ଦୃଢ଼ ଶାସନ ଏବଂ ଉଦ୍ଦେଶ୍ୟ-ପରିଚାଳିତ ଆଭିମୁଖ୍ୟରେ ଆଧାରିତ ।"

## ଭାସମଲର ନୂଆ ହେନ୍ନା କ୍ରିମେ ହେୟାର କଲର

ଭୁବନେଶ୍ୱର (ସବ୍ୟୁ) ଭାସମଲ, ଭାରତର ଏକ ସବୁଠାରୁ ବିଶ୍ୱାସଯୋଗ୍ୟ ହେୟାର କଲର ବ୍ରାଣ୍ଡ ଦୀର୍ଘ ୬୦ ବର୍ଷରୁ ଅଧିକ ସମୟ ଧରି ଏହାର ବଂଶାନୁକ୍ରମିକତାକୁ ପ୍ରଶସ୍ତ କରିବା ସହିତ, ଏହାର ଏଇ ନିକଟରେ ଉପସ୍ଥାପିତ ବୈଶିଷ୍ଟ୍ୟକାରୀ ବ୍ରାଣ୍ଡ ଆମ୍ବାସାଡ଼ର ବିଦ୍ୟା ବାଲାନ୍‌ଙ୍କ ସହିତ ଭାସମଲ ହେନ୍ନା କ୍ରିମେ ହେୟାର କଲର ର ଏକ ନୂତନ ଟିଭିସିର ଶୁଭାରମ୍ଭ ହୋଇଛି। ବିଜ୍ଞାପନଟି ସମସ୍ତ ମୌଳିକ ସୌନ୍ଦର୍ଯ୍ୟକାରୀତା ଜରିଆରେ ପାରମ୍ପରିକତା ତଥା ସହଯୋଗୀ କାହାଣୀକୁ ଆବଦ୍ଧ କରିପାରିଛି। ଏହା ହେନ୍ନାର ପ୍ରାକୃତିକ ଉପକାରୀତାର ସହଜ କ୍ରିମ ଫର୍ମାଟ ଉପରେ ଆଲୋକପାତ କରିବା ସହିତ ଐତିହ୍ୟ ଏବଂ ନବୀନତାର ଭାବପ୍ରବଣ ମହକତା ପ୍ରଦାନ କରିଅଛି। ଅଭିଯାନର ବାର୍ତ୍ତାଗୁଡ଼ିକ ପ୍ରତ୍ୟେକ ମହିଳାଙ୍କ ସଶକ୍ତିକରଣର ଆବେଗତାକୁ ଧରି ରଖିବା ସହିତ ଯଥାର୍ଥରେ "ସୁରକ୍ଷିତ ରହେ ମେରେ ବାଲ" କହିବା ସହିତ ଏଥିରେ ଦୂର ଅବଧିର ବିଶ୍ୱସନୀୟତାକୁ ଯୋଡ଼ି ପାରିଛି।

# ସମ୍ ପକ୍ଷରୁ ପୁରୁଷ ଯୌନ ଅକ୍ଷମତା, ବନ୍ଧ୍ୟାତ୍ୱ ସମ୍ପର୍କିତ ସିଏମ୍‌ଇ

ଭୁବନେଶ୍ୱର, (ସବ୍ୟୁ): ସମ୍ ଅଲ୍ଟିମେଟ ମେଡିକେୟାର ପକ୍ଷରୁ ପୁରୁଷ ଯୌନ ଅକ୍ଷମତା ଏବଂ ବନ୍ଧ୍ୟାତ୍ୱ ସମ୍ପର୍କିତ କର୍ମଶାଳା ଏବଂ ସିଏମ୍‌ଇ ଆଣ୍ଡ୍ରୋଏକ୍ସଏଲ୍ ୨୦୨୫ ସଫଳତାର ସହିତ ଆୟୋଜିତ ହୋଇଯାଇଛି। ଆୟୋଜିତ ଏହି ଦିନିକିଆ କର୍ମଶାଳାରେ ଓଡିଶାର ବିଭିନ୍ନ ସ୍ଥାନରୁ ପୁରୁଷ ଚିକିତ୍ସାବିଜ୍ଞାନୀ ଉପସ୍ଥିତି ରହିଥିଲେ। ଏହି କାର୍ଯ୍ୟକ୍ରମରେ ନ୍ୟାସ୍‌ନାଲ୍ ମେଡିକାଲ୍ କମିଶନ (ଏନ୍‌ଏମ୍‌ସି)ର ଅଧକ୍ଷ ଡକ୍ଟର ବିଜୟ ଓଝା ମୁଖ୍ୟ ଅତିଥି ଭାବରେ ଯୋଗ ଦେଇଥିଲେ। ବିଶିଷ୍ଟ ବିଶେଷଜ୍ଞମାନଙ୍କ ମଧ୍ୟରେ ବରିଷ୍ଠ ୟୁରୋଲୋଜିଷ୍ଟ, ଆଣ୍ଡ୍ରୋଲୋଜିଷ୍ଟ ଏବଂ ଟ୍ରାନ୍ସପ୍ଲାଂଟ ସର୍ଜନ, ପ୍ରଫେସର (ଡାକ୍ତର) ଦତେଶ୍ୱର ହୋତା, ସମ୍ ଅଲ୍ଟିମେଟର ମେଡିକେୟାର ଚିଫ୍ ଅଫ୍ ମେଡିକାଲ୍ ସର୍ଭିସେସ ବ୍ରିଗେଡିୟର (ଡାକ୍ତର) ବିରାଜ ମୋହନ ମିଶ୍ର, ସମ୍ ହସ୍ପିଟାଲର ୟୁରୋଲୋଜି ବିଭାଗର ପ୍ରଫେସର (ଡାକ୍ତର) ଦେବବ୍ରତ ସାବତ ଏବଂ ସମ୍ମମ୍‌ର ୟୁରୋଲୋଜି ବିଭାଗର ସିନିୟର୍ କନ୍‌ସଲଟାଂଟ ଡାକ୍ତର ପ୍ରଣବ ପଟ୍ଟନାୟକ ଉପସ୍ଥିତ ଥିଲେ। ଭାରତର ବିଭିନ୍ନ ପ୍ରାନ୍ତରୁ ପ୍ରତିଷ୍ଠିତ ଚିକିତ୍ସା ବିଜ୍ଞାନୀଙ୍କ ଉପସ୍ଥିତି କାର୍ଯ୍ୟକ୍ରମର ଶୋଭା ବୃଦ୍ଧି କରିଥିଲା। ସେମାନଙ୍କ ମଧ୍ୟରେ ଡାକ୍ତର ଦୀପକ ଗୁପ୍ତେ, ଡାକ୍ତର ପ୍ରଶାନ୍ତ ପଟ୍ଟନାୟକ, ଡାକ୍ତର ପ୍ରିୟଙ୍କା କୋଠାରି (ମୁମ୍ବାଇ), ଡାକ୍ତର ପ୍ରିୟରଂଜନ ନନ୍ଦୀ, ଡାକ୍ତର



ନିଳାଞ୍ଜନ ମିତ୍ର (କୋଲକାତା), ଡାକ୍ତର ବିନୀତ ମାଲହୋତ୍ରା (ଦିଲ୍ଲୀ), ଡାକ୍ତର କାର୍ତିକେୟାନ୍ ଭି.ଏସ୍ (ଚେନ୍ନାଇ), ଡାକ୍ତର ପୁଭାଇ ମୁରୁଗାନ୍ (କୋଏମ୍ବାଟୁର), ଡାକ୍ତର ହରପ୍ରୀତ ସିଂ (ଜାମସେଦପୁର) ଏବଂ ଡାକ୍ତର ପ୍ୟାରିଲାଲ୍ ତ୍ରିପାଠୀ (ବରଗଡ) ପ୍ରମୁଖ ଉପସ୍ଥିତ ଥିଲେ। ଡାକ୍ତର ଓଝା କହିଥିଲେ ଯେ " ଆଣ୍ଡ୍ରୋଲୋଜି ଆମର ସ୍ୱାସ୍ଥ୍ୟସେବା ବ୍ୟବସ୍ଥାର ଏକ ଗୁରୁତ୍ୱପୂର୍ଣ୍ଣ ଉପାଦାନ। ଆମର ଡାକ୍ତରୀ ଶିକ୍ଷା ବ୍ୟବସ୍ଥାରେ ଏହାର ସୀମିତ ଉପସ୍ଥିତି ରହିଛି। ବର୍ଦ୍ଧିତ ପରିସର, ବିଶେଷଜ୍ଞଙ୍କ ଯୋଗ୍ୟତା ଏବଂ କେନ୍ଦ୍ରିତ ତାଲିମ ସହିତ ଏହାକୁ ଅଧିକ ଗୁରୁତ୍ୱ ଦେବା ପାଇଁ ସଂସ୍କାର ଅଣାଯାଉଛି ବୋଲି ଡାକ୍ତର ଓଝା କହିଥିଲେ। ପ୍ରଫେସର(ଡାକ୍ତର) ହୋତା ପୁରୁଷ ଯୌନ ସ୍ୱାସ୍ଥ୍ୟ ସମ୍ପର୍କିତ ବିଷୟକୁ ଯଥେଷ୍ଟ ଗୁରୁତ୍ୱ ଦିଆଯାଉ ନ ଥିବାରୁ ଏହି ପ୍ରସଙ୍ଗକୁ ସମ୍ମୁଖକୁ ଆଣିବା ଏହି କାର୍ଯ୍ୟକ୍ରମର ଲକ୍ଷ୍ୟ ବୋଲି କହିଥିଲେ। "ଏହା ସ୍ୱାସ୍ଥ୍ୟ ଶିକ୍ଷାରେ ଏକ ଅବହେଳିତ ବିଷୟ ହୋଇ ରହିଛି। ଯେଉଁ କାରଣରୁ ଅନେକଙ୍କୁ ନୀରବରେ କଷ୍ଟ ଭୋଗିବାକୁ ବାଧ କରୁଛି। ଏହି କାର୍ଯ୍ୟକ୍ରମରେ ଡାକ୍ତରମାନଙ୍କୁ ଏପରି ଚିନ୍ତାଧାରାକୁ ପ୍ରଭାବଶାଳୀ ଭାବରେ ଚିହ୍ନଟ କରିବା, ସମାଧାନ କରିବା ଏବଂ ଚିକିତ୍ସା କରିବା ପାଇଁ ଉତ୍ସାହିତ କରିବ। ଏହି କ୍ଷେତ୍ରରେ ଏହା ଏକ ପରିବର୍ତନର ଆରମ୍ଭ ବୋଲି ସେ କହିଥିଲେ।"

ବ୍ରିଗେଡିୟର (ଡାକ୍ତର) ମିଶ୍ର ଏହି ବିଷୟର ଗୁରୁତ୍ୱ ଉପରେ ଆଲୋକପାତ କରିଥିଲେ। ଶିକ୍ଷା ଓ ଅନୁସନ୍ଧାନ (ସୋଆ) ର ପ୍ରତିଷ୍ଠାତା ସଭାପତି ପ୍ରଫେସର (ଡକ୍ଟର) ମନୋଜରଞ୍ଜନ ନାୟକ ଏହି ପରିପ୍ରେକ୍ଷୀରେ କହିଛନ୍ତି ଯେ ସୋଆ ସର୍ବଦା ଚିକିତ୍ସା ଜ୍ଞାନ ଏବଂ ନବସୃଜନକୁ ଆଗକୁ ବଢାଇବାରେ ସହାୟକ ହୋଇଛି। ଆଣ୍ଡ୍ରୋଏକ୍ସେଲ୍ ପୁରୁଷ ଯୌନ ସ୍ୱାସ୍ଥ୍ୟ ଏବଂ ବନ୍ଧ୍ୟାତ୍ୱ ଭଳି ଅଣଦେଖା କ୍ଷେତ୍ରଗୁଡିକୁ ସମାଧାନ କରିବା ପାଇଁ ଆମର ପ୍ରତିବଦ୍ଧତାକୁ ପ୍ରତିଫଳିତ କରେ। ଏହା ରୋଗୀଙ୍କ ପାଇଁ ଲାଭଦାୟକ ପରିବର୍ତନ ଆଣିଥାଏ। ଡାକ୍ତରମାନଙ୍କୁ ସଶକ୍ତ କରିଥାଏ ଏବଂ ସ୍ୱାସ୍ଥ୍ୟସେବା ଇକୋସିଷ୍ଟମ୍‌କୁ ସୁଦୃଢ଼ କରିଥାଏ ବୋଲି ପ୍ରଫେସର ନାୟକ କହିଛନ୍ତି।

# ଅପରେସନ ସିନ୍ଦୂରରେ ଆଣ୍ଠେଇ ପଡ଼ିଥିଲା ପାକିସ୍ତାନ : ମୋଦୀ

- ୨୨,୮୦୦ କୋଟି ଟଙ୍କାର ମେଟ୍ରୋ ପ୍ରକଳ୍ପ ଉଦ୍‌ଘାଟନ
- ଭାରତ ବିଶ୍ୱର ଦ୍ରୁତ ବୃଦ୍ଧି ପାଉଥିବା ପ୍ରମୁଖ ଅର୍ଥ ବ୍ୟବସ୍ଥା
- ୧୧ ବର୍ଷରେ ଦଶମରୁ ପଞ୍ଚମକୁ ଉଠିଛି ଅର୍ଥନୀତି
- ଡିଜିଟାଲ ଇଣ୍ଡିଆ ସହ ଭାରତର ଯାତ୍ରା ଆଗକୁ ବଢ଼ିବ
- ଟେକ୍ନୋଲୋଜିରେ ଆତ୍ମନିର୍ଭରଶୀଳ ଆମର ପ୍ରାଥମିକତା



ନୂଆଦିଲ୍ଲୀ: ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ରବିବାର ବେଙ୍ଗାଲୁରୁରେ ପରିବହନ ସହ ଜଡ଼ିତ ଅନେକ ପ୍ରକଳ୍ପର ଶୁଭାରମ୍ଭ କରିଛନ୍ତି। ଭାରତର ସିଲିକନ୍ ଭ୍ୟାଲି କୁହାଯାଉଥିବା ବେଙ୍ଗାଲୁରୁକୁ ପ୍ରଧାନମନ୍ତ୍ରୀ ୩ଟି ନୂଆ ବନ୍ଦେ ଭାରତ ଟ୍ରେନ୍ ଭେଟି ଦେଇଛନ୍ତି ଏବଂ ବେଙ୍ଗାଲୁରୁର ନମ୍ମା ମେଟ୍ରୋର ୟେଲୋ ଲାଇନର ମଧ୍ୟ ଉଦଘାଟନ କରିଛନ୍ତି। ତେବେ ଏହି ଅବସରରେ ପ୍ରଧାନମନ୍ତ୍ରୀ ନିଜ ଅଭିଭାଷଣରେ ବେଙ୍ଗାଲୁରୁକୁ ନୂତନ ଭାରତ ଉଦୟର ପ୍ରତୀକ ଭାବରେ ବର୍ଣ୍ଣନା କରିଥିବାବେଳେ, ଦେଶର ଅର୍ଥନୀତି ଏବଂ ଅପରେସନ୍ ସିନ୍ଦୂର ବିଷୟରେ ଉଲ୍ଲେଖ କରି କହିଥିଲେ, 'ସାରା ବିଶ୍ୱ ଏବେ ଭାରତର ନୂଆ ମୁହଁ ଦେଖୁଛି।'

**'ଅପରେସନ୍ ସିନ୍ଦୂର'ରେ ଭାରତ ଦେଖାଇଲା ଶକ୍ତି**

ବେଙ୍ଗାଲୁରୁରେ ବିଭିନ୍ନ ପ୍ରକଳ୍ପର ଉଦଘାଟନ ପରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଜନସାଧାରଣଙ୍କୁ ସମ୍ବୋଧିତ କରିବା ସମୟରେ ଅପରେସନ ସିନ୍ଦୂରର ସଫଳତା ବିଷୟରେ କହିଥିଲେ। ପ୍ରଧାନମନ୍ତ୍ରୀ କହିଛନ୍ତି ଆମର ପ୍ରଯୁକ୍ତିବିଦ୍ୟା ଏବଂ ପ୍ରତିରକ୍ଷାରେ ମେକ୍ ଇନ୍ ଇଣ୍ଡିଆର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି। ବେଙ୍ଗାଲୁରୁ ଏବଂ କର୍ଣ୍ଣାଟକର ଯୁବକମାନେ ଏଥିରେ ବହୁତ ଅବଦାନ ରଖିଛନ୍ତି। ପ୍ରଧାନମନ୍ତ୍ରୀ ଏହା ମଧ୍ୟ କହିଛନ୍ତି ଯେ ଭାରତ ଖୁବ୍ ଶୀଘ୍ର ମେଡ୍ ଇନ୍ ଇଣ୍ଡିଆ ଚିପ୍ ପାଇବ।

ମୋଦୀ ଆହୁରି କହିଛନ୍ତି ଅପରେସନ୍ ସିନ୍ଦୂରରେ ସାରା ବିଶ୍ୱ ଭାରତୀୟ ସେନାର ସଫଳତା ଦେଖିଛି। ସୀମା ପାର କିଛି କିଲୋମିଟର ପର୍ଯ୍ୟନ୍ତ ଆତଙ୍କବାଦୀ ଆଡ୍ଡାଗୁଡ଼ିକୁ ଧ୍ୱଂସ କରିବାର ଆମର କ୍ଷମତା ସମସ୍ତେ ଦେଖିଛନ୍ତି। ଆତଙ୍କବାଦକୁ ସୁରକ୍ଷା ଦେବା ପାଇଁ ଆସିଥିବା ପାକିସ୍ତାନ କିଛି ଘଣ୍ଟାରେ ଆଣ୍ଠେଇ ପଡ଼ିଥିଲା।

**'ଆମେ ଶ୍ରେଷ୍ଠ-୩ ଅର୍ଥନୀତି ହେବା ଦିଗରେ ଆଗକୁ ବଢ଼ୁଛୁ'**

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଏହି ଅବସରରେ ଭାରତୀୟ ଅର୍ଥନୀତିକୁ ନେଇ ମଧ୍ୟ ବଡ଼ କଥା କହିଛନ୍ତି। ସେ କହିଛନ୍ତି ଆଜି ଭାରତ ବିଶ୍ୱର ସବୁଠାରୁ ଦ୍ରୁତ ଗତିରେ ବୃଦ୍ଧି ପାଉଥିବା ଅର୍ଥନୀତି ଏବଂ ଗତ ୧୧ ବର୍ଷ ମଧ୍ୟରେ ଏକ ବଡ଼ ପରିବର୍ତ୍ତନ ହେବା ନେଇ ସମ୍ଭାବନା ଦେଖାଯାଇଛି। ପ୍ରଧାନମନ୍ତ୍ରୀ ମୋଦୀ କହିଛନ୍ତି ୧୧ ବର୍ଷ ତଳେ ଆମର ଅର୍ଥନୀତି ବିଶ୍ୱର ୧୦ମ ସ୍ଥାନରେ ଥିଲା, କିନ୍ତୁ ଏବେ ଆମେ ପଞ୍ଚମ ସ୍ଥାନରେ ପହଞ୍ଚିଛୁ ଏବଂ ଆମେ ବିଶ୍ୱର ତୃତୀୟ ବୃହତ୍ତମ ଅର୍ଥନୀତି ହେବା ଦିଗରେ ବହୁତ ଦ୍ରୁତ ଗତିରେ ଆଗକୁ ବଢ଼ୁଛୁ।

**'ସଂସ୍କାର, ପ୍ରଦର୍ଶନ ଏବଂ ରୂପାନ୍ତର...': ପ୍ରଧାନମନ୍ତ୍ରୀ**

ପ୍ରଧାମନ୍ତ୍ରୀ ଭାରତୀୟ ଅର୍ଥନୀତିର ଶକ୍ତି ବିଷୟରେ କହିବା ସହିତ, ଏହାକୁ ଶକ୍ତି ଦେଉଥିବା କାରଣଗୁଡ଼ିକ ମଧ୍ୟ ଉଲ୍ଲେଖ କରିଥିଲେ ଏବଂ କହିଥିଲେ ଆମେ ସଂସ୍କାର, ପ୍ରଦର୍ଶନ ଏବଂ ରୂପାନ୍ତରର ଭାବନାରୁ ଅର୍ଥନୀତିରେ ଏହି ଗତି ପାଇଛୁ। ସ୍ପଷ୍ଟ ଉଦ୍ଦେଶ୍ୟ ଏବଂ ସଚ୍ଚୋଟ ପ୍ରୟାସର ମଧ୍ୟ ଏଥିରେ ବଡ଼ ଭୂମିକା ଅଛି। ୨୦୧୪ରେ ମେଟ୍ରୋ କେବଳ ୫ ଟି ସହରରେ ସୀମିତ ଥିଲା, କିନ୍ତୁ ବର୍ତ୍ତମାନ ୨୪ଟି ସହରରେ ହଜାରେ କିଲୋମିଟରରୁ ଅଧିକ ମେଟ୍ରୋ ରେଳ ନେଟୱାର୍କ ଅଛି।

ପ୍ରଧାନମନ୍ତ୍ରୀ ମୋଦୀ ଆହୁରି କହିଛନ୍ତି ୨୦୧୪ ପୂର୍ବରୁ ପ୍ରାୟ ୨୦ ହଜାର କିଲୋମିଟର ରେଳ ଲାଇନର ବିଦ୍ୟୁତୀକରଣ କରାଯାଇଥିଲା, କିନ୍ତୁ ଆମେ ଗତ ୧୧ ବର୍ଷ ମଧ୍ୟରେ ୪୦ ହଜାର କିଲୋମିଟରରୁ ଅଧିକ ରେଳ ଲାଇନର ବିଦ୍ୟୁତୀକରଣ କରିଛୁ। ଏହା ବ୍ୟତୀତ, ୨୦୧୪ ପର୍ଯ୍ୟନ୍ତ ଭାରତରେ କେବଳ ୭୪ଟି ବିମାନବନ୍ଦର ଥିଲା, ଯାହାର ସଂଖ୍ୟା ଏବେ ୧୬୦ରୁ ଅଧିକ ହୋଇଛି। ପ୍ରଧାନମନ୍ତ୍ରୀ କହିଛନ୍ତି ଜଳପଥର ସଂଖ୍ୟା ମଧ୍ୟ ସମାନ ଭାବରେ ପ୍ରଭାବଶାଳୀ, କାରଣ ୨୦୧୪ରେ କେବଳ ୩ଟି ଜାତୀୟ ଜଳପଥ କାର୍ଯ୍ୟକ୍ଷମ ଥିଲା ଏବଂ ଏବେ ଏହି ସଂଖ୍ୟା ମଧ୍ୟ ୩୦କୁ ବୃଦ୍ଧି ପାଇଛି।

## ଭୋଟର ତାଲିକା ସଂଶୋଧନ

# ସୁପ୍ରିମ୍‌କୋର୍ଟରେ ତଥ୍ୟ ରଖିଲେ ନିର୍ବାଚନ କମିଶନର

ନୂଆଦିଲ୍ଲୀ,୧୦।୮: ବିହାରରେ ଚାଲିଥିବା ଭୋଟର ତାଲିକା ସଂଶୋଧନ ପ୍ରକ୍ରିୟା ନେଇ ସୁପ୍ରିମ୍‌କୋର୍ଟରେ ନିର୍ବାଚନ କମିଶନର ତଥ୍ୟ ରଖିଛନ୍ତି। ସେ ଉଲ୍ଲେଖ କରିଛନ୍ତି ଯେ, ଆଗୁଆ ନୋଟିସ୍ ନଦିଆଯାଇ ଚିଠା ଭୋଟର ତାଲିକାରକୁ ତାର ନାମ ବାଦ ଦିଆଯାଇନାହିଁ। ଅଧିକୃତ ଅଧିକାରୀଙ୍କ ପକ୍ଷରୁ କାରଣ ସମ୍ପର୍କରେ ସୂଚନା ଦିଆଯାଇଛି।

ଉପନିର୍ବାଚନ କମିଶନର ସଞ୍ଜୟ କୁମାର ଅତିରିକ୍ତ ସତ୍ୟପାଠ ଜରିଆରେ ଉଲ୍ଲେଖ କରିଛନ୍ତି ଯେ, ସଠିକ ପ୍ରକ୍ରିୟା ବିନା କାହାର ନାମ ଚିଠା ଭୋଟର ତାଲିକାରୁ ହଟା ଯାଇନାହିଁ। ୨୦୨୫ ଅଗଷ୍ଟ ପହିଲାରେ ଯେଉଁ ତାଲିକା ପ୍ରକାଶ ପାଇଛି ଠିକ୍ ପ୍ରକ୍ରିୟାରେ ହୋଇଛି। ପୂର୍ବରୁ ନୋଟିସ୍ ମଧ୍ୟ ଦିଆଯାଇଛି। ସ୍ୱେଚ୍ଛାସେବୀ ସଂଗଠନ ଏଡିଆର ପକ୍ଷରୁ ବିହାର ବିଧାନସଭା ନିର୍ବାଚନ ପୂର୍ବରୁ ଚାଲିଥିବା ଏସ୍‌ଆଇଆର୍‌କୁ ନେଇ ଆପତ୍ତି କରାଯାଇଥିଲା। ସତ୍ୟପାଠରେ ଉଲ୍ଲେଖ କରାଯାଇଛି। ଦୁଇ ପର୍ଯ୍ୟାୟ ଆବେଦନ କରିବାର ବ୍ୟବସ୍ଥା ରହିଥିଲା। ପ୍ରତ୍ୟେକ ଭୋଟରକୁ ସୁନିଶ୍ଚିତ କରିବା ପାଇଁ ଦୁଇ ପର୍ଯ୍ୟାୟ ପଦ୍ଧତିସ୍ଥିର ହୋଇଥିଲା। ବିହାରରେ ପ୍ରଥମ ପର୍ଯ୍ୟାୟ ଶେଷ ହୋଇଛି। ଅଗଷ୍ଟ ପହିଲାରେ ଚିଠା ଭୋଟର ତାଲିକା ପ୍ରକାଶ ପାଇଛି। ଯେଉଁମାନଙ୍କର ଆବେଦନ ଫର୍ମ ଗ୍ରହଣ ହୋଇନଥିଲା। ସେ ସମ୍ପର୍କରେ ତଥ୍ୟ ଦିଆଯାଇଛି। ସ୍ୱୀକୃତିପ୍ରାପ୍ତ ରାଜନୈତିକ ଦଳ ଚୂଡ଼ାନ୍ତ ତାଲିକା ପୂର୍ବରୁ ସଂଶୋଧନ ପାଇଁ ପଦକ୍ଷେପ ନେଇପାରିବେ। କମିଶନରଙ୍କ ପ୍ରଚେଷ୍ଟା ହେଉଛି ପ୍ରତ୍ୟେକ ଯୋଗ୍ୟ ଭୋଟରଙ୍କୁ ସାମିଲ କରିବା। ଯେଉଁମାନେ ଆବେଦନ ଫର୍ମ ଗ୍ରହଣ ହୋଇନାହିଁ ବୁଥସ୍ତରରେ ତାହା ରାଜନୈତିକ ଦଳର ଏଜେଣ୍ଟମାନଙ୍କୁ ଦିଆଯାଇଛି। ସତ୍ୟପାଠରେ ଏସ୍‌ଆଇଆର୍‌ରେ ନିଆଯାଇଥିବା ପଦକ୍ଷେପ ସମ୍ପର୍କରେ ସବିସେସ ତଥ୍ୟ ରହିଛି। ୭.୮ ୯ କୋଟି ଭୋଟରଙ୍କ ମଧ୍ୟରେ ସେମାନଙ୍କ ଆବେଦନ ଫର୍ମ ଦାଖଲ କରିଥିଲେ। ଏନେଇ ୨୪୬ ହିନ୍ଦୀ ଖବର କାଗଜରେ ବାହାରିଥିବା ଶ୍ରମିକଙ୍କ ଲାଗି ବିଜ୍ଞାପନ ଦିଆଯାଇଥିଲା। ବିନା ନୋଟିସ୍‌ରେ କାହା ନାଁ ନକାଟିବାକୁ କୁହାଯାଇଥିଲା। ସତ୍ୟପାଠରେ କୁହାଯାଇଛି ଯେ, ନିର୍ବାଚନ କମିଶନର ୨.୫ ଲକ୍ଷ ସ୍ୱେଚ୍ଛାସେବୀଙ୍କୁ ନିୟୋଜିତ କରିଥିଲେ। ସେମାନଙ୍କ ମଧ୍ୟରୁ ଅଧିକାଂଶ ବିହାର ସରକାରଙ୍କ ଅଧିନରେ।

# ମହାକାଶରେ ବିବାହ କରି ଇତିହାସ ରଚିଲେ

ନୂଆଦିଲ୍ଲୀ: ରୁଷୀୟ ମହାକାଶଚାରୀ ୟୁରି ମାଲେନଚେଙ୍କୋ ୨୨ ବର୍ଷ ତଳେ ୧୦ ଅଗଷ୍ଟ ୨୦୦୩ରେ ଆମେରିକୀୟ କନ୍ୟା ଏକାଟେରିନା ଡିମିଟ୍ରିଭଙ୍କୁ ମହାକାଶରୁ ବିବାହ କରିଥିଲେ। ଏହା ଥିଲା ବିଶ୍ୱର ପ୍ରଥମ ମହାକାଶ ବିବାହ। ତାଙ୍କ କନ୍ୟା ପୃଥିବୀରେ ଥିଲେ। ସେମାନେ ବିବାହର ମଧୁର ମିଳନ ରାତି ପାଳନ କରିପାରିଲେ ନାହିଁ...

୧୦ ଅଗଷ୍ଟ ୨୦୦୩ ରେ, ରୁଷୀୟ ମହାକାଶଚାରୀ ୟୁରି ମାଲେନଚେଙ୍କୋ ମହାକାଶରୁ ବିବାହ କରିଥିଲେ, ଯାହାକୁ ବିଶ୍ୱ ଦେଖୁଥିଲା। ଆନ୍ତର୍ଜାତୀୟ ମହାକାଶ ଷ୍ଟେସନ (ଆଇଏସଏସ) ରେ ଥିବା ୟୁରି ଆମେରିକୀୟ କନ୍ୟା ଏକାଟେରିନା ଡିମିଟ୍ରିଭଙ୍କ ସହିତ ଏକ ସାଟେଲାଇଟ୍ ବିବାହ କରିଥିଲେ। ତାଙ୍କ କନ୍ୟା ସେତେବେଳେ ଟେକ୍ସାସର ନାସାର ଜନସନ୍ ସ୍ପେସ୍ ସେଣ୍ଟରରେ ଥିଲେ। ଏହା ବିଶ୍ୱର ପ୍ରଥମ 'ମହାକାଶ ବିବାହ' ଥିଲା।



ୟୁରି ତାଙ୍କ ସ୍ପେସ୍ ସୁଟ୍ ସହିତ ଏକ ବୋ-ଟାଇ ପିନ୍ଧିଥିଲେ, ଯାହା ଏହି ଉତ୍ସବକୁ ଆହୁରି ସ୍ୱତନ୍ତ୍ର କରିଦେଇଥିଲା। ତାଙ୍କ କନ୍ୟା ଏକାଟେରିନା ହ୍ୟୁଷ୍ଟନରେ ଏକ ପାରମ୍ପରିକ ହାତୀଦାନ୍ତ ବିବାହ ପୋଷାକ ପିନ୍ଧି ସମସ୍ତଙ୍କ ହୃଦୟ ଜିତିଥିଲେ। ଏହି ବିବାହ ନାସାର ନିୟନ୍ତ୍ରଣ କକ୍ଷରୁ ସାଟେଲାଇଟ୍ ମାଧ୍ୟମରେ ହୋଇଥିଲା। ରିପୋର୍ଟ ଅନୁସାରେ, ଏକାଟେରିନା ନ୍ୟୁୟର୍କ ଟାଇମ୍ସକୁ କହିଥିଲେ, ୟୁରି ହୁଏତ ମହାକାଶରେ ଥିଲେ, କିନ୍ତୁ ଆମ ମଧ୍ୟରେ କଥାବାର୍ତ୍ତା ଆମକୁ ନିକଟତର କରିଥିଲା। ଏହି ବିବାହ ମଣିଷର ସର୍ବଦା କିଛି ନୂଆ ଚେଷ୍ଟା କରିବାର ଇଚ୍ଛାକୁ ସୂଚିତ କରୁଥିଲା।

ହ୍ୟୁଷ୍ଟନରେ ବିବାହ ସମୟରେ, ଏକାଟେରିନା ୟୁରିର ଏକ କାର୍ଡବୋର୍ଡ କଟଆଉଟ୍ ସହିତ ପୋଜ୍ ଦେଇଥିଲେ। ୟୁରିଙ୍କ ବନ୍ଧୁ, ଜଣେ ମହାକାଶଚାରୀ, କୀବୋର୍ଡରେ ବିବାହ ମାର୍ଚ୍ଚ ବଜାଇଥିଲେ। ଭିଡିଓ ଟେପରେ, ସେ ୟୁରିଙ୍କୁ ଏକ ଫ୍ଲାଇଂ ଚୁମ୍ବନ ଦେଇଥିଲେ ଏବଂ ୟୁରି ମହାକାଶରୁ ଏକ ପ୍ରେମପୂର୍ଣ୍ଣ ଉତ୍ତର ପଠାଇଥିଲେ। ଦୁହେଁ ପୂର୍ବରୁ ଦୀର୍ଘଦିନର ଡେଟିଂରେ ଥିଲେ। ୟୁରି ମହାକାଶ ତାଲିମ ପାଇଁ ରୁଷିଆରେ ରହୁଥିଲେ, ଏବଂ ଏକାଟେରିନା ଆମେରିକାରେ ରହୁଥିଲେ। ଦୁହେଁ ଘଣ୍ଟା ଘଣ୍ଟା ଫୋନ୍‌ରେ କଥା ହେଉଥିଲେ। କିନ୍ତୁ ଯେତେବେଳେ ସେମାନେ ମହାକାଶରେ ବିବାହ କରିବାକୁ ନିଷ୍ପତ୍ତି ନେଲେ, ସମଗ୍ର ବିଶ୍ୱ ଆଶ୍ଚର୍ଯ୍ୟ ହୋଇଯାଇଥିଲା। ରୁଷିଆ ଏଥିପାଇଁ ୟୁରିଙ୍କୁ ଅନୁମତି ଦେଇଥିଲା। କିନ୍ତୁ ପରେ ସ୍ପଷ୍ଟ କରିଥିଲା ଯେ, ଅନ୍ୟ କୌଣସି ମହାକାଶଚାରୀ ଏପରି ବିବାହ କରିପାରିବେ ନାହିଁ। ବିବାହର ଦୁଇ ମାସ ପରେ, ଅକ୍ଟୋବର ୨୦୦୩ରେ, ୟୁରି ପୃଥିବୀକୁ ଫେରି ଆସି ତାଙ୍କ ସ୍ତ୍ରୀଙ୍କୁ ଆଲିଙ୍ଗନ କରିଥିଲେ।

# ୫୮ କୋଟି ଟଙ୍କାର ଅବୈଧ ଆୟ କରିଛନ୍ତି ରବର୍ଟ ଭଦ୍ରା



ନୂଆଦିଲ୍ଲୀ: କଂଗ୍ରେସ ସାଂସଦ ପ୍ରିୟଙ୍କା ଗାନ୍ଧୀ ଭଦ୍ରାଙ୍କ ସ୍ୱାମୀ ଏବଂ ବ୍ୟବସାୟୀ ରବର୍ଟ ଭଦ୍ରାଙ୍କ ବିରୋଧରେ ମନିଲଣ୍ଡରିଂ ମାମଲା ରୁଜୁ ହୋଇଛି। ମାମଲା ଗୁରୁଗ୍ରାମର ଶିକୋହପୁରରେ ଏକ ଜମି କିଣାବିକାରେ ହୋଇଥିବା ଠକେଇ ସହ ଜଡ଼ିତ। ଇଡି କହିଛି ଏହି ଡିଲ୍‌ରୁ ୫୮ କୋଟି ଟଙ୍କାର ଅବୈଧ ଆୟ ହୋଇଛି। ଏହି ଆୟକୁ ପରେ ଅନେକ ସମ୍ପତ୍ତିରେ ଲଗାଯାଇଛି। ଏହି ଟଙ୍କା ଦୁଇ ଭିନ୍ନ ଭିନ୍ନ ଉତ୍ସରୁ ଆସିଥିଲା। ୫ କୋଟି ଟଙ୍କା ବିବିଟିପିଏଲ ଦ୍ୱାରା ଏବଂ ୫୩ କୋଟି ଟଙ୍କା ଏସଏଲଏଚପିଏଲ ଦ୍ୱାରା ପଠାଯାଇଥିଲା। ଏହି ମାମଲା ମନିଲଣ୍ଡରିଂ ଆଇନର ଅନେକ ଧାରା ଅନୁଯାୟୀ ରୁଜୁ ହୋଇଛି। ଏଥିରେ ଅଭିଯୁକ୍ତଙ୍କ ପାଇଁ ୩ରୁ ୭ ବର୍ଷ ଜେଲ ଦଣ୍ଡ ଏବଂ ଭୁଲ୍ ଉପାୟରେ ଆୟ ସମ୍ପତ୍ତିକୁ ଜବତ କରିବାକୁ ଦାବି କରାଯାଇଛି। ଏହି ମାମଲାର ଶୁଣାଣି ପିଏମଏଲଏମ ଅନୁଯାୟୀ ନାମିତ ଏକ ବିଶେଷ ଅଦାଲତ କରିବ। ରର୍ବଟ ଭଦ୍ରାଙ୍କ ଉପରେ ତିନିଟି ମାମଲା ରୁଜୁ ହୋଇଛି। ପ୍ରଥମ ଅଭିଯୋଗ ଜୁଲାଇ ୧୬ରେ ଦାଖଲ କରାଯାଇଥିଲା। ତେବେ ଏନେଇ ରବର୍ଡ ଭଦ୍ରାଙ୍କ କାର୍ଯ୍ୟାଳୟ ଏକ ବିବୃତ୍ତିରେ କହିଛି ଯେ, ଏହି କାର୍ଯ୍ୟାନୁଷ୍ଠାନ ବର୍ତ୍ତମାନ ସରକାରଙ୍କ ତରଫରୁ ରାଜନୈତିକ ଶତ୍ରୁତା କାରଣରୁ କରାଯାଉଛି। ଏନଡିଟିଭିର ଏକ ରିପୋର୍ଟ ଅନୁସାରେ, ଅଭିଯୋଗ ପତ୍ରରେ କୁହାଯାଇଛି ଯେ, ଏହି ମାମଲା ହରିୟାଣା ପୋଲିସ ଦ୍ୱାରା ୨୦୧୮ ସେପ୍ଟେମ୍ବରରେ ରୁଜୁ ହୋଇଥିବା ଏଫଆଇଆର ସହ ଜଡ଼ିତ। ଏଥିରେ ହରିୟାଣାର ପୂର୍ବତନ ମୁଖ୍ୟମନ୍ତ୍ରୀ ଭୂପିନ୍ଦର ସିଂହ ହୁଡ୍ଡା ଏବଂ ଡିଏଲ୍‌ଏଫ୍ ଲିମିଟେଡର ନାଁ ମଧ୍ୟ ରହିଛି।

ଅଭିଯୋଗରେ ଠକେଇ, ଜାଲିଆତି, ଆପରାଧିକ ଷଡ଼ଯନ୍ତ୍ର ଏବଂ ଦୁର୍ନୀତି ନିବାରଣ ଆଇନ ଅନୁଯାୟୀ ଅପରାଧ ସାମିଲ ରହିଛି। ଇଡି ୨୦୧୮ ଡିସେମ୍ବରରେ ମନି ଲଣ୍ଡରିଂ ମାମଲା ରୁଜୁ କରିଥିଲା। ଯାଞ୍ଚ ଏଜେନ୍ସୀ ଅନୁସାରେ ଏସଏଲଏଚପିଏଲ ଓଁକାରେଶ୍ୱର ପ୍ରପର୍ଟିଜରୁ ୩.୫ ଏକର ଜମି ୭.୫କୋଟି ଟଙ୍କାରେ କିଣିଥିଲା। ଏହି ସୂଚନା ବିକ୍ରି ପତ୍ରରେ ରହିଛି। ଅବଶ୍ୟ ପ୍ରକୃତରେ ୧୫ କୋଟି ଟଙ୍କାରେ ଡିଲ୍ ହୋଇଥିଲା। ରବର୍ଟ ଭାଦ୍ରା କହିଛନ୍ତି ତାଙ୍କ ବିରୋଧରେ ଅଭିଯୋଗ ରାଜନୈତିକ ଭାବରେ ପ୍ରେରିତ। ସେ କହିଛନ୍ତି ସରକାର ତାଙ୍କୁ ବଦନାମ କରିବାକୁ ଚେଷ୍ଟା କରୁଛନ୍ତି। ବର୍ତ୍ତମାନ ଏହି ମାମଲା କୋର୍ଟରେ ଅଛି ଏବଂ ତଦନ୍ତ ଚାଲିଛି। ରବର୍ଟ ଭାଦ୍ରା ଦୋଷୀ କି ନାହିଁ ତାହା କୋର୍ଟରେ ନିଷ୍ପତ୍ତି ନିଆଯିବ। ତେବେ ଏହି ପୂରା ମାମଲାରେ ଅନେକ ପ୍ରଶ୍ନ ଉଠୁଛି। ଜମି ଡିଲରେ ପ୍ରକୃତରେ କୌଣସି ଅନିୟମିତତା ହୋଇଥିଲା କି? ଏହି ଡିଲରୁ ପ୍ରାପ୍ତ ଟଙ୍କା ମନିଲଣ୍ଡରିଂ ପାଇଁ ବ୍ୟବହୃତ ହୋଇଥିଲା କି? ଏହି ପ୍ରଶ୍ନଗୁଡ଼ିକର ଉତ୍ତର ତଦନ୍ତ ଏବଂ କୋର୍ଟରେ ହିଁ ମିଳିବ।

# ଡିଜିଟାଲ ହେବ ଉତ୍ତର ଖାତା ମୂଲ୍ୟାଙ୍କନ

ନୂଆଦିଲ୍ଲୀ: କେନ୍ଦ୍ରୀୟ ମାଧ୍ୟମିକ ଶିକ୍ଷା ବୋର୍ଡ (ସିବିଏସଇ) ପରୀକ୍ଷା ସମ୍ପର୍କରେ ଏକ ବଡ଼ ନିଷ୍ପତ୍ତି ନେଇଛି। ସିବିଏସଇ ଏବେ ଦଶମ ଏବଂ ଦ୍ୱାଦଶ ବୋର୍ଡ ପରୀକ୍ଷାର ଉତ୍ତର ଖାତା ଡିଜିଟାଲ ଭାବରେ ମୂଲ୍ୟାଙ୍କନ କରିବ। ଏଥିପାଇଁ ଗୋଟିଏ କିମ୍ବା ଅଧିକ ଏଜେନ୍ସି ଚୟନ କରାଯିବ।

ସିବିଏସଇର ପରିଚାଳନା ପରିଷଦ ବୈଠକରେ ନିଆଯାଇଥିବା ଏହି ନିଷ୍ପତ୍ତିରେ,ସଦସ୍ୟମାନେ ପରାମର୍ଶ ଦେଇଛନ୍ତି ଯେ, ବୋର୍ଡର ବିଭିନ୍ନ ଆଞ୍ଚଳିକ କାର୍ଯ୍ୟାଳୟରେ କିଛି ବିଷୟରେ ପାଇଲଟ୍ ପ୍ରୋଜେକ୍ଟ ସମାପ୍ତ ହେବା ପରେ ହିଁ ଦଶମ-ଦ୍ୱାଦଶର ସମସ୍ତ ବିଷୟରେ ମୂଲ୍ୟାଙ୍କନ କାର୍ଯ୍ୟକାରୀ କରାଯାଇପାରିବ।

ସିବିଏସଇ ଗଭର୍ଣ୍ଣିଂ ବଡି ମିଟିଂ ଅନୁଯାୟୀ, ପୂର୍ବରୁ ମଧ୍ୟ, ଉତ୍ତର ପତ୍ରର ମୂଲ୍ୟାଙ୍କନ ସମୟ ହ୍ରାସ କରିବା ଏବଂ ମୂଲ୍ୟାଙ୍କନରେ ଅଧିକ ସଠିକତା ଆଣିବା ଉଦ୍ଦେଶ୍ୟରେ, ସିବିଏସଇ ୨୦୧୪ ମସିହାରେ ଏହାର କିଛି ଆଞ୍ଚଳିକ କାର୍ଯ୍ୟାଳୟ ଅଧୀନରେ ଦଶମ ବୋର୍ଡ ପରୀକ୍ଷାର କିଛି ବିଷୟ ପାଇଁ ଡିଜିଟାଲ୍ ମୂଲ୍ୟାୟନ କାର୍ଯ୍ୟକାରୀ କରିଥିଲା ଏବଂ ପରବର୍ତ୍ତୀ ବର୍ଷ ଅର୍ଥାତ୍ ୨୦୧୫ ମସିହାରେ, ଦିଲ୍ଲୀରେ ଦ୍ୱାଦଶ ବୋର୍ଡ ପରୀକ୍ଷାର କିଛି ବିଷୟ ପାଇଁ ଡିଜିଟାଲ୍ ମୂଲ୍ୟାୟନ କାର୍ଯ୍ୟକାରୀ କରାଯାଇଥିଲା। ସିବିଏସଇ ନିଷ୍ପତ୍ତି ନେଇଛି ଯେ, ଉତ୍ତର ପତ୍ରର ଡିଜିଟାଲ୍ ମୂଲ୍ୟାଙ୍କନ ପାଇଁ, ଏପରି ଏଜେନ୍ସିଗୁଡ଼ିକୁ ଚୟନ କରାଯିବ ଯାହାଙ୍କ ପାଖରେ ସ୍କୁଲ ବୋର୍ଡ, ବିଶ୍ୱବିଦ୍ୟାଳୟ କିମ୍ବା କେନ୍ଦ୍ର/ରାଜ୍ୟ ସରକାରଙ୍କ ଦ୍ୱାରା ନିୟନ୍ତ୍ରିତ ପରୀକ୍ଷା ସଂସ୍ଥା ଦ୍ୱାରା ପରିଚାଳିତ ପରୀକ୍ଷାରେ ଉତ୍ତର ପତ୍ରର ଡିଜିଟାଲ୍ ମୂଲ୍ୟାଙ୍କନର ଭଲ ଅଭିଜ୍ଞତା ରହିଥିବ। ଯେହେତୁ ଦଶମ ଏବଂ ଦ୍ୱାଦଶ ଶ୍ରେଣୀ ବୋର୍ଡ ପରୀକ୍ଷାର ଉତ୍ତର ପତ୍ର ଯାଞ୍ଚ ଏକ ଗୋପନୀୟ ପ୍ରକ୍ରିୟା, ତେଣୁ ଉତ୍ତର ପତ୍ର ଯାଞ୍ଚ ଦାୟିତ୍ୱପୂର୍ଣ୍ଣ ଭାବରେ ଏବଂ କୌଣସି ପ୍ରକାରର ହେରଫେର ବିନା କରାଯିବା ଆବଶ୍ୟକ।ସିବିଏସଇ ୨୦୨୬-୨୭ ଶିକ୍ଷାବର୍ଷରୁ ୯ମ ଶ୍ରେଣୀ ପରୀକ୍ଷାରେ 'ଓପନ୍-ବୁକ୍' ପରୀକ୍ଷାକୁ ମଞ୍ଜୁରୀ ମିଳିଛି। ଶିକ୍ଷକମାନେ ମଧ୍ୟ ଏହି ମୂଲ୍ୟାଙ୍କନକୁ ସମର୍ଥନ କରିଛନ୍ତି। ଏହି ନୂତନ ବ୍ୟବସ୍ଥା ଜାତୀୟ ଶିକ୍ଷା ନୀତି ଅର୍ଥାତ୍ ଏନଇପି ୨୦୨୦ ଆଧାରରେ ପ୍ରସ୍ତୁତ କରାଯାଇଛି। ଏହି ମୂଲ୍ୟାଙ୍କନର ମୁଖ୍ୟ ଉଦ୍ଦେଶ୍ୟ ହେଉଛି ଛାତ୍ରଛାତ୍ରୀମାନଙ୍କର ବୋଧଗମ୍ୟତା ଏବଂ ବିଶ୍ଳେଷଣାତ୍ମକ କ୍ଷମତା ପରୀକ୍ଷା କରିବା ବଦଳରେ। ଏହି ମୂଲ୍ୟାଙ୍କନରେ ଗଣିତ, ବିଜ୍ଞାନ ଏବଂ ସାମାଜିକ ବିଜ୍ଞାନକୁ ଅନ୍ତର୍ଭୁକ୍ତ କରାଯିବ।

# କମ୍ପିବ ଆରବସାଗର



ନୂଆଦିଲ୍ଲୀ : ଅପରେସନ ସିନ୍ଦୂର ଓ ଭାରତ-ପାକିସ୍ତାନ ଯୁଦ୍ଧ ବିରତିକୁ ଇତି ମଧ୍ୟରେ ତିନିମାସ ବିତିଯାଇଥିଲେ ବି ଦୁଇ ଦେଶ ମଧ୍ୟରେ ଉତ୍ତେଜନା ଜାରି ରହିଛି । ଏପରିକି ଆଜି ଭାରତର ସେନାଧକ୍ଷ କହିଛନ୍ତି ଯେ ଆଗାମୀ ଯୁଦ୍ଧ ଖୁବଶୀଘ୍ର ହୋଇପାରେ । ଏପରି ସ୍ଥିତି ଆଉ ଏକ ଉତ୍ତେଜନା ସୃଷ୍ଟିକାରୀ ଖବର ଆସିଛି । ସୂଚନା ଅନୁସାରେ ଆରବ ସାଗରରେ ଉଭୟ ଭାରତ ଓ ପାକିସ୍ତାନର ନୌସେନା ସମରାଭ୍ୟାସ ପାଇଁ ପ୍ରସ୍ତୁତ ହେଉଛନ୍ତି ।

ଭାରତ ଏବଂ ପାକିସ୍ତାନୀ ନୌସେନା ଏକା ସମୟରେ ନିଜ ନିଜ ଜାହାଜରୁ ଗୁଳିଚାଳନା ଅଭ୍ୟାସ ପାଇଁ ପ୍ରସ୍ତୁତ ହେଉଛନ୍ତି। ଏଥିପାଇଁ ଉଭୟ ଦେଶ ନାଭିଗେସନ୍ କ୍ଷେତ୍ର ଚେତାବନୀ ଜାରି କରିଛନ୍ତି। ପାକିସ୍ତାନ ଦ୍ୱାରା ଜାରି କରାଯାଇଥିବା ନାଭାରିଆ ଚେତାବନୀ ଅନୁଯାୟୀ, ସାମୁଦ୍ରିକ ଯାତାୟାତକୁ ଅଗଷ୍ଟ ୧୧ ସକାଳ ୪ଟାରୁ ଅଗଷ୍ଟ ୧୨ ସନ୍ଧ୍ୟା ୪ଟା ପର୍ଯ୍ୟନ୍ତ ଅଭ୍ୟାସ କ୍ଷେତ୍ରରୁ ଦୂରେଇ ରହିବାକୁ ଚେତାବନୀ ଦିଆଯାଇଛି।

ପାକିସ୍ତାନ ଦ୍ୱାରା ଗୋଟିଏ ନାଭାରିଆ ଚେତାବନୀ ଦିଆଯାଇଥିବାବେଳେ ଭାରତ ଦ୍ୱାରା ୩ଟି ସତର୍କତା ଜାରି କରାଯାଇଛି। ଭାରତ ପକ୍ଷରୁ ଓଖା, ପୋରବନ୍ଦର ଏବଂ ମୋର୍ମୁଗାଓ ବାହାରେ ସମୁଦ୍ରରେ ସାମୁଦ୍ରିକ ଯାତାୟାତକୁ ଏହି ଅଞ୍ଚଳରୁ ଦୂରେଇ ରହିବାକୁ ଚେତାବନୀ ଦିଆଯାଇଛି। ଓଖା ଉପକୂଳ ନିକଟରେ ଜାରି ହୋଇଥିବା ଚେତାବନୀ ଅନୁଯାୟୀ, ନୌସେନା ଅଗଷ୍ଟ ୧୧ ତାରିଖ ସକାଳ ୧୧:୩୦ ରୁ ଅପରାହ୍ନ ୧:୩୦ ପର୍ଯ୍ୟନ୍ତ ଏକ ଫାୟାରିଂ ଡ୍ରିଲ୍ କରିବ। ପୋରବନ୍ଦର ଉପକୂଳ ନିକଟରେ ଜାରି ହୋଇଥିବା ଚେତାବନୀ ଅନୁଯାୟୀ, ନୌସେନା ଅଗଷ୍ଟ ୧୨ ତାରିଖ ଦିନ ୧୨:୩୦ ରୁ ସନ୍ଧ୍ୟା ୬:୩୦ ପର୍ଯ୍ୟନ୍ତ ଫାୟାରିଂ ଡ୍ରିଲ୍ କରିବ। ମୋରମୁଗାଓ ଉପକୂଳ ନିକଟରେ ଜାରି ହୋଇଥିବା ଚେତାବନୀ ଅନୁଯାୟୀ, ନୌସେନା ଅଗଷ୍ଟ ୧୩ ତାରିଖ ଦିନ ଅପରାହ୍ନ ୧:୩୦ ରୁ ସନ୍ଧ୍ୟା ୬ଟା ପର୍ଯ୍ୟନ୍ତ ଫାୟାରିଂ ଡ୍ରିଲ୍ କରିବ। ଏହାକୁ ଦୃଷ୍ଟିରେ ରଖି ସମସ୍ତ ସାମୁଦ୍ରିକ ଯାତାୟାତକୁ ଏହି ଅଞ୍ଚଳଗୁଡ଼ିକରୁ ଦୂରେଇ ରହିବାକୁ ସତର୍କ କରାଯାଇଛି।

# ଭାରତ ସିନ୍ଧୁ ନଦୀରେ ବନ୍ଧ ତିଆରି କଲେ କ୍ଷେପଣାସ୍ତ୍ର ମାରି ଭାଙ୍ଗିଦେବୁ : ମୁନୀର

ୱାସିଂଟନ : ପାକିସ୍ତାନର ସେନା ମୁଖ୍ୟ ଫିଲ୍ଡ ମାର୍ଶାଲ ଅସୀମ ମୁନିର ଆମେରିକାରେ ଥାଇ ଭାରତକୁ ଏକ ଧମକ ଦେଇଛନ୍ତି। ସେ କହିଛନ୍ତି ଯେ ଯଦି ପାକିସ୍ତାନ ଭାରତ ସହିତ ଯୁଦ୍ଧରେ ଅସ୍ତିତ୍ୱ ସଙ୍କଟର ସମ୍ମୁଖୀନ ହୁଏ, ତେବେ ସେମାନେ ସମଗ୍ର ଅଞ୍ଚଳକୁ ଏକ ପରମାଣୁ ଯୁଦ୍ଧକୁ ଠେଲି ଦେବେ। ସେ କହିଛନ୍ତି, 'ଆମେ ଏକ ପରମାଣୁ ରାଷ୍ଟ୍ର, ଯଦି ଆମେ ଅନୁଭବ କରୁଛୁ ଯେ ଆମେ ହାରୁଛୁ, ତେବେ ଆମେ ଆମ ସହିତ ଅଧା ବିଶ୍ୱକୁ ଧ୍ୱଂସ କରିଦେବୁ।' ଏହା ପ୍ରଥମ ଥର ଯେ ଆମେରିକା ମାଟିରେ ଏପରି ପରମାଣୁ ବିପଦ ଦେଖା ଦେଇଛି।

ମୁନିର କହିଛନ୍ତି ଯେ ଭାରତ ସିନ୍ଧୁ ଜଳ ଚୁକ୍ତିନାମାକୁ ବନ୍ଦ କରିଦେଇଛି, ଯାହା ଯୋଗୁଁ ୨.୫ କୋଟି ଲୋକ ଭୋକରେ ମରିପାରନ୍ତି। ସେ ଧମକ ଦେଇଛନ୍ତି ଯେ ଯେତେବେଳେ ଭାରତ ଏକ ବନ୍ଧ ନିର୍ମାଣ କରିବ, ସେମାନେ ଦଶଟି କ୍ଷେପଣାସ୍ତ୍ର ସାହାଯ୍ୟରେ ଏହାକୁ ଧ୍ୱଂସ କରିଦେବେ। 'ସିନ୍ଧୁ ନଦୀ ଭାରତର ବ୍ୟକ୍ତିଗତ ସମ୍ପତ୍ତି ନୁହେଁ। ଆମ ପାଖରେ କ୍ଷେପଣାସ୍ତ୍ରର ଅଭାବ ନାହିଁ।



# ଅଗଷ୍ଟ ୫ରେ ଧିମେଇଥିଲା ପୃଥିବୀର ଗତି

ନୂଆଦିଲ୍ଲୀ ୧୦।୮: ଗତ ଅଗଷ୍ଟ ୫ ତାରିଖ ଦିନ ବୈଜ୍ଞାନିକମାନେ ଏକ ଖାସ ଘଟଣା ଅନୁମାନ କରିଛନ୍ତି। ଏଥିରେ ପୃଥିବୀର ଘୂର୍ଣ୍ଣନ ଗତି ସ୍ୱାଭାବିକରୁ ଧିମେଇ ଯାଇଥିବା ଜାଣିବାକୁ ପାଇଛନ୍ତି। ଏହି ଦିନ ପୃଥିବୀକୁ ନିଜ ଅକ୍ଷରେ ଘୂରିବା ଲାଗି ଅଧିକ ୧.୪୫ ମିଲିସେକେଣ୍ଡ ଲାଗିଛି। ହୁଏତ ଏହା ଖୁବ୍ କମ ସମୟ ହୋଇପାରେ, ହେଲେ ବୈଜ୍ଞାନିକଙ୍କ ନିମନ୍ତେ ଏହା ଏକ ଗୁରୁତ୍ୱପୂର୍ଣ୍ଣ ଘଟଣା। ପୃଥିବୀର ଘୂର୍ଣ୍ଣନ ଲଗାତାର ସଠିକ ରହିଥାଏ ଓ ଏହାର ଗତିରେ ସାମାନ୍ୟ ପରିବର୍ତ୍ତନ ପୃଥିବୀ ଭିତରେ ଓ ବାହାରେ ହେଉଥିବା ବିଭିନ୍ନ ଗତିବିଦ୍ଧିକୁ ଦର୍ଶାଇଥାଏ।

ଆମର ଗୋଟିଏ ଦିନ ଯାହାକୁ 'ସୌର ଦିବସ'ଦ କୁହାଯାଏ ଏହା ୨୪ ଘଣ୍ଟା ଅର୍ଥାତ ୮୬,୪୦୦ ସେକେଣ୍ଡରେ ହୋଇଥାଏ। ତେବେ ଅଗଷ୍ଟ ୫ ତାରିଖ ଦିନ ପୃଥିବୀ ଅକ୍ଷ ଚାରିପଟେ ଘୂରିବାକୁ ୮୬,୪୦୦.୦୦୧୪୫ ସେକେଣ୍ଡ ଲାଗିଥିଲା। ଫଳରେ ଦିନଟି ସାମାନ୍ୟ ଦୀର୍ଘ ହୋଇଥିଲା। ଏହି ଅନ୍ତର ସାଧାରଣ ଲୋକଙ୍କୁ ଜଣାପଡିନଥିଲା। ହେଲେ ବୈଜ୍ଞାନିକ ଉପକରଣ ଯୋଗୁ ଏହି ଅନ୍ତର ଜଣାପଡିଛି।

**କାହିଁକି ବଦଳେ ପୃଥିବୀର ଘୂର୍ଣ୍ଣନ ବେଗ?**

ପୃଥିବୀର ଘୂର୍ଣ୍ଣ ବେଗ କମିବାର ଅନେକ କାରଣ ରହିଛି। ବାୟୁ ପ୍ରବାହରେ ପରିବର୍ତ୍ତନ, ସମୁଦ୍ର ଧାରାର ପ୍ରବାହ ଓ ପୃଥିବୀର ଭିତରେ ହେଉଥିବା ଗତିବିଦ୍ଧି ଏହି ଗତିକୁ ପ୍ରଭାବିତ କରିଥାଏ। ଏହା ଛଡା ଚନ୍ଦ୍ରଙ୍କ ଜୁଆର ଆକର୍ଷଣ ପୃଥିବୀର ଘୂର୍ଣ୍ଣନକୁ ଧିମେଇଥାଏ। ବୈଜ୍ଞାନିକଙ୍କ ଅନୁସାରେ ଏହି ଦିନ ଅର୍ଥାତ ଅଗଷ୍ଟ ୫ ତାରିଖରେ ଦକ୍ଷିଣ ଗୋଲାର୍ଦ୍ଧରେ ବାୟୁମଣ୍ଡଳୀୟ ପରିସ୍ଥିତି ଅସାଧାରଣ ଥିଲା। କିଛି କ୍ଷେତ୍ରରେ ପ୍ରବଳ ପବନ ପୃଥିବୀ ପୃଷ୍ଠରେ ଏପରି ପ୍ରଭାବ ପକାଏ ଯେପରି ଦିନକୁ ଏକ ଛୋଟ ବିରତୀ ମିଳିଛି। ଏହି କାରଣରୁ ପୃଥିବୀର ଘୂର୍ଣ୍ଣନ ବେଗରେ ୧.୪୫ ମିଲିସେକେଣ୍ଡ ବୃଦ୍ଧି ହୋଇଛି।

**ପୃଥିବୀର ଗତିରେ ଚନ୍ଦ୍ର ଓ କୋରର ପ୍ରଭାବ**

ପୃଥିବୀର ସମୁଦ୍ର ଜଳରେ ଜୁଆରିଆ ଆକର୍ଷଣ ଯାହା ଚନ୍ଦ୍ରଙ୍କ ଗୁରୁତ୍ୱାକର୍ଷଣ ଯୋଗୁ ହୋଇଥାଏ। ତାହା ମଧ୍ୟ ପୃଥିବୀର ଘୂର୍ଣ୍ଣନ ଗତିକୁ ପ୍ରଭାବିତ କରିଥାଏ। ଏହା ଛଡା ପୃଥିବୀର ତରଳ ବାହ୍ୟ କୋରରେ ହେଉଥିବା ଗତିବଦ୍ଧି ମଧ୍ୟ ଏହି ପ୍ରକ୍ରିୟାର ଅଂଶବିଶେଷ। ଏହି ସବୁ କାରକ ମିଳିତ ପୃଥିବୀର ଗତିକୁ ସାମାନ୍ୟ ପରିବର୍ତ୍ତନ କରିଥାଏ।

**ସମୟର ସଠିକତା କାହିଁକି ଜରୁରି?**

ବୈଜ୍ଞାନିକଙ୍କ ଅନୁସାରେ ପୃଥିବୀର ଘୂର୍ଣ୍ଣନ ଗତିରେ ଏକ ମିଲିସେକେଣ୍ଡର ପରିବର୍ତ୍ତନ ବି ଜିପିଏସ୍ ନେଭିଗେସନ, ଉପଗ୍ରହ ସଞ୍ଚାର ଓ ଅନ୍ୟ ପ୍ରଯୁକ୍ତି ପ୍ରଣାଳୀକୁ ପ୍ରଭାବିତ କରିପାରେ। ଏହି ସବୁ ପ୍ରଣାଳୀର ସଠିକତା ନିମନ୍ତେ ସମୟ ଗଣନା ସମ୍ପୂର୍ଣ୍ଣ ଠିକ୍ ହେବା ଦରକାର। ଯଦି ପୃଥିବୀର ଗତିରେ ଅଧିକ ପରିବର୍ତ୍ତନ ହୁଏ ତେବେ ଏ ସମ୍ପର୍କିତ ଗଣନାରେ ତ୍ରୁଟି ହୋଇପାରେ, ଯାହା ବିଭିନ୍ନ ପ୍ରଯୁକ୍ତିକୁ ଅସ୍ଥିର କରିପାରେ।



**ଏହି ପରିବର୍ତ୍ତନ କୌଣସି ବଡ଼ ସମସ୍ୟାର ସଂକେତ କି?**

ପୃଥିବୀର ଘୂର୍ଣ୍ଣନ ବେଗ ଧିମେଇବା ବୈଜ୍ଞାନିକଙ୍କ ଅଧ୍ୟୟନର ବିଷୟ। ଏଥି ଯୋଗୁ ସାଧାରଣ ଲୋକଙ୍କ ନିମନ୍ତେ ତତ୍କାଳ କୌଣସି ବିପଦ ନାହିଁ। ତେବେ ପୃଥିବୀର ଘୂର୍ଣ୍ଣନ ଗତିରେ ଛୋଟ-ଛୋଟ ପରିବର୍ତ୍ତନ ପ୍ରାକୃତିକ ରୂପେ ହୋଇଥାଏ। ତେବେ ବୈଜ୍ଞାନିକ ଏପରି ଘଟଣାକୁ ପୃଥିବୀର ଭିତରେ ଓ ବାହାରେ ହେଉଥିବା ଗତିବିଦ୍ଧିର ଗୁରୁତ୍ୱପୂର୍ଣ୍ଣ ସଂକେତ ମାନିଥାନ୍ତି। ଏହା ଭବିଷ୍ୟତରେ ହେବାକୁ ଥିବା କୌଣସି ବଡ଼ ଭୌତିକ ଅଥବା ପରିବେଷ ପରିବର୍ତ୍ତନର ଚେତାବନୀ ହୋଇ ପାରେ। ଏଣୁ ଏହାର ଅଧ୍ୟୟନ ଲଗାତାର ଜାରି ରହିଛି।

## ବିଶ୍ୱ ଆଥଲେଟିକ୍ସ କଣ୍ଟିନେଣ୍ଟାଲ୍ ଟୁର

# ସ୍ୱର୍ଣ୍ଣ ଜିତିଲେ ଅନିମେଶ



ଭୁବନେଶ୍ୱର, ୧୦।୮(ସବ୍ୟୁ) : କଳିଙ୍ଗ ଷ୍ଟାଡିୟମରେ ବିଶ୍ୱ ଆଥଲେଟିକ୍ସ କଣ୍ଟିନେଣ୍ଟାଲ୍ ଟୁର୍ ପ୍ରତିଯୋଗିତା ସମାପନ ହୋଇଛି । ଏହି ଏକ ଦିବସୀୟ ପ୍ରତିଯୋଗିତାରେ ୧୭ ଟି ଦେଶରୁ ୧୬୦ ଜଣ କ୍ରୀଡାବିତ୍ ଅଂଶଗ୍ରହଣ କରିଥିଲେ। ଭାରତରୁ ୯୦ ଉର୍ଦ୍ଧ୍ୱ କ୍ରୀଡାବିତ୍ ଭାଗନେଇ ନିଜର ଦକ୍ଷତା ଦେଖାଇଛନ୍ତି। ଓଡିଶାରୁ ଅନିମେଶ କୁଜୁର୍, ଶ୍ରାବଣୀ ନନ୍ଦ, ଲାଲୁ ପ୍ରସାଦ ଭୋଇ, ପ୍ରଜ୍ଞାନ ସାହୁ ପ୍ରମୁଖ ଏହି କଣ୍ଟିନେଣ୍ଟାଲ୍ ଟୁର ପ୍ରତିଯୋଗିତାରେ ଅଂଶଗ୍ରହଣ କରିଛନ୍ତି। ଓଡିଆ ପୁଅ ଅନିମେଶ କୁଜୁର ଟେକ ରଖିଛନ୍ତି। ଅନିମେଶ ପୁରୁଷ ୨୦୦ ମିଟର ଦୌଡରେ ସ୍ୱର୍ଣ୍ଣ ଜିତି କଳିଙ୍ଗରେ କୀର୍ତ୍ତିମାନ ରଚିଛନ୍ତି। ଅନିମେଶ ଫିନିସିଂ ଲାଇନକୁ ୨୦.୭୭ ସେକେଣ୍ଡରେ ଅତିକ୍ରମ କରି ଏହି ସଫଳତା ପାଇଛନ୍ତି। କୋରିଆର ପୋ ସିଉଙ୍ଗୱାନ୍ ରୌପ୍ୟ ଏବଂ ତାମିଲନାଡୁର ରାଗୁଲ କୁମାର ବ୍ରୋଞ୍ଜ ପଦକ ହାସଲ କରିଛନ୍ତି।




## ମହିଳାରେ ବିଜୟା କୁମାରୀଙ୍କୁ ସ୍ୱର୍ଣ୍ଣ

ମହିଳା ୪୦୦ ମିଟର ଦୌଡର ପଦକ ପର୍ଯ୍ୟାୟରେ କର୍ଣ୍ଣାଟକର ବିଜୟା କୁମାରୀ ଜି କେ ୫୩.୪୦ ସେକେଣ୍ଡ ସହ ପ୍ରଥମ ସ୍ଥାନ ଅଧିକାର କରି ସ୍ୱର୍ଣ୍ଣ ପଦକ ଲାଭ କରିଛନ୍ତି। ଏହି ବର୍ଗରେ ଗୁଜରାଟର ଦିବ୍ୟାନୀବା ମହେନ୍ଦ୍ରସ୍ ରୌପ୍ୟ ଏବଂ ବ୍ରିଟେନର ଇଭାନ୍ସ ଲୁଇସ୍ ବ୍ରୋଞ୍ଜ ପଦକ ହାସଲ କରିଛନ୍ତି।

## ପୁରୁଷ ୪୦୦ ମିଟରରେ ବିଶାଲଙ୍କୁ ସ୍ୱର୍ଣ୍ଣ

ପୁରୁଷ ୪୦୦ ମିଟର ଦୌଡରେ ତ୍ରିଭେନ୍ଦ୍ରମର ଟି କେ ବିଶାଲ ସ୍ୱର୍ଣ୍ଣ ପଦକ ହାସଲ କରିଛନ୍ତି। ୪୦୦ ମିଟର ଦୌଡର ପଦକ ପର୍ଯ୍ୟାୟରେ ମୋଟ ୮ ଜଣ ଦୌଡି ଥିଲେ। ବିଶାଳ ନିର୍ଦ୍ଧାରିତ ଦୂରତ୍ୱକୁ ୪୫.୭୨ ସେକେଣ୍ଡରେ ଅତିକ୍ରମ କରି ପ୍ରଥମ ସ୍ଥାନ ଅଧିକାର କରିଥିଲେ। ଅମୋଜ ଜାକବ ୪୫.୮୬ ସେକେଣ୍ଡ ସହ ରୌପ୍ୟ ଏବଂ ସନ୍ତୋଷ କୁମାର ୪୬.୮୯ ସେକେଣ୍ଡ ସହ ବ୍ରୋଞ୍ଜ୍ ପଦକ ହାସଲ କରିଛନ୍ତି।



## ମହମ୍ମଦଙ୍କୁ ସ୍ୱର୍ଣ୍ଣ

ମାଲେସିଆର ମହମ୍ମଦ ଆଜିମବିନ୍ ପୁରୁଷ ୧୦୦ ମିଟର ଦୌଡରେ ଫିନିସିଂ ଲାଇନକୁ ୧୦.୩୫ ସେକେଣ୍ଡରେ ଅତିକ୍ରମ କରି କଳିଙ୍ଗ ଷ୍ଟାଡିୟମରେ ସ୍ୱର୍ଣ୍ଣ ପଦକ ଜିତିଚନ୍ତି। ଏହି ବର୍ଗରେ ଶ୍ରୀଲଙ୍କାର ଚାମୁଦ ଯୋଦ୍ଧା ସିଂ ରୌପ୍ୟ ଏବଂ ଦାନିସ ଇଫତିଖାର ବ୍ରୋଞ୍ଜ ପଦକ ଜିତିଛନ୍ତି। ଓଡିଶାର ଲାଲୁ ପ୍ରସାଦ ଭୋଇ ମାତ୍ର .୦୪ ସେକେଣ୍ଡ ପାଇଁ ବ୍ରୋଞ୍ଜ ପଦକରୁ ବଞ୍ଚିତ ହୋଇଛନ୍ତି। ଲାଲୁ ଫିନିସିଂ ଲାଇନକୁ ୧୦.୫୪ ସେକେଣ୍ଡରେ ଅତିକ୍ରମ କରିଥିଲେ।

## ନିରାଶ କଲେ ଶ୍ରାବଣୀ

ଓଡିଆ ଝିଅ ଶ୍ରାବଣୀ ନନ୍ଦ ମହିଳା ୧୦୦ ମିଟର ଦୌଡରେ ପଦକ ହାତଛଡା କରିଛନ୍ତି। ପଦକ ପର୍ଯ୍ୟାୟରେ ୫ମ ସ୍ଥାନ ସହ ଅଭିଯାନ ଶେଷ କରିଛନ୍ତି ।ଏହି ବର୍ଗରେ ଆରଆର ଅବିନାୟା ଫିନିସିଂ ଲାଇନକୁ ୧୧.୫୭ ସେକେଣ୍ଡରେ ଅତିକ୍ରମ କରି ସ୍ୱର୍ଣ୍ଣ ପଦକ ଜିତିଛନ୍ତି। ଏସଏସ୍ ସ୍ନେହା ୧୧.୭୦ ସେକେଣ୍ଡ ସହ ରୌପ୍ୟ ପଦକ ଏବଂ ତେଲେଙ୍ଗାନାର ନିତ୍ୟାଗାନ୍ଧି ୧୧.୭୦ ସେକେଣ୍ଡ ସହ ବ୍ରୋଞ୍ଜ ପଦକ ହାସଲ କରିଛନ୍ତି। ଶ୍ରାବଣୀ ନନ୍ଦ ଫିନିସିଂ ଲାଇନକୁ ୧୧.୮୬ ସେକେଣ୍ଡରେ ଅତିକ୍ରମ କରି ୫ମ ସ୍ଥାନ ଅଧିକାର କରିଛନ୍ତି।

## ପୁରୁଷ ଜାଭେଲିନ୍ ଥ୍ରୋ

ପୁରୁଷ ଜାଭେଲିନ୍ ଥ୍ରୋରେ ଶ୍ରୀଲଙ୍କାର ରୁମେଶ ଥରଙ୍ଗା ୮୬.୫୦ ମିଟର ଫିଙ୍ଗି ପ୍ରଥମ ସ୍ଥାନ ସହ ସ୍ୱର୍ଣ୍ଣ ପଦକ ଜିତିଛନ୍ତି। ମହାରାଷ୍ଟ୍ରର ଶିବମ୍ ଲୋହକରେ ୮୦.୭୩ ମିଟର ଫିଙ୍ଗି ରୌପ୍ୟ ପଦକ ଏବଂ ଶ୍ରୀଲଙ୍କା ସୁମେଧ ରଣସିଂହେ ୮୦.୬୫ ମିଟର ଜାଭେଲିନ୍ ଫିଙ୍ଗି ବ୍ରୋଞ୍ଜ ପଦକ ଜିତିଛନ୍ତି।

## ୫୦୦୦ ମିଟର ପୁରୁଷ

ବିଦେଶୀ ଧାବକ ୱାବେରୀ ଇଗୁଇଟ୍ ହୁସେଲ୍ ପୁରୁଷ ୫୦୦୦ ମିଟର ଦୌଡରେ ସ୍ୱର୍ଣ୍ଣ ପଦକ ଜିତିଛନ୍ତ। ରେଳବାଇର ଅଭିଷେକ ପାଲ ରୌପ୍ୟ ତଥା ଭାରତୀୟ ସେନାର ସାୱନ ବରୁୱାଲ୍ ବ୍ରୋଞ୍ଜ ପଦକ ହାସଲ କରିଛନ୍ତି।

## ୪ଗୁଣା ୪୦୦ ମିଟର ରିଲେ : ଶ୍ରୀଲଙ୍କାକୁ ସ୍ୱର୍ଣ୍ଣ

ପୁରୁଷ ୪ ଗୁଣା ୪୦୦ ମିଟର ରିଲେରେ ଶ୍ରୀଲଙ୍କା ସ୍ୱର୍ଣ୍ଣ ପଦକ ଜିତିଛି। ଶ୍ରୀଲଙ୍କାର ସେନାରଥ ମୁଦିଆନ୍, ଜୟାଥୁଙ୍ଗଲେଗ୍, ଇମେଶ ଦିସ୍ମିଥ୍ ଓ କେ ସିଲ୍‌ଭାଙ୍କ ଯୋଡି ଫିନିସିଂ ଲାଇନକୁ ୩ ମିନିଟ୍ ୮.୨୨ ସେକେଣ୍ଡରେ ଅତିକ୍ରମ କରି ସ୍ୱର୍ଣ୍ଣ ପଦକ ଜିତିଛନ୍ତି। ଏହି ବର୍ଗରେ ଭାରତ ଏ ଦଳ ରୌପ୍ୟ ପଦକ ଏବଂ ଇରାକ୍ ବ୍ରୋଞ୍ଜ ପଦକ ଜିତିଛି।

## ମହିଳା ଜାଭେଲିନ୍‌ରେ ଅନୁରାଣୀଙ୍କୁ ସ୍ୱର୍ଣ୍ଣ

ମହିଳା ଜାଭେଲିନ୍ ଥ୍ରୋରେ ଉତ୍ତରପ୍ରଦେଶର ଅନୁରାଣୀ ୬୨.୦୧ ମିଟର ଜାଭେଲିନ ଫିଙ୍ଗି ପ୍ରଥମ ସ୍ଥାନ ସ୍ୱର୍ଣ୍ଣ ପଦକ ଜିତିଛନ୍ତି। ସେ ୬ ଥର ଫିଙ୍ଗିଥିବା ଜାଭେଲିନ୍ ମଧ୍ୟରୁ ୬୨.୦୧ ମିଟର ସର୍ବଶ୍ରେଷ୍ଠ ପ୍ରଦର୍ଶନ ଥିଲା। ଶ୍ରୀଲଙ୍କାର ଏନ୍‌ଡିଏଲ୍ ଆତରବାଗଲିକା ୫୬.୨୭ ମିଟର ସହ ରୌପ୍ୟ ଏବଂ ହରିୟାଣାର ଦିପିକା ୫୪.୨୦ ମିଟର ସହ ବ୍ରୋଞ୍ଜ ପଦକ ହାସଲ କରିଛନ୍ତି।






## ୮୦୦ ମିଟରରେ ମହମ୍ମଦ ଅଫଜଲ

ପୁରୁଷ ୮୦୦ ମିଟର ଦୌଡରେ ଭାରତୀୟ ଏୟାରଫୋର୍ସର ମହମ୍ମଦ ଅଫଜଲ ୧:୪୬.୭୦ ସେକେଣ୍ଡ ସହ ସମୟ ନେଇ ଫିନିସିଂ ଲାଇନ୍ ଅତିକ୍ରମ କରିବା ସହ ସ୍ୱର୍ଣ୍ଣ ପଦକ ଜିତିଛନ୍ତି। ମହାରାଷ୍ଟ୍ରର ପ୍ରକାଶ ଗଡଗେ ରୌପ୍ୟ ଓ ହରିୟାଣାର କ୍ରୀଷ୍ଣା କୁମାର ବ୍ରୋଞ୍ଜ ପଦକ ଜିତିଛନ୍ତି। ଓଡିଶାର ଅଶୋକ ଦଣ୍ଡସେନା ଏହି ପ୍ରତିଯୋଗିତାରେ ଦୌଡି ପାରିନଥିଲେ।

## ମହିଳା ୮୦୦ ମିଟରରେ ପଞ୍ଜାବକୁ ସ୍ୱର୍ଣ୍ଣ

ପଞ୍ଜାବର ଅମଲଦୀପ କୌର ମହିଳା ୮୦୦ ମିଟର ଦୌଡରେ ସ୍ୱର୍ଣ୍ଣ ପଦକ ଜିତିଛନ୍ତି। ଆଇଓସିଏଲ୍‌ର ହୁଇଡ୍ରମ୍ ଭୁମେଶ୍ୱର ରୌପ୍ୟ ଏବଂ ଛତିଶଗଡର ଥୋଟା ସଂକୀର୍ତ୍ତନ ବ୍ରୋଞ୍ଜ ପଦକ ହାସଲ କରିଛନ୍ତି। ୧୦୦ ମିଟର ହର୍ଡଲ୍ସରେ ଓଡିଆ ଝିଅ ପ୍ରଜ୍ଞାପ୍ରଶାନ୍ତି ସ ଫିନିସିଂ ଲାଇନକୁ ୧୩.୭୪ ସେକେଣ୍ଡରେ ଅତିକ୍ରମ କରି ପ୍ରଥମ ସ୍ଥାନ ସହ ସ୍ୱର୍ଣ୍ଣ ଜିତିଛନ୍ତି। ତାମିଲନାଡୁର ନନ୍ଦିନୀ କଙ୍ଗନ୍ ରୌପ୍ୟ ଏବଂ ସି ଆଞ୍ଜେଲିକ୍ ବ୍ରୋଞ୍ଜ ପଦକ ଜିତିଛନ୍ତି।






## ଲଙ୍ଗଜମ୍ପରେ ସାଏଲି ସିଂଙ୍କୁ ସ୍ୱର୍ଣ୍ଣ

ମହିଳା ଲଙ୍ଗଜମ୍ପରେ ଉତ୍ତରପ୍ରଦେଶର ସାଏଲି ସିଂ ୬.୨୮ ମିଟର ଡେଇଁ ସ୍ୱର୍ଣ୍ଣ ପଦକ ଜିତିଛନ୍ତି। ରେଳବାଇର ଭବାନୀ ଯାଦବ ୬.୧୩ ମିଟର ସହ ଦ୍ୱିତୀୟ ଏବଂ ସାନଦ୍ରା ବାବୁ ୬.୧୦ ମିଟର ସହ ବ୍ରୋଞ୍ଜ ପଦକ ଜିତିଛନ୍ତି।



## ଟ୍ରିପଲ୍ ଜମ୍ପରେ ଅବଦୁଲାଙ୍କୁ ସ୍ୱର୍ଣ୍ଣ

ପୁରୁଷ ଟ୍ରିପଲ୍ ଜମ୍ପରେ ଏୟାରଫୋର୍ସର ଅବଦୁଲା ଆବୁବକର ୧୬.୫୩ ମିଟର ସହ ସ୍ୱର୍ଣ୍ଣ ଜିତିଛନ୍ତି। ଏୟାରଫୋର୍ସର ଅନ୍ୟତମ ପ୍ରତିଯୋଗି କାର୍ତ୍ତିକ ରୌପ୍ୟ ପଦକ ଏବଂ ତାମିଲନାଡୁର ଗାଇଲିଭେନିଷ୍ଟର ତୃତୀୟ ସ୍ଥାନ ସହ ବ୍ରୋଞ୍ଜ ପଦକ ଜିତିଛନ୍ତି।

## ମହିଳା ୧୫୦୦ ମିଟର : ପୂଜାଙ୍କୁ ସ୍ୱର୍ଣ୍ଣ

ହରିୟାଣାର ପୂଜା ମହିଳା ୧୫୦୦ ମିଟର ଦୌଡରେ ସ୍ୱର୍ଣ୍ଣ ଜିତିଛନ୍ତି। ସେ ଫିନିସିଂ ଲାଇନକୁ ୪ ମିନିଟ୍ ୧୫.୩୧ ସେକେଣ୍ଡରେ ଅତିକ୍ରମ କରିଥିଲେ। ଉତ୍ତରାଖଣ୍ଡର ଲିଲି ଦାସ ଦ୍ୱିତୀୟ ସ୍ଥାନ ସହ ରୌପ୍ୟ ଏବଂ ଅମନଦୀପ କୋର ତୃତୀୟ ସ୍ଥାନ ସହ ବ୍ରୋଞ୍ଜ ପଦକ ହାସଲ କରିଛନ୍ତି।

## ଆଞ୍ଜେଲଙ୍କୁ ୨୦୦ ମିଟରରେ ସ୍ୱର୍ଣ୍ଣ

ବେଙ୍ଗାଲୁରୁର ଆଞ୍ଜେଲ ସିଲଭମ୍ ମହିଳା ୨୦୦ ମିଟର ଦୌଡରେ ଫିନିସିଂ ଲାଇନକୁ ୨୩.୯୫ ସେକେଣ୍ଡରେ ଅତିକ୍ରମ କରି ସ୍ୱର୍ଣ୍ଣ ପଦକ ଜିତିଛନ୍ତି। ତେଲେଙ୍ଗାନାର ନିତ୍ୟା ଗାନ୍ଧି ରୌପ୍ୟ ଏବଂ କର୍ଣ୍ଣାଟକର ଉନାଥି ଆୟାପ୍ପା ବ୍ରୋଞ୍ଜ ପଦକ ଜିତିଛନ୍ତି।

## ରାଜ୍ୟ ସ୍ତରୀୟ କବାଡି ପ୍ରତିଯୋଗିତା

## ୟୁନିଟ -୯ ଭୁବନେଶ୍ୱର, ଜୟଦେବ ଓଡ଼ିଶା ଚାମ୍ପିଅନ

ସାକ୍ଷୀଗୋପାଳ ,(ସବ୍ୟୁ): ସତ୍ୟବାଦୀ ବ୍ଲକ ଅନ୍ତର୍ଗତ ନହଳା ଗ୍ରାମରେ ମା' ଦକ୍ଷିଣକାଳୀ କବାଡି ଆସୋସିଏସନ ଆନୁକୂଲ୍ୟରେ ଏକ ରାଜ୍ୟସ୍ତରୀୟ ପ୍ରତିଯୋଗୀତା ଅନୁଷ୍ଠିତ ହୋଇଯାଇଛି। ୟୁନିଟ ୯ ଜୟଦେବ ଓଡ଼ିଶା, ସତ୍ୟବାଦୀ,ଏସ,ଏନ ଡେଲାଙ୍ଗ, ପିପିଲି, ନୀଳାଚଳ ପୁରୀ,କଳିଙ୍ଗ ଷ୍ଟାଡିୟମ ଭୁବନେଶ୍ୱର, ଲଙ୍କେଶରୀ ବଳଙ୍ଗା, ରାଧାକାନ୍ତ ଡେଲାଙ୍ଗ,ନୀତା ଏକାଡେମୀ ପୁରୀ, ମଦନପୁର ଖୋର୍ଦ୍ଧା, ନିମାପଡ଼ା ଓ ବାରଙ୍ଗ ଦଳ ଭଳି ୧୨ ଟି ଦଳକୁ ନେଇ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଏହି ପ୍ରତିଯୋଗିତାକୁ ପ୍ୟାରୀ ଶଙ୍କର ପଟ୍ଟନାୟକ ଉଦଘାଟନ କରିଥିଲେ। ଏହି ପ୍ରତିଯୋଗିତାରେ ୟୁନିଟ ୯ ଭୁବନେଶ୍ୱର, ଜୟଦେବ ଓଡ଼ିଶା ଚମ୍ପିୟାନ ହେଇଥିବା ବେଳେ ନୀତା ଏକାଡେମୀ ପୁରୀ ରନର୍ସ ଅପ ହୋଇଥିଲେ। ପୁରସ୍କାର ବିତରଣ ଉତ୍ସବରେ ଅତିଥି ଭାବେ ସ୍ଥାନୀୟ ସରପଞ୍ଚ ଜିତେନ୍ଦ୍ର ବେହେରା, ସତ୍ୟବାଦୀ ଥାନା ଏସ ଆଇ ସଂଗ୍ରାମ ସ୍ୱାଇଁ ଅତିଥି ଭାବେ ଯୋଗଦେଇ ବିଜେତା ଓ ଉପବିଜେତା ଦଳକୁ ପୁରସ୍କୃତ କରିଥିଲେ। । ରମାବଲ୍ଲଭ ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ।

## ଜାତୀୟ ଜୁନିୟର ମହିଳା ହକି

# ହରିୟାଣା– ଝାଡଖଣ୍ଡ ଫାଇନାଲ

କାକିନାଡା, ୧୦।୮ (ଏଜେନ୍ସି) : ୧୫ ତମ ଜାତୀୟ ଜୁନିୟର ମହିଳା ହକି ଚାମ୍ପିଅନସିପ୍ ଫାଇନାଲ ମୁକାବିଲା ସ୍ପଷ୍ଟ ହୋଇଛି। ସୋମବାର ହକି ହରିୟାଣା ଓ ହକି ଝାଡଖଣ୍ଡ ମଧ୍ୟରେ ଫାଇନାଲ ମ୍ୟାଚ ଖେଳାଯିବ। ରବିବାର ଅନୁଷ୍ଠିତ ଦୁଇଟି ସେମିଫାଇନାଲରେ ହକି ହରିୟାଣାଓ ହକି ଝାଡଖଣ୍ଡ ବିଜୟୀ ହୋଇଥିଲେ ।ଡିଭିଜନ୍ ଏ ସେମିଫାଇନାଲରେ ହକି ହରିୟାଣା ୩-୦ ଗୋଲରେ ଛତିଶଗଡ ହକିକୁ ହରାଇଥିଲା।ଏହି ମ୍ୟାଚରେ ହରିୟାଣାର ଅଧିନାୟିକା ଶଶୀ କାଶା ଅଷ୍ଟମ ମିନିଟ୍, ସୁପ୍ରିୟା ୪୫ ଓ ୪୭ ମିନିଟରେ ଗୋଲ କରି ଦଳକୁ ବିଜୟ କରିଥିଲେ । ଏନ୍ୟଏକ ସେମିଫାଇନାଲରେ ହକି ଝାଡଖଣ୍ଡ ୩-୦ ଗୋଲରେ ଉତ୍ତରପ୍ରଦେଶ ହକିକୁ ଧରାସାୟୀ କରି ଫାଇନାଲରେ ପ୍ରବେଶ କରିଛି। ବିଜୟୀ ଦଳ ପକ୍ଷରୁ ସ୍ୱିଟି ଡୁଙ୍ଗଡୁଙ୍ଗ ୧୩ ତମ ମିନିଟ୍, ରିନା କୁଲୁ ୫୬ ମିନିଟ୍ ଓ ରଜନୀ କେରକେଟା ୫୯ ତମ ମିନିଟରେ ଗୋଲ କରିଥିଲେ।



## ମାଞ୍ଚେଷ୍ଟର ସହ ବେଞ୍ଜାମିନଙ୍କ ଚୁକ୍ତି

ନୂଆଦିଲ୍ଲୀ, ୧୦।୯ ।(ଏଜେନ୍ସି) : ସ୍ଲୋଭାନିଆର ଫୁଟବଲ୍ ତାରକା ବେଞ୍ଜାମିନ ସେସ୍କୋଙ୍କ ସହ ମାଞ୍ଚେଷ୍ଟର ୟୁନାଇଟେଡ୍ ବିପୁଳ ଅର୍ଥରେ ଚୁକ୍ତି କରିଛି। ୮୫ ମିଲିୟନ ୟୁରୋରେ ଏହି ଚୁକ୍ତି ହୋଇଛି। ଭାରତୀୟ ମୁଦ୍ରାରେ ଏହା ୮୬୫ କୋଟି ଟଙ୍କା ହେବ। ୨୨ ବର୍ଷୀୟ ଏହି ଯୁବ ଫରୱାର୍ଡ ୫ ବର୍ଷ ପାଇଁ ମାଞ୍ଚେଷ୍ଟର ସହ ଚୁକ୍ତି କରିଛନ୍ତି। କ୍ଲବ ପ୍ରିମିୟର ଲିଗରେ ମାଞ୍ଚେଷ୍ଟର ନୈରାଶ୍ୟଜନକ ପ୍ରଦର୍ଶନ ଦେଖାଇ ୧୫ ତମ ସ୍ଥାନରେ ରହିଥିଲା। ଯାହା ପରେ ଦଳରେ ବଡ ଧରଣର ପରିବର୍ତ୍ତନ ହେବ ବୋଲି ଆାଶା କରାଯାଉଥିଲା।। ରଶମସ ହାଜେଲ ଉଡ୍ ଓ ଜୋସୁଆ ଜିରୋ କାନି ସମ୍ପୂର୍ଣ୍ଣ ଲିଗ୍‌ରେ ୧୮ ଟି ଗୋଲ କରିଥିଲେ। ଦଳ ରେକର୍ଡ ୧୭ ଥର ଅପରାଜିତ ରହିଥିଲା। ସେସ୍କୋଙ୍କ ଉପସ୍ଥିତି ଦଳର ଗୋଲ ସ୍କୋର ସଂଖ୍ୟା ବଢିବ ବୋଲି ଆଶା କରାଯାଉଛି। ପୂର୍ବରୁ ୟୁନାଇଟେଡ୍ ଷ୍ଟ୍ରାଇକର୍ ଜାଲ୍ଟନ ଇବ୍ରାହିମୋଭିକଙ୍କ ସହ ଚୁକ୍ତି କରାଯାଇଥିଲା।।

୧୯୫ ମିଟର ଉଚ୍ଚତା ବିଶିଷ୍ଟ ସେସ୍କୋଙ୍କର ପୂର୍ବତନ ୟୁନାଇଟେଡ୍ ଷ୍ଟ୍ରାଇକର ଜାଲ୍ଟନଙ୍କ ସହ ତୁଳନା କରାଯାଏ। ଲିପଗିଜ୍‌ରେ ତାଙ୍କର ରେକର୍ଡ ପ୍ରଥମ ସିଜନ୍‌ରେ ୧୪ ଟି ଓ ପରବର୍ତ୍ତୀ ସିଜନ୍‌ରେ ୧୩ ଗୋଟି ଗୋଲ ରହିଛି। ସେ ଲିପୋଗିଜ୍ ଓ ସାଲଜବର୍ଗ ପାଇଁ ୨୮ ଟି ଚାମ୍ପିଅନନ୍ସ ଗୋଲରେ ୬ ରନ୍ କରିଥିଲେ। ଏହା ସହ ସ୍ଲୋଭେନିଆ ପାଇଁ ୪୧ ଟି ମ୍ୟାଚ ଖେଳି ୧୬ ଟି ଗୋଲ କରିଛନ୍ତି।

## ଗ୍ରାମାଞ୍ଚଳ କ୍ରୀଡା : କରଡାପଲ୍ଲି, ପଙ୍କାଳ ଚାମ୍ପିଅନ

ଆଠଗଡ଼,(ସବ୍ୟୁ): କଟକ ଜିଲ୍ଲା ତିଗିରିଆ ବ୍ଲକ ଅନ୍ତର୍ଗତ ପଙ୍କାଳ ଗ୍ରାମରେ ଚାଲୁ ରହିଛି ଦୁଇ ଦିବସୀୟ ଜିଲ୍ଲା ସ୍ତରୀୟ ଯୁବ ସଂଗଠନ ମଜଲିସ ଖୁଦାମୁଲ ଅହମଦୀୟାର ବାର୍ଷିକ ଇଜତେମା । ଏହି ଇଜତେମାରେ ଧାର୍ମିକ ଓ କ୍ରୀଡାଗତ ପ୍ରତିଯୋଗିତା ଚାଲିଛି । ସକାଳ କାର୍ଯ୍ୟକ୍ରମ ଅନୁଯାୟୀ ମାରାଥନ ଦୌଡ, ୧୦୦ ମିଟର ଦୌଡ, ଲମ୍ଫ ଡିଆଁ, ଦୌଡିଟଣା, ଫୁଟବଲ ଓ ଭଲିବଲ ଖେଳ ହୋଇଥିଲା। । ବ୍ୟକ୍ତିଗତ ଖେଳ ମାରାଥନ ଦୌଡରେ ପ୍ରଥମ ସ୍ଥାନ ଗୁଣ୍ଡିଚାପଡା ଗ୍ରାମର ହମିଦ ଅହମଦ ଅଧିକାର କରିଥିବା ବେଳେ ଦ୍ୱିତୀୟ ସ୍ଥାନ କରଡାପଲ୍ଲି ଗ୍ରାମର ଜମାଲ ଖାନ ଏବଂ ତୃତୀୟ ସ୍ଥାନ ପଙ୍କାଳ ଗ୍ରାମର ଜାଫର ଅହମଦ ଓସିମ ହୋଇଥିଲେ । ୧୦୦ ମିଟର ଦୌଡରେ ପ୍ରଥମ ସ୍ଥାନ ଗୁଣ୍ଡିଚାପଡା ଗ୍ରାମର ସେକ ଅତାଉଲ ଇସଲାମ ହୋଇଥିବା ବେଳେ ଦ୍ୱିତୀୟ ସ୍ଥାନ ପଙ୍କାଳ ଗ୍ରାମର ସାଜିଦ ଖାନ ଏବଂ ତୃତୀୟ ସ୍ଥାନ କରଡାପଲ୍ଲି ଗ୍ରାମର ସାହିଲ ଖାନ ହୋଇଥିଲେ । ଲମ୍ଫଡିଆଁରେ ପ୍ରଥମ ସ୍ଥାନ ପଙ୍କାଳ ଗ୍ରାମର ରମଜାନ ଖାନ ଅଧିକାର କରିଥିବା ବେଳେ ଦ୍ୱିତୀୟ ସ୍ଥାନ ଗୁଣ୍ଡିଚାପଡା ଗ୍ରାମର ହମିଦ ଅହମଦ ଏବଂ ତୃତୀୟ ସ୍ଥାନ ମୁକ୍ତାଦେଇପୁର ଗ୍ରାମର ଫରିଦ ଖାନ ଅଧିକାର କରିଥିଲେ । ସେହିଭଳି ଦଳଗତ ଖେଳ ମଧ୍ୟରେ ଦୌଡିଟଣା ଖେଳରେ ଛଅ ଗୋଟି ଦଳ ଭାଗ ନେଇଥିଲେ । ଫାଇନାଲ ଖେଳ ପଙ୍କାଳ ଓ କରଡାପଲ୍ଲି ଦଳ ମଧ୍ୟରେ ହୋଇଥିଲା । ଏଥିରେ କରଡାପଲ୍ଲି ଦଳ ୨-୧ରେ ବିଜୟୀ ହୋଇ ଦୌଡିଟଣାରେ ଚାମ୍ପିୟନ ହୋଇଥିଲା । ସେହିଭଳି ଭଲିବଲରେ ଆଠଗୋଟି ଦଳ ଭାଗ ନେଇଥିଲେ । ଶେଷ ଫାଇନାଲ ପଙ୍କାଳ ଓ ଧୂଆଁସାହି(ସୁଙ୍ଗୁଡା) ଗ୍ରାମ ମଧ୍ୟରେ ହୋଇଥିଲା । ଏଥିରେ ପଙ୍କାଳ ଦଳ ୨୪-୨୧, ୨୩-୨୪ ଏବଂ ୨୪-୨୦ରେ ବିଜୟ ହାସଲ କରି ଭଲିବଲ ଚାମ୍ପିୟନ ହୋଇଛି । ସେହିଭଳି ଫୁଟବଲ ଖେଳରେ ସାତଗୋଟି ଦଳ ୧. ପଙ୍କାଳ ୨.ଗୁଣ୍ଡିଚାପଡା ୩. ତାଳବରକୋଟ ୪. କୋଟପଲ୍ଲୀ ୫. କରଡାପଲ୍ଲି ୬. ମୁକ୍ତାଦେଇପୁର ଏବଂ ୭. ରେଷ୍ଟ ଅଫ କଟକ ଭାଗ ନେଇଥିଲେ । ଏହି ଖେଳରେ ଗୁଣ୍ଡିଚାପଡା ଏବଂ କରଡାପଲ୍ଲି ଦଳ ଫାଇନାଲକୁ ଉତ୍ତିର୍ଣ୍ଣ ହୋଇଥିଲେ । ଫାଇନାଲ ଖେଳ ଖୁବ ସଂଘର୍ଷ ପୂର୍ଣ୍ଣ ହୋଇଥିଲା । ଖେଳର ପ୍ରଥମ ଭାଗ ଓ ଦ୍ୱିତୀୟ ଭାଗରେ କେହି କାହାରିକୁ ଗୋଲ ମାରିପାରି ନଥିଲେ । ପରିଶେଷରେ ଲେଫେରି ଟ୍ରାଇବ୍ରେକରର ସହାଯ୍ୟ ନେଇଥିଲେ । ଟ୍ରାଇବେକର ୫-୪ ଗୋଲରେ କରଡାପଲ୍ଲି ଦଳ ବିଜୟ ହୋଇ ଫୁଟବଲ ଚାମ୍ପିୟନ ହୋଇଥିଲେ । କ୍ରୀଡାଗତ ସମସ୍ତ ଖେଳକୁ ଇସମାଇଲ ଖାନ, ଲୋକମାନ ଖାନ, ମହମୁଦ ଖାନ, ବେଶାରତ ଖାନ, ସଲାତ ଖାନ, ମହମ୍ମଦ ସୋଲେମାନ ଏବଂ କମାଲୁଦ୍ଦିନ ଖାନ ପରିଚାଳନା କରିଥିଲେ ।

## ଟି-୨୦ରେ ଅଷ୍ଟ୍ରେଲିଆର କ୍ରମାଗତ ନବମ ବିଜୟ

ମେଲବୋର୍ଣ୍ଣ, ୧୦।୮(ଏଜେନ୍ସି) : ଏକ ସଂଘର୍ଷପୂର୍ଣ୍ଣ ଟି-୨୦ ମ୍ୟାଚରେ ଅଷ୍ଟ୍ରେଲିଆ ଦଳ ଟି-୨୦ ମ୍ୟାଚରେ ଦକ୍ଷିଣ ଆଫ୍ରିକାକୁ ପରାଜିତ କରିଛି। ଜମାଣିଆ ଫର୍ମରେ ଥିବା ଅଷ୍ଟ୍ରେଲିଆ କ୍ରମାଗତ ନବମ ବିଜୟ ଲାଭ କରିଛି। ୧୧ ମାସ ହେବ ଅଷ୍ଟ୍ରେଲିଆ ସଂକ୍ଷିପ୍ତ ଫର୍ମାଟରେ ଅପରାଜୟ ରହିଛି। ପ୍ରଥମେ ବ୍ୟାଟିଂ କରି ଅଷ୍ଟ୍ରେଲିଆ ୨୦ ଓଭରରେ ୧୭୮ ରନ୍ କରି ଅଲଆଉଟ୍ ହୋଇଥିଲା। ୭୫ ରନରେ ୬ ୱିକେଟ ହରାଇ ବିପଦରେ ପଡିଥିବା ଅଷ୍ଟ୍ରେଲିଆକୁ ଟିମ୍ ଡେଭିଡ୍‌କୁ ଉଦ୍ଧାର କରିଥିଲେ। ସେ ୫୨ ବଲରେ ୮୩ ରନର ବିସ୍ଫୋରକ ଇନିଂସ ଖେଳିଥିଲେ। କୁଇନ୍ ମାଫାକା ସର୍ବାଧିକ ୪ ୱିକେଟ୍ ନେଇଥିଲେ। ୧୭୯ ରନର ଲକ୍ଷ୍ୟକୁ ପିଛା କରି ଦ. ଆଫ୍ରିକା ୨୦ ଓଭରରେ ୯ ୱିକେଟ୍ ହରାଇ ୧୬୧ ରନ କରିବାକୁ ସକ୍ଷମ ହୋଇଥିଲା। ର୍ୟାନ ରିକେଲଟନ୍ ୭୧ ରନ୍ କରିଥିଲେ। ଜୋସହାଜେଲେଉଡ୍ ଓ ଓ୍ୱେନ୍ ୩ ଟି ଲେଖାଏଁ ଅକ୍ତିଆର କରିଥିଲେ। ୨୦୨୪ ସେପ୍ଟେମ୍ବର ୧୩ ରେ ଇଂଲଣ୍ଡ ବିପକ୍ଷରେ ଅଷ୍ଟ୍ରେଲିଆ ପରାଜିତ ହେବା ଠାରୁ ଆଉ କୌଣସି ମ୍ୟାଚ୍ ହାରିନାହିଁ।

## ରାଜ୍ୟ ସ୍କୁଲ ଓପନ ଚେସ୍ : ସତ୍ୟମ୍ ବିଜେତା

ଭୁବନେଶ୍ୱର, ୧୦।୮(ସବ୍ୟୁ) : ଗାଇଡାନ୍ସ ଇଏମ୍ ସ୍କୁଲ ପରିସରରେ ପ୍ରଥମ ରାଜ୍ୟ ସ୍କୁଲ ଓପନ ଚେସ୍ ଚାମ୍ପିଅନସିପ୍ ଅନୁଷ୍ଠିତ ହୋଇଯାଇଛି। ୫ ରାଉଣ୍ଡ ବିଶିଷ୍ଟ ଏହି ପ୍ରତିଯୋଗିତାରେ କଟକ ଗୁରୁ ନାନକ ପବ୍ଲିକ୍ ସ୍କୁଲର ଛାତ୍ର ସତ୍ୟମ୍ ସ୍ୱରୂପ ସାହୁ ଚାମ୍ପିଅନ ହୋଇଛନ୍ତି। ଭୁବନନେଶ୍ୱର କେନ୍ଦ୍ରୀୟ ବିଦ୍ୟାଳୟ ୧ର ଛାତ୍ର ସ୍ୱସ୍ତିକ ତ୍ରିପାଠୀ ରନର୍ସ ଅପ୍ ହୋଇଛନ୍ତି। ଆଦିତ୍ୟ ଶଙ୍କର ବେହେରା ତୃତୀୟ, ଆରିଶନନ୍ଦ ଗୋସ୍ୱାମୀ ଚତୁର୍ଥ ଓ ଭବେଶଦୀପ ସାହୁ ପଞ୍ଚମ ସ୍ଥାନ ଅଧିକାର କରିଛନ୍ତି। ସେହିଭଳି ୬,୮,୧୦,୧୨,୧୪ ଓ ବାଳିକା ବର୍ଗରେ ପ୍ରଥମ ଓ ଦ୍ୱିତୀୟ ସ୍ଥାନ ଅଧିକାର କରିଥିବା ପ୍ରତିଯୋଗିଙ୍କୁ ପୁରସ୍କୃତ କରାଯାଇଥିଲା। ୧୦ ଜଣଙ୍କୁ ସ୍ୱତନ୍ତ୍ର ପୁରସ୍କାର ପ୍ରଦାନ କରାଯାଇଥିଲା। ପୁରସ୍କାର ବିତରଣ ଉତ୍ସବରେ ଗାଇଡାନ୍ସ ସ୍କୁଲର ନିର୍ଦ୍ଦେଶକ ସଏଦ ରିଜୱାନୁଲ ହକ୍ ମୁଖ୍ୟ ଅତିଥିଭାବେ ଯୋଗ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଚିଫ୍‌ଆରବିଟର ଦେବାଶିଷ ପାଣିଗ୍ରାହୀ, ସ୍କୁଲ ପ୍ରିନ୍ସପାଲ୍ ସୁହାସିନି ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ଥିଲେ।




ସୂଚନା
ସମୟ
BHIM
BHARAT INTERFACE FOR MONEY
SCAN & PAY
ASHIRBAD PRAKASHAN PVT.LTD.
ଦୈନିକ ଖବରକାଗଜ ସମୟରେ କ୍ଲାସିଫାଏଡ୍ / ଶ୍ରଦ୍ଧାଞ୍ଜଳି ବିଜ୍ଞାପନ ଦେବାକୁ ଚାହୁଁଥିବା ଇଚ୍ଛୁକ ବ୍ୟକ୍ତି ଉପରୋକ୍ତ କ୍ୟୁଆର୍ କୋଡ୍ ସ୍କାନ କରି ଦେୟ ପୈଠକ କରିପାରିବେ । ଫୋନ୍ ପେ, ପେଟିଏମ୍, ଗୁଗୁଲ ପେ, ଭାରତ ପେ ଇତ୍ୟାଦିରେ ଦେୟ ପୈଠ କରି ଦେୟ ରସିଦ୍‌କୁ ବିଜ୍ଞାପନ ସହ ୭୯୭୮୫୩୩୧୭୪ / ଇମେଲ୍:classifiedsamaya@gmail.com ରେ ପଠାଇ ପାରିବେ । ଅଧିକ ସୂଚନା ପାଇଁ ୭୯୭୮୫୩୩୧୭୪ରେ ଯୋଗାଯୋଗ କରନ୍ତୁ।

Printed & Published by Satyanarayan Mohanty for Ashirbad Prakashan Pvt. Ltd. at its Press at Plot- 44 & 54, Sec.-A, Zone-D, M.I.Estate, Po.:Rasulgarh, Bhubaneswar -10. PBX-0674-7117711, News/Fax-2585740,2586665, TEL: 2585602, 0674-7117713, Advertisement : 0674-7117734 / 37, Circulation: 0674- 2583867, 7117718, Chief Editor: Gurukalyan Mohapatra, ମୁଖ୍ୟ ସମ୍ପାଦକ: ଗୁରୁକଲ୍ୟାଣ ମହାପାତ୍ର, Editor: Papu Mohanty: ସମ୍ପାଦକ: ପପୁ ମହାନ୍ତି